# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୫/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, April 5/2023 | Page 16 ₹ 7.00

୪୯ଶ ଭାଗ ୧୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 130 ମୂଲ୍ୟ ₹୭/-




### ସଞ୍ଜିତା ଚାନୁ ୪ ବର୍ଷ ବାସନ୍ଦ

ଭାରୋତ୍ତୋଳିକା ସଞ୍ଜିତା ଚାନୁଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି ଶୃଙ୍ଖଳା କମିଟି ୪ ବର୍ଷ ବାସନ୍ଦ କରିଛି।

୧୬

୧୨

### ରିଂ ସେରିମନି ପାଇଁ ଦିଲ୍ଲୀରେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ରାଜନେତା ରାଘବ ଚଢ୍ଢାଙ୍କ ରିଂ ସେରିମନି ପାଇଁ ପରିଣୀତି ଦିଲ୍ଲୀରେ ପହଞ୍ଚିଛନ୍ତି।



# ସିକିମରେ ବଡ଼ ହିମସ୍ଖଳନ: ୭ ମୃତ



## ଶତାଧିକ ଫସିଛନ୍ତି

**ନୂଆଦିଲ୍ଲୀ, ୪।୪**

ସିକିମର ନାଥୁ ଲା ଗିରିପଥ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ହିମସ୍ଖଳନ ଘଟି ଜଣେ ଶିଶୁ ଓ ମହିଳାଙ୍କ ସମେତ ୭ ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଶତାଧିକ ଲୋକ ବରଫ ଅତଡ଼ା ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଅପରାହ୍ନ ସୁଦ୍ଧା ୨୩ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନାଥୁ ଲାକୁ ଯାଉଥିବା ୫ରୁ ୬ ଗାଡ଼ି ବରଫ ମଧ୍ୟରେ ଅଟକି ରହିଥିବା ସେନା ପକ୍ଷରୁ କୁହାଯାଇଛି। ସେଥିରେ ୨୦ରୁ ୩୦ ପର୍ଯ୍ୟଟକ ରହିଛନ୍ତି। ଗାଙ୍ଗଟକ୍‌କୁ ନାଥୁ ଲା ସହ ସଂଯୋଗ କରୁଥିବା ଜବାହରଲାଲ ନେହେରୁ ରୋଡ୍‌ର ୧୫ତମ ମାଇଲ୍‌ଠାରେ ହିମସ୍ଖଳନ ହୋଇଥିଲା। ସେଠାରେ ଅନ୍ୟୂନ ୧୫୦ ପର୍ଯ୍ୟଟକ ଥିଲେ। ଚାଇନା ସୀମାବର୍ତ୍ତୀ ନାଥୁ ଲା ଗିରିପଥ ସମୁଦ୍ର ପତ୍ତନଠାରୁ ୪,୩୧୦ ମିଟର ଉଚ୍ଚରେ ଅବସ୍ଥିତ। ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ। ମାର୍ଚ୍ଚ ମାସରୁ ସିକିମରେ ତୁଷାରପାତ ଜାରି ରହିଥିବାରୁ ପର୍ଯ୍ୟଟକମାନଙ୍କୁ ଜବାହରଲାଲ ନେହେରୁ ରୋଡ୍‌ର ୧୩ ମାଇଲ ପର୍ଯ୍ୟନ୍ତ ଯିବା ଲାଗି ଅନୁମତି ଥିଲା। ତେବେ ଅଧିକାଂଶ ପର୍ଯ୍ୟଟକ ୧୫ତମ ମାଇଲ ପର୍ଯ୍ୟନ୍ତ ଚାଲିଯାଉଥିଲେ, ଯେଉଁଥିପାଇଁ ହିମସ୍ଖଳନରେ ଫସିଲେ ବୋଲି ସରକାରୀ ଅଧିକାରୀ କହିଛନ୍ତି।

# କୋର୍ଟରେ ଟ୍ରମ୍ପଙ୍କ ଆତ୍ମସମର୍ପଣ

## ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କୁ ହଶ୍ ମନି ଦେବା ମାମଲା


ଡୋନାଲ୍ଡ ଟ୍ରମ୍ପ

**ନ୍ୟୁୟର୍କ/ୱାଶିଂଟନ୍, ୪।୪**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ୨୦୨୪ ପାଇଁ ରିପବ୍ଲିକାନ୍ ନୋମିନେଶନ୍ ଦୌଡ଼ରେ ସବା ଆଗରେ ଥିବା ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ପର୍ନ ଆକ୍ଟ୍ରେସ୍ ଷ୍ଟର୍ମି ଡାନିଏଲ୍ସଙ୍କୁ ହଶ୍ ମନି (ଅପକର୍ମ ଲୁଚାଇବା ପାଇଁ ଅର୍ଥ) ଦେବା ଘଟଣାରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଆପରାଧିକ ମାମଲା ଆରମ୍ଭ ହୋଇଛି। ୭୬ ବର୍ଷୀୟ ଟ୍ରମ୍ପ ନ୍ୟୁୟର୍କସ୍ଥିତ ମାନ୍‌ହାଟନ୍ କୋର୍ଟହାଉସ୍‌ରେ ଆତ୍ମସମର୍ପଣ କରିଛନ୍ତି। କୌଣସି ଆପରାଧିକ ମାମଲାର ସମ୍ମୁଖୀନ ହେବାରେ ଟ୍ରମ୍ପ ହେଉଛନ୍ତି ଆମେରିକା ଇତିହାସରେ ପ୍ରଥମ ପୂର୍ବତନ ରାଷ୍ଟ୍ରପତି। ଟ୍ରମ୍ପ ସୋମବାର ନିଜ ଫ୍ଲୋରିଡା ବାସଭବନରୁ ବାହାରି ପାମ୍ ବିଚ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରୁ ସେ ବୋଇଂ ୭୫୭ ବିମାନରେ ନ୍ୟୁୟର୍କ ଯାଇଥିଲେ। ପ୍ରସ୍ତୁତି ମୁତାବକ ପୂର୍ବତନ ରାଷ୍ଟ୍ରପତି ମଙ୍ଗଳବାର ☞ପୃଷ୍ଠା–୪

# ନାଁ ବଦଳାଇ ଅରୁଣାଚଳକୁ ଚାଇନାର ଦଖଲ ଉଦ୍ୟମ

## ନାମ ପରିବର୍ତ୍ତନ କଲେ ବାସ୍ତବତା ବଦଳିଯାଏ ନାହିଁ: ଭାରତ

**ନୂଆଦିଲ୍ଲୀ, ୪।୪**

ଅରୁଣାଚଳ ପ୍ରଦେଶର ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରି ତୃତୀୟ ତାଲିକା ଜାରି କରିଛି ଚାଇନା। ୧୧ଟି ସ୍ଥାନର ଚାଇନା ଭାଷା ମାଣ୍ଡାରିନ୍‌ରେ ନୂତନ ନାମକରଣ କରିବା ପଛରେ ବେଜିଂର କ'ଣ ରଣନୀତି ଓ ଦୁରଭିସନ୍ଧିକୁ ଭାରତ ଠଉରାଇପାରିଛି। ଏହି ଏକତରଫା ପଦକ୍ଷେପର ୨ ଦିନ ପରେ ନୂଆଦିଲ୍ଲୀ କଡ଼ା ବିରୋଧ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଗୁରୁବାର ଏକ ବିବୃତିରେ କହିଛନ୍ତି, ଚାଇନା ପ୍ରଥମ ଥର ପାଇଁ ଏପରି ଉଦ୍ୟମ କରିନାହିଁ। ଏହାକୁ ଆମେ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରୁଛୁ। ନାମ ପରିବର୍ତ୍ତନ କରିଦେଲେ ବାସ୍ତବତା ବଦଳିଯାଏ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଓ ରହିବ।

ଚାଇନାର ଗୃହ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ତାଲିକା ଜାରି କରାଯାଇଥିଲା। ଏଥିରେ ଅରୁଣାଚଳ ପ୍ରଦେଶସ୍ଥିତ ୧୧ଟି ସ୍ଥାନର ନୂତନ ନାମକରଣ କରାଯାଇଛି। ସେହି ସ୍ଥାନଗୁଡ଼ିକୁ ଷ୍ଟେଟ୍ କାଉନ୍‌ସିଲର ଅନୁମୋଦନକ୍ରମେ ଚାଇନା ଓ ତିବ୍ବତୀୟ ଭାଷାରେ ନୂଆ ☞ପୃଷ୍ଠା–୪

### ଉଦ୍ଦେଶ୍ୟ କ'ଣ

ଅରୁଣାଚଳ ପ୍ରଦେଶର ୯୦,୦୦୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳକୁ ଚାଇନା ନିଜ ଭୂଖଣ୍ଡ ବୋଲି ଦାବି କରିଥାଏ। ଏଥିସହ ଏହାକୁ 'ଜାଙ୍ଗ୍‌ନାନ' ବା ଦକ୍ଷିଣ ତିବ୍ବତ ବୋଲି ଅଭିହିତ କରିଥାଏ। ଚାଇନା ମାନଚିତ୍ରରେ ଅରୁଣାଚଳକୁ ଏହାର ଏକ ଅଂଶ ବୋଲି ଦର୍ଶାଯାଇଛି। ଏହି ଭାରତୀୟ ଭୂଖଣ୍ଡକୁ ଦଖଲ କରିବା ପାଇଁ ବେଜିଂ ପକ୍ଷରୁ ଚାଲିଥିବା ଉଦ୍ୟମର ଏହା ହେଉଛି ଏକ ଅଂଶ। ୨୦୧୭ ଏପ୍ରିଲ ୧୪ରେ ଚାଇନାର ସିଭିଲ୍ ଆଫେୟାର୍ସ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ପାଇଁ ଅରୁଣାଚଳରେ ଥିବା ୬ଟି ସ୍ଥାନ ଓଗିଆଇନ୍‌ଲିଙ୍ଗ୍, ମିଲା ରି, କୋଇଡେଙ୍ଗାରବୋ ରି, ମାଇନ୍‌କୁକା, ବୁମୋ ଲା ଏବଂ ନାମ୍‌କାପୁବ୍ ରି'ର ନାମ ବଦଳାଯାଇ ଯଥାକ୍ରମେ ତୱାଙ୍ଗ, କ୍ରା ଡାଡି, ୱେଷ୍ଟ ସିଆଙ୍ଗ୍, ସିଆଙ୍ଗ୍, ଅନ୍‌ଜଓ୍ୱ ଓ ସୁବନ୍‌ସିରି ରଖାଯାଇଥିଲା। ଚାଇନାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ଅନୁସାରେ ଏହାର ସାଢ଼େ ୪ ବର୍ଷ ପରେ ବେଜିଂ ଆଉ ଏକ ତାଲିକା ଜାରି କରିଥିଲା। ଏଥିରେ ୮ ଆବାସିକ ଅଞ୍ଚଳ, ୪ ପାର୍ବତ୍ୟାଞ୍ଚଳ, ୨ ନଦୀ ଓ ଗୋଟିଏ ମାଉଣ୍ଟେନ୍ ପାସ୍‌କୁ ସ୍ଥାନିତ କରିଥିଲା।

# ନାଟୋରେ ସାମିଲ ହେଲା ଫିନ୍‌ଲାଣ୍ଡ

### ରୁଷିଆକୁ ବଡ଼ ଝଟକା




**ଲକ୍ଷ୍ନୌ, ୪।୪:** ନାଟୋ (ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ) ସାମରିକ ମେଣ୍ଟର ୩୧ତମ ସଦସ୍ୟ ଭାବେ ଫିନ୍‌ଲାଣ୍ଡ ମଙ୍ଗଳବାର ସାମିଲ ହୋଇଛି। ୟୁକ୍ରେନ୍ ଉପରେ ଆକ୍ରମଣ ଚଳାଇଥିବା ରୁଷିଆ ପାଇଁ ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। ଫିନ୍‌ଲାଣ୍ଡ ସାମିଲ ହେବା ପରେ ବିଶ୍ୱର ସର୍ବବୃହତ୍ ସୁରକ୍ଷା ମେଣ୍ଟରେ ରୁଷିଆ ସୀମାନ୍ତ ରାଷ୍ଟ୍ରଗୁଡ଼ିକର ସଦସ୍ୟତା ଦୁଇଗୁଣ ହୋଇଛି। ଏହା ୟୁରୋପ ସୁରକ୍ଷା ପରିଦୃଶ୍ୟରେ ବିରାଟ ପରିବର୍ତ୍ତନ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫିନ୍‌ଲାଣ୍ଡ ସୋଭିଏଟ୍ ରୁଷ୍‌ଠାରୁ ପରାଜିତ ହେବା ପରେ ☞ପୃଷ୍ଠା–୪

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନିପ୍ପନ ଷ୍ଟିଲ୍ ମୁଖ୍ୟ

### ଜାପାନରେ ନବୀନଙ୍କୁ ଭବ୍ୟ ସ୍ୱାଗତ

### ଓଡ଼ିଶାରେ ବୃହତ୍ ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତି ଦେଲେ ହାସିମୋତୋ

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିପ୍ପନ ଷ୍ଟିଲ୍‌କୁ ଆମନ୍ତ୍ରଣ କରିଛନ୍ତି। ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନିପ୍ପନ ଷ୍ଟିଲ୍ କର୍ପୋରେଶନର ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଇଜି ହାସିମୋତୋଙ୍କ ସହ ନବୀନ ମଙ୍ଗଳବାର ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ନିପ୍ପନ ଷ୍ଟିଲ୍ ଓଡ଼ିଶାରେ ୩୦ ନିୟୁତ ପାଉଣ୍ଡର ପୁଞ୍ଜି ନିବେଶ କରିବ ବୋଲି କମ୍ପାନୀର ମୁଖ୍ୟ ଇଜି ହାସିମୋତୋ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଛନ୍ତି। ଜାପାନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଟୋକିଓରେ ପହଞ୍ଚିବା ପରେ ଭାରତୀୟ ରାଷ୍ଟ୍ରଦୂତ ଶିବି ଜର୍ଜ ଓ ଦୂତାବାସ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ନବୀନଙ୍କ ସହ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଜାପାନ ଗସ୍ତରେ ଅଛନ୍ତି। ଏଥିସହ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଶିଳ୍ପ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସଚିବ ମନୋଜ ମିଶ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର. ଭିନିଲ କ୍ରିଷ୍ଣା ଗସ୍ତରେ ସାମିଲ ହୋଇଛନ୍ତି।

ବୁଧବାର ଓଡ଼ିଶା ବିଜ୍‌ନେସ ମିଟ୍‌କୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବେ। ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ ଭଳି ଦୁଇଟି ବୃହତ୍ କମ୍ପାନୀ ଓଡ଼ିଶାରେ ପୁଞ୍ଜି ନିବେଶ କରିଛନ୍ତି। ନିପ୍ପନ ଷ୍ଟିଲ୍ କେନ୍ଦ୍ରାପଡ଼ାରେ ୨୪ ନିୟୁତ ଟନ୍ ଇସ୍ପାତ ପ୍ଲାଣ୍ଟ ସ୍ଥାପନ କରିବ। ସେହିପରି ଏଏମ୍‌ଏନ୍‌ଏସ୍ ୧ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିବାକୁ ଯୋଜନା କରୁଛି।


ନିପ୍ପନ ଷ୍ଟିଲ୍ କର୍ପୋରେଶନ ଅଧ୍ୟକ୍ଷ ଇଜି ହାସିମୋତୋଙ୍କ ସହ କରମର୍ଦ୍ଦନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ଆଜିର ସମ୍ପାଦକୀୟ: ବୁଲା କୁକୁର






# ନଦୀରେ ବୁଡ଼ି ୩ ଛାତ୍ର ମୃତ

**ଭଦ୍ରକ ଅଫିସ, ୪।୪:** ଭଦ୍ରକ ଜିଲା ସଦର ବ୍ଲକ ଦେଇ ପ୍ରବାହିତ ସାଳନ୍ଦୀର ଶାଖା ନାଳିଆ ନଦୀରେ ମଙ୍ଗଳବାର ଗାଧୋଉଥିବା ବେଳେ ଗଣ୍ଡରେ ବୁଡ଼ିଯାଇ ୩ ଛାତ୍ରଙ୍କ ମୃତ୍ୟୁ ଘଟିଛି। ୩ ମୃତକ ହେଲେ ହରିପୁର ଗ୍ରାମର ପ୍ରଣୟ ଲେଙ୍କା (୧୭), ଶ୍ରୀଧରପୁର ଗ୍ରାମର ସ୍ମୃତିରଞ୍ଜନ ସ୍ୱାଇଁ(୧୮) ଓ ରଜତ ଜେନା(୧୭)। ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ହରିପୁର ନିକଟସ୍ଥ ହାଟବଣ ଘାଟରେ ଦିନ ପ୍ରାୟ ଗୋଟାଏ ବେଳେ ୫ଜଣ ମିଶି ନଦୀରେ ଗାଧୋଉଥିଲେ। ପ୍ରଣୟ, ସ୍ମୃତିରଞ୍ଜନ ଓ ରଜତ ଅଜାଣତରେ ନଦୀର ☞ପୃଷ୍ଠା–୪

# ୬ ଜଣଙ୍କ ମଧ୍ୟରୁ ଜଣଙ୍କଠାରେ ବନ୍ଧ୍ୟାତ୍ୱ

### ବୈଶ୍ୱିକ ସମସ୍ୟା କହିଲା ଡବ୍ଲ୍ୟୁଏଚ୍‌ଓ

**ଜେନେଭା, ୪।୪**

ବିବାହ ପରେ ଦମ୍ପତି ନୂଆ ସଂସାର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ସନ୍ତାନ ଜନ୍ମ ପରେ ସେମାନଙ୍କ ଲାଳନପାଳନ କରି ବଡ଼ କରିବା ସେମାନଙ୍କୁ ଏକ ନୂଆ ଅନୁଭୂତି ଦିଏ। କିନ୍ତୁ ଆଜିର ଦିନରେ ପ୍ରତ୍ୟେକ ଦମ୍ପତିଙ୍କ କ୍ଷେତ୍ରରେ ଏହା ସମ୍ଭବପର ହେଉ ନାହିଁ। ବିବାହକୁ ବହୁ ବର୍ଷ ବିତିଯାଉଥିବାବେଳେ ମହିଳାମାନେ ପିଲା ଜନ୍ମ କରିବାକୁ ସକ୍ଷମ ହେଉନାହାନ୍ତି। ତେବେ ଏହି ସମସ୍ୟାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବୈଶ୍ୱିକ ସମସ୍ୟା ବୋଲି କହିଛି। ପ୍ରକାଶିତ ରିପୋର୍ଟ ମୁତାବକ ବିଶ୍ୱରେ ପ୍ରତି ୬ଜଣଙ୍କ ମଧ୍ୟରୁ ଜଣଙ୍କଠାରେ ବନ୍ଧ୍ୟାତ୍ୱ ଦେଖାଯାଉଛି।



ବିଶ୍ୱର ପ୍ରତ୍ୟେକ ଛୋଟ, ବଡ଼ ଦେଶର ଲୋକେ ବନ୍ଧ୍ୟାତ୍ୱ ସମସ୍ୟାର ସମ୍ମୁଖୀନ ହେଉଥିବା ଡବ୍ଲ୍ୟୁଏଚ୍‌ଓରେ ଲୋକଙ୍କ ପ୍ରଜନନ ଉପରେ ଗବେଷଣା କରୁଥିବା ବୈଜ୍ଞାନିକ (ଫର୍ଟିଲିଟି ସାଇଣ୍ଟିଷ୍ଟ) ଡା. ଗୀତୌ ମବୁରୁ କହିଛନ୍ତି। ପୁରୁଷ କିମ୍ବା ମହିଳାଙ୍କ ରିପ୍ରଡକ୍ଟିଭ୍ ସିଷ୍ଟମରେ ☞ପୃଷ୍ଠା–୪

## ସଂକ୍ଷେପରେ

### ମଧୁ ହତ୍ୟା ମାମଲା

## ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୧୪ ଦୋଷୀ

**ପାଲକାଡ୍, ୪।୪:** କେରଳର ୨୭ ବର୍ଷୀୟ ଆଦିବାସୀ ଯୁବକ ମଧୁ ହତ୍ୟା ମାମଲାରେ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୧୪ ଜଣଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ମଙ୍ଗଳବାର ଅନୁସୂଚିତ ଜାତି ଓ ଜନଜାତିର ସ୍ୱତନ୍ତ୍ର କୋର୍ଟରେ ମାମଲାର ଶୁଣାଣି କରାଯାଇଥିଲା। ଦୋଷୀମାନଙ୍କ ଦଣ୍ଡଶୁଣାଣି ବୁଧବାର କରାଯିବ। କେରଳ ହାଇକୋର୍ଟ ଅଧୀନରେ ମାମଲାର ଟ୍ରାଏଲ୍ ଶେଷ ହୋଇଛି। ଦୋକାନରୁ ଖାଦ୍ୟ ସାମଗ୍ରୀ ଚୋରି ଅଭିଯୋଗରେ ୨୦୧୮ ଫେବୃୟାରୀ ୨୨ରେ ମଧୁଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର କଲେ ବୃଦ୍ଧ

**ବେଙ୍ଗାଲୁରୁ, ୪।୪:** କର୍ଣ୍ଣାଟକ ଦକ୍ଷିଣ କନ୍ନଡ ଜିଲାର ମାଙ୍ଗାଲୁରୁ ସିଟିରେ ମଙ୍ଗଳବାର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ୬୫ ବର୍ଷୀୟ ବ୍ୟକ୍ତି ବଳାତ୍କାର ମାମଲା ସାମ୍ନାକୁ ଆସିଛି। ମାଙ୍ଗାଲୁରୁ ମହିଳା ଥାନାରେ ଅଭିଯୋଗ ହେବା ପରେ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୋଲିସ ଟିମ୍ ମୁତୟନ କରାଯାଇଛି। ଅଭିଯୁକ୍ତ ରାଜା ଭଟ୍ଟଙ୍କ ଘର ସୁରିଞ୍ଜେରେ। ଘରେ ଭାଇ ଓ ଭାଉଜ କାମରେ ଘରୁ ବାହାରକୁ ଯାଇଥିବାବେଳେ ଦିବ୍ୟାଙ୍ଗ ମହିଳାଙ୍କୁ ଏକୁଟିଆ ଦେଖି ଅଭିଯୁକ୍ତ ଘରେ ପଶି ବଳାତ୍କାର କରିଥିବା ପୋଲିସ କହିଛି।

## ୨ ଝିଅଙ୍କୁ ହତ୍ୟାକଲେ ମାନସିକ ବିକାରଗ୍ରସ୍ତ ବାପା

**ଜୟପୁର, ୪।୪:** ରାଜସ୍ଥାନ ନାଗୌର ଜିଲା ପର୍ବତସର ଗ୍ରାମରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ନିଜ ୨ ଝିଅଙ୍କୁ ହତ୍ୟା କରି ଗିରଫ ହୋଇଛନ୍ତି। ସୋମବାର ମନରାମ (୫୭) ଦୁଇଝିଅ ମୀରା (୨୬) ଓ ରେଖା (୨୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ତାଙ୍କ ସ୍ତ୍ରୀ ଓ ବୋହୂ ଏ ନେଇ ମନରାମଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ମନରାମଙ୍କୁ ଗିରଫକରି ଘଟଣାର ତଦନ୍ତ ଚଳାଇଛି।

## ବାହାଘର ଗିଫ୍ଟ ବିସ୍ଫୋରଣରେ ୨ ମୃତ

**କାୱାର୍ଦ୍ଧା(ଛତିଶଗଡ଼), ୪।୪:** ଛତିଶଗଡ଼ର କବୀରଧାମ ଜିଲାରେ ବିବାହ ବେଳେ ଉପହାରରେ ମିଳିଥିବା ଏକ ହୋମ୍ ଥିଏଟର ମ୍ୟୁଜିକ୍ ସିଷ୍ଟମ ସୋମବାର ବିସ୍ଫୋରଣ ହେବାରୁ ନବବିବାହିତ ଯୁବକ ଓ ତାଙ୍କ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ଏହି ବିସ୍ଫୋରଣରେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। ତେବେ ଏହା ଏତେ ଶକ୍ତିଶାଳୀ ଥିଲା ଯେ ଘରର କାନ୍ଥ ଓ ଛାତ ଭୁଶୁଡ଼ି ପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ ହେମେନ୍ଦ୍ର ମେରାୱି(୨୨) ଏପ୍ରିଲ ୧ ତାରିଖରେ ବିବାହ କରିଥିଲେ। ସୋମବାର ସେ ଓ ତାଙ୍କ ପରିବାର ଲୋକ ଉପହାରଗୁଡ଼ିକୁ ଖୋଲୁଥିବାବେଳେ ହୋମ୍ ଥିଏଟର ମ୍ୟୁଜିକ୍ ସିଷ୍ଟମ ବିସ୍ଫୋରଣ ହୋଇଥିଲା ବୋଲି କବୀରଧାମ ଅତିରିକ୍ତ ଏସ୍‌ପି ମନୀଷା ଠାକୁର କହିଛନ୍ତି।

## ଟୁଇଟରର ନୂଆ 'ଡଗ୍' ଲୋଗୋ



ମାଇକ୍ରୋ ବ୍ଲଗିଂ ଆପ୍ ଟୁଇଟରକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏଲନ୍ ମସ୍କ ଟୁଇଟର ସିଇଓ ପଦ ଗ୍ରହଣ କରିବା ପରେ କମ୍ପାନୀରେ ବହୁ ପରିବର୍ତ୍ତନ କରିସାରିଛନ୍ତି। ଏବେ ଟୁଇଟର ଲୋଗୋ ପରିବର୍ତ୍ତନ କରି ମସ୍କ ପୁଣିଥରେ ଆଲୋଚନାର ପାତ୍ର ହୋଇଛନ୍ତି। ଟୁଇଟର ଚିହ୍ନ ବ୍ଲୁ ବାର୍ଡରୁ ଡଗ୍ ଲୋଗୋକୁ ବଦଳାଇ ଦେଇଛନ୍ତି। ଟୁଇଟର ୱେବ୍ ଭର୍ସନ୍‌ର ହୋମ୍ ପେଜ୍‌ରେ ଚଢ଼େଇ ବଦଳରେ କ୍ରିପ୍ଟୋକରେନ୍ସି ଡଗ୍‌କଏନ୍‌ର ଲୋଗୋ ଦେଖିବାକୁ ମିଳିଛି। ଏ ନେଇ ମସ୍କ ଟୁଇଟରରେ ଏକ ମିମ୍ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ କାର୍‌ର ଡ୍ରାଇଭିଂ ସିଟ୍‌ରେ ଡଗ୍ ବସି ବ୍ଲୁ ବାର୍ଡ ଚିହ୍ନଥିବା ଡ୍ରାଇଭିଂ ଲାଇସେନ୍ସ ଧରିଥିବା ପୋଲିସଙ୍କୁ କହୁଛି, ଫଟୋ ବଦଳିଯାଇଛି। ତେବେ ଟୁଇଟର ମୋବାଇଲ୍ ଆପ୍ ଲୋଗୋରେ ବର୍ତ୍ତମାନ ସୁଦ୍ଧା କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ଏଥିସହ ଟୁଇଟର ସିଇଓ ୨୦୨୨ର ଏକ ଟୁଇଟର କନ୍‌ଭରସେଶନ୍‌ର ସ୍କ୍ରିନ୍‌ଶଟ୍ ଶେୟାର କରିଛନ୍ତି। ଜଣେ ୟୁଜର ଟୁଇଟର ଲୋଗୋକୁ ବଦଳାଇ ଡଗ୍ ଚିହ୍ନ ରଖିବାକୁ କହୁଥିବା ଦେଖିବାକୁ ମିଳିଛି। ମିମ୍‌ରେ ଦେଖାଯାଉଥିବା ଡଗ୍ ଚିହ୍ନ କ୍ରିପ୍ଟୋକରେନ୍ସି ଡଗ୍‌କଏନ୍ ଲୋଗୋ ଭଳି ଦେଖାଯାଉଛି। ସୋମବାର ଟୁଇଟର ଲୋଗୋ ବଦଳିଯିବା ପରେ ଡଗ୍‌କଏନ୍ ଭାଲ୍ୟୁ ୨୦% ବଢ଼ିଛି। ଗତ ଫେବୃୟାରୀ ୧୫ରେ ମସ୍କ ଟୁଇଟର ସିଇଓ ଚୌକିରେ ବସିଥିବା ଏକ କୁକୁର ଫଟୋ ଶେୟାର କରିଥିଲେ, ଯାହାକୁ ସେ ମାଇକ୍ରୋବ୍ଲଗିଂ ଆପ୍‌ର ନୂଆ ସିଇଓ ବୋଲି କହିଥିଲେ।

## ମେଘାନ୍‌ଙ୍କୁ ଓମେନ୍ ଅଫ୍ ଭିଜନ୍ ଆୱାର୍ଡ



ବ୍ରିଟେନ୍‌ର ଡଚେସ୍ ଅଫ୍ ସସେକ୍ସ ମେଘାନ୍ ମାର୍କେଲଙ୍କୁ ଚଳିତବର୍ଷ ଗ୍ଲୋରିଆ ଷ୍ଟେନେମର ଓମେନ୍ ଅଫ୍ ଭିଜନ୍ ଆୱାର୍ଡ ପ୍ରଦାନ କରାଯିବ। ଆସନ୍ତା ମେ' ୧୬ରେ ଏମ୍‌ଏସ୍ ଫାଉଣ୍ଡେଶନ୍‌ର ବାର୍ଷିକ ଗାଲା କାର୍ଯ୍ୟକ୍ରମରେ ମେଘାନ୍‌ଙ୍କୁ ପୁରସ୍କୃତ କରାଯିବ। ନ୍ୟୁୟର୍କ ସିଟିସ୍ଥିତ ଜିଗଫେଲ୍ଡ ବାଲରୁମ୍‌ରେ ୫୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ବର୍ଣ୍ଣବୈଷମ୍ୟର ଶିକାର ହେବା ସହ ଦାରିଦ୍ର୍ୟରେ ଜୀବନ କାଟୁଥିବା ମହିଳା ଏବଂ ରିୟଲ୍ ଚ୍ୟାଲେଞ୍ଜ ଫେସିଂ ମହିଳାଙ୍କୁ ସର୍ବସମ୍ମୁଖକୁ ଆଣିବା ଲାଗି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷ ମେଘାନଙ୍କୁ ପୁରସ୍କୃତ କରାଯିବା ନେଇ ଫାଉଣ୍ଡେଶନ୍ ପକ୍ଷରୁ ନାମ ଘୋଷଣା କରାଯାଇଛି। ମେଘାନଙ୍କ ବ୍ୟତୀତ ଡ. ଶାଲୋନସ୍ ମାଟରନାଲ ଆକ୍ସନ୍ ପ୍ରୋଜେକ୍ଟର ସହ ସଂସ୍ଥାପକ ୱାଣ୍ଡା ଇରଭିଙ୍ଗ, ଗର୍ଭପାତ ଅଧିକାର ସାମାଜିକ କର୍ମୀ ଓଲିଭିଆ ଜୁଲିଆନା ଏବଂ ଏଲ୍‌ଜିବିଟିକ୍ୟୁ ଆଇନଜୀବୀ ରେବେକାହ ବ୍ରୁସେହୋଫ୍‌ଙ୍କ ନାମ ଚୟନ କରାଯାଇଛି।

### ଆମେରିକାକୁ ଚାଇନାର ଚେତାବନୀ

# ଅତୀତର ଭୁଲ୍ ଦୋହରାଅନି

## ତାଇୱାନ୍ ରାଷ୍ଟ୍ରପତିଙ୍କୁ ଭେଟିବେ ହାଉସ୍ ସ୍ପିକର

**ୱାଶିଂଟନ/ବେଜିଂ,୪।୪**

ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି ଚଳିତ ସପ୍ତାହରେ କାଲିଫର୍ନିଆରେ ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କୁ ଭେଟିବେ। ଏନେଇ ହାଉସ୍ ସ୍ପିକରଙ୍କ ଅଫିସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରିପବ୍ଲିକାନ୍ ମ୍ୟାକ୍‌କାର୍ଥି ହେଉଛନ୍ତି ଆମେରିକା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ପରେ ତୃତୀୟ ବରିଷ୍ଠ ନେତା। ଅନ୍ୟପକ୍ଷେ ଅତୀତର ଭୁଲ୍‌କୁ ଆଉ ନ ଦୋହରାଇବା ପାଇଁ ଆମେରିକାକୁ ମଙ୍ଗଳବାର ଚାଇନା ଚେତାବନୀ ଦେଇଛି।

ମ୍ୟାକ୍‌କାର୍ଥିଙ୍କ ଅଫିସ୍ ପକ୍ଷରୁ ସୋମବାର କୁହାଯାଇଛି ଯେ, ତାଇୱାନ୍ ରାଷ୍ଟ୍ରପତି କେନ୍ଦ୍ରୀୟ ଆମେରିକାରୁ ସ୍ୱଦେଶକୁ ଫେରିବା ପୂର୍ବରୁ କାଲିଫର୍ନିଆର ଲସ୍‌ଏଞ୍ଜେଲସ୍‌ରେ ତାଙ୍କ ସହ ସ୍ପିକର ଦ୍ୱିପାକ୍ଷିକ ବୈଠକ କରିବେ। ରୋନାଲ୍ଡ ରିଗାନ୍ ପ୍ରେସିଡେନ୍ସିଆଲ ଲିବର୍ଟିରେ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହେବ। ତେବେ ତାଇୱାନ୍‌କୁ ନିଜ ଭୂଖଣ୍ଡ ବୋଲି ଦାବି କରୁଥିବା ବେଜିଂ ଏହାକୁ ଚାଇନା ସାର୍ବଭୌମତ୍ୱ ପ୍ରତି ବିପଦ ଦର୍ଶାଇ କଡ଼ା ବିରୋଧ କରିଛି। ଗତ ଅଗଷ୍ଟରେ ଦ୍ୱୀପରାଷ୍ଟ୍ର ତାଇୱାନ୍‌କୁ ତତ୍କାଳୀନ ହାଉସ୍ ସ୍ପିକର ତଥା ଡେମୋକ୍ରାଟ୍ ନାନ୍ସି ପେଲୋସିଙ୍କ ଗସ୍ତ ବେଳେ ମଧ୍ୟ ଚାଇନା ବିରୋଧ କରିଥିଲା। ଲସ୍‌ଏଞ୍ଜେଲସ୍‌ସ୍ଥିତ ଚାଇନା କନ୍‌ସୁଲେଟ୍ ପକ୍ଷରୁ କୁହାଯାଇଛି ଯେ, ତାଇୱାନ୍ ରାଷ୍ଟ୍ରପତିଙ୍କ ସହ ଆମେରିକା ହାଉସ୍ ସ୍ପିକର ସାକ୍ଷାତ କରିବା କ୍ଷେତ୍ରୀୟ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପାଇଁ ଅନୁକୂଳ ନୁହେଁ। ଏହା ଆମେରିକା ଓ ଚାଇନା ଜନସାଧାରଣଙ୍କ ହିତର ପରିପନ୍ଥୀ। ମ୍ୟାକ୍‌କାର୍ଥି ତାଙ୍କ ପୂର୍ବସୂରୀଙ୍କ ଭୁଲ୍‌ରୁ ମିଳିଥିବା ଶିକ୍ଷାକୁ ଅଣଦେଖା କରୁଛନ୍ତି। ଆମେରିକା ଏହାକୁ ଏକ ସ୍ୱାଭାବିକ ପ୍ରଥା ଭାବେ ଅଭିହିତ କରିବା ସହ ଚାଇନା ଅତିଶୟ ପ୍ରତିକ୍ରିୟା ପ୍ରକାଶ କରିବା ଅନୁଚିତ ବୋଲି କହିଛି।



ସାଇ ଇଙ୍ଗ୍-ୱେନ୍



କେଭିନ୍ ମ୍ୟାକ୍‌କାର୍ଥି

### ତାଇୱାନ୍‌ରେ ଚାଇନାର ୫ ଯୁଦ୍ଧବିମାନ, ୪ ଜାହାଜ

**ତାଇପେଇ,୪।୪**

ତାଇୱାନ୍‌କୁ ବଳପୂର୍ବକ ଦଖଲ ଉଦ୍ୟମ ଜାରି ରଖିଥିବା ଚାଇନା ଏହି ସ୍ୱାଧୀନ ଦ୍ୱୀପରାଷ୍ଟ୍ରକୁ ୫ଟି ଯୁଦ୍ଧବିମାନ ଓ ୫ ନୌସେନା ଜାହାଜ ପଠାଇଛି। ରବିବାର ପୂର୍ବାହ୍ନ ୬ଟାରୁ ସୋମବାର ପୂର୍ବାହ୍ନ ୬ଟା ମଧ୍ୟରେ ସେଗୁଡ଼ିକୁ ଦେଖିବାକୁ ମିଳିଥିବା ତାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଏହାକୁ ମିଶାଇ ଏପ୍ରିଲରେ ବେଜିଂ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ)ର ମୋଟ ୨୮ ସାମରିକ ଏୟାରକ୍ରାଫ୍ଟ ଏବଂ ୭ ଯୁଦ୍ଧଜାହାଜ ତାଇୱାନ୍‌କୁ ପଠାଇଥିବା କୁହାଯାଉଛି।



## 'ପାଠ୍ୟପୁସ୍ତକରୁ ମୋଗଲ ବିଷୟ ବାଦ୍ ପଛରେ ରାଜନୈତିକ ଉଦ୍ଦେଶ୍ୟ ନାହିଁ'



ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ସାକ୍‌ଲାନି

**ନୂଆଦିଲ୍ଲୀ, ୪।୪**

ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଇତିହାସ ପାଠ୍ୟପୁସ୍ତକରୁ ମୋଗଲ ସାମ୍ରାଜ୍ୟ ଓ ମୋଗଲ କୋର୍ଟ ବାଦ୍ ପଡ଼ିବା ପଛରେ କୌଣସି ଗୋପନ ରାଜନୈତିକ ଉଦ୍ଦେଶ୍ୟ ନାହିଁ। ଏହା ଏକ ପେସାଦାରୀ ପ୍ରକ୍ରିୟା। କୋଭିଡ୍ ମହାମାରୀରେ ପ୍ରଭାବିତ ଛାତ୍ରୀଛାତ୍ରଙ୍କୁ ସହାୟତା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଏନ୍‌ସିଇଆର୍‌ଟି ପକ୍ଷରୁ କୁହାଯାଇଛି। ମହାମାରୀ ଯୋଗୁ ପିଲାମାନେ ପାଠପଢ଼ାରେ କ୍ଷତି ସହିବା ସହ ଚିନ୍ତାରେ ରହିଛନ୍ତି। ଚାପଗ୍ରସ୍ତ ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ଲାଗି ସମାଜ ତଥା ଦେଶର ଦାୟିତ୍ୱ ଭାବେ ପାଠ୍ୟପୁସ୍ତକଗୁଡ଼ିକର ବିଷୟ ଭାର କମାଇବା ପାଇଁ ଏନ୍‌ସିଇଆର୍‌ଟି ଅନୁଭବ କରିଥିଲା ବୋଲି ଏହାର ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକ୍‌ଲାନି କହିଛନ୍ତି।

## ଭୁଟାନ ରାଜାଙ୍କ ସହ ମୋଦିଙ୍କ ଆଲୋଚନା

### ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୪।୪**

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଭୁଟାନ ରାଜା ଜିଗ୍‌ମେ ଖେସର ନାମ୍‌ଗେଲ ୱାଙ୍ଗ୍‌ଚୁକ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଅର୍ଥନୈତିକ ସହଯୋଗ ସମେତ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାକୁ ଗୁରୁତ୍ୱ ଦିଆଯାଇଛି। ଚାଇନା ଭୁଟାନ ଉପରେ ପ୍ରଭାବ ବିସ୍ତାର ପାଇଁ ଉଦ୍ୟମ କରୁଥିବାରୁ ଏହାକୁ ନେଇ ନୂଆଦିଲ୍ଲୀ ଚିନ୍ତା ପ୍ରକଟ କରିଛି। ସୀମା ବିବାଦକୁ ନେଇ ଭୁଟାନ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ କରିବ ନାହିଁ ବୋଲି କହୁଥିବାବେଳେ ଏହାର ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗ୍ ଡୋକଲାମ ଉପରେ ଦେଇଥିବା ମନ୍ତବ୍ୟରୁ ଏହି ଦେଶ ବେଜିଂର ନିକଟତର ହେଉଥିବା ଜଣାପଡ଼ିଛି। ତେବେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭୁଟାନ ରାଜାଙ୍କ ମଧ୍ୟରେ ଆଲୋଚନା ବେଳେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଫୋକସ୍ କରାଯାଇଛି। ରଣନୈତିକ ଦୃଷ୍ଟିକୋଣରୁ ଭୁଟାନ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର। ଗତ କିଛିବର୍ଷ ହେଲା ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୧୭ରେ ଡୋକଲାମରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ୭୩ ଦିନ ଧରି ମୁହାଁମୁହିଁ ସ୍ଥିତି ଜାରି ରହିବା ପରେ ଭାରତ-ଭୁଟାନ ରଣନୀତିକ ସମ୍ପର୍କ ବୃଦ୍ଧି ପାଇଥିଲା।



ଭୁଟାନ ରାଜା ଜିଗ୍‌ମେ ଖେସର ନାମ୍‌ଗେଲ ୱାଙ୍ଗ୍‌ଚୁକ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଆମ୍ବୁଲାନ୍ସକୁ ଅବରୋଧ କଲା ଭାଜପା ନେତାଙ୍କ କାର୍

### ରୋଗୀଙ୍କ ମୃତ୍ୟୁ, ପରିବାରକୁ ନେତାଙ୍କ ଧମକ

**ଲକ୍ଷ୍ନୌ, ୪।୪**

ଉତ୍ତରପ୍ରଦେଶର ସୀତାପୁର ଜିଲାରେ ଭାଜପା ନେତା ଉମେଶ ମିଶ୍ରାଙ୍କ କାର୍ ରାସ୍ତା ଅବରୋଧ କରିବାରୁ ଆମ୍ବୁଲାନ୍ସ ହସ୍ପିଟାଲ ଯାଇ ନ ପାରି ରୋଗୀଙ୍କ ମୃତ୍ୟୁ ଘଟିଛି। ନେତାଙ୍କ ଅବହେଳା ପାଇଁ ରୋଗୀଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯିବା ପରେ ଉମେଶ ସେମାନଙ୍କୁ ଧମକ ଦେଇଛନ୍ତି।

ଶନିବାର ରୋଗୀ ସୁରେଶ ଚନ୍ଦ୍ରାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଥିବା ବେଳେ ହୃଦ୍‌ଘାତ ହୋଇଥିବା ଡାକ୍ତର କହିଥିଲେ ଓ ତୁରନ୍ତ ଲକ୍ଷ୍ନୌ ହସ୍ପିଟାଲକୁ ରେଫର କରିଥିଲେ। ତେବେ ଉମେଶ ତାଙ୍କ କାର୍‌କୁ ରାସ୍ତାରେ ରଖି କୁଆଡ଼େ ଚାଲିଯାଇଥିବାରୁ ଆମ୍ବୁଲାନ୍ସ ୩୦ ମିନିଟ ପର୍ଯ୍ୟନ୍ତ ଅଟକି ରହିଥିଲା। ଏହି ସମୟରେ ଆମ୍ବୁଲାନ୍ସରେ ସୁରେଶଙ୍କର ମୃତ୍ୟୁ ଘଟିଥିଲା। କିଛି ସମୟ ପରେ ଉମେଶ ସେଠାରେ ପହଞ୍ଚି ଓଲଟା ରୋଗୀଙ୍କ ପରିବାର ଲୋକଙ୍କ ସହ ଯୁକ୍ତି କରିବା ସହ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ଘଟଣାର ଭିଡିଓ ଶୁଟିଂ କରିଥିଲେ। ଉମେଶ ଭାଜପା ନେତା ତଥା ବ୍ଲକ୍ ମୁଖ୍ୟ ରାମକିଙ୍କର ପାଣ୍ଡେଙ୍କ ଭାଇ କହି ରୋଗୀଙ୍କ ଭିଣୋଇଙ୍କୁ ଗାଳିଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଜିଲାପାଳ, ଏସ୍‌ପି ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ସେ ରୋଗୀଙ୍କ ଭିଣୋଇଙ୍କୁ ଶେଷ କରିଦେବେ ବୋଲି କହୁଥିବା ଦେଖାଯାଇଥିଲା।

## ଗ୍ୟାଙ୍ଗଷ୍ଟର ଦୀପକ ବକ୍ସର ମେକ୍ସିକୋରୁ ଗିରଫ



**ନୂଆଦିଲ୍ଲୀ, ୪।୪**

ଦିଲ୍ଲୀର ଅନ୍ୟତମ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗ୍‌ଷ୍ଟର ଦୀପକ ବକ୍ସରଙ୍କୁ ମେକ୍ସିକୋରେ ଗିରଫ କରାଯାଇଛି ଓ ଆସନ୍ତା ସପ୍ତାହରେ ଭାରତ ଅଣାଯିବ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ସହାୟତାରେ ଦିଲ୍ଲୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବକ୍ସରଙ୍କୁ ଗିରଫ କରିଛି। ଜାଲ୍ ପାସ୍‌ପୋର୍ଟ ବଳରେ ସେ ଦେଶ ବାହାରକୁ ପଳାଇଥିଲେ। ଗତବର୍ଷ ଅଗଷ୍ଟରେ ବକ୍ସର ରିଅଲ ଇଷ୍ଟେଟ୍ ବ୍ୟବସାୟୀ ଅମିତ ଗୁପ୍ତାଙ୍କୁ ଗୁଳିକରି ହତ୍ୟା କରିବା ପରେ ଫେରାର ଥିଲେ। ଜାନୁୟାରୀ ୨୯ରେ ସେ କୋଲକାତାରୁ ବିମାନ ଯୋଗେ ମେକ୍ସିକୋ ଚାଲିଯାଇଥିଲେ।





ଆମେରିକାର ଟେନେସିସ୍ଥିତ ନାସ୍‌ଭିଲେର ଏକ ସ୍କୁଲରେ ଗୁଳିକାଣ୍ଡ ଘଟିବାର ସପ୍ତାହେ ପରେ ରବିବାର 'ମାର୍ଚ୍ଚ ଫର୍ ଆୱାର ଲାଇଭ୍ସ' ବିକ୍ଷୋଭ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଆଇନପ୍ରଣେତାମାନଙ୍କୁ ବନ୍ଧୁକ ନିୟନ୍ତ୍ରଣ ଆଇନ କଡ଼ାକଡ଼ି କରିବାପାଇଁ ଚାପ ପକାଉଛନ୍ତି।

# ସକ୍ରିୟ ମାମଲା ୨୧ ହଜାର ଟପିଲା

- ମହାରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ୧୮୬% ବୃଦ୍ଧି
- ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଗେହଲଟ୍ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ପଜିଟିଭ୍

**ନୂଆଦିଲ୍ଲୀ, ୪।୪**

ଭାରତରେ ଗୋଟିଏ ଦିନରେ ୩,୦୩୮ ନୂଆ ପଜିଟିଭ୍ ସହ ସକ୍ରିୟ କୋଭିଡ୍ ମାମଲା ୨୧,୧୭୯ରେ ପହଞ୍ଚିଛି। ୨୪ ଘଣ୍ଟାରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୦,୯୦୧ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମଙ୍ଗଳବାର ସୁଦ୍ଧା ତଥ୍ୟରୁ ଜଣାପଡ଼ିଛି। ମହାରାଷ୍ଟ୍ରରେ ୪ ଜଣ, ଦିଲ୍ଲୀ ଓ ପଞ୍ଜାବରେ ୨ ଜଣ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଥିବାବେଳେ ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡରେ ଜଣେ ଲେଖାଏ ରୋଗୀଙ୍କ ମୃତ୍ୟୁ ଘଟିଛି। ଦେଶରେ ମୋଟ କୋଭିଡ୍ ମାମଲା ସଂଖ୍ୟା ୪,୪୭,୨୯,୨୮୪ରେ ପହଞ୍ଚିଛି।

ମହାରାଷ୍ଟ୍ରରେ ସଂକ୍ରମଣ ମାମଲାରେ ଦିନକରେ ୧୮୬ ପ୍ରତିଶତ ବୃଦ୍ଧି ପାଇଛି। ୨୪ ଘଣ୍ଟାରେ ସେଠାରେ ୭୧୧ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରୁ ରାଜଧାନୀ ମୁମ୍ବାଇରେ ୨୧୮ ମାମଲା ରହିଛି। ଦିନକରେ ସତାରାରେ ୨ ଜଣ, ପୁଣେରେ ଜଣେ ଏବଂ ରତ୍ନଗିରିରେ ଜଣେ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ରାଜ୍ୟରେ ୭ ଦିନରେ ୧୧ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଲାଣି। ସେଠାରେ ସକ୍ରିୟ ମାମଲା ସଂଖ୍ୟା ୩,୭୯୨ରେ ପହଞ୍ଚିଛି। ମୁମ୍ବାଇରେ ସକ୍ରିୟ ମାମଲା ସଂଖ୍ୟା ୧,୧୬୨ ଥିବାବେଳେ ପଜିଟିଭିଟି ହାର ୧୩.୧୭ ପ୍ରତିଶତ ରହିଛି।

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ମଙ୍ଗଳବାର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ କିଛିଦିନ ପାଇଁ ଘରୁ ରହି କାର୍ଯ୍ୟ କରିବେ ବୋଲି କହିବା ସହ ଅନ୍ୟମାନେ ଯତ୍ନବାନ୍ ହେବା ସହ କୋଭିଡ୍ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ରାଜେ ପଜିଟିଭ୍ ଚିହ୍ନଟ ହେବା ପରେ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ରଖିଥିବା ଟୁଇଟ୍ କରି କହିଛନ୍ତି।



ଜମ୍ମୁରେ ନୂଆ ଶିକ୍ଷାବର୍ଷର ପ୍ରଥମ ଦିନରେ ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ସ୍କୁଲକୁ ଆସିଛନ୍ତି।




## ଜାଲ୍ ସାର୍ଟିଫିକେଟ୍ ମାମଲା
# ଶିକ୍ଷା, ସମବାୟ, ବନ ବିଭାଗକୁ ଯାଞ୍ଚ ନିର୍ଦ୍ଦେଶ

■ ସ୍ୱାସ୍ଥ୍ୟ, ପୋଲିସ ବିଭାଗରେ ମଧ୍ୟ ଜାଲ୍ ସାର୍ଟିଫିକେଟଧାରୀ
■ ଶିକ୍ଷା ବିଭାଗରେ ରାଜ୍ୟ ବାହାରର ଶତାଧିକ ସାର୍ଟିଫିକେଟଧାରୀ

**ବଲାଙ୍ଗୀର ଅଫିସ, ୪।୪**

କଠିନ ପରିଶ୍ରମ କରି ବହୁ ମେଧାବୀ ଛାତ୍ରୀଛାତ୍ର, ତାଲିମପ୍ରାପ୍ତ ଯୁବତୀ, ଯୁବକ ଯୋଗ୍ୟତା ପ୍ରମାଣପତ୍ର ଧରି ବାରଦୁଆର ହେଉଛନ୍ତି। ହେଲେ ସହସ୍ରାଧିକ ଅଯୋଗ୍ୟ ଏବଂ ଅଣଛାତ୍ର ଜାଲ୍ ସାର୍ଟିଫିକେଟ କିଣି ସରକାରୀ ଚାକିରି ହାତେଇଛନ୍ତି। ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଅନେକ ବିଭାଗରେ ଉପରିସ୍ଥ ଅଧିକାରୀ ଓ କର୍ମଚାରୀଙ୍କୁ ହାତ କରି ଚାକିରି ଜାରି ରଖିଛନ୍ତି। ଏନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡାଦେଶର ଅଭାବ ଜାଲ୍ ସାର୍ଟିଫିକେଟ୍ କାରବାରକୁ ପ୍ରୋତ୍ସାହିତ କରିଆସିଛି। ବଲାଙ୍ଗୀର ଡାକବିଭାଗର ୬୦ଟି ଗ୍ରାମୀଣ ଡାକ ସେବକ ପଦବୀରେ ୩୮ଟି ଜାଲ ସାର୍ଟିଫିକେଟଧାରୀ ଧରାପଡିବା ଏବଂ ଏହାପରେ ଏହି ରାକେଟର ପର୍ଦ୍ଦାଫାଶ ହେବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ଏହି ଜାଲ୍ ସାର୍ଟିଫିକେଟ ମାମଲାରେ ଦୁଇ ମୁଖ୍ୟ ଅଭିଯୁକ୍ତ ବଲାଙ୍ଗୀର ରିଲାଏନ୍ସ କୋଚିଂ ସେଣ୍ଟର ମାଲିକ ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିବା ପରେ ଜିଲା ପ୍ରଶାସନ ମାମଲାକୁ ଗମ୍ଭୀରତାର ସହ ନେଇଛି। ଜିଲାପାଳ ଚଞ୍ଚଳ ରାଣା ଶିକ୍ଷା, ସମବାୟ, ସ୍ୱାସ୍ଥ୍ୟ ଏବଂ ବନବିଭାଗ ସମେତ ଅନ୍ୟ ବିଭାଗରେ ସାର୍ଟିଫିକେଟ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଯେଉଁ ଯୁବତୀ, ଯୁବକମାନେ ରାଜ୍ୟ ବାହାରର ମାଟ୍ରିକ୍, ଯୁକ୍ତ ୨, ଡିଗ୍ରୀ, ବି.ଇଡି ସାର୍ଟିଫିକେଟ ଦେଇଛନ୍ତି ତା ଉପରେ ଅଧିକ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ଜିଲା ଶିକ୍ଷା ବିଭାଗ, ସମବାୟ ବିଭାଗ କିଛିବର୍ଷର ନିଯୁକ୍ତି ପ୍ରକ୍ରିୟା ଏବଂ ନିଯୁକ୍ତି ପାଇଥିବା ଯୁବତୀ, ଯୁବକଙ୍କ ପ୍ରମାଣପତ୍ର, ଡକ୍ୟୁମେଣ୍ଟ ଯାଞ୍ଚ ଆରମ୍ଭ କରିଛି।

ମିଳିଥିବା ତଥ୍ୟ ଅନୁସାରେ, ୨୦୨୧ ଏବଂ ୨୦୨୨ ମସିହାରେ ଶିକ୍ଷା ବିଭାଗରେ ବଡଧରଣର ନିଯୁକ୍ତି ଦିଆଯାଇଥିଲା। ଏହି ନିଯୁକ୍ତିରେ ରାଜ୍ୟର ସହସ୍ରାଧିକ ଯୁବତୀ ଯୁବକ ନିଯୁକ୍ତି ପାଇଥିଲେ। ସେମାନେ ଦେଇଥିବା ସାର୍ଟିଫିକେଟ, ଅନ୍ୟାନ୍ୟ ଡକ୍ୟୁମେଣ୍ଟଗୁଡିକର କ'ଣ ଯଥାର୍ଥତା ରହିଛି ତାକୁ ଯାଞ୍ଚ କରିବା ପାଇଁ ଶିକ୍ଷା ବିଭାଗରେ ତନାଘନା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ରାଜ୍ୟ ବାହାରର ସାର୍ଟିଫିକେଟ ଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବା ପରେ ଅନେକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ରକ୍ତଚାପ ବୃଦ୍ଧି ପାଇଥିବା ଜଣାପଡିଛି। ଏହାସହିତ ଶିକ୍ଷା ବିଭାଗରେ ଅଣଶିକ୍ଷକ ପଦବୀରେ ମଧ୍ୟ ଜାଲ ସାର୍ଟିଫିକେଟର ବ୍ୟବହାର ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଶିକ୍ଷା ବିଭାଗ ଛଡା ସମବାୟ ବିଭାଗରେ ମଧ୍ୟ ଜାଲ ସାର୍ଟିଫିକେଟ ବ୍ୟବହାର କରାଯାଇ ଚାକିରି ପାଇଥିବା ଆଲୋଚନା ହେଉଛି। ବିଶେଷକରି ପାକ୍ସ ସମ୍ପାଦକ, ଯୋଗାଣ ନିରୀକ୍ଷକ, ଯୋଗାଣ ସହାୟକ, ଡାଟା ଏଣ୍ଟ୍ରି ଅପରେଟର୍ସରେ ମଧ୍ୟ ଜାଲ ସାର୍ଟିଫିକେଟ ବ୍ୟବହାର ହୋଇଛି। ଅନେକ ସ୍ଥାନରେ ପୂର୍ବରୁ ମାମଲା ମଧ୍ୟ ଦାଏର ହୋଇଛି। ବନ ବିଭାଗରେ ଫରେଷ୍ଟର, ଫରେଷ୍ଟ ଗାର୍ଡ, କିରାଣି ଚାକିରିରେ ମଧ୍ୟ ଜାଲ୍ ସାର୍ଟିଫିକେଟ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଆସୁଛି। ମାତ୍ର ଏ ଦିଗରେ ପୂର୍ବରୁ ଯାଞ୍ଚ ହୋଇନାହିଁ। ଏବେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ କୁହୁକୁହୁ ହୋଇ ଅଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ସବୁଠୁ ବେଶୀ ଜାଲ୍ ସାର୍ଟିଫିକେଟ୍ ବ୍ୟବହାର ହୋଇଥିବା ଆଲୋଚନାର ବିଷୟ ହୋଇଛି। ବୈଷୟିକ ତାଲିମଠାରୁ ଆରମ୍ଭ କରି ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂରେ ମଧ୍ୟ ଜାଲ୍ ସାର୍ଟିଫିକେଟ ବ୍ୟବହାର ହୋଇଥିବା ଅଭିଯୋଗ ହେଉଛି। ଜାଲ ଡିପ୍ଲୋମା ସାର୍ଟିଫିକେଟ ଦେଇ କେତେଜଣ ଯୁବକ ଠିକା ହାତଉଥିବା ମଧ୍ୟ ଅଭିଯୋଗ ହେଲାଣି। ପୂର୍ତ୍ତ ବିଭାଗରେ କେବେ ଯାଞ୍ଚ ହେବ ବୋଲି ପ୍ରଶ୍ନ ଉଠିଲାଣି।

# ୪ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

**ବଲାଙ୍ଗୀର ଅଫିସ/କଟକ ଅଫିସ, ୪।୪**

କ୍ରାଇମ୍‌ବ୍ରାଞ୍ଚ ଟିମ୍ ମଙ୍ଗଳବାର ତଦନ୍ତର ଚତୁର୍ଥ ଦିନରେ ଜାଲ୍ ସାର୍ଟିଫିକେଟ୍ ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ପ୍ରମୁଖ ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ଅନ୍ୟ ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। କ୍ରାଇମ୍‌ବ୍ରାଞ୍ଚର ଏହି ଆବେଦନକୁ ଗ୍ରହଣ କରି ଏସ୍‌ଡିଜେଏମ୍ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ଏହି ରିମାଣ୍ଡ ଅବଧି ବୁଧବାରଠାରୁ ଆରମ୍ଭ ହେବ।

ଅଭିଯୁକ୍ତ ମନୋଜ ଏବଂ ଆଲୋକ କେବେଠାରୁ ଏବଂ କିଭଳି ଏହି ଜାଲ୍ ସାର୍ଟିଫିକେଟ କାରବାର କରୁଥିଲେ, କାରବାରରେ କେଉଁମାନେ ସମ୍ପୃକ୍ତ ସେଦିଗରେ ସବିଶେଷ ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ଏହାବାଦ୍ ବଲାଙ୍ଗୀର ଡାକବିଭାଗ ପଦବୀ ଅକ୍ତିଆର କରିବା ପାଇଁ ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରି ପୋଲିସ ଦ୍ୱାରା ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ବଲାଙ୍ଗୀର ସହର ରୁଗୁଡିପଡାର ତ୍ରିବିହାରୀ ପଣ୍ଡା ଏବଂ ବେଲପଡା ଥାନା ଜଲିଆ ଗ୍ରାମର ପରେଶ ବୁଡେକଙ୍କୁ କେଉଁଠାରୁ, କାହା ଜରିଆରେ ଏବଂ କେତେଟଙ୍କା ଦେଇ ଜାଲ୍ ସାର୍ଟିଫିକେଟ ନେଇଥିଲେ ସେ ଉପରେ ମଧ୍ୟ ତଦନ୍ତ କରିବ କ୍ରାଇମବ୍ରାଞ୍ଚ ଟିମ୍। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ହାତୀଶାଳପଡା ଫରେଷ୍ଟ କଲୋନୀ ନିକଟ ଘର ଏବଂ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସିଭିଲ କୋର୍ଟ ପଛପଟ ଘରେ ଚଢ଼ାଉ କରାଯାଇଥିଲା। ଜାଲ୍ ସାର୍ଟିଫିକେଟ ମାମଲାରେ ହୋଇଥିବା ଟଙ୍କା କାରବାର ଏବଂ ଠକାମି ବିଷୟରେ ପରିବାର ସଦସ୍ୟଙ୍କୁ ପଚରାଉଚରା କରାଯାଇଥିଲା। ଏହା ସହିତ ମନୋଜ ଏବଂ ଆଲୋକଙ୍କ ଘନିଷ୍ଠ ସମ୍ପର୍କୀୟଙ୍କୁ ମଧ୍ୟ ଅଧିକ ପଚରାଉଚରା କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଡକାଯାଇଥିବା ସୂଚନା ଦିଆଯାଇଛି।

# ଚାକିରି ଦେବା ନାଁରେ ଠକେଇ, ୫ ଗିରଫ

**ବାଲେଶ୍ୱର ଅଫିସ, ୪।୪**

**କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି, ସୁନାଗହଣା, ନଗଦ ଟଙ୍କା ଜବତ**

ବିଭିନ୍ନ ବିଭାଗରେ ଚାକିରି କରାଇଦେବା ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ୫ଜଣଙ୍କୁ ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୩ଲକ୍ଷ ୯ହଜାର ନଗଦ ଟଙ୍କା, ୧୦ଲକ୍ଷ ୫୦ହଜାର ଟଙ୍କାର ସୁନାଗହଣା, ପୋଷ୍ଟ ଅଫିସ୍ ଆକାଉଣ୍ଟରେ ଥିବା ୨୮ଲକ୍ଷ ଟଙ୍କା ଡିପୋଜିଟ ଏବଂ ୮୦ ଲକ୍ଷ ଟଙ୍କାର ଜମିବାଡ଼ି କାଗଜପତ୍ର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସଦର ଥାନା ଅଧୀନ ସୁନ୍ଦରୀ ଗ୍ରାମର ରାମମାନସ ଦେବବ୍ରତ ମଲ୍ଲିକ, ଅଜିତ କୁମାର ପଣ୍ଡା, ସମିତା ପଣ୍ଡା, ଟାଉନ ଥାନା ଅଧୀନ ଟୁଲଙ୍କସାହିର ସମ୍ବିତ କୁମାର ପଣ୍ଡା ଓ ସିଂଲା ଥାନା ଅଧୀନ ସୁଶୀଲ କୁମାର ମହାନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ସଦର ଥାନା ଅଧୀନ ସୁନ୍ଦରୀ ଗ୍ରାମର ସଞ୍ଜୀବ ପଣ୍ଡା ଫେରାର ଥିବା ଏସ୍‌ପି ସାଗରିକା ନାଥ କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୟାୟୀ, ମୁଖ୍ୟ ଅଭିଯୁକ୍ତ ସୋସିଆଲ ମିଡିଆକୁ ବ୍ୟବହାର କରି ଚାକିରି ଅଶାୟୀଙ୍କୁ ପ୍ରଲୋଭନ ଦେଖାନ୍ତି। ଆଶାୟୀଙ୍କ ସହ ପ୍ରଥମ ଦେଖାରେ ସେ ବିଭିନ୍ନ ଜିଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଚାଲିଥିବା ପୋଷଣ ଅଭିଯାନରେ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଓ ଜିଲା ସଂଯୋଜକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜୁନିଅର ଆସିଷ୍ଟାଣ୍ଟ, ମୟୂରଭଞ୍ଜ ଜିଲାର ଜଙ୍ଗଲ ବିଭାଗ ଅଧୀନରେ କମ୍ୟୁନିଟି ସଙ୍ଗଠକ ଆଦି ସରକାରୀ ଚାକିରି ସହିତ ଟାଟା ଷ୍ଟିଲ୍, ରେଲ୍‌ୱେରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦିଅନ୍ତି। ସେଥିପାଇଁ ପ୍ରତ୍ୟେକ ଆଶାୟୀଙ୍କଠାରୁ ୮୦ହଜାରରୁ ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରନ୍ତି। ଆଶାୟୀମାନେ ମୁଖ୍ୟ ଅଭିଯୁକ୍ତଙ୍କ ସର୍ତ୍ତରେ ରାଜି ହେବା ପରେ ଜାଲ ନିଯୁକ୍ତି ରାକେଟର ସହଯୋଗୀମାନଙ୍କ ସହାୟତାରେ ଭୁବନେଶ୍ୱରରେ ସାର୍ଟିଫିକେଟ ଯାଞ୍ଚ ଓ ନକଲି ସାକ୍ଷାତକାର ଆୟୋଜନ କରାଯାଏ। ବିଭିନ୍ନ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଆବେଦନ ଫର୍ମ ଏବଂ ନିଯୁକ୍ତି ପତ୍ରରେ ଜାଲ ସରକାରୀ ଷ୍ଟାମ୍ପ ଓ ଲୋଗୋ ବ୍ୟବହାର କରାଯାଇଛି। ଏମତି ଭାବେ କାଗଜପତ୍ର ପ୍ରସ୍ତୁତ କରାଯାଇଛି, ଯାହାକୁ ଆଶାୟୀମାନେ ଅବିଶ୍ୱାସ କରିପାରିବେ ନାହିଁ। ଆଶାୟୀଙ୍କଠାରୁ ସାର୍ଟିଫିକେଟ ଯାଞ୍ଚ ବେଳେ କିଛି ଓ ସାକ୍ଷାତକାର ସମୟରେ କିଛି ଏବଂ ବାକି ଟଙ୍କା ନିଯୁକ୍ତିପତ୍ର ଦେବା ସମୟରେ ମୁଖ୍ୟ ଅଭିଯୁକ୍ତ ନେଇଥାନ୍ତି। ତେବେ ନିଯୁକ୍ତିପତ୍ରକୁ ନେଇ ସମ୍ପୃକ୍ତ ବିଭାଗରେ ପହଞ୍ଚିବା ପରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପ୍ରାଥମିକ ଅନୁସନ୍ଧାନରୁ ଏହି ରାକେଟ ଶତାଧିକ ଆଶାୟୀଙ୍କୁ ଠକିଥିବା ଜାଣିବାକୁ ମିଳିଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିଷୟରେ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଲିଙ୍କ୍ ବିଷୟରେ ଅନୁସନ୍ଧାନ ପାଇଁ ଦୁଇଟି ପୋଲିସ ଟିମ୍ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନକୁ ପଠାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମାଡ଼କାପଦର ସମିତି ସଭ୍ୟ ଗିରଫ
**ଟଙ୍କା ଠକେଇ ଅଭିଯୋଗ**

**ଖଇରପୁଟ/କୁଡୁଗୁଲୁଗୁମ୍ମା, ୪।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମାଡକାପଦର ପଞ୍ଚାୟତ ସମିତିସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗିଙ୍କୁ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳବାର ଗିରଫ କରାଯାଇଛି। ଅକ୍ଷୟ ଜଣେ ବ୍ୟକ୍ତିଙ୍କଠାରୁ ସାଢ଼େ ୫ ଲକ୍ଷ ଟଙ୍କା ନେଇ ପରେ ତାଙ୍କୁ ଠକିଥିଲେ। ଠକାମୀର ଶୀକାର ହୋଇଥିବା ମାଡକାପଦର ଗ୍ରାମର ମନୋଜ ମାଲି ଏ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ମୁଦୁଲିପଡ଼ା ଥାନା ପୋଲିସ ରଞ୍ଜନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ୨୦୧୭ରେ ସମିତିସଭ୍ୟ ଅକ୍ଷୟ ମାଡକାପଦର ଗ୍ରାମର ମନୋଜଙ୍କ ସହ ମିଶି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏକ ରାସ୍ତା କାମ କରିବା ପାଇଁ ତାଙ୍କଠାରୁ ସାଢ଼େ ୫ ଲକ୍ଷ ଟଙ୍କା ନେଇଥିଲେ। ପରେ ଉକ୍ତ ରାସ୍ତା କାମ ହେଲାନି କି ଅକ୍ଷୟ ନେଇଥିବା ଟଙ୍କା ମନୋଜଙ୍କୁ ଫେରାଇ ନ ଥିଲେ। ମନୋଜ ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ ଅକ୍ଷୟ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ପରେ ସେ ଏକ ଅଚଳ ଚେକ୍ ମନୋଜଙ୍କୁ ଦେଇଥିଲେ। ଅକ୍ଷୟଙ୍କ ଜମାଖାତାରେ ଟଙ୍କା ନଥିବା ଦର୍ଶାଇ ବ୍ୟାଙ୍କ ଅଧିକାରୀ ଚେକ୍‌ଟିକୁ ଖାରଜ କରି ଦେଉଥିଲେ। ଏ ନେଇ ମନୋଜ ମାଲକାନଗିରିସ୍ଥିତ ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ।

### ବଜ୍ରପାତରେ ୧୨ ଛେଳି ମୃତ

**ଆସିକା/ଦିଗପହଣ୍ଡି/କବିସୂର୍ଯ୍ୟନଗର, ୪।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ବ୍ଲକର ରିଷିପୁର ଗ୍ରାମ ଉପକଣ୍ଠରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହେବାରୁ ୧୨ ଛେଳିଙ୍କର ମୃତ୍ୟୁ ଘଟିଥିଲା ବେଳେ ୪ ଦଣ୍ଡୁଆଙ୍କ ସମେତ ୧୨ ଜଣ ଆହତ ହୋଇଛନ୍ତି। ରିଷିପୁର ଗ୍ରାମ ଉପକଣ୍ଠରେ ବାଲିଛାଇ ଗ୍ରାମର ସମ୍ବାରୀ ଗୌଡ଼, ବାବୁଲି ଗୌଡ଼, ବାହାନ ଗୌଡ଼, ବୁଦ୍ଧିରାମ ଗୌଡ ୨୦୦ରୁ ଊର୍ଦ୍ଧ୍ୱ ଛେଳି ଚରାଉଥିଲେ। ଏହି ସମୟରେ ବଜ୍ରପାତ ହେବା ଫଳରେ ୧୨ ଛେଳିଙ୍କର ଘଟଣାସ୍ଥଳରେ ମୃତୁ ଘଟିଥିଲା ବେଳେ କେତେକ ଆହତ ହୋଇଥିଲେ। ସେହିପରି କବିସୂର୍ଯ୍ୟନଗର ବୋରିସିଙ୍ଗି ଗ୍ରାମରେ ମାନସିକଧାରୀଙ୍କ ଧୂଳିଦଣ୍ଡ ପରେ ଖଜୁରି ପୋଖରୀରେ ପାଣିଦଣ୍ଡ ଭାଙ୍ଗିବା ପାଇଁ ଦଣ୍ଡୁଆମାନେ ଯାଇଥିଲେ। ସେହି ସମୟରେ ୧୨ଜଣ ବଜ୍ରପାତର ଶିକାର ହୋଇଥିଲେ। ସେମାନଙ୍କ ମଧରେ ଦଣ୍ଡୁଆ ନିରଞ୍ଜନ କାମ୍ପ, ନିରଞ୍ଜନ ନାହାକ, ତ୍ରିନାଥ ସାହୁ ଓ ଭଗବାନ ମହାରଣାଙ୍କ ଅବସ୍ଥା ଗୁରୁତର ରହିଛି।

# ସ୍ୱାମୀଙ୍କୁ କିରୋସିନ ଢାଳି ଜାଳିଦେଲେ ଦ୍ୱିତୀୟ ସ୍ତ୍ରୀ

**ଭଞ୍ଜନଗର,୪।୪(ଡି.ଏନ୍.ଏ)**

ବୟସର ଅପରାହ୍ଣରେ ବୃଦ୍ଧ ଦମ୍ପତି ମିଳିମିଶି ରହିଥା'ନ୍ତି। କିନ୍ତୁ ବେଳେବେଳେ ପାରିବାରିକ କଳହ ଅସହ୍ୟ ହୋଇପଡ଼ିଥାଏ, ଯାହାର କରୁଣ ପରିଣତି ଭୋଗିଛନ୍ତି ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ଗ୍ରାମର ଜଣେ ବୃଦ୍ଧ ସ୍ୱାମୀ। ମଙ୍ଗଳବାର ସ୍ୱାମୀଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି ସ୍ତ୍ରୀ। ଗୁରୁତର ସ୍ୱାମୀ ପ୍ରଫୁଲ୍ଲ କୁମାର ସାବତ(୭୦)ଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରଫୁଲ୍ଲଙ୍କ ଅଭିଯୋଗ କ୍ରମେ ପୋଲିସ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ପ୍ରକାଶ ଯେ, ପ୍ରଫୁଲ୍ଲ ଜଣେ ଅବସରପ୍ରାପ୍ତ ବନ କର୍ମଚାରୀ। ପ୍ରଥମ ସ୍ତ୍ରୀଙ୍କ ପରଲୋକ ପରେ ଦ୍ୱିତୀୟ ବିବାହ କରିଥିଲେ। ବିବାହର କିଛି ଦିନ ଠିକ ଚାଲିଥିଲା। ଏହାପରେ କୌଣସି କାରଣରୁ ଉଭୟଙ୍କ ମଧରେ ବାରମ୍ବାର ଗଣ୍ଡଗୋଳ ହେଉଥିଲା। ମଙ୍ଗଳବାର ପ୍ରଫୁଲ୍ଲ ଘର ସମ୍ମୁଖରେ ବସି ଥିବା ବେଳେ ସ୍ତ୍ରୀ ଏକ ବୋତଲରେ କିରୋସିନ ଆଣି ସ୍ୱାମୀଙ୍କ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ।

# ସମର୍ଥ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ

**ବ୍ରଜରାଜନଗର,୪।୪ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ତଥା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ନାବାଳକ ସମର୍ଥ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଅମିତ ଶର୍ମା ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ଗିରଫ ଅମିତ ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଜେରା ପାଇଁ ଝାରସୁଗୁଡ଼ା ସେକେଣ୍ଡ ବାଟାଲିଅନରେ ରଖିଥିଲା। ପୂର୍ବାହ୍ନରେ ଅମିତ କୌଣସି କାରଣରୁ ରହୁଥିବା କୋଠରୀର ବାଥ୍‌ରୁମ୍‌ରେ ଲାଗିଥିବା ଦର୍ପଣ ଭାଙ୍ଗି ଭଙ୍ଗା କାଚରେ ନିଜ ହାତ, ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। କର୍ତ୍ତବ୍ୟରତ ପୋଲିସ କର୍ମଚାରୀ ତୁରନ୍ତ ତାଙ୍କୁ ଉଦ୍ଧାର କରି କଡ଼ା ସୁରକ୍ଷା ବଳୟ ଭିତରେ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସିତ ହେବା ପରେ ତାଙ୍କୁ ଜେଲକୁ ପଠାଯାଇଥିବା ଆରକ୍ଷୀ ଅଧୀକ୍ଷକ ସ୍ମିଥ ପରମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଝାରସୁଗୁଡ଼ା ସରବହାଲର ସୁମିତ ଅଗ୍ରୱାଲଙ୍କ ପୁଅ ସମର୍ଥ ଅଗ୍ରୱାଲ (୧୫)ଙ୍କୁ ୫୦ଲକ୍ଷ ଟଙ୍କା ପାଇଁ ଗତ ୨୮ତାରିଖରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଅମିତଙ୍କ ସହ ଦିନେଶ ଅଗ୍ରୱାଲଙ୍କୁ ଗିରଫ କରିଛି। ଇତିମଧ୍ୟରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏଶନ କରିସାରିଲାଣି।

# 'ମମ ଶବ୍ଦବିଶ୍ୱମ୍' ଲୋକାର୍ପିତ



ରାଜଭବନରେ ମଙ୍ଗଳବାର ସଂସ୍କୃତ ଅନୁବାଦ 'ମମ ଶବ୍ଦବିଶ୍ୱମ୍'କୁ ଲୋକାର୍ପଣ କରାଯାଉଛି।

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ଶବ୍ଦ ହେଉଛି ବ୍ରହ୍ମ। ଶବ୍ଦବ୍ରହ୍ମର ଉପାସନା ହେଉଛି ଶୀର୍ଷସ୍ତରୀୟ ସାଧନା। ଯେଉଁମାନେ ଏହି ସାଧନାରେ ସିଦ୍ଧହସ୍ତ, ସେମାନେ ଯୋଗଜନ୍ମା ଓ ଆମ ସମସ୍ତଙ୍କର ନମସ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାଜଭବନରେ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ତଥା କବି ବିଷ୍ଣୁପଦ ସେଠୀଙ୍କ ଇଂଲିଶ କବିତା ସଂକଳନ 'ମାଇଁ ୱାର୍ଲଡ ଅଫ୍ ୱାର୍ଡସ୍'ର ସଂସ୍କୃତ ଅନୁବାଦ 'ମମ ଶବ୍ଦବିଶ୍ୱମ୍'କୁ ଲୋକାର୍ପଣ କରି ସେ ଏହା କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଏହାକୁ ଅନୁବାଦ କରିଛନ୍ତି। ରାଜ୍ୟପାଳ କବି ସେଠୀଙ୍କ ମନନ, ଚିନ୍ତନ ଓ ସୃଜନ ସାମର୍ଥ୍ୟର ଭୂୟସୀ ପ୍ରଶଂସା କରଛନ୍ତି। କବିତାରେ ମାଟିର ମହକ, ଆନନ୍ଦ, ଆଲୋକ ଓ ପୁଲକ ଅଛି। ଦେବଭାଷା ସଂସ୍କୃତ ମାଧ୍ୟମରେ ଏହାର ପ୍ରସାର ଏକ ବିଶେଷ ଉପଲବ୍ଧି ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। କବି ସେଠୀ ନିଜ ସାରସ୍ୱତ ସାଧନାର ଭୂମି ଓ ଭୂମିକା ସମ୍ପର୍କରେ ଆଲୋଚନା କରିଛନ୍ତି। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ବରିଷ୍ଠ କବି ଡ. ପ୍ରସନ୍ନ କୁମାର ପାଟଶାଣୀ କବିଙ୍କ ସୃଷ୍ଟିସମ୍ଭାର ଉପରେ ଆଲୋକପାତ କରି ମଣିଷର ସ୍ୱପ୍ନ, ସଂଘର୍ଷ, ସଂଗ୍ରାମ ଓ ଉତ୍ତରଣ ସେସବୁରେ ରୂପାୟିତ ହୋଇଛି ବୋଲି କହିଛନ୍ତି। ଅନୁବାଦକ ପ୍ରଫେସର ପଣ୍ଡା, ପ୍ରକାଶକ ହର୍ ଆନନ୍ଦ ପବ୍ଲିକେଶନ୍ସ ନୂଆଦିଲ୍ଲୀର ଆଶିଷ ଗୋସାଇଁ ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ଓ ନିଜର ସମ୍ପୃକ୍ତି ସମ୍ପର୍କରେ କହିଥିଲେ। କବି ରକ୍ଷକ ନାୟକ ପୁସ୍ତକ ଉପରେ ସୂଚନା ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରୀରେ ପହଞ୍ଚିଲା ୮୨୦୦ ଇଭିଏମ୍

**ପୁରୀ ଅଫିସ, ୪।୪**



୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ହାଇଦ୍ରାବାଦ ପ୍ରୋସେସିଂ ୟୁନିଟ୍‌ରୁ ୬ଟି ଟ୍ରକ ଯୋଗେ ୮୨୦୦ଟି ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଆସି ମଙ୍ଗଳବାର ପୁରୀରେ ପହଞ୍ଚିଛି। ଏଥିରେ ୪୧୦୦ଟି ବାଲାଟ ୟୁନିଟ ଓ ୪୧୦୦ଟି କଣ୍ଟ୍ରୋଲ ୟୁନିଟ ରହିଛି। ୬୩୦ଟି ଟ୍ରଙ୍କରେ ଇଭିଏମ୍‌ଗୁଡ଼ିକ ପେଣ୍ଠକଟାସ୍ଥିତ ଇଭିଏମ୍ ଗୋଦାମ ନିକଟରେ ପହଞ୍ଚିବା ପରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ଜିତେନ୍ଦ୍ର ପାତ୍ର ସେଗୁଡ଼ିକୁ ତଦାରଖ କରିଥିଲେ। ସେହିପରି ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ମେଶିନଗୁଡ଼ିକୁ ଦେଖିଥିଲେ। ୨୮ଟି ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଇଭିଏମ୍‌ଗୁଡ଼ିକୁ ରଖାଯାଇଛି। ଆଗକୁ ଆହୁରି ୫ ହଜାର ଇଭିଏମ୍ ଆସିବ ବୋଲି ସୂଚନା ମିଳିଛି। ଇସିଆଇଏଲ୍ ହାଇଦ୍ରାବାଦ ଦ୍ୱାରା ଏହି ମେଶିନଗୁଡ଼ିକ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆଗାମୀ ସାଧାରଣ ନିର୍ବାଚନ ଖୁବ୍‌ଶୀଘ୍ର ହେବା ନେଇ ଚର୍ଚ୍ଚାକୁ ଏହି ଇଭିଏମ୍ ପହଞ୍ଚିବା ଘଟଣା ଅଧିକ ଖୋରାକ ଯୋଗାଇଛି। ଦେଶରେ ଖୁବ୍‌ଶୀଘ୍ର ସାଧାରଣ ନିର୍ବାଚନ କରାଇବାକୁ କେନ୍ଦ୍ର ସରକାର ଚିନ୍ତା କରୁଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ରାଜନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଧୋତି ପିନ୍ଧାଇଲା ପୌରପାଳିକା

**ଅନୁଗୋଳ ଅଫିସ, ୪।୪**

**ମନମୁଖି କାର୍ଯ୍ୟ ବୋଲି କହିଲେ କୃଷ୍ଣା ମହାନ୍ତି**

ଅନୁଗୋଳ ସହରସ୍ଥିତ ଗୋପବନ୍ଧୁ ଉଦ୍ୟାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନବନିର୍ମିତ ପ୍ରତିମୂର୍ତ୍ତିର ପୋଷାକକୁ ନେଇ ବିବାଦ ଦେଖାଦେବା ପରେ ତୁରନ୍ତ ତ୍ରୁଟି ସଂଶୋଧନ କରିଛି ପୌରପାଳିକା। ଅନୁଗୋଳ ପୌର କର୍ତ୍ତୃପକ୍ଷ ଏ ନେଇ ସୋମବାର କ୍ଷମାପ୍ରାର୍ଥନା କରିଥିବା ବେଳେ ପ୍ରତିଶ୍ରୁତି ଅନୁଯାୟୀ ମଙ୍ଗଳବାର ପ୍ରତିମୂର୍ତ୍ତିରେ ପରିଧାନ କରାଯାଇଥିବା ପ୍ୟାଣ୍ଟ ଓ ବୁଟ୍ ସ୍ଥାନରେ ଧୋତି, ଚପଲ ପିନ୍ଧାଇଛନ୍ତି। ହେଲେ ଏହାସତ୍ତ୍ୱେ ବିବାଦ ଥମି ନାହିଁ। ନବକୃଷ୍ଣଙ୍କ ଝିଅ ତଥା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ପିନ୍ଧାଯାଇଥିବା ଧୋତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ନବବାବୁ ଏଭଳି ଧୋତି ପରିଧାନ କରୁ ନ ଥିଲେ। ତାଙ୍କୁ ନାଗପୁରିଆ ଭଳି ଧୋତି ପିନ୍ଧାଯାଇଛି। ପୌରପରିଷଦ ଭୁଲ୍ ପରେ ଭୁଲ୍ କରିଚାଲିଛି। ପ୍ରତିମୂର୍ତ୍ତି ନିର୍ମାଣରେ କରିଥିବା ତ୍ରୁଟି ସୁଧାରିବାକୁ ଘରକୁ ଆସି ଫଟୋ ନେଲେ ନାହିଁ। କେତେଜଣ ଲୋକଙ୍କ ଅହଂକାର ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ରାଜସ୍ୱ ଓ ସମୟ ଖର୍ଚ୍ଚ ହେଉଥିଲେ ମଧ୍ୟ ଭଲ କାରିଗରଙ୍କୁ ନେଇ କାହିଁକି ପୂର୍ବଜଙ୍କ ମୂର୍ତ୍ତି ପ୍ରସ୍ତୁତ କରାଯାଉନାହିଁ ବୋଲି କୃଷ୍ଣା ମହାନ୍ତି ପ୍ରଶ୍ନ କରିଛନ୍ତି।



**ଥାନାରେ ଏତଲା**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ନିର୍ମାଣ ବିବାଦ ଥାନାରେ ପହଞ୍ଚିଛି। ଅନୁଗୋଳ ବାରସିଂହା ଅଞ୍ଚଳର ରଞ୍ଜନ କୁମାର ପାତ୍ର ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ସେ ଦର୍ଶାଇଛନ୍ତି, ଜିଲାର ପୂର୍ବସୂରୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ତ୍ରୁଟି ପରିଲକ୍ଷିତ ହୋଇଛି। ତେଣୁ ପୂଜ୍ୟପୂଜାଙ୍କ ପ୍ରତି ଚରମ ଅବହେଳା କରାଯିବା ସହ ଅପମାନ ଦିଆଯାଇଛି। ଜାଣିଶୁଣି କେତେଜଣ ବ୍ୟକ୍ତି ଏପରି କରିଥିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରଞ୍ଜନ ନିବେଦନ କରିଛନ୍ତି।

**ଆଜିର ମନ୍ତବ୍ୟ**

"କୃଷକ, ଶ୍ରମିକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ କେନ୍ଦ୍ର ସରକାର ସମସ୍ତ ଉଦ୍ୟମ କରୁଛନ୍ତି। ଭାରତ 'ରାମ ରାଜ୍ୟ' ଦିଗରେ ଅଗ୍ରସର ହେଉଛି।

– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଖାରୁ ଡଙ୍କ ନଅକ ନକ**
**ପିଢ଼ାରେ ବଡ଼ ପୋଇ**
**ଛଅ ମାସ ହେଲା କଥା ନ କହିଲ**
**ସଙ୍ଗେ ଗଲିକି ଗୋଡ଼ାଇ।**

ସାଧାରଣତଃ ଦାମ୍ପତ୍ୟ ଜୀବନରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ ଝଗଡ଼ା ହେଉଥିବାର ଦେଖିବାକୁ ମିଳିଥାଏ। ତେବେ କୌଣସି ଏକ କାରଣକୁ ନେଇ ସ୍ୱାମୀ ଜଣକ ସ୍ତ୍ରୀ ସହ କଥା ହେଉ ନ ଥିବା ବେଳେ ସ୍ତ୍ରୀଟିର ନିଜ ସ୍ୱାମୀ ପ୍ରତି ଥିବା ଅଭିମାନ ଏବଂ ଆକ୍ଷେପ ଭାବ ଏଠାରେ ପ୍ରକାଶ କରାଯାଇଛି।

**କାର୍ତ୍ତିକ,**
**ଶୀତ ହୁଏ ରାତିକ।**

ସାଧାରଣତଃ କାର୍ତ୍ତିକ ମାସରେ ଶୀତ ଋତୁର ଆରମ୍ଭ ହୋଇଥାଏ। ଏହି ମାସରେ କେବଳ ରାତିରେ ହିଁ ଶୀତ ଅନୁଭୂତ ହେଉଥିବା ବେଳେ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ-୨୦୨୨

# ନ୍ୟାୟ ପ୍ରଦାନରେ ଓଡ଼ିଶା ୧୦ମ

ନୂଆଦିଲ୍ଲୀ,୪।୪(ବ୍ୟୁରୋ)

ଦେଶରେ ନ୍ୟାୟ ପ୍ରଦାନ ତାଲିକାରେ ଓଡ଼ିଶା ୧୦ ନମ୍ବର ସ୍ଥାନରେ ରହିଛି। ୧୮ ରାଜ୍ୟକୁ ନେଇ ପ୍ରକାଶିତ ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ(ଆଇଜେଆର୍) ୨୦୨୨ରେ ଓଡ଼ିଶା ପୂର୍ବାପେକ୍ଷା ଗୋଟିଏ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୨୦ ରିପୋର୍ଟରେ ଏହା ୧୧ତମ ସ୍ଥାନରେ ଥିଲା। ୨୦୧୯ରେ ଟାଟା ଟ୍ରଷ୍ଟ ପକ୍ଷରୁ ଆରମ୍ଭ କରାଯାଇଥିବା ଆଇଜେଆର୍‌ର ତୃତୀୟ ସଂସ୍କରଣ ନୂଆଦିଲ୍ଲୀଠାରେ ମଙ୍ଗଳବାର ପ୍ରକାଶ ପାଇଛି। ନ୍ୟାୟ ପ୍ରଦାନରେ ବୃହତ୍ ଏବଂ ମଧ୍ୟମ ରାଜ୍ୟ ବର୍ଗରେ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଥିବାବେଳେ କ୍ଷୁଦ୍ର ରାଜ୍ୟ ବର୍ଗରେ ସିକିମ୍ ସର୍ବାଗ୍ରେ ରହିଛି। ନ୍ୟାୟ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪ଟି ସ୍ତମ୍ଭ ଯଥା ପୋଲିସ, ବିଚାର ବିଭାଗ, ଜେଲ ଏବଂ ଆଇନ ସହାୟତାକୁ ନେଇ ଆଇଜେଆର୍ ଏହି ତାଲିକା ପ୍ରସ୍ତୁତ କରିଥାଏ। ପ୍ରତ୍ୟେକ ସ୍ତମ୍ଭରେ ରହିଥିବା ଅର୍ଥ ବ୍ୟବସ୍ଥା, ମାନବ ସମ୍ବଳ, କାର୍ଯ୍ୟଚାପ,ବିକେନ୍ଦ୍ରୀକରଣ ଏବଂ ଭିତ୍ତିଭୂମିକୁ ଆଧାର କରାଯାଇଥାଏ। ଏଥିସହିତ ମୌଳିକ ସେବା ଯୋଗାଇବାକୁ ରହିଥିବା ନ୍ୟାୟିକ ବ୍ୟବସ୍ଥାରେ ରାଜ୍ୟର ପ୍ରଦର୍ଶନକୁ ମଧ୍ୟ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଥାଏ।

ଓଡ଼ିଶା ପୋଲିସ ବିଭାଗରେ ମହିଳା ଓ ପୁରୁଷ ଅନୁପାତରେ ଏକ ବୃହତ୍ ବ୍ୟବଧାନ ରହିଥିବା ରିପୋର୍ଟରେ ସୂଚିତ କରାଯାଇଛି। ୨୦୨୨ ଜାନୁୟାରୀରେ ରାଜ୍ୟରେ ମହିଳା ପୋଲିସଙ୍କ ସଂଖ୍ୟା ମାତ୍ର ୧୦.୫ ପ୍ରତିଶତ ରହିଥିଲା। ସେହିପରି ବିଚାର ବିଭାଗ କଥା ଦେଖିଲେ ତଳ କୋର୍ଟଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ମୋଟ ସଂଖ୍ୟାର ୪୪.୪ ପ୍ରତିଶତ ରହିଥିବାବେଳେ ହାଇକୋର୍ଟରେ ୨୦୨୨ ଡିସେମ୍ବର ସୁଦ୍ଧା ମାତ୍ର ୪.୫ ପ୍ରତିଶତ ରହିଥିଲା। ଏପରି କି ସେଥିମଧ୍ୟରୁ ୨୦୨୨ ଜୁଲାଇ ସୁଦ୍ଧା ତଳ କୋର୍ଟଗୁଡ଼ିକରେ ସଂରକ୍ଷିତ ବ୍ୟବସ୍ଥାରେ ଚାକିରି ପାଇଥିବା ମହିଳା ବିଚାରପତିଙ୍କ ସଂଖ୍ୟା ୧୧ ପ୍ରତିଶତ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୨ ଜାନୁୟାରୀ ସୁଦ୍ଧା ଓଡ଼ିଶାରେ ୧,୨୨୭ଜଣ ଲୋକରେ ଜଣେ ମାତ୍ର ପୋଲିସ କର୍ମଚାରୀ ରହିଛନ୍ତି, ଯାହାକି ଅନ୍ତଃରାଷ୍ଟ୍ରୀୟସ୍ତରର ମାନଠାରୁ ବହୁ କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ୨୦୨୦–୨୧ରେ ପଞ୍ଜାବରେ ଜଣେ ପୋଲିସ ପିଛା ୨,୦୫୫ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଓଡ଼ିଶାରେ ମାତ୍ର ୭୬୩ ଟଙ୍କା ଖର୍ଚ୍ଚ ହେଉଛି।

# ଜାପାନରେ ଓଡ଼ିଶାର ବିଜ୍‌ନେସ ମିଟ୍
# ଯୋଗଦେବେ ୨୦୦ ନିବେଶକ

ଭୁବନେଶ୍ୱର,୪।୪(ବ୍ୟୁରୋ)

ବୁଧବାର ଓଡ଼ିଶା ସରକାରଙ୍କ ଦ୍ୱାରା ଟୋକିଓର ଓକୁରାଠାରେ ଓଡ଼ିଶା ବିଜ୍‌ନେସ ମିଟ୍–୨୦୨୩ ଆୟୋଜନ ହେବ। ଏଥିରେ ଜାପାନ ଓ ଇଣ୍ଡୋ–ପାସିଫିକ୍ ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତି, ବ୍ୟବସାୟୀ ଓ ପୁଞ୍ଜିନିବେଶକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧିତ କରିବା ସହ ଓଡ଼ିଶାରେ ଥିବା ବ୍ୟବସାୟ ସୁଯୋଗ ସମ୍ପର୍କରେ ପୁଞ୍ଜିନିବେଶକାରୀଙ୍କୁ ସୂଚନା ଦେବେ। ଏଥିସହ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଜାପାନରେ ରହୁଥିବା ଓଡ଼ିଆ ଲୋକଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ଏପ୍ରିଲ ୬ରେ ମୁଖ୍ୟମନ୍ତ୍ରୀଙ୍କ ସହ ଯାଇଥିବା ପ୍ରତିନିଧିମଣ୍ଡଳୀ କିମିସୁ ଷ୍ଟିଲ୍ ୱାର୍କସ ଏବଂ ନିପ୍ପନ ଷ୍ଟିଲ୍ କର୍ପୋରେଶନ ପରିଦର୍ଶନ କରିବେ।

# ଅମ୍ବାନୀ ପୁଣି ଏସିଆର ଶ୍ରେଷ୍ଠ ଧନୀ

ୱାଶିଂଟନ୍, ୪।୪

ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପୁଣିଥରେ ଏସିଆର ସବୁଠୁ ଧନୀ ବ୍ୟକ୍ତି ପରିଚୟ ହାସଲ କରିଛନ୍ତି। ମଙ୍ଗଳବାର ଆମେରିକୀୟ ବ୍ୟବସାୟିକ ମାଗାଜିନ୍ ଫୋର୍ବସ୍ ପକ୍ଷରୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିଙ୍କ ନାମ ତାଲିକା ପ୍ରକାଶ ପାଇଛି। ଏହି ସୂଚୀରେ ଗୌତମ ଆଦାନୀ ୨୪ତମ ସ୍ଥାନକୁ ଖସିଥିବାବେଳେ ଅମ୍ବାନୀ ୯ମ ସ୍ଥାନରେ ଅଛନ୍ତି। ବର୍ତ୍ତମାନ ଅମ୍ବାନୀ ୮୩.୪ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ।

ଜାନୁୟାରୀ ୨୪ରେ ଧନୀଙ୍କ ସୂଚୀରେ ଆଦାନୀ ୧୨୯ ବିଲିୟନ୍ ଡଲାର ସମ୍ପତ୍ତି ସହ ବିଶ୍ୱର ୩ୟ ସ୍ଥାନରେ ରହିଥିଲେ। କିନ୍ତୁ ଆଦାନୀଙ୍କୁ ନେଇ ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ ପାଇବା ପରେ ସେ ଏହି ତାଲିକାରୁ କ୍ରମାଗତ ଭାବେ ତଳକୁ ଖସିଥିବା ଫୋର୍ବସ୍ ପକ୍ଷରୁ କୁହାଯାଇଛି। ଆଦାନୀ ବର୍ତ୍ତମାନ ୪୭.୨ ବିଲିୟନ ଡଲାର ସମ୍ପତ୍ତିର ମାଲିକ ଥିବାବେଳେ ଏହି ସୂଚୀରେ ସେ ଦ୍ୱିତୀୟ ଧନୀ ଭାରତୀୟ। ଗତବର୍ଷ ଅମ୍ବାନୀଙ୍କ ଅଏଲ୍–ଟୁ–ଟେଲିକମ୍ ବ୍ୟବସାୟରୁ ଆୟ ୧୦୦ ବିଲିୟନ୍ ଡଲାର ଟପିଥିବା ଫୋର୍ବସ୍ ଉଲ୍ଲେଖ କରିଛି। ୨୦୨୨ରେ ମୁକେଶ ତାଙ୍କ ବଡ଼ ପୁଅ ଆକାଶଙ୍କୁ ଟେଲିକମ୍ ଆର୍ମ ଜିଓ ଇନ୍‌ଫୋକୋମ୍‌ର ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରିଥିବାବେଳେ ଝିଅ ଈଶାଙ୍କୁ ରିଟେଲ୍ ବିଜ୍‌ନେସ୍ ହେଡ୍ ଏବଂ ସାନପୁଅ ଅନନ୍ତଙ୍କୁ ରିଲାଏନ୍ସର ନୂଆ ଏନର୍ଜି ଭେଞ୍ଚର ଦାୟିତ୍ୱ ଦେଇଛନ୍ତି।


ମୁକେଶ ଅମ୍ବାନୀ

ଚଳିତବର୍ଷ ଏହି ୨୫ ଜଣିଆ ଧନୀ ତାଲିକାରେ ଥିବା ବ୍ୟକ୍ତିମାନଙ୍କ ମୋଟ ସମ୍ପତ୍ତି ୨.୧ ଟ୍ରିଲିୟନ୍ ଡଲାର ଆକଳନ କରାଯାଇଛି। ଗତବର୍ଷ ଏହି ସମ୍ପତ୍ତି ୨.୩ ଟ୍ରିଲିୟନ୍ ଡଲାର ଥିଲା। ତେବେ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ମୋଟ ସମ୍ପତ୍ତିରେ ୨୦୦ ବିଲିୟନ୍ ଡଲାରର ହ୍ରାସ ଘଟିଛି। ଫୋର୍ବସ୍ ଧନୀ ତାଲିକାର ଶୀର୍ଷରେ ଫ୍ରାନ୍ସ ଲଗ୍‌ଜୁରି ଗୁଡ୍ସ ଟାଇକୁନ୍ ବର୍ନାର୍ଡ ଅର୍ନଲ୍ଟ ରହିଛନ୍ତି। ଲୁଇସ୍ ଭୁଟୋନ୍, ଖ୍ରୀଷ୍ଟିଆନ ଡିଓର ଭଳି ଦାମୀ ବ୍ରାଣ୍ଡର ମାଲିକ ବର୍ନାର୍ଡ ୨୧୧ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ। ସେହିପରି ଫୋର୍ବସ୍‌ର ଧନୀ ତାଲିକାରେ ଟେସ୍‌ଲା ମାଲିକ ଏଲନ ମସ୍କ (୧୮୦ ବିଲିୟନ୍ ଡଲାର) ଦ୍ୱିତୀୟସ୍ଥାନ ଏବଂ ଆମାଜନ୍ ମାଲିକ ଜେଫ୍ ବେଜୋସ୍ (୧୧୪ ବିଲିୟନ୍ ଡଲାର) ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଟିକସ ଫାଙ୍କି: ବିଭିନ୍ନ ସ୍ଥାନରେ ଆୟକର ଚଢ଼ାଉ

ଢେଙ୍କାନାଳ ଅଫିସ/ବ୍ରହ୍ମପୁର ଅଫିସ/ କବାଟବନ୍ଧ(ଡି.ଏନ୍.ଏ.), ୪।୪

ଟିକସ ଫାଙ୍କିବା ଅଭିଯୋଗରେ ହାଇଦ୍ରାବାଦରୁ ଆସିଥିବା ଆୟକର ବିଭାଗର ଟିମ୍ ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ସ୍ଥାନୀୟ ପୋଲିସ ସହାୟତାରେ ଅଧିକାରୀମାନେ ତନାଘନା ଚଳାଇଥିବା ବେଳେ ବେନାମୀ କାଗଜପତ୍ରରେ କାରବାର କରୁଥିବା ଅସାଧୁ ବ୍ୟବସାୟଙ୍କ ମଧ୍ୟରେ ଛନକା ପଶିଛି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ଜଣେ ବ୍ୟବସାୟୀଙ୍କ କ୍ରଶର ୟୁନିଟ୍ ଏବଂ ତାଙ୍କର ବ୍ୟବସାୟିକ ପ୍ରତିଷ୍ଠାନରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ସମ୍ପର୍କୀୟଙ୍କ ଘରୁ ସୁନା ଅଳଙ୍କାର ଜବତ ହୋଇଛି। ସେହିପରିଗଁଦିଆ ବ୍ଲକନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା କ୍ରଶର ୟୁନିଟ୍‌ରେ ମଧ୍ୟ ଚଢ଼ାଉ ଜାରି ରହିଛି। କ୍ରଶର ମାଲିକଙ୍କର ପୈତୃକ ଘର କେନ୍ଦ୍ରାପଡ଼ା, ଭୁବନେଶ୍ୱରସ୍ଥିତ ବାସଭବନ ଏବଂ ଚଢ଼େଇଧରାସ୍ଥିତ ପେଟ୍ରୋଲ ପମ୍ପରେ ତନାଘନା କରାଯାଇଛି। ହେଲେ ଏ ନେଇ ଆୟକର ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

ଗଞ୍ଜାମ ଜିଲାର ଜଣାଶୁଣା ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ବ୍ରହ୍ମପୁର ଲୋଚାପଡାସ୍ଥିତ ବାସଭବନ, ଉମାନଗର କାର୍ଯ୍ୟାଳୟ ଓ ପୁରୁଷୋତ୍ତମପୁରସ୍ଥିତ କ୍ରଶର ୟୁନିଟରେ ଆୟକର ବିଭାଗର ଏକ ଟିମ୍ ଚଢ଼ାଉ କରିଛି। ସୋମବାର ଉମାନଗରସ୍ଥିତ କାର୍ଯ୍ୟାଳୟକୁ ସିଲ୍ କରାଯାଇଥିଲା। ମୁଦୁଲି ଦୀର୍ଘବର୍ଷ ଧରି ବାଲି ବ୍ୟବସାୟରେ ସକ୍ରିୟ ରହିଛନ୍ତି। ତାଙ୍କ ଘର, କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ଚଢାଉ କରି ଆୟକର ଦାଖଲ ସମ୍ପର୍କିତ କାଗଜପତ୍ର ଯାଞ୍ଚ କରାଯାଇଛି। ସେହିପରି କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଥିବା 'ତ୍ରିଶକ୍ତି କନଷ୍ଟ୍ରକ୍ସନ୍' ନାମକ ଏକ ଠିକା ସଂସ୍ଥା ଉପରେ ଆୟକର ବିଭାଗର ଏକ ୫ ଜଣିଆ ଟିମ୍ ଚଢ଼ାଉ କରିଛନ୍ତି।

ଅନୁରୂପ ଭାବେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର କଳାପଥର ଖଣି ଲିଜ୍‌ଧାରୀ, ୫ କ୍ରଶର ପ୍ରତିଷ୍ଠାନ ସମେତ ବ୍ୟବସାୟୀଙ୍କ ଅଫିସରେ ଦୁଇଦିନ ଧରି ଚଢ଼ାଉ ଚାଲିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଉଙ୍କାରୀ, ରାହାଡ଼ପୁର, ଚଢ଼େଇଧରା, ଲୁଣିବର, ବିଛାଖଣ୍ଡିଠାରେ ଥିବା କ୍ରଶର ଏବଂ ଅଫିସରେ ଚଢ଼ାଉ ହୋଇଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ ହୋଇଛି। ଘଟଣାରେ ୩ଜଣଙ୍କୁ ଅଟକ ରଖାଯାଇଛି। ଫଳରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଲିଙ୍କ୍‌ରେ ଥିବା ଅନ୍ୟମାନେ ଛାନିଆ ହୋଇପଡ଼ିଛନ୍ତି। ସେମାନେ ଅଫିସ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରି ଅଣ୍ଡରଗ୍ରାଉଣ୍ଡ ହୋଇଯାଇଥିବା ଆଲୋଚନା ହେଉଛି। ପାରାଦୀପ ଓ ଢେଙ୍କାନାଳ ଲିଙ୍କ୍ ଥିବା ଜଣେ ବ୍ୟବସାୟୀ ବେନାମୀ କାଗଜପତ୍ରରେ ଟଙ୍କା କାରବାର କରିଥିବା ପ୍ରମାଣ ମିଳିବା ପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆୟକର ବିଭାଗର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଅଧିକାରୀ ଏଥିରେ ସାମିଲ ହୋଇଛନ୍ତି।

## ବିଜେଡି–ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୪।୪(ବ୍ୟୁରୋ)

ଟିକସ ଫାଙ୍କିବା ଏବଂ ବେନାମି କାଗଜପତ୍ରରେ ବ୍ୟବସାୟ କରିବା ଅଭିଯୋଗରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟକର ବିଭାଗ (ଆଇଟି) ପକ୍ଷରୁ ଦୁଇଦିନ ହେଲା ଚଢ଼ାଉ ଜାରି ରହିଛି। ତେବେ ଏହି ଚଢ଼ାଉକୁ ନେଇ ଏବେ କାଦୁଅଫିଙ୍ଗା ରାଜନୀତି ଆରମ୍ଭ ହୋଇଥିବାବେଳେ ମୁହାଁମୁହିଁ ହୋଇଛନ୍ତି ଶାସକ ବିଜେଡି ଏବଂ ମୁଖ୍ୟ ବିରୋଧୀ ଭାଜପା।

ବିଜେଡି ବିଧାୟକ ପର୍ଶୁରାମ ଧଡ଼ା ଅଭିଯୋଗ କରିଛନ୍ତି ଯେ, ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଏଭଳି ରେଡ୍ କରାଯାଉଛି। ଯେତେବେଳେ ନିର୍ବାଚନ ଆସିବ, ସେତେବେଳେ ଜାଣିଶୁଣି ବିଜେଡି ନେତାଙ୍କୁ ଟାର୍ଗେଟ୍ କରାଯାଉଛି। ଅନ୍ୟପଟେ ବିଜେଡିର ଏଭଳି ଶାଣିତ ଆକ୍ରମଣର ଜବାବ ଦେଇଛି ଭାଜପା। ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଯଦି ସେମାନେ ସଚ୍ଚୋଟ ତେବେ ଡରିବାର କିଛି କାରଣ ନାହିଁ। ଟଙ୍କାର ପାହାଡ ଉପରେ ବସିଥିବାରୁ ସେମାନଙ୍କୁ ଡର ଲାଗୁଛି। ଯଦି ଜଣେ ଭାଜପା ନେତା ଆୟକର ନ ଦିଅନ୍ତି ତେବେ ଆୟକର ବିଭାଗ କ'ଣ ତାଙ୍କୁ ଛାଡ଼ିଦେବ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଆଇଟି ରେଡ୍‌କୁ ନେଇ ବିଜେଡି–ଭାଜପା ମଧ୍ୟରେ ଆରୋପ–ପ୍ରତ୍ୟାରୋପ ଚାଲିଥିବାବେଳେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଆଇଟି ଚଢାଉ ବିଜେଡି ନେତା ଓ ତାଙ୍କ ସମ୍ପର୍କୀୟଙ୍କ ସମ୍ପତ୍ତି ଉପରେ କରାଯାଉଛି। ଯଦି ଏହା ଉଦ୍ଦେଶ୍ୟମୂଳକ ଭାବେ ହେଉଥିବ, ତେବେ ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ଆୟକର ଚଢ଼ାଉ କରୁଥିବା ବେଳେ ରାଜ୍ୟ ସରକାର ଜିଏସଟି ରେଡ୍ କରୁଛନ୍ତି। ଏହା ଭଲ ସଙ୍କେତ ନୁହେଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଦୁଇଦିନ ହେଲା ନୟାଗଡ଼ ଜିଲା ଭାପୁର ବ୍ଲକ ବିଜେଡି ନେତା ବେଣୁଧର ପ୍ରଧାନ, ବାଲେଶ୍ୱର ସୋର ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକଙ୍କ କ୍ରଶର ୟୁନିଟ୍, କଲ୍ୟାଣ ମଣ୍ଡପ, ହୋଟେଲ, ପେଟ୍ରୋଲ୍ ପମ୍ପରେ ଚଢ଼ାଉ କରାଯାଇଛି। ଗଞ୍ଜାମ ଜିଲାର ଜଣାଶୁଣା ବାଲି ବ୍ୟବସାୟୀ ତଥା କ୍ରଶର ମାଲିକ କୃପାସିନ୍ଧୁ ମୁଦୁଲିଙ୍କ ଘରେ ଅନୁରୂପ ଚଢ଼ାଉ ହୋଇଛି। ସେ ରାଜନୈତିକ ଦଳକୁ ଚାନ୍ଦା ଦେଇଥିବା ଅଭିଯୋଗ ହୋଇଛି। ଆଇଟିର ଏକ ଟିମ୍ ଦାରିଙ୍ଗବାଡ଼ିରେ ଥିବା ତ୍ରିଶକ୍ତି କନଷ୍ଟ୍ରକ୍ସନ୍, କଣ୍ଟ୍ରାକ୍ଟ ଫାର୍ମ, ସମ୍ବଲପୁରର କ୍ରଶର ମାଲିକ, ତାଙ୍କ ସହଯୋଗୀଙ୍କ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଢ଼ାଉ ଚଳାଇଛି। ଚଢ଼ାଉ ହେଉଥିବା ବିଭିନ୍ନ ବ୍ୟକ୍ତିଙ୍କ ବିଜେଡି ସହ ସମ୍ପର୍କ ରହିଥିବା ଅଭିଯୋଗ ହେଉଛି।

# ମୃତ ଶିଶୁକନ୍ୟାକୁ ୧୦ କି.ମି. ବୋହିଲେ ବାପା

ପାତ୍ରପୁର,୪।୪(ଡି.ଏନ୍.ଏ)

ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ନ ଯାଇପାରିବା ଫଳରେ ମୃତ ଦେଢ଼ବର୍ଷର ଝିଅକୁ ଡାକ୍ତରଖାନାରୁ ଦୀର୍ଘ ୧୦ କି.ମି. କାନ୍ଧରେ ବୋହି ନେଇଛନ୍ତି ବାପା। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ।

ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଏଲଗଲ ଗ୍ରାମର ଘନଶ୍ୟାମ କାର୍ଜି ତୁରୁବୁଡିଠାରେ କାମ କରୁଥିବା ବେଳେ ତାଙ୍କ ଦେଢ଼ବର୍ଷର ଝିଅ ଅନିକାକୁ ପ୍ରବଳ ଥଣ୍ଡା, କାଶ ହୋଇଥିଲା। ତାକୁ ସନ୍ଧ୍ୟାରେ ପାତ୍ରପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଅନିକାଙ୍କୁ ମୃତ ଘୋଷଣା କରିଥିଲେ। ଝିଅର ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ତାଡ଼କାସାହି ନେଇଥିଲେ। ସେଠାରୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁକୁ ଯାଇପାରି ନଥିଲା। ଫଳରେ ୧୦ କିଲୋମିଟର ଦୂର ଏଲଗଲ ଗ୍ରାମକୁ ମୃତ ଶିଶୁକନ୍ୟାଙ୍କୁ କାନ୍ଧରେ ବୋହି ନେଇଥିଲେ।



## ପ୍ରଥମ ପୃଷ୍ଠାରୁ...

### କୋର୍ଟରେ ଟ୍ରମ୍ପଙ୍କ...

ସ୍ଥାନୀୟ ସମୟ ଅପରାହ୍ନ ୨ଟା ୧୫ ମିନିଟ୍ (ଭାରତୀୟ ସମୟ ରାତି ୧୧ଟା ୪୫ରେ) କଡ଼ା ସୁରକ୍ଷା ବଳୟ ମଧ୍ୟରେ ନ୍ୟୁୟର୍କସ୍ଥିତ ମାନ୍‌ହାଟନ୍ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶୁଣାଣିବେଳେ ମାନ୍‌ହାଟନ୍ କୋର୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏପରି କି ଟିଭି କ୍ୟାମେରାଗୁଡ଼ିକୁ ମଧ୍ୟ ପ୍ରବେଶ ଅନୁମତି ମିଳି ନ ଥିଲା। ଅନେକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ବିଚାରର ସିଧା ପ୍ରସାରଣ ପାଇଁ ସୁପ୍ରିମକୋର୍ଟରେ ନିବେଦନ କରାଯାଇଥିଲା, ଯାହାକୁ ଜଜ୍ ଜୁଆନ୍ ମର୍ଚାନ୍ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କେବଳ ୫ ଜଣ ଫଟୋଗ୍ରାଫରଙ୍କୁ ଶୁଣାଣି ପୂର୍ବ ବେଳର ଫଟୋ ନେବାକୁ ଅନୁମତି ଦିଆଯାଇଥିଲା। ମାମଲାକୁ ନେଇ ସର୍କସ ଭଳି ପରିବେଶ ସୃଷ୍ଟି କରା ନ ଯାଉ ବୋଲି ଟ୍ରମ୍ପଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। ଟ୍ରମ୍ପ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ଜେଲ ଓ ଜରିମାନା ହୋଇପାରେ। ଆମେରିକା ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହେବାକୁ ଥିବା ବ୍ୟକ୍ତିଙ୍କ ରେକର୍ଡ ସ୍ୱଚ୍ଛ ହୋଇଥିବା ଜରୁରୀ ନୁହେଁ। ଆମେରିକାର ଆଇନ ଅନୁସାରେ ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କ ବିରୋଧରେ ମାମଲା ରୁଜୁ ହୋଇପାରିବ ନାହିଁ। ଟ୍ରମ୍ପ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତା ବାହାରେ ଥିବାରୁ ତାଙ୍କୁ ଏହି ଆଇନଗତ ସୁରକ୍ଷା ମିଳିବ ନାହିଁ। ଅନ୍ୟପକ୍ଷେ ପୂର୍ବରୁ ୨ ଥର ମହାଭିଯୋଗରୁ ବର୍ତ୍ତିଯାଇଥିବା ୭୬ ବର୍ଷୀୟ ଟ୍ରମ୍ପଙ୍କ ରାଜନୈତିକ ଯାତ୍ରାରେ ଏହି ମାମଲା ପ୍ରତିବନ୍ଧକ ସାଜିପାରେ। ଆପରାଧିକ ମାମଲା ସତ୍ତ୍ୱେ ଟ୍ରମ୍ପ ରାଷ୍ଟ୍ରପତି ଦୌଡ଼ରୁ ଓହରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି। ଓଲଟା ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଏହା ତାଙ୍କୁ ସହାୟକ ହେବ ବୋଲି ଟ୍ରମ୍ପ କହିଛନ୍ତି।

### ନଦୀରେ ବୁଡ଼ି...

ଗଭୀର ଜଳ ଭିତରକୁ ଚାଲି ଯାଇଥିଲେ। ପହଁରା ଶିଖି ନ ଥିବାରୁ ସେମାନେ ଅକାତ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ଦୁଇଜଣ ସ୍ଥାନୀୟ ଲୋକଙ୍କୁ ଖବର ଦେବା ପରେ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ନଦୀରୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ୩ଜଣ ଚରମ୍ପା ମହାବିଦ୍ୟାଳୟର ଯୁକ୍ତ ୨ପ୍ରଥମ ବର୍ଷ କଳା ଛାତ୍ର ଥିଲେ। ସେମାନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସର ଲୋକାରଣ୍ୟ ହେବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ଅପମୃତ୍ୟୁ ମାମଲା (ନଂ.୧୯/୨୩) ରୁଜୁ କରିଛି। ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଭ୍ୟ ମଳୟ ଜେନା, ଯୁବନେତା ପ୍ରିୟବ୍ରତ ନାୟକ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସହ ଆଲୋଚନା କରି ମୃତଦେହ ବ୍ୟବଚ୍ଛେଦର ସମସ୍ତ ବନ୍ଦୋବସ୍ତ କରାଇଥିଲେ। ଶବ ସତ୍କାର ପାଇଁ ରେଡ୍‌କ୍ରସ୍‌ରୁ ସହାୟତା ଯୋଗାଇଦେବା ବ୍ୟବସ୍ଥା କରିଥିଲେ। ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁରେ ଅନ୍ତିମ ସଂସ୍କାର କରାଯାଇଛି।

### ନାଟୋରେ ସାମିଲ...

ନିରପେକ୍ଷତା ଅବଲମ୍ବନ କରିଆସୁଥିଲା। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ ୟୁକ୍ରେନ୍ ଆକ୍ରମଣ କରିବାର କିଛି ମାସ ପରେ ଫିନ୍‌ଲାଣ୍ଡ ନେତାମାନେ ନାଟୋରେ ସାମିଲ ହେବା ଚାହାନ୍ତି ବୋଲି ସଙ୍କେତ ଦେଇଥିଲେ। ଫିନ୍‌ଲାଣ୍ଡ ନାଟୋରେ ଯୋଗଦେବା ରଣନୀତିକ ଏବଂ ରାଜନୈତିକ ଦୃଷ୍ଟିରୁ ପୁଟିନ୍‌ଙ୍କୁ ଶକ୍ତ ଧକ୍କା। କାରଣ ନାଟୋ ରୁଷିଆ ଆଡ଼କୁ ସମ୍ପ୍ରସାରିତ ହେଉଥିବା ପୁଟିନ୍ ଦୀର୍ଘଦିନ ହେଲା ଅଭିଯୋଗ କରିଆସୁଥିଲେ। ଫିନ୍‌ଲାଣ୍ଡର ସଦସ୍ୟତା ଫଳରେ କୌଣସି ସୁରକ୍ଷାଗତ ବିପଦ ସୃଷ୍ଟି ହେଲେ ତା'ର ଉପଯୁକ୍ତ ଜବାବ ଦେବାକୁ ବାଧ ହେବୁ ବୋଲି ରୁଷିଆ କହିଛି। ଯଦି ନାଟୋ ଏହାର ୩୧ତମ ସଦସ୍ୟ ରାଷ୍ଟ୍ରକୁ ଅତିରିକ୍ତ ସୈନ୍ୟବଳ ପଠାଏ କିମ୍ବା ଅସ୍ତ୍ରଶସ୍ତ୍ର ମୁତୟନ କରେ ତେବେ ଉକ୍ତ ଦେଶ ସୀମାରେ ସେନା ମହଜୁଦ ବଢ଼ାଇବ ବୋଲି ମସ୍କୋ ଚେତାବନୀ ଦେଇଛି। ତେବେ ମସ୍କୋ ପାଇଁ ଫିନ୍‌ଲାଣ୍ଡରୁ ବିପଦ ନାହିଁ ବୋଲି ସାମରିକ ମେଣ୍ଟ ପକ୍ଷରୁ କୁହାଯାଇଛି। ସେପଟେ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ନାଟୋ ସାମରିକ ମେଣ୍ଟରୁ ଦୂରେଇ ରହିଥିବା ପଡୋଶୀ ସ୍ୱିଡେନ୍ ମଧ୍ୟ ସଦସ୍ୟତା ପାଇଁ ଆବେଦନ କରିଛି। ତେବେ ତୁର୍କୀ ଓ ହଙ୍ଗେରୀର ବିରୋଧ ଯୋଗୁ ସଦସ୍ୟତା ପ୍ରକ୍ରିୟା ବିଳମ୍ବିତ ହୋଇଛି। ଗତବର୍ଷ ଫେବୃୟାରୀରେ ମସ୍କୋ ୟୁକ୍ରେନ୍ ଆକ୍ରମଣ କରିବା ପରେ ମେ' ମାସରେ ଫିନ୍‌ଲାଣ୍ଡ ସୁରକ୍ଷା ପାଇଁ ନାଟୋ ସଦସ୍ୟତା ନିମନ୍ତେ ଆବେଦନ କରିଥିଲା। ଏହି ଦେଶର ରୁଷିଆ ସହ ୧,୩୪୦ କିଲୋମିଟର ସୀମା ରହିଛି। ରୁଷିଆ ଆକ୍ରମଣକୁ ନାଟୋ ବିରୋଧ କରିବା ସହ ୟୁକ୍ରେନ୍‌କୁ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସାମରିକ ସହାୟତା ଯୋଗାଇ ଆସୁଛନ୍ତି। ଆମେରିକା ୩୧ଟି ଆବ୍ରାମ୍ସ ଟ୍ୟାଙ୍କ ପଠାଇଥିବାବେଳେ ବ୍ରିଟେନ୍ ୧୪ଟି ଚ୍ୟାଲେଞ୍ଜର–୨ ଟ୍ୟାଙ୍କ, ଜର୍ମାନୀ ୧୪ଟି ଲେଓପାର୍ଡ–୨ ଟ୍ୟାଙ୍କ୍ ଏବଂ ନରୱେ ୮ଟି ଲେଓପାର୍ଡ–୨ ଟ୍ୟାଙ୍କ୍ ପଠାଇଛି। ଏହାବ୍ୟତୀତ ଆମେରିକା ଷ୍ଟ୍ରାଇକର ଏବଂ ବ୍ରାଡଲି ଭଳି ସଶସ୍ତ୍ର ଲଢୁଆ ଯାନ ଯୋଗାଇଦେଇଛି। ରୁଷିଆର ଫ୍ରଣ୍ଟ୍ ଲାଇନ୍‌କୁ ଟାର୍ଗେଟ କରିବା ପାଇଁ ଆମେରିକା ଓ ବ୍ରିଟେନ୍ ଦୀର୍ଘ ଲକ୍ଷ୍ୟଭେଦୀ ମିଶାଇଲ ୟୁକ୍ରେନ୍‌କୁ ଦେଇଛନ୍ତି।

### ୬ ଜଣଙ୍କ ମଧ୍ୟରୁ...

(ପ୍ରଜନନ କ୍ଷମତା) କୌଣସି ପ୍ରକାର ତ୍ରୁଟି କିମ୍ବା ରୋଗ ସୃଷ୍ଟି ହେବା ଦ୍ୱାରା ବହୁବାର ସହବାସ ପରେ ମଧ୍ୟ ମହିଳା ଗର୍ଭଧାରଣ ନ କରିପାରିବାକୁ ବନ୍ଧ୍ୟାତ୍ୱ କୁହାଯାଏ ବୋଲି ଏକ ସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବ ଅଧ୍ୟୟନ ମୁତାବକ ବିଶ୍ୱରେ ୪୮ ନିୟୁତ ଦମ୍ପତି ଏବଂ ୧୮୬ ନିୟୁତ ଲୋକ ବନ୍ଧ୍ୟାତ୍ୱ ସମସ୍ୟା ଦେଇ ଗତି କରୁଥିବା ଜଣାପଡ଼ିଥିଲା। ବିଗତ ଦିନ ଅପେକ୍ଷା ବର୍ତ୍ତମାନ ସମୟରେ ବନ୍ଧ୍ୟାତ୍ୱ ଦୋଷ ବଢ଼ିଛି କିମ୍ବା ସ୍ଥିର ରହିଛି, ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରିବ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓର କଣ୍ଟ୍ରାସେପ୍‌ଶନ୍ ଏବଂ ଫର୍ଟିଲିଟି କେୟାର ମୁଖ୍ୟ ଡା. ଜେମ୍ସ କିଆରି କହିଛନ୍ତି। ବନ୍ଧ୍ୟାତ୍ୱ ପାଇଁ ଲୋକେ ଘରୋଇ ହିଂସା, ଅବସାଦ ଏବଂ ସାମାଜିକ ଅପବାଦର ଶିକାର ହେଉଥିବା ଦେଖିବାକୁ ମିଳିଛି। ବିଶ୍ୱର ୧୨.୬% ଲୋକଙ୍କଠାରେ ବନ୍ଧ୍ୟାତ୍ୱ ସମସ୍ୟା ଦେଖାଯାଇଛି। ରିପୋର୍ଟ ମୁତାବକ ଆଫ୍ରିକାରେ ସବୁଠାରୁ ଅଧିକ ୧୬.୪% ଏବଂ ଇଷ୍ଟର୍ନ ମେଡିଟେରାଇନ୍ ରେଜିଅନ୍ (ତୁର୍କୀ, ସିରିଆ, ପାଲେଷ୍ଟାଇନ୍)ରେ ସବୁଠାରୁ କମ୍ ୧୦% ରହିଥିବା ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଡା. ଟେଡ୍ରେସ୍ ଆଧାନୋମ ଘେବ୍ରେସସ୍ କହିଛନ୍ତି। କିଛି ଦେଶରୁ ବନ୍ଧ୍ୟାତ୍ୱ ସମ୍ପର୍କିତ ତଥ୍ୟ ହାସଲ କରାଯାଇ ନ ଥିଲେ ସୁଦ୍ଧା ଏହା ବିଶ୍ୱବାସୀଙ୍କ ପାଇଁ ଏକ ବିରାଟ ସମସ୍ୟା ବୋଲି କୁହାଯାଇପାରିବ।

### ନାଁ ବଦଳାଇ...

ନାମ ଦିଆଯାଇଛି। ୨ଟି ଭୂଭାଗ, ୨ ଆବାସିକ ଅଞ୍ଚଳ, ୫ ପର୍ବତ ଓ ୨ଟି ନଦୀର ନାମ ବଦଳାଯିବା ସହ ସେଗୁଡ଼ିକ ଚାଇନାର କେଉଁ ପ୍ରଶାସନିକ ଜିଲା ଅଧୀନରେ ଆସୁଛି ତାହା ମଧ୍ୟ ଉକ୍ତ ତାଲିକାରେ ଉଲ୍ଲେଖ କରାଯାଇଛି। ଏହା ପୂର୍ବରୁ ୨୦୧୭ ଓ ୨୦୨୧ରେ ମଧ୍ୟ ଚାଇନା ଅରୁଣାଚଳସ୍ଥିତ କେତେକ ସ୍ଥାନର ନାମ ବଦଳାଇଥିଲା।

**ଚାଇନାର ଯୁକ୍ତି**

ତିବ୍ବତ ଓ ବ୍ରିଟିଶ୍ ଇଣ୍ଡିଆ ମଧ୍ୟରେ ଥିବା ଅନ୍ତର୍ଜାତୀୟ ସୀମାରେଖା ମାକ୍‌ମହୋନ୍ ଲାଇନ୍‌କୁ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଗ୍ରହଣ କରି ନ ଥାଏ। ୧୯୧୪ରେ ଅନୁଷ୍ଠିତ ଶିମ୍‌ଲା କନ୍‌ଭେନ୍‌ସନ୍‌ରେ ଗ୍ରେଟ୍ ବ୍ରିଟେନ୍, ଚାଇନା ଓ ତିବ୍ବତ ମଧ୍ୟରେ ସହମତି ପ୍ରକାଶ ପାଇଥିବା ମାକ୍‌ମହୋନ୍ ଲାଇନ୍‌କୁ ଏନେଇ ଏବେ ମଧ୍ୟ ବିବାଦ ଲାଗିରହିଛି। କୌଣସି ଅନ୍ତର୍ଜାତୀୟ ରାଜିନାମାରେ ସ୍ୱାକ୍ଷର କରିବା ପାଇଁ ତିବ୍ବତ ଏକ ସ୍ୱାଧୀନ କର୍ତ୍ତୃପକ୍ଷ ନୁହେଁ ବୋଲି ୧୯୪୯ରେ କ୍ଷମତାକୁ ଆସିଥିବା ବର୍ତ୍ତମାନର କମ୍ୟୁନିଷ୍ଟ ପାର୍ଟି ଯୁକ୍ତି ବାଢ଼ିଥାଏ। ଶିମ୍‌ଲାରେ ବ୍ରିଟିଶ୍ ମଧ୍ୟସ୍ଥ ହେନ୍‌ରି ମାକ୍‌ମହୋନ୍‌ଙ୍କ ନାମାନୁସାରେ ଏହି ସୀମାରେଖାର ନାମକରଣ କରାଯାଇଛି। ଭୁଟାନ ସୀମାର ପୂର୍ବରୁ ଇସୁ ରାଜି ପାସ୍ (ଚାଇନା–ମ୍ୟାନ୍‌ମାର ସୀମା) ପର୍ଯ୍ୟନ୍ତ ଲମ୍ବିଥିବା ଏହି ଲାଇନ୍‌କୁ ବେଜିଂ ନିଜ ଭୂଖଣ୍ଡ ବୋଲି ଦାବି କରିଥାଏ। ୨୦୧୭ରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ତତ୍କାଳୀନ ମୁଖପାତ୍ର ଲୁ କାଙ୍ଗ୍ କହିଥିଲେ, ଷ୍ଟେଟ୍ କାଉନ୍‌ସିଲ ଦ୍ୱାରା ପ୍ରତିଷ୍ଠିତ ନିୟମାନୁସାରେ ବେଜିଂ ଏହି ଅଞ୍ଚଳର ନାମକରଣ କରିପାରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଶୁଭଚନ୍ଦ୍ର ପ୍ରଭାବରୁ ଆପଣଙ୍କର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ସହକର୍ମୀଙ୍କ ଆନୁଗତ୍ୟ ଫଳରେ କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁମାନଙ୍କ ନିକଟରୁ ଅପେକ୍ଷା କରିଥିବା ଶୁଭଖବର ପାଇ ଉଲ୍ଲସିତ ହେବେ।

**ବୃଷ** – ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ସାଧାରଣ କଥାରେ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ଏବଂ ପରିବହନ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବାକୁ ପଡ଼ିବ। ଆବଶ୍ୟକୀୟ ଅର୍ଥପ୍ରାପ୍ତି ସକାଶେ ଅନ୍ୟମାନଙ୍କୁ ନେହୁରା ହେବାକୁ ପଡ଼ିପାରେ।

**ମିଥୁନ** – ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ଧାରଣା ପୋଷଣ କରିପାରେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହାୟତାରେ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** – ସ୍ଥଗିତକର୍ମ ସମ୍ପାଦନ ଓ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରି କଳ୍ପନାରାଇଜରେ ଘୁରି ବୁଲିପାରନ୍ତି। କଠୋର ବାକ୍ୟାଳାପ କାରଣରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କୁ ଆପ୍ୟାୟିତ କରିବା ସକାଶେ ବିଭିନ୍ନ ପ୍ରକାରର ମନଗଢ଼ା କଥା କହିପାରନ୍ତି।

**ସିଂହ** – ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ଆଲୋଚନା କାଳରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୁଶ୍ଚିନ୍ତାର କାରଣ ହୋଇପାରେ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** – କାର୍ଯ୍ୟ କ୍ଷେତ୍ରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ବହୁତ ସମୟ ଧରି ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରେ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ। ଆବଶ୍ୟକତା ଉପଲବ୍ଧି କରି ଗୃହୋପକରଣ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** – ସମସ୍ୟା ମଧ୍ୟରେ ବୁଡ଼ି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବ। ତଥାପି ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି ବହୁତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିପାରିବେ। ଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବାର ସୂଚନା ପାଇବେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** – ଏକ ଭିନ୍ନ ପରିସ୍ଥିତିରେ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବାର ସୂଚନା ରହିଛି। ବନ୍ଧୁଙ୍କ ପାରିବାରିକ ବିଷୟ ଚିନ୍ତାକରି ମନର ଭାବ ପ୍ରବଣତାରେ ଭରିଯାଇପାରେ। କ୍ରନିକ୍ ରୋଗପୀଡ଼ାଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅପ୍ରିୟ ସତ୍ୟ ଭାଷଣ ବନ୍ଧୁମାନଙ୍କ ମେଳରେ ସମସ୍ୟା ସୃଷ୍ଟିର କାରଣ ପାଲଟିଯିବ।

**ଧନୁ** – ଆଜି ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବା ସଙ୍ଗକୁ ବାଇଦା ପଡ଼ିପାରେ।

**ମକର** – ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସଂଭାବନା ରହିଛି। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ଆପଣଙ୍କର ସରଳତାର ସୁଯୋଗ ନେଇ ପଡ଼ୋଶୀମାନେ କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ। ସକାଳୁ ସକାଳୁ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କୁମ୍ଭ** – କର୍ମକ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ମାନସିକ ଅସ୍ଥିରତାଜନିତ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯିବ। ନିକଟ ସଂପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତବୋଧ କରିବେ।

**ମୀନ** – କୌଣସି ଏକ ସାଧାରଣ କଥାର ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବନାହିଁ। ପୁରୁଣା କାମଗୁଡ଼ିକର ସମୀକ୍ଷା କରିବେ କିନ୍ତୁ ବିବାଦୀୟ ପରିସ୍ଥିତି ସୃଷ୍ଟିର ସମ୍ଭାବନା ରହିଛି। ଅସୁସ୍ଥତାରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଚୈତ୍ରମାସର ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣମୀ ବୁଧବାର, ଶ୍ରୀମନ୍ଦିରରେ ଲଙ୍କାପୋଡ଼ି, ଅଦ୍ୟ ପୂର୍ଣ୍ଣମାବିହିତ ଚନ୍ଦ୍ରୋପବାସ, ଏପ୍ରିଲ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଜଗଜୀବନରାମଙ୍କ ଜୟନ୍ତୀ, ଦିବା ଘ. ୧୧.୨୧ମି. ଗତେ ରାଶି ନକ୍ଷତ୍ର–ହସ୍ତା/କନ୍ୟା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୧ମି. ଗତେ ଘ.୦୭.୧୯ମି. ମଧ୍ୟେ, ଘ.୧୦.୧୭ମି. ଗତେ ଘ.୧୧.୨୫ମି. ମଧ୍ୟେ ଶୁଦ୍ଧଶୁଭବେଳା।ଦିବାଘ.୧୧.୪୯ମି.ଗତେଘ.୦୧.୨୧ମି.ମଧ୍ୟେରାହୁକାଳ।



ଜାପାନ ଟୋକିଓଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପହଞ୍ଚିବା ପରେ ତାଙ୍କୁ ଜାପାନଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସିବି ଜର୍ଜ ସ୍ୱାଗତ କରି ନେଉଛନ୍ତି।



ଜାପାନ ଗସ୍ତରେ ଯାଇଥିବା ଓଡ଼ିଶାର ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜାପାନ ପ୍ରତିପକ୍ଷଙ୍କୁ ଭେଟୁଛନ୍ତି।

# ସ୍ୱାମୀ ଅସୀମାନନ୍ଦ ସରସ୍ୱତୀଙ୍କ ପରଲୋକ

**କଟକ ଅଫିସ,୪।୪**



ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ(୮୮)ଙ୍କର କଟକ ଚହଟାସ୍ଥିତ ରାମନିଗମାନନ୍ଦ ଶାନ୍ତି ଆଶ୍ରମଠାରେ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ଏହି ଖବର ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସାଧୁସନ୍ଥ, ଶିଷ୍ୟ ଓ ଶ୍ରଦ୍ଧାଳୁ ଚହଟାସ୍ଥିତ ଆଶ୍ରମରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂ, ଚିନ୍ମୟ ମିଶନର ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ, ସ୍ୱାମୀ ଭାଗବତାନନ୍ଦ, ସ୍ୱାମୀ ତନିସ୍କାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟ ଚୈତନ୍ୟ, ସ୍ୱାମୀ ବ୍ରହ୍ମାନନ୍ଦ ପ୍ରମୁଖ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଅପରାହ୍ନରେ ବିଡ଼ାନାସୀସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ଠାକୁର ନିଗମାନନ୍ଦ ସରସ୍ୱତୀଙ୍କର ସେ ଜଣେ ପରମ ଭକ୍ତ ଥିଲେ। ସେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିଲେ। ଆଧ୍ୟାତ୍ମିକ ପତ୍ରିକା 'ଅସୀମାଲୋକ'ର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ। ଶ୍ରୀମଦ୍ ଭଗବତ୍ ଗୀତା, ଭାଗବତ ଓ ରାମଚରିତ ମାନସ ଆଦି ଗ୍ରନ୍ଥ ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ଧର୍ମସଭାରେ ସେ ପ୍ରବଚନ ଦେଇ ବେଶ୍ ଲୋକପ୍ରିୟ ହୋଇଥିଲେ। ତାଙ୍କ ରଚିତ ଅନେକ ଆଧ୍ୟାତ୍ମିକ ପୁସ୍ତକ ପାଠକଙ୍କ ଦ୍ୱାରା ବେଶ୍ ଗ୍ରହଣୀୟ ହୋଇପାରିଛି।

# ଚର୍ମବିଣ୍ଡି ରୋଗ ନେଇ ଲାଗିବ କଟକଣା

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

**■ ଗୋମହିଷାଦିଙ୍କ କିଣାବିକା ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି: ମନ୍ତ୍ରୀ**

ରାଜ୍ୟର କିଛି ଅଞ୍ଚଳରେ ଗୋମହିଷାଦିଙ୍କ ମଧ୍ୟରେ ଗତବର୍ଷ ସେପ୍ଟେମ୍ବରରୁ ଚର୍ମବିଣ୍ଡି ରୋଗ ଦେଖାଦେଇଛି। ବର୍ତ୍ତମାନ ସ୍ଥିତିରେ ଗୋମହିଷାଦିଙ୍କ କିଣାବିକା ଏବଂ ରାଜ୍ୟ ଭିତରେ ବାହାରେ ହେଉଥିବା ପରିବହନ ଉପରେ ଲଗାଯାଇଥିବା କଟକଣା ଉଠାଇବା ସମ୍ପର୍କରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

କୃଷିଭବନଠାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଭିଡିଓ କନ୍‌ଫରେନ୍ସରେ ସମସ୍ତ ଜିଲାର ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କଠାରୁ ଜିଲାର ଚର୍ମବିଣ୍ଡି ରୋଗର ସଦ୍ୟତମ ସ୍ଥିତି ସମ୍ପର୍କରେ ବୁଝିଥିଲେ। କଟକଣା ଉଠାଇବା ଓ ଗୋମହିଷାଦି ହାଟର ଆୟୋଜନ ସମ୍ପର୍କରେ ମତାମତ ଲୋଡ଼ିଛନ୍ତି। ବୈଠକରେ ସୀମାନ୍ତବର୍ତ୍ତୀ ଜିଲାର ସିଡିଭିଓମାନଙ୍କୁ ପଡ଼ୋଶୀ ଜିଲାରେ ଚର୍ମବିଣ୍ଡି ରୋଗର ସ୍ଥିତି ସମ୍ପର୍କରେ ମଧ୍ୟ ବୁଝିଛନ୍ତି। ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀ ସେମାନଙ୍କ ମତାମତ ପ୍ରଦାନ କରିଛନ୍ତି। ସିଡିଭିଓ ଏବଂ ବରିଷ୍ଠ ଅଧିକାରୀଙ୍କ ମତାମତକୁ ତର୍ଜମାକରି ଖୁବ୍‌ଶୀଘ୍ର ଏ ଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ଫାଟକ ନ ପକାଇ ଶୋଇପଡ଼ିଲେ ଜଗୁଆଳି, ଅଟକିଲା ଟ୍ରେନ୍

**ବୈଶିଙ୍ଗା, ୪।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେଶନ ନିକଟରେ ମଙ୍ଗଳବାର ରେଳ ଫାଟକ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଙ୍ଗିରିପୋଷି-ରୂପ୍‌ସା ମେମୁ ଟ୍ରେନ୍ ପୂର୍ବାହ୍ନ ୯ଟା ସମୟରେ ଯୁଗପୁରା ଷ୍ଟେଶନରେ ପହଞ୍ଚିଥିଲା। ମାତ୍ର ଟ୍ରେନ୍ ଛାଡ଼ିବା ସମୟ ହେଲାବେଳକୁ ଷ୍ଟେଶନ ଅନତିଦୂରରେ ଥିବା ଫାଟକ ଆଉ ପଡ଼ି ନ ଥିଲା। ଟ୍ରେନ୍ ଆସିବା ପରେ ବି ଫାଟକ ନ ପଡ଼ିବା ଦେଖି ଉକ୍ତ ରାସ୍ତାରେ ଯାଉଥିବା ଶତାଧିକ ଲୋକ ଭୟଭୀତ ହୋଇ ପଡ଼ିଥିଲେ ଓ ଫାଟକ ଦୁଇ ପାର୍ଶ୍ୱରେ ଅଟକି ଯାଇଥିଲେ। ସେଥି ମଧ୍ୟରୁ କେତେଜଣ ଅମାନିଆ ମଧ୍ୟ ରେଳଲାଇନ ପାର ହେଉଥିବା ଦେଖିବାକୁ ମିଳିଥିଲା। ହଠାତ୍ ଫାଟକ ନ ପଡ଼ିବା ଦେଖି ଟ୍ରେନ୍ ଡ୍ରାଇଭର ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣ କରି ଫାଟକ ପୂର୍ବରୁ ଟ୍ରେନ୍‌କୁ ଛିଡ଼ା କରିଦେଇଥିଲେ। ଟ୍ରେନ୍‌ରୁ ଓହ୍ଲାଇ ଆସି ଫାଟକ ଦାୟିତ୍ୱରେ ଥିବା ଜଗୁଆଳି ଶୋଇ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ବାଧ୍ୟହୋଇ ଡ୍ରାଇଭର ନିଜେ ସିଗ୍‌ନାଲ ଦେଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଗେଟ୍ ପକାଇଥିଲେ। ପରେ ମେମୁ ଟ୍ରେନ୍ ସ୍ୱାଭାବିକ ଭାବେ ଯୁଗପୁରା ଫାଟକ ପାର ହୋଇ ଆଗକୁ ବଢ଼ିଥିଲା।

ଉଲ୍ଲେଖଯୋଗ୍ୟ, କି ଉକ୍ତ ଫାଟକ ଦାୟିତ୍ୱରେ ଥିବା ଦୁଇ ସ୍ଥାୟୀ କର୍ମଚାରୀ ମଙ୍ଗଳବାର ଛୁଟିରେ ଥିବାବେଳେ ତାଙ୍କ ଅନ୍ୟଜଣେ ଦାୟିତ୍ୱରେ ଥିଲେ। ତେବେ ରେଳ ଫାଟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଗୁଆଳିଙ୍କ ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି କର୍ମଚାରୀଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ତହସିଲଦାରଙ୍କୁ ଦୁର୍ବ୍ୟବହାର: ଜେଲ ଗଲେ ଭାଜପା ନେତା

**ଗିରଫ କରି ଭୟଭୀତ କରିବାକୁ ଷଡ଼ଯନ୍ତ୍ର: ଭାଜପା**

**ସମ୍ବଲପୁର,୪।୪(ବ୍ୟୁରୋ)**



ଭାଜପା ନେତା ମୋହନ ଦାସ

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଅଞ୍ଚଳରେ ସମଲେଇ ଯୋଜନାରେ ଉଚ୍ଛେଦ ସମୟରେ ସଦର ତହସିଲଦାର ଲକ୍ଷ୍ମଣ ଅମାତଙ୍କୁ ଦୁର୍ବ୍ୟବହାର ମାମଲାରେ ପୋଲିସ ଭାଜପା ନେତା ମୋହନ ଦାସଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସକାଳୁ ରାମଜୀ ମନ୍ଦିର ନିକଟ ଭଡାଘରୁ ପୋଲିସ ମୋହନଙ୍କୁ ଉଠାଇ ନେଇଥିଲା। ଅତିରିକ୍ତ ଜିଲା ଜଜ୍ ଜାମିନ ଆବେଦନ ଖାରଜ କରିବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରାୟ ଏକବର୍ଷ ପରେ ପୋଲିସ ଗିରଫ କରିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ଘଟଣାରେ ବିଜେଡି ରାଜନୀତି କରୁଥିବା ଭାଜପା ଅଭିଯୋଗ କରିଛି।

ଭାଜପା ଜିଲା ସଭାପତି ଗିରିଶ ପଟେଲ କହିଛନ୍ତି, ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ବାରମ୍ବାର ବିଧାନସଭା ଓ ବାହାରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛନ୍ତି। ତାଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ଗିରଫ କରି ଭୟଭୀତ କରିବାକୁ ଷଡଯନ୍ତ୍ର କରାଯାଉଛି। ପୋଲିସ ଓ ଆଇନ ବ୍ୟବସ୍ଥାକୁ ସ୍ୱାଗତ କରାଯାଉଛି। ହେଲେ କେବଳ ଭାଜପା କର୍ମକର୍ତ୍ତା ଓ ନେତାଙ୍କ ଉପରେ ନିୟମ ଲାଗୁ କରାଯାଉଛି। ଉଚ୍ଛେଦ ଦିନ ସ୍ଥାନୀୟ ବିଧାୟକ ଭାବେ ଜୟନାରାୟଣ ସେଠାକୁ ଯାଇଥିଲେ। ବଳପୂର୍ବକ ପୋଲିସ ଲଗାଇ ପୁରା ବସ୍ତିକୁ ଭାଙ୍ଗି ଦିଆଯାଉଥିଲା। ଏହାକୁ ବିଧାୟକ ବିରୋଧ କରିବା ସ୍ୱାଭାବିକ। ମିଛରେ ମାମଲା ରୁଜୁ କରି ଦିଆଯାଇଥିଲା। ଏବେ ବିନା ସୂଚନାରେ ପୋଲିସ ଗିରଫ କରିଛି। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୨୨ ଫେବୃୟାରୀ ୧୫ରେ ସମଲେଇ ଯୋଜନା ପାଇଁ ଘୁନଘୁଟିପଡାରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ସେ ସମୟରେ ସ୍ଥାନୀୟ ବିଧାୟକ ଭାବେ ମିଶ୍ର ଲୋକଙ୍କ ପାଖକୁ ଯାଇଥିଲେ। ସେଠାରେ ଦଳିତ ଆଦିବାସୀ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ନ ଥିବା ନେଇ ସେ ତହସିଲଦାର ଅମାତଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରି କି ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ତହସିଲଦାର ଅମାତ ଅଭିଯୋଗ କରିଥିଲେ। ପରେ ଓଏଏସ୍ ସଂଘ ପ୍ରତିକ୍ରିୟାଶୀଳ ହୋଇ ଉତ୍ତରାଞ୍ଚଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲା। ତହସିଲଦାର ଅମାତଙ୍କ ଅଭିଯୋଗ କ୍ରମେ କ୍ଷେତରାଜପୁର ଥାନାରେ ମାମଲା ରୁଜୁ ହୋଇଥିଲା। ବିଧାୟକ ମିଶ୍ରଙ୍କ ସହିତ ସମର୍ଥକ ମୋହନ ଦାସ ଓ ଅନ୍ୟ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

# ରଣାଗୁଣ୍ଡି ପଞ୍ଚାୟତରେ ପୁଣି ୫ ଅପପୁଷ୍ଟି ଶିଶୁ ଚିହ୍ନଟ

**କଳିଙ୍ଗନଗର,୪।୪(ଡି.ଏନ.ଏ.)**

**ପୁଷ୍ଟି ସାଧନ କେନ୍ଦ୍ରକୁ ପଠାଗଲା**

ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଅପପୁଷ୍ଟି ଶିଶୁଙ୍କ ସଂଖ୍ୟା ବଢ଼ି ଚାଲିଛି। ମଙ୍ଗଳବାର ଦାନଗଦି ବ୍ଲକ୍ ଅଧୀନ ରଣାଗୁଣ୍ଡି ପଞ୍ଚାୟତରୁ ପୁଣି ୫ ଅପପୁଷ୍ଟି ଶିଶୁଙ୍କୁ ଚିହ୍ନଟ କରାଯାଇଛି। ବ୍ଲକ୍ ଅଧୀନ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଅପପୁଷ୍ଟି ଶିଶୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମାଜ କଲ୍ୟାଣ ଅଧିକାରୀ ମଞ୍ଜୁଲତା ନାୟକ, ଦାନଗଦି ସିଡିପିଓ ଦେବକୀ ପାତ୍ର, ମହିଳା ପରିଦର୍ଶିକା ଦର୍ଶନୀ ମାଝି ଓ ମଧୁସ୍ମିତା ଜେନାଙ୍କ ସମେତ ପରିସଂଖ୍ୟାନ ସହାୟକ, ପୋଷଣ ଅଭିଯାନ କର୍ମକର୍ତ୍ତା, ଏଏନ୍‌ଏମ ଓ ୩୦ ଜଣ ଅଙ୍ଗନୱାଡି କର୍ମୀ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

ଶିବିରରେ ମୋଟ ୪୬୯ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା। ସେଥିରେ ୫ଜଣ ଅପପୁଷ୍ଟି ପୀଡ଼ିତ ଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଯାଜପୁର ରୋଡ୍‌ସ୍ଥିତ ପୁଷ୍ଟି ସାଧନକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୨ ଶିଶୁଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। କାର୍ଯ୍ୟକ୍ରମରେ ଆଶା ଓ ବିଏଲ୍‌ସିଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କିଛିଦିନ ତଳେ ରଣାଗୁଣ୍ଡି ପଞ୍ଚାୟତ ଘାଟିସାହିର ଏକ ଆଦିବାସୀ ପରିବାରରୁ ୨ ଶିଶୁ କନ୍ୟା ଅପପୁଷ୍ଟି ରୋଗରେ ପୀଡ଼ିତ ହୋଇଥିବା ଜଣାପଡ଼ିଥିଲା।

# ସାଙ୍ଗ ଯୌନାଙ୍ଗ କାଟିବା ଘଟଣାରେ ଯୁବକ ଗିରଫ

**ଅଭିଯୁକ୍ତଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ**

**ଆଳି,୪।୪(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ପେଣ୍ଠ ବେଳାଭୂମିକୁ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ୨ ସାଙ୍ଗ ରବିବାର ବୁଲିବାକୁ ଯାଇଥିଲେ। ବଚସାରୁ ଜଣେ ଅନ୍ୟ ସାଙ୍ଗଙ୍କ ଯୌନାଙ୍ଗକୁ ଧାରୁଆ ଅସ୍ତ୍ରରେ କାଟିଦେବା ଘଟଣା ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣା ପରେ ଆହତ ଯୁବକ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଫେରାର ହୋଇ ଯାଇଥିବା ଆକ୍ରମଣକାରୀ ସାଙ୍ଗ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ମଙ୍ଗଳବାର ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଛି। ଆଳି ବ୍ଲକ ବାଙ୍କେଶ୍ୱର ଗ୍ରାମର ଅକ୍ଷୟ ରାଉତ ଓ ପଟ୍ଟାମୁଣ୍ଡାଇ ବାଲିପାଟଣାର ଭାଗବତ ଦାଶ(୩୩) ପେଣ୍ଠ ବେଳାଭୂମିରେ ବୁଲାବୁଲି କରିବା ସହିତ ସମୁଦ୍ରରେ ଗାଧୋଉ ଥିଲେ। ଏହି ସମୟରେ ବଚସାରୁ ଉତ୍‌କ୍ଷିପ୍ତ ହୋଇ ଅକ୍ଷୟ ଏକ ଧାରୁଆ ଅସ୍ତ୍ରରେ ଭାଗବତଙ୍କ ଯୌନାଙ୍ଗକୁ କାଟି ଦେଇଥିଲେ। ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଆହତ ଭାଗବତଙ୍କୁ ତାଙ୍କ ମାମୁ ସଞ୍ଜୟ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା କରାଇବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ରାଜନଗର ଥାନାରେ ନଂ. ୨୯୯/୨୩ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଅକ୍ଷୟ ମଙ୍ଗଳବାର ସକାଳେ ଘରେ ପହଞ୍ଚି ବିଷ ପିଇ ଦେଇଥିବା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଳି, ରାଜନଗର ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ପହଞ୍ଚି ଅକ୍ଷୟଙ୍କୁ ଆହତ ଅବସ୍ଥାରେ ନେଇ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟରେ ଚିକିତ୍ସିତ କରାଉଛନ୍ତି। ଅକ୍ଷୟ ସୁସ୍ଥ ହେବା ପରେ ତାଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକଙ୍କ ଦାବି ପୂରଣ ନେଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ଭୁବନେଶ୍ୱର,୪।୪(ବ୍ୟୁରୋ)**

**ବିଜ୍ଞପ୍ତି ଅପେକ୍ଷାରେ ଆନ୍ଦୋଳନ ଜାରି**

ରାଜ୍ୟର ସରକାରୀ ହାଇସ୍କୁଲରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଦୀର୍ଘଦିନ ଧରି ସ୍ଥାୟୀ ନିଯୁକ୍ତି ଦାବି କରିଆସୁଛନ୍ତି। ବାରମ୍ବାର ଧାରଣା, ବିକ୍ଷୋଭ ଓ ଆଲୋଚନା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ଗତ ୧ ତାରିଖରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଓ ୩ ତାରିଖରେ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲା। ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ଛଅଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ସେହିପରି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଉଭୟ ସଂଘର ଦାବି ଅନୁସାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ସ୍ଥାୟୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଁ ପ୍ରତିଶ୍ରୁତି ପାଇବା ପରେ ଲୋୟର ପିଏମ୍‌ଜି ଧାରଣାସ୍ଥଳରୁ ଆନ୍ଦୋଳନରତ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଘରକୁ ଫେରିଛନ୍ତି। ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିବା ଉଭୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରୁ ଓହରିବେ ବୋଲି କହିଛନ୍ତି।

# ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣା

**ଭୁବନେଶ୍ୱର,୪।୪(ବ୍ୟୁରୋ)**

**ପେନ୍‌ସନ ପ୍ରଦାନ, ଡିଇଏଲ୍‌ଇଡି ଶିକ୍ଷକଙ୍କୁ ଗୁରୁତ୍ୱ ସହ ୪ ଦଫା ଦାବି**

୪ ଦଫା ଦାବି ନେଇ ରାଜ୍ୟର ବିଭିନ୍ନ ବେସରକାରୀ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପେନ୍‌ସନ୍ ପ୍ରଦାନ ସହ ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ (ଡି.ଇଏଲ୍.ଇଡି.) ଯୋଗ୍ୟତା ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବା, ସରକାରୀ ଏନ୍‌ସି କ୍ଲିୟର ଶିକ୍ଷକଙ୍କୁ ୨୦୧୯ ମେ' ୨୨ରୁ ନିୟମିତ କରିବା ଏବଂ କ୍ୟାଥୋଲିକ୍ ମିଶନ୍ ମାଇନୋରିଟି ବୋର୍ଡର ଶିକ୍ଷକଙ୍କୁ ନିୟମିତ କରିବା ଦାବି କରାଯାଇଛି। ଏନ୍‌ଆଇଓଏସ୍ ଡିଇଏଲ୍‌ଇଡି ଶିକ୍ଷକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ. ଦେବାଶିଷ ହୋତାଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିଲେ। ପୂର୍ବରୁ ଏନେଇ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରିଥିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘର ରାଜ୍ୟ ସଭାନେତ୍ରୀ ଜ୍ୟୋତି ମଞ୍ଜରୀ ସେଠ୍ କହିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଗୁରୁକୁଳ ଭଳି ଘରୋଇ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ଶିକ୍ଷକ ୨ରୁ ୩ ହଜାର ଟଙ୍କା ବେତନରେ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରନ୍ତି। ଗୁଜରାଣ ମେଣ୍ଟାଇବା ପାଇଁ ଟ୍ୟୁଶନ କରିଥା'ନ୍ତି। ତେବେ ବାର୍ଦ୍ଧକ୍ୟକାଳରେ ସେମାନେ କାର୍ଯ୍ୟ କରିପାରନ୍ତି ନାହିଁ କି କୌଣସି ପୁଞ୍ଜି ସଞ୍ଚୟ କରିପାରି ନ ଥା'ନ୍ତି। ତେଣୁ ସେମାନଙ୍କ ପାଇଁ ପେନ୍‌ସନ ଲାଗୁ କରିବା ନିହାତି ଆବଶ୍ୟକ ବୋଲି ସଂଘର ରାଷ୍ଟ୍ରୀୟ କୋଷାଧ୍ୟକ୍ଷା କଳ୍ପନା ଧରୁଆ କହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପେନ୍‌ସନ ପ୍ରଦାନ ସହ ୪ ଦଫା ଦାବି ନେଇ ଏନ୍‌ଆଇଓଏସ୍ ଡିଇଏଲ୍‌ଇଡି ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
କଟକ ତ୍ରିଶୂଳିଆଠାରେ Fabrication Workshopରେ RDSO Railway & ROB Bridgeର Steel Girder & Bowstring Girder କାର୍ଯ୍ୟ କରିଥିବା Experience Engineer, Supervisor, Store Keeper, Manager, Sub-Contractor & Other Staff ଆବଶ୍ୟକ।
Ph:9937199625
Mail:ssesteelgirder@gmail.com

**ଆବଶ୍ୟକ**
କଟକ,ଭୁବନେଶ୍ୱରରେ (Well & Pile) ବ୍ରିଜ କାର୍ଯ୍ୟ ପାଇଁ Experience Engineer, Supervisor, Accountant, Site Incharge & Cooker ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Driver, Computer Operator, Office Manager, Mechinary Manager, Corresponding & Legal Matter କାର୍ଯ୍ୟ ଜାଣିଥିବା Staff ଆବଶ୍ୟକ।
Ph:9937199625, 9439328655
Mail:bijanparida@gmail.com

**REQUIRED**
GRAPHIC DESIGNER
EUREKA PRINTERS (PRESS)
Mob.: 9437131008
9337121148

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-V)/718 Dated, the 28th March, 2023
Advertisement
Applications are invited from Indian Nationals for engagement of 01 (one) Sr. Manager **(Business Development & Trade Promotion)** on contractual basis in Paradip Port Authority.
For further details, visit our website https://www.paradip-port.gov.in/Carrer.aspx .
PPA/PR/238/2022-23
Dt. 29/03/2023
Sd/- Dy. Secretary,
Paradip Port Authority

**URGENTLY REQUIRED**
FEMALE NURSING STAFF to work in a Private Clinic near Khordha DHH. Salary depending on experience. Fresher and students may also apply.
Apply through Whatsapp on
9692810773

See Career Appointment on every Wednesday & Saturday

**WALK IN INTERVIEW**
For Bhubaneswar, SALES EXECUTIVE (Male).
Date: 3.4.2023 and 6.4.2023
Time: 11 A.M.
Venue: Hindustan Jewellers, Bomikhal, Bhubaneswar
Contact No. 9437395347
email: ashokmallick100@gmail.com

Azadi Ka Amrit Mahotsav | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESERCH**
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment, Government of India)
OLATPUR, PO - BAIROI, DIST - CUTTACK (ODISHA) - 754010
Ref. No.: AD 6B 02/03/2023 Date: 03.04.2023
**RECRUITMENT NOTICE**
Applications are invited from the eligible candidates for the following posts for Composite Regional Centre (CRC) for Skill Development, Rehabilitation & Empowerment of Persons with Disabilities (Divyangjan) (CRCSRE), Guwahati, Assam under the administrative control of SVNIRTAR, Cuttack as per details given below:-

| Sl. No. | Name of the Post | No. of vacancies | Category | Basic Pay (Pay Matrix Level) | Age |
|---|---|---|---|---|---|
| 1. | Assistant Professor (PMR) | 1 | UR | Pay Matrix Level-11 (Rs.67,700/- to 2,08,700/-) | 45 Years |
| 2. | Vocational Instructor | 1 | SC | Pay Matrix Level-6 (Rs.35,400/- to 1,12,400/-) | 35 Years |

The aspiring applicants fulfilling the eligibility criteria in all respect may submit their completed applications as per prescribed proforma which can be downloaded from the SVNIRTAR, Cuttack official Website i.e. **http://www.svnirtar.nic.in.** The last date of receipt of completed applications is within 30 days from the date of publication of the advertisement in the Employment News. For all other details, terms and conditions, please log on to websitewww.svnirtar.nic.in.
Sd/- Director (Offg.)

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ



# ବୁଲା କୁକୁର

ଭୁବନେଶ୍ୱରରେ ୩ ଏପ୍ରିଲରେ ବିଷ ଦିଆଯାଇ ୬ ବୁଲା କୁକୁରଙ୍କୁ ମାରି ଦିଆଯାଇଥିବା ଖବର ପ୍ରକାଶିତ ହେବା ପରେ ପ୍ରାଣୀପ୍ରେମୀ ଦୁଃଖ ପ୍ରକାଶ କରିଛନ୍ତି। ଏଗୁଡ଼ିକ ମଧ୍ୟରେ ୩ ଛୁଆ କୁକୁର ଥିବା ବେଳେ ୩ ମା' କୁକୁର ଅଛନ୍ତି। କିଏ ଏଭଳି ଅମାନୁଷିକ କାଣ୍ଡ ଘଟାଇଲେ ସେହି ବିଷୟରେ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଅନ୍ୟପକ୍ଷରେ କୁକୁରମାନଙ୍କ ଉପଦ୍ରବ ଯୋଗୁ ମଣିଷ ବିଶେଷକରି ଶିଶୁମାନଙ୍କ ଜୀବନ ଯାଉଥିବା ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଚଳିତବର୍ଷ ଭାରତରେ ୪ ଜଣ ଶିଶୁ କୁକୁର କାମୁଡ଼ାରେ ପ୍ରାଣ ହରାଇଛନ୍ତି। ଦିଲ୍ଲୀରେ ୭ ବର୍ଷୀୟ ଓ ୫ ବର୍ଷୀୟ ଦୁଇ ସମ୍ପର୍କୀୟ ଶିଶୁ, ଗୁଜରାଟର ସୁରଟରେ ୨ ବର୍ଷୀୟ ଶିଶୁ ଏବଂ ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ୪ ବର୍ଷର ପିଲାକୁ କୁକୁର କାମୁଡ଼ି ମାରିଦେଇଛନ୍ତି। ହାଇଦ୍ରାବାଦର ଶିଶୁକୁ କୁକୁର ଝୁଣି ମାରିଦେବାର ଭିଡିଓ ଫୁଟେଜ ସୋସିଆଲ ମିଡିଆରେ ଦେଖିବାକୁ ମିଳିବା ପରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେଠାକାର ଲୋକେ କୁକୁରକୁ ଖାଇବାକୁ ଦେଉଥିବା ଲୋକଙ୍କୁ ସତର୍କ କରାଇବା ସହ କୁକୁରପ୍ରେମୀଙ୍କୁ ଦମନ କରିବା ଲାଗି ବାଉନ୍ସର ନିୟୋଜିତ କରିଥିବା ଖବର ଶୁଣିବାକୁ ମିଳିଥିଲା।

୨୦୧୯ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଭାରତରେ ଦେଢ଼ କୋଟି ବୁଲା କୁକୁର ଥିବା ଜଣାପଡ଼ିଥିଲା। ତେବେ ୨୦୧୯ରୁ ୨୦୨୨ ମଧ୍ୟରେ ଦେଢ଼ କୋଟି କୁକୁର କାମୁଡ଼ା ଘଟଣା ମଧ୍ୟ ପଦାକୁ ଆସିଥିଲା। ୨୦୧୯ ଲାଇଭଷ୍ଟକ ସେନ୍‌ସସ୍ ଅନୁଯାୟୀ ରାଜ୍ୟୱାରି ବୁଲା କୁକୁରଙ୍କ ସଂଖ୍ୟା ଦେଖିଲେ ଉତ୍ତର ପ୍ରଦେଶରେ ୨୦ ଲକ୍ଷ ଥିବାବେଳେ ତା' ପଛକୁ ଓଡ଼ିଶାରେ ୧୭ ଲକ୍ଷ ଥିଲେ। ଇତିମଧ୍ୟରେ ସେହି ସଂଖ୍ୟା ଅନେକ ବଢ଼ିଯାଇଥିବ। କୁକୁରଙ୍କ ଦ୍ୱାରା ମଣିଷ ଖଣ୍ଡିଆଖାବରା ଓ ସ୍ଥଳବିଶେଷରେ ମୃତ୍ୟୁମୁଖରେ ପଡୁଛି। ଅନ୍ୟପକ୍ଷରେ ମଣିଷ ପ୍ରତିକ୍ରିୟାଶୀଳ ହୋଇ ଅସଂଖ୍ୟ କୁକୁରଙ୍କୁ ମାରିଦେଉଥିବା ଖବର ପ୍ରକାଶ ପାଉଛି। ଉଦାହରଣ ସ୍ୱରୂପ, ୨୦୨୧ ଅଗଷ୍ଟରେ ଆନ୍ଧ୍ରପ୍ରଦେଶର ୱେଷ୍ଟ ଗୋଦାବରୀ ଜିଲାର ଲିଙ୍ଗାପାଲେମ୍ ଗ୍ରାମରେ ଲୋକେ ୩୦୦ କୁକୁରଙ୍କୁ ବିଷ ଦେଇ ମାରିଦେବା ପରେ ଗାତରେ ପୋତି ଦେଇଥିଲେ। ସେହିପରି ମାର୍ଚ୍ଚ ୨୦୨୨ରେ ତେଲଙ୍ଗାନାର ସିଦ୍ଧିପେଟ୍ ଜିଲାରେ ୧୦୦ କୁକୁରଙ୍କୁ ବିଷ ଦେଇ ମାରିଦିଆଯାଇଥିବା ଖବର ପ୍ରକାଶ ପାଇଥିଲା।

ସାଧାରଣରେ ମଣିଷ ଓ ବଣୁଆ ଜନ୍ତୁ ସଂଘର୍ଷ ବିଷୟରେ ବେଶି ଆଲୋଚନା ହେଉଛି। ହାତୀ–ମଣିଷ ଲଢ଼େଇ ଦେଶର ବହୁ ପ୍ରାନ୍ତରେ ଦେଖିବାକୁ ମିଳୁଛି। ହେଲେ ବିଗତ କିଛି ବର୍ଷ ହେବ ବୁଲା କୁକୁର–ମଣିଷ ମଧ୍ୟରେ ସଂଘର୍ଷ ତୀବ୍ର ହେଉଛି। ପୋଷା କୁକୁରକୁ ଅତି ଯତ୍ନର ସହକାରେ ବଢ଼ାଯାଉଥିବାରୁ ସେମାନେ ବେଶି ହିଂସ୍ର ହେଉନାହାନ୍ତି। ଯଦି ମାଲିକର ନିର୍ଦ୍ଦେଶ ଯାଏ, ତାହା ହେଲେ ସ୍ଥିତି ଅଲଗା ଆଡ଼କୁ ଯାଉଛି। କିନ୍ତୁ ବୁଲା କୁକୁରଙ୍କ ସଂଖ୍ୟା ବଢୁଥିବା ବେଳେ ସେମାନଙ୍କୁ ଆବଶ୍ୟକ ଖାଦ୍ୟ ମିଳୁ ନ ଥିବାରୁ ଭୋକିଲା ବୁଲୁଛନ୍ତି। ଏଥିସହିତ ପୂର୍ବାପେକ୍ଷା କୁକୁର ପ୍ରତି ଅନେକ ଲୋକ ଦୂର୍‌ଦୂର୍ ମାର୍‌ମାର୍ କଲା ଭଳି ବ୍ୟବହାର ପ୍ରଦର୍ଶନ କରୁଥିବାରୁ ସେମାନେ କାମୁଡ଼ି ଗୋଡ଼ାଉଛନ୍ତି। ଯଦି ଇତିହାସ ଦେଖାଯାଏ, ମଣିଷ ଓ କୁକୁର ପ୍ରାୟ ୨୫ ହଜାର ବର୍ଷ ତଳୁ ସହାବସ୍ଥାନ କରିଆସୁଛନ୍ତି। ମଣିଷକୁ କୁକୁର ସୁରକ୍ଷା ଯୋଗାଇଥାଏ ଓ ଉଭୟଙ୍କ ମଧ୍ୟରେ ଏକ ଆବେଗିକ ବନ୍ଧନ ରହିଆସିଛି। ସେମାନେ ଅନୁଗତ ଓ ଅତ୍ୟନ୍ତ ବୁଦ୍ଧିଆ। ସମ୍ଭବତଃ ସେଥିପାଇଁ ପୋଲିସ, ଗୋଇନ୍ଦାଠାରୁ ଆରମ୍ଭକରି ସେନା ଯାଏ କୁକୁରଙ୍କ ଉପସ୍ଥିତି ରହିଆସିଛି। କିନ୍ତୁ ଏବେ ଦିନକୁଦିନ ବୁଲା କୁକୁରଙ୍କ ପ୍ରତି ମଣିଷ ଅସହିଷ୍ଣୁ ହୋଇପଡୁଥିବାରୁ ଅସ୍ୱାଭାବିକ ସ୍ଥିତି ଉପୁଜୁଛି। କେବଳ କୁକୁର ନୁହେଁ, ଘରକୁ ଘର ବୁଲୁଥିବା ବିରାଡ଼ି ପ୍ରତି ଅନେକ ସ୍ଥାନରେ ମଣିଷର ଅମାନୁଷିକଭାବ ପ୍ରଦର୍ଶିତ ହେଉଥିବା ଦେଖିବାକୁ ମିଳୁଛି।

ଏବେ ବିତର୍କ ହେଲାଣି ଯାହାଙ୍କୁ ବୁଲା କୁକୁର ଗୋଡ଼ାଉଛି ବା କାମୁଡୁଛି ତାଙ୍କର କଦାପି ଏହି ପ୍ରାଣୀ ପ୍ରତି ସହାନୁଭୂତି ରହିବ ନାହିଁ। ଅନ୍ୟପକ୍ଷରେ କୁକୁରପ୍ରେମୀ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବା ଲାଗି ମାମଲା ମଧ୍ୟ ରୁଜୁ କରୁଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଏ ସମ୍ବନ୍ଧୀୟ ମାମଲାରେ ରାୟ ଦେଇ ଗତ ବର୍ଷ କହିଥିଲେ, ବୁଲା କୁକୁରଙ୍କୁ ଖାଦ୍ୟ ଦେବା ମାନବୀୟ ଦିଗରୁ ଯେତିକି ମହତ୍ତ୍ୱପୂର୍ଣ୍ଣ ସେମାନଙ୍କ ଆକ୍ରମଣରୁ ମଣିଷକୁ ସୁରକ୍ଷା ଦେବା ସେତିକି ଗୁରୁତ୍ୱପୂର୍ଣ୍ଣ। ଏଥିରୁ ବୁଝାପଡୁଛି ଯେ ସର୍ବୋଚ୍ଚ ନ୍ୟାୟାଳୟ ବୁଲା କୁକୁର–ମଣିଷର ସଂଘର୍ଷକୁ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ତେଣୁ ମୂକ ପ୍ରାଣୀର ହିଂସ୍ରତା କମାଇବାକୁ ହେଲେ ମଣିଷକୁ ତା'ର ବ୍ୟବହାର ବଦଳାଇବାକୁ ପଡ଼ିବ। ଏଥିସହିତ ଏ ଦିଗରେ ପ୍ରଶାସନିକ ପଦକ୍ଷେପର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ପ୍ରାଣୀ ଜନ୍ମ ନିୟନ୍ତ୍ରଣ (କୁକୁର) ନିୟମ, ୨୦୦୧ରେ ବୁଲା କୁକୁରଙ୍କ ସଂଖ୍ୟା କମାଇବା ସକାଶେ ବନ୍ଧ୍ୟାକରଣ ଓ ଟିକାକରଣ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାର କାର୍ଯ୍ୟକାରିତା ନେଇ ସେଭଳି ତତ୍ପରତା ପ୍ରକାଶ ପାଉ ନ ଥିବା ଦେଖିବାକୁ ମିଳୁଛି। କୁକୁର ବନ୍ଧ୍ୟାକରଣ ଓ ଟିକାକରଣ ଯୋଜନା ରାଜଧାନୀ ଭୁବନେଶ୍ୱର ଭଳି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା କାହିଁ କାହା ନଜରରେ ପଡୁଥାଇପାରେ। ଏହା ଏକ ସମୂହ ଅଭିଯାନରେ ପରିଣତ ହୋଇ ନିୟମିତ ଚାଲିଲେ ବୁଲା କୁକୁରଙ୍କ ସଂଖ୍ୟା ହୁଏତ ହ୍ରାସ ପାଇପାରନ୍ତା। ଏମାନଙ୍କ ସଂଖ୍ୟା କମିଗଲେ ଆପେକ୍ଷାକୃତ ଭାବେ ସେମାନେ ଅଧିକ ଖାଇବାକୁ ପାଇପାରନ୍ତେ। ଫଳରେ ଖାଦ୍ୟାଭାବଜନିତ କାରଣରୁ ବଢୁଥିବା ସେମାନଙ୍କ ହିଂସ୍ର ସ୍ୱଭାବ କମିବାରେ ସହାୟକ ହୋଇପାରନ୍ତା। ଅପରପକ୍ଷରେ ବୁଲା କୁକୁରଙ୍କ ପ୍ରତି ମଣିଷର ଆଚରଣରେ ପରିବର୍ତ୍ତନ ଘଟିଲେ କଥିତ ସଂଘର୍ଷକୁ ସମ୍ଭବତଃ ଆୟତ୍ତ କରିବା ସହଜ ହେବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | 7 | | | 6 |
| | | | | | | | | 4 |
| | | | | 4 | | | 9 | 8 |
| | 1 | | | | 5 | | | |
| 9 | | | 6 | 2 | | | | |
| | 4 | | | | | | | 3 |
| | 2 | 8 | | 3 | 9 | | | 5 |
| | | | | 1 | | | 3 | |
| | | | 5 | | | 6 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 3 | 8 | 6 | 4 | 2 | 7 |
| 6 | 7 | 4 | 2 | 1 | 5 | 3 | 8 | 9 |
| 3 | 2 | 8 | 7 | 9 | 4 | 1 | 6 | 5 |
| 9 | 5 | 6 | 4 | 7 | 8 | 2 | 3 | 1 |
| 1 | 8 | 3 | 6 | 5 | 2 | 7 | 9 | 4 |
| 2 | 4 | 7 | 1 | 3 | 9 | 6 | 5 | 8 |
| 7 | 6 | 9 | 5 | 4 | 3 | 8 | 1 | 2 |
| 4 | 3 | 5 | 8 | 2 | 1 | 9 | 7 | 6 |
| 8 | 1 | 2 | 9 | 6 | 7 | 5 | 4 | 3 |

ଗତକାଲିର ଉତ୍ତର

# ସବୁ ଅଭ୍ୟାସଗତ



ଶୈଳେନ୍ଦ୍ର ଦ୍ୱିବେଦୀ

କଥା ପ୍ରସଙ୍ଗରେ କେଇଦିନ ତଳେ ଜଣେ ବନ୍ଧୁ କହିଲେ, ଯାହା ୧୯୯୯ ମହାବାତ୍ୟା ପରେ ପରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଲକ୍ଷ୍ୟ କରାଯାଇଥିଲା ଦୁର୍ଭାଗ୍ୟକୁ ଏବେ ତାହା ସାରା ଓଡ଼ିଶାର ଚିତ୍ର। କିଛି ସମୟ ନୀରବ ରହି ସେ ଯୋଡ଼ିଲେ ଅବଶ୍ୟ କେବଳ ଆମ ରାଜ୍ୟ ନୁହେଁ ବରଂ ଖାଦ୍ୟ ସୁରକ୍ଷା ଆଇନ ଆସିବା ପରେ ଏହା ଊଣାଅଧିକ ସାରା ଭାରତର ଛବି। ପ୍ରାବନ୍ଧିକ କୌଣସି ପ୍ରତିକ୍ରିୟା ରଖିବା ପୂର୍ବରୁ ବନ୍ଧୁ କହିଲେ, ୧୯୯୯ ମହାବାତ୍ୟା ସମୟରେ ସେ ରାଜ୍ୟର ଏକ ଉପକୂଳବର୍ତ୍ତୀ ଜିଲାରେ ପଦସ୍ଥ ଅଧିକାରୀ ଥିଲେ। ବାତ୍ୟା ଉପରାନ୍ତ କ୍ଷତିଗ୍ରସ୍ତଙ୍କୁ ରିଲିଫ ଯୋଗେଇବା ଥିଲା ତାଙ୍କର ପ୍ରାଥମିକତା। ଏଣେ ପରିସ୍ଥିତି ସେତେବେଳେ ଏତେ ବିଗିଡି ସାରିଥିଲା ଯେ ସରକାର ସେନାବାହିନୀର ସହାୟତା ଲୋଡିଥିଲେ। ଆପଦକାଳୀନ ସ୍ଥିତିରେ ଯବାନଙ୍କ କାର୍ଯ୍ୟଶୈଳୀ ତଥା କର୍ତ୍ତବ୍ୟନିଷ୍ଠା ଥିଲା ପ୍ରଶ୍ନାତୀତ। ବନ୍ଧୁ କହିଲେ, ନିୟମିତ ଭାବରେ ଯବାନମାନଙ୍କ ସହ ସେ ଯୋଗସୂତ୍ର ସ୍ଥାପନ କରୁଥିଲେ। ଉଦ୍ଦେଶ୍ୟ ଥିଲା, ରିଲିଫ ଓ ଉଦ୍ଧାର କାର୍ଯ୍ୟ କେମିତି ସୁପରିଚାଳିତ ହେବ।

ତେବେ ମହାବାତ୍ୟାର ପ୍ରାୟ ତିନି ସପ୍ତାହ ପରେ ସେନା ବାହିନୀର ଜଣେ ବରିଷ୍ଠ ଅଧିକାରୀ ତାଙ୍କ ଗାଡ଼ିରେ ବନ୍ଧୁଙ୍କୁ ବସାଇ ଜିଲା ସଦରମହକୁମା ଏବଂ ପାଖାପାଖି ଅଞ୍ଚଳରେ ପ୍ରାୟ ତିନିଘଣ୍ଟା ବୁଲାଇଲେ। ଦୋକାନ ବଜାର ସେତେବେଳକୁ କାଁ ଭାଁ ଖୋଲିଥିଲା ଏବଂ ସହରକୁ ଲାଗିଥିବା ରାଜପଥରେ ଚଳାଚଳ ବି କମ୍ ଥିଲା। ତେବେ ସହରର ପ୍ରମୁଖ ଛକଗୁଡ଼ିକରେ ଏକ ଅଭାବନୀୟ ଦୃଶ୍ୟ ଯେମିତି ଅପେକ୍ଷା କରିଥିଲା। ପାଣିପାଗ ସୁଧୁରି ଯିବା ପରେ ଦଳଦଳ ଲୋକ ରାସ୍ତାରେ ଗୋଟାଏ କଡ଼କୁ ବସି ଗୁଲିଖଟି କରୁଥିଲେ, ତାସ ଖେଳୁଥିଲେ। ସେନା ଅଫିସର କହିଲେ, ''ଗତ ସପ୍ତାହେ ଧରି ଅଧିକାଂଶ ଜାଗାରେ ଆମେ ଏଇଆ ଦେଖୁଛୁ। ଯବାନମାନେ ଖୁବ୍ ନିରୁତ୍ସାହିତ ବି। ରାସ୍ତାଘାଟ ଫିଟିଯିବା ପରେ ଆପଣଙ୍କ ଅଞ୍ଚଳକୁ ରିଲିଫର ସୁଅ ଛୁଟୁଛି। ଗୋଟିଏ ଟ୍ରକ ଅଣ୍ଡା ଆଜି କେବଳ ବଣ୍ଟା ହୋଇଛି ଆପଣଙ୍କ ସହରରେ। ଚାଉଳ, ଚୁଡା ଏବଂ ବିସ୍କୁଟ ପରି ସାମଗ୍ରୀର ତ ଅଭାବ ନାହିଁ, ଲୋକେ ଏବେ ବାଛୁଛନ୍ତି ସେମାନେ କେଉଁ ବ୍ରାଣ୍ଡର ସାମଗ୍ରୀ ଗ୍ରହଣ କରିବେ – ଲକ୍ସ ସାବୁନ ନା ପିୟର୍ସ। ହକିନ୍ସ ପ୍ରେସର କୁକର୍ ନା ପ୍ରେଷ୍ଟିଜ। ଏଣେ ବିଲ ମୁଣ୍ଡରେ ଗୋରୁଙ୍କ ଶବ ଭାସୁଛି। ରାସ୍ତାଘାଟରୁ ଗଛ ସଫା ହେବା ତଥାପି ବାକିଅଛି। ଆମକୁ ତ କେହି ସାହାଯ୍ୟ କରୁନାହାନ୍ତି ବରଂ ମନେହେଉଛି ସେମାନେ ଯେମିତି ପରିହାସ କରୁଛନ୍ତି! ଆପଣ ଆମ ୟୁନିଟକୁ ଫେରିଯିବା ପାଇଁ ସାହାଯ୍ୟ କରନ୍ତୁ।'' ଏତକ କହିସାରି ବନ୍ଧୁ କହିଲେ, ଖାଦ୍ୟ ସାମଗ୍ରୀ ପାଇଁ ସବ୍‌ସିଡି ଦିଆଯିବା ପରଠୁ ଭାରତରେ ୟାର ଲଘୁ ସଂସ୍କରଣ ପରିଲକ୍ଷିତ ହୋଇଛି। ଏକଥା ନୁହେଁ ଯେ ଦରିଦ୍ର/ଅସହାୟମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହୋଇନାହାନ୍ତି। ଖାଦ୍ୟାଭାବରେ ପ୍ରାଣ ହରେଇବା ଆଉ ନାହିଁ, କିନ୍ତୁ ଖାଦ୍ୟ ନିରାପତ୍ତା ପାଇଁ ଆଇନ ପ୍ରଣୟନ ଏବଂ ଭୋଟ ରାଜନୀତିକୁ ରଖି କେତେବେଳେ ୨ ଟଙ୍କା, କେତେବେଳେ ୧ ଟଙ୍କା ଏବଂ କେବେ ମାଗଣାରେ ଖାଦ୍ୟ ସାମଗ୍ରୀ ଯୋଗେଇବା ଆମ ଉତ୍ପାଦକତାକୁ କ୍ଷତି ପହଞ୍ଚାଇବା ସହିତ ମୋଟ ଉପରେ ଅର୍ଥନୀତିକୁ ପ୍ରଭାବିତ କରିଛି।



ବନ୍ଧୁ କହିଲେ, କେବଳ ରାଜନୈତିକ ଗଣିତ ନୁହେଁ, ମାଗଣାରେ ଖାଦ୍ୟ ସାମଗ୍ରୀ ଯୋଗାଣ ମନସ୍ତାତ୍ତ୍ୱିକ ଅର୍ଥରେ ମଣିଷର ମଜ୍ଜାକୁ ବେଶ୍ ଭେଦିଛି। ମୂଳତଃ କେହି ପରିଶ୍ରମ କରିବାକୁ ଚାହୁଁ ନାହାନ୍ତି। ଦୁଇ ପଇସା ରୋଜଗାର କରିବା ପାଇଁ କେହି କାହାପାଖରେ ମୁଣ୍ଡ ବିକିବାକୁ ଚାହାନ୍ତିନି। ତେବେ କିଏ ଚାହିଁବା ନ ଚାହିଁବାରେ କିଛି ଫରକ ପଡ଼େନାହିଁ, କାରଣ ପେଟ ପାଇଁ ଦାନା ଯୋଗାଡ଼ କରିବା ପରିବାର ସଦସ୍ୟଙ୍କ ଦାୟିତ୍ୱ। କେହି ଖାଲିପେଟରେ ନ ଶୋଉ, ସେଥିପାଇଁ ସରକାର ସର୍ବନିମ୍ନ ଆବଶ୍ୟକତା ପୂରଣ କଲେ କିନ୍ତୁ ଜୀବନ ତେଣିକି ଅଧିକାଂଶ ଲୋକଙ୍କ ପାଇଁ ଆଉ ଦି ପାଦ ଆଗକୁ ଗଲାନାହିଁ। ହାତ ଗୋଡ଼ ଏବଂ ମନ ମାଗଣା ଚାଉଳ/ଗହମ ଆଗରେ ଗୋଟାପଣେ ପୋଷାମାନି ମୌଳିକତା ହରେଇଲେ।

ପ୍ରାବନ୍ଧିକ ବନ୍ଧୁଙ୍କୁ କହିଲେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପାଖାପାଖି ଦୁଇ ତୃତୀୟାଂଶ ଜନସଂଖ୍ୟାକୁ ଖାଦ୍ୟ ସବ୍‌ସିଡି ନେଟରେ ରଖିଛି, କିନ୍ତୁ ତଥାପି ଅସନ୍ତୋଷ ଲାଗି ରହିଛି। ବନ୍ଧୁ କହିଲେ, ଆମ ନିଜ ରାଜ୍ୟରେ ବି ସମାନ ଅବସ୍ଥା। ତଥ୍ୟ ଅନୁସାରେ ଓଡ଼ିଶାରେ ୬,୮୬,୨୧୧ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ। ତେବେ ସଦ୍ୟତମ ରିପୋର୍ଟ ଅନୁସାରେ (ସି.ଏମ.ଆଇ.ଇ) ଆମ ରାଜ୍ୟ ଦେଶର ସେଇ ରାଜ୍ୟଗୁଡ଼ିକ ଭିତରେ ଆଗୁଆ ଅଛି, ଯେଉଁଠି ବେରୋଜଗାରୀ ସର୍ବନିମ୍ନ। ଯେଉଁ ରାଜ୍ୟରୁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଯୁବତୀଯୁବକ ଦାଦନ ଖଟିବା ପାଇଁ ସ୍ଥାନାନ୍ତରିତ ହେଉଛନ୍ତି ଏବଂ ଯେତେବେଳେ ରାଷ୍ଟ୍ର ସ୍ତରରେ ବେରୋଜଗାରୀ ହାର ୮.୩ ପ୍ରତିଶତ ସେତେବେଳେ ଆଶ୍ଚର୍ଯ୍ୟଜନକ ହେଉଛି ଜାନୁୟାରୀ, ୨୦୨୩ ସୁଦ୍ଧା ଓଡ଼ିଶାର ବେରୋଜଗାରୀ ହାର ମାତ୍ର ୦.୯ ପ୍ରତିଶତ। ପର୍ଯ୍ୟବେକ୍ଷକମାନେ ଗମ୍ଭୀର ଭାବରେ ଚିନ୍ତା କରୁଛନ୍ତି, ଏହି ତଥ୍ୟ/ପରିସଂଖ୍ୟାନର କିଛି ନୂଆ ସ୍କାମ ନୁହେଁ ତ! ସେମାନଙ୍କ ମତ, ତିନି ତିନୋଟି 'ମେକ୍ ଇନ ଓଡ଼ିଶା କନକ୍ଳେଭ' ଆୟୋଜନ ସହିତ ରାଜ୍ୟରେ ଶିଳ୍ପାୟନ ଏବଂ ନିଯୁକ୍ତି ବୃଦ୍ଧିର ଆନୁପାତିକ ସମ୍ପର୍କ ନାହିଁ , ନା ଅଛି ଦକ୍ଷତା ବିକାଶ କାର୍ଯ୍ୟକ୍ରମମାନଙ୍କର। ଆଉ ଏହା ସତ୍ତ୍ୱେ ବେରୋଜଗାରୀ ଏତେ କମ୍ ହେଲା କେମିତି ! ଓଡ଼ିଶାର ଗ୍ରାମାଞ୍ଚଳରେ ବେରୋଜଗାରୀ କ୍ରମଶଃ ବଢୁଛି, ବିକଳ୍ପ ନିଯୁକ୍ତିର ସୁଯୋଗ ନାହିଁ ଏବଂ ଏହାସତ୍ତ୍ୱେ ମାର୍ଚ୍ଚ ୨୦୨୩ର ଏକ ରିପୋର୍ଟ ଦର୍ଶାଇଛି ସାରା ଭାରତରେ ଆମ ରାଜ୍ୟର ବେରୋଜଗାରୀ ସର୍ବନିମ୍ନ। ୦୧ ପ୍ରତିଶତରୁ କମ୍। ଏହା ଏକ ରେକର୍ଡ। ଏବେ ସର୍ବଭାରତୀୟ ସ୍ଥିତି ହେଉଛି ୭.୫ ପ୍ରତିଶତ ବେରୋଜଗାରୀ। ଓଡ଼ିଶାରେ ଏଇ ହାର ୨୦୧୯–୨୦ରେ ୬.୨ ପ୍ରତିଶତ, ୨୦୧୮–୧୯ରେ ୭ ପ୍ରତିଶତ ଏବଂ ୨୦୧୭–୧୮ରେ ୭.୧ ପ୍ରତିଶତ ଥିବାବେଳେ ହଠାତ୍ ଏଇ ଅଭୂତପୂର୍ବ ସ୍ଥିତି ହାସଲ ହେଲା କେମିତି! ଏଣେ ସରକାରୀ ତଥ୍ୟ ମୁତାବକ ରାଜ୍ୟରେ ଅଛନ୍ତି ୮,୯୮,୭୧୭ ଯୁବତୀ ଯୁବକ ନିଯୁକ୍ତି ଅପେକ୍ଷାରେ। ସେମାନଙ୍କ ମଧ୍ୟରେ ୧,୯୬,୦୦୦ ସ୍ନାତକ, ୧୫,୩୭୭ ସ୍ନାତକୋତ୍ତର, ୭୨,୫୧୬ ତାଲିମପ୍ରାପ୍ତ ଶିକ୍ଷକ, ୩୨,୬୨୮ ଡିପ୍ଲୋମାଧାରୀ ଏବଂ ୩୨,୨୧୩ ଆଇ.ଟି.ଆଇ. ପାସ୍। ଆଶ୍ଚର୍ଯ୍ୟଜନକ ହେଉଛି ଯେ ରାଜ୍ୟରେ କିଛି ଏମ.ବି.ବି.ଏସ୍. ସ୍ନାତକ ମଧ୍ୟ ବେକାର ଅଛନ୍ତି। ରାଜ୍ୟ ଅର୍ଥନୈତିକ ସର୍ଭେ ୨୦୨୨–୨୩ ଅନୁଯାୟୀ ୨୦୨୦–୨୧ରେ ବେରୋଜଗାରୀ ହାର ଥିଲା ୫.୩ ପ୍ରତିଶତ। ସମାଜତତ୍ତ୍ୱବିତ୍‌ମାନଙ୍କ ମତ ଯେ ଖାଦ୍ୟ ନିରାପତ୍ତା ଏବଂ ଅନ୍ୟାନ୍ୟ ସାମାଜିକ ନିରାପତ୍ତା ଯୋଜନା ଆମକୁ ଏତେ ସନ୍ତୁଷ୍ଟ କରି ରଖିଛି ଯେ ସରକାର ଆଉ କ'ଣ କଲେ ନ କଲେ ଚିନ୍ତା କରିବା ସମସ୍ତେ ଭୁଲି ଯାଇଛନ୍ତି। ପେଟ ଥରେ ପୂରିଲେ ସୃଜନାତ୍ମକ/ଗୁଣାତ୍ମକ ଜୀବନ ଫାଲତୁ କଥା। ପ୍ରକୃତରେ ତେଣିକି ନିଯୁକ୍ତି ମିଳୁ ବା ନ ମିଳୁ ସ୍ଥିତିସ୍ଥାପକତା ଆମ ପାଇଁ ଐତିହାସିକ ଅଭ୍ୟାସରେ ପରିଣତ ହୁଏ। ଏହା ହେଉଛି ପଙ୍କରେ ଘାଣ୍ଟି ହେଉଥିବା ଘୁଷୁରିର ଅବସ୍ଥା। ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି, ଏମିତି ଏକ ଗୁଳାରେ ଚାଲୁଥିବା ଜୀବନରେ ସ୍ପନ୍ଦନ ନ ଥାଏ। ପିଢ଼ି ପରେ ପିଢ଼ି ସ୍ଥିତିସ୍ଥାପକତା ଅସ୍ଥିମଜ୍ଜାଗତ ଗତ ହୋଇସାରିଥାଏ। କ୍ରମେ ସବୁ ଅଭ୍ୟାସଗତ ହୋଇଯାଏ। ତେବେ ମାଗଣା ଖାଦ୍ୟ ସାମଗ୍ରୀ ଯେମିତି ଆମ ରାଜ୍ୟର ଉପସଂସ୍କୃତି ନ ହେଉ।

**ମୋ–୯୪୩୭୧୩୭୦୬୦**

# ନୀରବଦ୍ରଷ୍ଟା ଜାତିସଂଘ



ଅରୁଣ କୁମାର ତ୍ରିପାଠୀ

ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକା ପରେ ଗଠିତ ହୋଇଥିଲା ଜାତିସଂଘ। ତାହାର ସ୍ୱଚ୍ଛତା ଏବଂ ସ୍ୱାତନ୍ତ୍ର୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ତଥା ଅପାରଗତା ପ୍ରମାଣ ହେବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୁଣ୍ଡଟେକିଥିଲା ମିଳିତ ଜାତିସଂଘ, ୧୯୪୫ ଅକ୍ଟୋବର ୨୪ ତାରିଖରେ। ଯଦିଓ ଏହାର ପରିଚାଳନା ଧନିକ ରାଷ୍ଟ୍ରଗୁଡ଼ିକର କର୍ତ୍ତୃତ୍ୱରେ ହେଉଥିଲା, କିନ୍ତୁ ଲୋକଦେଖାଣିଆ ଅପାରଗତା ତଥା ପକ୍ଷପାତିତା କେବେ ବି ବିଶ୍ୱ ସମୁଦାୟ ଦେଖି ନ ଥିଲେ। କରୋନା ସମୟରେ ଏହି ମହାପାପ ଯୋଗୁ ବିଶ୍ୱ ସମୁଦାୟ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହେଲେ। ବିଶ୍ୱ ସମୁଦାୟକୁ ନିୟନ୍ତ୍ରଣ କରିବା ନିମିତ୍ତ ତୃତୀୟ ଅନୁଷ୍ଠାନ ସ୍ୱପ୍ନ ଦେଖିବା ବୃଥା। ମିଳିତ ଜାତିସଂଘର ଯେତେ ପରିମାଣରେ ସଂସ୍ଥା ଏବଂ ମାନବ ସମ୍ବଳ ବିଶ୍ୱ ସମୁଦାୟରେ କାର୍ଯ୍ୟ କରୁଛି, ସେଗୁଡ଼ିକୁ ବନ୍ଦ କରିଦେଲେ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡିବ୍। ତେବେ ପରିଚାଳନାଗତ ସଂସ୍କାର ଏବଂ ସମ୍ବେଦନଶୀଳତାର ପ୍ରକୃଷ୍ଟ ପ୍ରୟୋଗ ଫଳତଃ କାହା ମନରେ କଷ୍ଟ ନ ରହିବା ସହ ବିଶ୍ୱ ସମୁଦାୟ ଶାନ୍ତିରେ ନିଃଶ୍ୱାସ ନେବେ। ସେହି ସମ୍ବନ୍ଧରେ ଆଜିର ଆଲୋଚନା କରିବା, କିନ୍ତୁ ତାହା ପୂର୍ବରୁ କ'ଣ ସବୁ ଅଭିଯୋଗ ରହିଛି ତଥା ଅପାରଗତା କିଭଳି ପରିଦୃଶ୍ୟ ହେଉଛି ସେ ବିଷୟରେ କିଛିଟା ଅବଲୋକନ କରିବା।

ସ୍ଥାପନା ସମୟରୁ ଆଜି ପର୍ଯ୍ୟନ୍ତ ୧୯୩ ଦେଶ ଏହାର ଗୋଷ୍ଠୀଭୁକ୍ତ ହୋଇଛନ୍ତି। ଏହାର ସୁରକ୍ଷା ପରିଷଦରେ ୧୦ ଅସ୍ଥାୟୀ ତଥା ୫ ସ୍ଥାୟୀ ସଦସ୍ୟ ରହିଛନ୍ତି, ଯାହା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ। ପୁନଶ୍ଚ ଏହି ସଦସ୍ୟଙ୍କ ଦ୍ୱାରା ଉପଭୋଗ କରାଯାଉଥିବା ଭିଟୋ କ୍ଷମତା ସ୍ୱୈରତନ୍ତ୍ରକୁ ଉତ୍ସାହିତ କରୁଛି। ବିଶ୍ୱରେ ସାମରିକ ହସ୍ତକ୍ଷେପକୁ ପ୍ରତିହତକରି ଶାନ୍ତି ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏଥିରେ ଆମେରିକାର ଅଯଥା ଆଗ୍ରହ ସବୁବେଳେ ଦେଖିବାକୁ ମିଳେ। ପିତାମାତାଙ୍କ ଜିଦିଆ ତଥା ବାଧ୍ୟସନ୍ତାନ ଭଳି ସେ ନିଜର ମନମାନି କରୁଛି, ଯାହାକୁ ଅନେକେ ପରୋକ୍ଷରେ ସମ୍ମତି ପ୍ରକାଶ କରୁଛନ୍ତି। ନିଜର ଅର୍ଥନୀତିର ଚାହିଦା ପରିପୂରଣ କରିବାକୁ ସେ ଗଣମାଧ୍ୟମରେ କାହାଣୀ ସବୁ ଉପସ୍ଥାପନା କରି ବ୍ୟକ୍ତିଗତ ଆକ୍ରୋଶ ରଖି ଅନେକ ଆରବୀ ରାଷ୍ଟ୍ରମୁଖ୍ୟଙ୍କ ପ୍ରାଣବାୟୁ ମଧ୍ୟ ଶୋଷିନେଉଛି। ଆମର ତଥାକଥିତ ବୁଦ୍ଧିଜୀବୀ ସବୁ ଦେଶ ଅସହିଷ୍ଣୁତା ରହିଛି ବୋଲି ଅତୀତରେ ପୁରସ୍କାର ସବୁ ଫେରେଇ ଦେଉଥିଲେ, କିନ୍ତୁ ବୈଶ୍ୱିକ ଅରାଜକତା ଦେଖି ଆହା ପଦେ କହିବାକୁ କାହାର ସାହସ ନାହିଁ। କେବଳ ଆମେରିକା ନୁହେଁ, ମିଳିତ ଜାତିସଂଘର କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟ ସମସ୍ତ ସ୍ଥାୟୀ ସଦସ୍ୟଙ୍କ ରାଜନୈତିକ ପିପାସା ତଥା କୌଶଳଗତ ଅଭିପ୍ସା ସାଧନ ହୁଏ ବୋଲି ଅନେକ ସମୟରେ ଅଭିଯୋଗ ହୁଏ। ଉଦାହରଣ ଭାବେ ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ତୈଳ ସମ୍ପଦରେ ସମୃଦ୍ଧ କୁଏଟକୁ ୧୯୯୧ରେ ସହାୟତାର ହାତ ବଢ଼ାଯାଇଥିବା ସ୍ଥଳେ ୧୯୯୪ରେ ଖଣିଖାଦାନ ହୀନ ରୱାଣ୍ଡାର ବିକଳ



ଚିତ୍କାର କାହା ହୃଦୟରେ କରୁଣା ଜାତ କରିପାରିଲା ନାହିଁ! ମିଳିତ ଜାତିସଂଘରେ ସୁରକ୍ଷା ପରିଷଦରେ ସାମଗ୍ରିକ ଭାବେ ସମସ୍ତ ରାଷ୍ଟ୍ରଙ୍କୁ ପ୍ରତିନିଧିତ୍ୱ ମିଳେ। କିନ୍ତୁ ୧୯୯୪ରୁ ସଦସ୍ୟ ଥିବା ପାଲେଷ୍ଟାଇନକୁ ଆଜି ସୁଦ୍ଧା ଥରୁଟିଏ ମଧ୍ୟ ସୁଯୋଗ ମିଳିନାହିଁ। ଇସ୍ରାଏଲ– ପାଲେଷ୍ଟାଇନ ଯୁଦ୍ଧ ଅନେକ ସମୟରେ ମୁଣ୍ଡବ୍ୟଥାର କାରଣ ସାଜେ। କିନ୍ତୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଅଭିପ୍ରେତ ଏହି ସଂସ୍ଥା ଇସ୍ରାଏଲକୁ ପକ୍ଷପାତ କରୁଛି। ଏହି ରାଷ୍ଟ୍ରକୁ ବିଶ୍ୱ ସମୁଦାୟ ନିକଟରେ ଆନୁଷ୍ଠାନିକ ଭାବେ ନିଜର ପକ୍ଷ ରଖିବାର ସୁଯୋଗ କେବେ ବି ଦିଆଯାଉନାହିଁ।

ଲିଙ୍ଗାନୁପାତ ରିପୋର୍ଟ ନିୟମିତ ବ୍ୟବଧାନରେ ପରିପ୍ରକାଶକରି ଉତ୍ସାହିତ କରୁଥିବା ଏହି ସଂସ୍ଥାରେ ମହିଳା ବିଷୟକ କମିଟିରେ ମହିଳାଙ୍କୁ ପ୍ରତିନିଧିତ୍ୱ ମିଳେନାହିଁ। ସାମଗ୍ରିକ ଭାବେ ଦେଖିଲେ ୨୦୧୫ରେ ପ୍ରକାଶିତ ରିପୋର୍ଟରେ ମିଳିତ ଜାତିସଂଘର ବିଭିନ୍ନ ମୁଖ୍ୟ ପଦବୀର ୭୮ ପ୍ରତିଶତ ପୁରୁଷଙ୍କ ଦ୍ୱାରା ଅଧିକୃତ।

ବାଂଲାଦେଶରେ ପାକିସ୍ତାନ ସେନା ଦ୍ୱାରା ନରସଂହାରକୁ ମୁକାବିଲା କରିଥିଲା କେବଳ ଭାରତୀୟ ସେନା। ସର୍ବିଆ ସେନା ଦ୍ୱାରା ବୋସ୍‌ନିଆନ ମୁସଲମାନଙ୍କ ନରସଂହାର କ୍ଷେତ୍ରରେ ମଧ୍ୟ ନୀରବ ରହିଥିଲା ମିଳିତ ଜାତିସଂଘ। ୪୦୦ ଡଚ୍ ଶାନ୍ତି ସେନାଙ୍କ ଦ୍ୱାରା ଏହି ସମସ୍ୟା ସମାଧାନ ହୋଇଥିଲା। ସୁଦାନ ସରକାରଙ୍କ ପ୍ରାୟୋଜିତ ଜଞ୍ଜୱିଦ ମିଲିସିଆ ୩ଲକ୍ଷ ନରସଂହାର କରିଥିଲେ, ଯାହା ବିଶ୍ୱ ଇତିହାସରେ ସବୁଠୁ ଅଧିକ କଳଙ୍କିତ ଅଧ୍ୟାୟ ଥିଲା। କିନ୍ତୁ ଏଥିରେ ମଧ୍ୟ ମିଳିତ ଜାତିସଂଘ ନୀରବତା ବଜାୟ ରଖିଥିଲା। ଶ୍ରୀଲଙ୍କାରେ ୨୦୦୯ର ଯୁଦ୍ଧ ନିମନ୍ତେ ମିଳିତ ଜାତିସଂଘ ତରଫରୁ ଏକ ସମୀକ୍ଷା ପ୍ରକାଶିତ ହୋଇଥିଲା, ଯେଉଁଠି ସରକାରୀ ଭାବେ ୧୦ହଜାର ନାଗରିକଙ୍କ ମୃତ୍ୟୁ ହୋଇଥିଲା ବୋଲି ଉଲ୍ଲେଖ ରହିଛି। କିନ୍ତୁ ବେସରକାରୀ ଭାବେ ଏହା ୪୦ ହଜାର ବୋଲି ସ୍ଥାନୀୟ ଗଣମାଧ୍ୟମ ପରିପ୍ରକାଶ କରିଛି। ଯେଉଁ ରାଷ୍ଟ୍ରଗୁଡ଼ିକର ସ୍ୱର ଶାଣିତ ରହିଛି, ସେମାନଙ୍କ ହିତ ସାଧନ ହେଉଥିଲେ ମିଳିତ ଜାତିସଂଘ ନୀରବଦ୍ରଷ୍ଟା ସାଜେ।

ପୁନଶ୍ଚ ଚାଇନାକୁ ପ୍ରୋତ୍ସାହନ ଦେଇ ତାଇୱାନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦିଆଯାଉନାହିଁ। ଅନେକ ସମୟରେ ଏହାର କାର୍ଯ୍ୟକର୍ତ୍ତା ଦୁର୍ନୀତି କରନ୍ତି ବୋଲି ଗଣମାଧ୍ୟମ ଖବର ପ୍ରକାଶ କରେ। ଏହାଦ୍ୱାରା ପ୍ରେରିତ ଶାନ୍ତିସେନା ଅନେକ ଦେଶରେ ଯାଇ ମହିଳାଙ୍କ ସହ ଶିଶୁଙ୍କୁ ମଧ୍ୟ ଅମାନୁଷିକ ବ୍ୟବହାର କରିବାର ପ୍ରାମାଣିକ ରିପୋର୍ଟ ସବୁ ମିଳିଛି। ପୁନଶ୍ଚ ଆର୍ଥିକ ଖର୍ଚ୍ଚର ହିସାବ ରଖାଯାଏ ନାହିଁ। ୨୦୦୭ରେ କୋସୋଭୋରେ ମିଳିତ ଜାତିସଂଘର ଆର୍ଥିକ ମନମାନି ଚାଲିଛି ବୋଲି ଆମେରିକାର କୂଟନୀତିଜ୍ଞ ଜେମ୍‌ସ ୱାସେରଷ୍ଟୋର୍ମ ଅଭିଯୋଗ କରି ନିଜ ପଦବୀରୁ ବରଖାସ୍ତ ହୋଇଥିଲେ। ଖାଲି ସେତିକି ନୁହେଁ, ବାନ୍ କି ମୁନ୍‌ଙ୍କୁ ସମାଲୋଚନା କରିବାରୁ ସେ ମିଳିତ ଜାତିସଂଘ ପୋଲିସ ଦ୍ୱାରା ଗିରଫ ମଧ୍ୟ ହୋଇଥିଲେ।

ସମୟ ଆସିଛି ସଂସ୍କାରର। ସସ୍‌ଟେନେବଲ ଡେଭଲପମେଣ୍ଟ ଗୋଲ ବା ନିରନ୍ତର ବିକାଶ ଲକ୍ଷ୍ୟରେ ଗୋଟିଏ ବୈଶିଷ୍ଟ୍ୟ ରହିଛି ମାନବୀୟ ଗୁଣାବଳୀ ଗୁଡ଼ିକର ବିକାଶ। ଆଜିର ସମାଲୋଚନା ଅନୁଷ୍ଠାନର ବଡ଼ପଣ୍ଡାମାନଙ୍କୁ କରାଯାଇଛି। ଉପଯୁକ୍ତ ପ୍ରତିନିଧିତ୍ୱ ତଥା ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ସ୍ଥାପନା କରାଯାଇପାରିଲେ ଅନେକ ଏବଂ ସମସ୍ତ ସମସ୍ୟାର ସାମାଧାନ ହୋଇପାରିବ।

**ଜୟପୁର, ମୋ–୯୦୭୮୮୩୮୬୨୭**

## ଏଇ ଭାରତରେ

ମହାରାଷ୍ଟ୍ରର ଛୋଟ ଆଦିବାସୀ ଗାଁ କୋଭାଁଲ୍‌ନେ। ଏହି ଗାଁର ରାହିବାଈ ପୋପେରି ହାଇବ୍ରିଡ ଚାଷ ବଦଳରେ ଦେଶୀ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପୁଣେଠାରୁ ୧୨୫ କି.ମି. ଦୂର ଅହମଦାନଗରର ଅକୋଲଣ ତହସିଲ ଅନ୍ତର୍ଗତ ପାହାଡ଼ ଉପରେ ଥିବା ଏହି ଛୋଟ ଗାଁରେ ରାହିବାଈ ଏକ ସିଡ୍‌ବ୍ୟାଙ୍କ ବି ଖୋଲିଛନ୍ତି। ସେଥିରେ ଥିବା ସବୁ ପୁରୁଣା ଦେଶୀ ବିହନ ବିନା ରାସାୟନିକ ସାରରେ କେବଳ ପାଣି ପବନରେ ଭଲ ବଢ଼ିପାରୁଛି। ତେବେ ସ୍କୁଲ ଦୁଆରମୁହଁ ମାଡ଼ି ନ ଥିବା ରାହିବାଈ ଏବେ ସୁଦ୍ଧା ୫୩ଟି ଶସ୍ୟର ୧୨୨ କିସମର ବିହନକୁ ପାରମ୍ପରିକ ପଦ୍ଧତିରେ ସଂରକ୍ଷଣ କରି ରଖିଛନ୍ତି। ତାଙ୍କୁ ଲୋକେ 'ସିଡ୍ ଓମେନ' ଭାବେ ସମ୍ବୋଧନ କରୁଛନ୍ତି। ସେ ଦେଶୀ ବିହନ ସଂଗ୍ରହ ପାଇଁ ଏକ ଏସ୍‌ଏଚ୍‌ଜି ଗଠନ କରିଛନ୍ତି। ଏହି ଏସ୍‌ଏଚ୍‌ଜି ମାଧ୍ୟମରେ ସେ ମଧ୍ୟ ହେଲ୍‌ଥ କ୍ୟାମ୍ପ୍ ଆୟୋଜନ କରିବା ସହ ସୌର ଲ୍ୟାମ୍ପ ବାଣ୍ଟୁଛନ୍ତି। ୧୩,୦୦୦ ମହିଳା ଏବେ ତାଙ୍କ ସହ ଯୋଡ଼ି ହୋଇଛନ୍ତି। ଏହି ବିହନର ଚାଷ ସମ୍ପର୍କରେ ସେ କୃଷକ ଓ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ବି ଦେଉଛନ୍ତି। କେବଳ ଏତିକି ନୁହେଁ, ରାହିବାଈ ମଧ୍ୟ ୫୦୦ଗଛ ଲଗାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୯୮

- ମୁଖ୍ୟମନ୍ତ୍ରୀଙ୍କ ମୌଖିକ ପ୍ରତିଶ୍ରୁତି ପରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ବେସରକାରୀ କଲେଜ ଶିକ୍ଷକଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ସିପିଆଇର ବରିଷ୍ଠ ନେତ୍ରୀ ତଥା ଭାରତୀୟ ମହିଳା ଜାତୀୟ ମହାସଂଘର ସାଧାରଣ ସମ୍ପାଦିକା ଜି. ସାରଳା ଦେବୀଙ୍କ ୬୨ ବର୍ଷ ବୟସରେ ପରଲୋକ।
- ୟୁକ୍ରେନର ଡୋନେଟେକ୍ସ ଅଞ୍ଚଳରେ ଥିବା ସ୍କାଚିନସ୍କି କୋଇଲା ଖଣିରେ ମିଥେନ ବିସ୍ଫୋରଣ ଘଟି ୩୦ ଖଣି ଶ୍ରମିକଙ୍କ ମୃତ୍ୟୁ।

## ଚିରନ୍ତନୀ

ସପନ କବିତାର ପାଇଛି ମୂଳ ତା'ର
ହଜିନି କିଛି ମୋର ହଜିନି
ବୟସ ଅନୁରାଗ ଭିତରୁ କଳାଦାଗ
ଖୋଜିବି ନାହିଁ ଆଉ ସଜନି!

–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ବିଦ୍ୟାଳୟର ସୁରକ୍ଷା

ମହାଶୟ,

ବର୍ତ୍ତମାନ ପରିପ୍ରେକ୍ଷୀରେ ସହରଠୁ ମଫସଲ ଯାଏ ଇଂଲିଶ ମିଡିୟମ ସ୍କୁଲ ଛତୁ ଫୁଟିଲା ଭଳି ଖୋଲିଗଲାଣି। ଏଠାରେ ଶୈକ୍ଷିକ ପରିବେଶରେ ସ୍ୱତନ୍ତ୍ରତା ଲକ୍ଷ୍ୟ ହୁଏ। ସେଥିପାଇଁ ପିଲାମାନଙ୍କ ଭବିଷ୍ୟତ ଗଢ଼ିବାକୁ ଇଂଲିଶ ମିଡିୟମ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଅଭିଭାବକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ହେଲେ ରାଜ୍ୟ ସରକାର ଶୈକ୍ଷିକ ପରିବେଶକୁ ସଜାଡ଼ିବା ପାଇଁ ବିଦ୍ୟାଳୟଗୁଡ଼ିକୁ ରଙ୍ଗାରଙ୍ଗ ଓ ଉନ୍ନୀତ ବୋଲି ନାମିତ କରି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜାଡୁଥିଲେ ମଧ୍ୟ ଶିକ୍ଷା ପ୍ରଦାନ କରିବା ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରିବାରେ ଅକ୍ଷମତା ପ୍ରକାଶ କରୁଛନ୍ତି। କେତେକ ବିଦ୍ୟାଳୟରେ ଶିକ୍ଷକ ଅଧିକ ଥିଲାବେଳେ ପିଲାଙ୍କ ସଂଖ୍ୟା ଯଥେଷ୍ଟ କମ୍ ଥିବା ଲକ୍ଷ୍ୟ ହୁଏ। ଆଗକୁ ଅନେକ ବିଦ୍ୟାଳୟରେ ତାଲା ଝୁଲିପାରେ। ଏପରି ଅବସ୍ଥାରେ ସୁଧାର ଆଣିବାରେ ସରକାର ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସବୁ ଦୋଷ ପ୍ରମାଣିତ ହେଲେ ୧୩୬ ବର୍ଷ ଜେଲ



ମାନ୍‌ହାଟନ୍ କୋର୍ଟର ଡିଫେନ୍ସ ଟେବୁଲରେ ପ୍ରତିବାଦୀ ଓକିଲମାନଙ୍କ ସହ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

**ନ୍ୟୁୟର୍କ/ୱାଶିଂଟନ୍,୪।୪**

ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ତାଙ୍କ ମୁହଁ ବନ୍ଦ ପାଇଁ ୧୩୦,୦୦୦ ଡଲାର ଲାଞ୍ଚ ଦେବା ମାମଲାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ନ୍ୟୁୟର୍କସ୍ଥିତ ମାନ୍‌ହାଟନ୍ କୋର୍ଟହାଉସ୍‌ରେ ଆତ୍ମସମର୍ପଣ କରିଛନ୍ତି। ୮ଟି କାର୍ ମୋଟରକେଡ୍‌ରେ ଟ୍ରମ୍ପ୍ ମାନ୍‌ହାଟନ୍ କ୍ରିମିନାଲ କୋର୍ଟରେ ପହଞ୍ଚିବା ପରେ ତାଙ୍କୁ ପୋଲିସ ହାଜତରେ ରଖାଯାଇଥିଲା। ଏଥିସହ ଟ୍ରମ୍ପ୍‌ଙ୍କ ଫିଙ୍ଗରପ୍ରିଣ୍ଟ ଏବଂ ମଗ୍ ଶଟ୍ (ମୁହଁର ଫଟୋ) ନିଆଯାଇଥିଲା। କୋର୍ଟରେ ଟ୍ରମ୍ପ୍ ନିଜ ବିରୋଧରେ ଆସିଥିବା ୩୪ଟି ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ। ନ୍ୟୁୟର୍କ ଆଇନ ଅନୁସାରେ ଟ୍ରମ୍ପ୍‌ଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ପ୍ରମାଣିତ ହେଲେ ତାଙ୍କୁ ସର୍ବାଧିକ ୧୩୬ ବର୍ଷ ଜେଲ୍ ହୋଇପାରେ।

### ମାମଲା ସ୍ଥାନାନ୍ତର ଚାହାନ୍ତି ଟ୍ରମ୍ପ୍

ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଉଲ୍ଲେଖ କରିଥିଲେ, ମାନ୍‌ହାଟନ୍ କୋର୍ଟ ହେଉଛି ଏକ 'ଅତ୍ୟନ୍ତ ଅନୁପଯୁକ୍ତ ସ୍ଥାନ'। ତେଣୁ ତାଙ୍କ ମାମଲାକୁ ଷ୍ଟେଟନ୍ ଆଇଲାଣ୍ଡକୁ ସ୍ଥାନାନ୍ତର କରାଯାଉ। ତେବେ ତାଙ୍କ ଓକିଲ ଏନେଇ କୋର୍ଟରେ ଯୁକ୍ତି ବାଢ଼ିଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ। ଟ୍ରମ୍ପ୍ ରାତି ୮ଟା ୧୫ରେ ଫ୍ଲୋରିଡା ଫେରି ମାର୍-ଏ-ଲାଗୋ ରିସର୍ଟରେ ଖବରଦାତା ସମ୍ମିଳନୀ ଡାକି ନିଜ ପ୍ରତିକ୍ରିୟା ପ୍ରକାଶ କରିବେ।

### ଟ୍ରମ୍ପ୍ ଗିରଫ ହୋଇଥିଲେ କି

ହଁ, ଟ୍ରମ୍ପ୍‌ଙ୍କୁ ଟେକ୍ନିକାଲି ଗିରଫ କରାଯାଇଥିଲା। ବ୍ୟବସାୟିକ ଠକେଇ ମାମଲାରେ ଟ୍ରମ୍ପ୍‌ଙ୍କ ବିରୋଧରେ ଅଭିଯୋଗ ସ୍ଥିର ହୋଇଥିବାରୁ ତାଙ୍କୁ ପୋଲିସ ହାଜତରେ ରଖାଯାଇଥିଲା। କୋର୍ଟ ଅଫିସରମାନେ ଟ୍ରମ୍ପ୍‌ଙ୍କ ପୂରା ନାମ, ବୟସ, ଜନ୍ମ ତାରିଖ, ଉଚ୍ଚତା, ଓଜନ ଆଦି ରେକର୍ଡ କରିବା ସହ କମ୍ପ୍ୟୁଟରାଇଜ୍‌ଡ ସିଷ୍ଟମ୍‌ରେ ଫିଙ୍ଗରପ୍ରିଣ୍ଟ ଏବଂ ମଗ୍ ଶଟ୍ ନେଇଥିଲେ।

### କୋର୍ଟ ବାହାରେ ଜନସମୁଦ୍ର

ମାନ୍‌ହାଟନ୍ କୋର୍ଟ ହାଉସ୍‌ରେ ଟ୍ରମ୍ପ୍ ହାଜର ହେବାବେଳେ ବାହାରେ ତାଙ୍କ ସମର୍ଥକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ନିଜ ନେତାଙ୍କ ସମର୍ଥନରେ ହୁଇସିଲ୍ ମାରି ସ୍ଲୋଗାନ ଦେଉଥିଲେ। କେତେଜଣ ସମର୍ଥକ ଟ୍ରମ୍ପ୍‌ଙ୍କ ଭଳି ପୋଷାକ ପିନ୍ଧି ତାଙ୍କୁ ସ୍ୱାଗତ କରିଥିଲେ। ରିପବ୍ଲିକାନ୍ ମାର୍ଜୋରି ଟେୟଲର ଗ୍ରିନେ ଏହି ରାଲିର ନେତୃତ୍ୱ ନେଇଥିଲେ। ନ୍ୟୁୟର୍କ ସିଟି ମେୟର ଏରିକ୍ ଆଡାମ୍ସ ଶାନ୍ତି ଭଙ୍ଗକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ।




ନ୍ୟୁୟର୍କସ୍ଥିତ ମାନ୍‌ହାଟନ୍ କ୍ରିମିନାଲ କୋର୍ଟ ବାହାରେ ଟ୍ରମ୍ପ୍ ସମର୍ଥକଙ୍କ ଭିଡ଼।

## ଷ୍ଟର୍ମି ଡାନିଏଲ୍ସ କିଏ

ଲୁଇସିଆନାର ବାଟୋନ୍ ରୋଗ୍‌ରେ ୧୯୭୯ ମାର୍ଚ୍ଚ ୧୭ରେ ଷ୍ଟେଫାନି ଗ୍ରେଗୋରୀ କ୍ଲିଫୋର୍ଡ ଓରଫ୍ ଷ୍ଟର୍ମି ଡାନିଏଲ୍ସଙ୍କ ଜନ୍ମ। ପର୍ନ ଫିଲ୍ମ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ସାଜିବା ପୂର୍ବରୁ ଷ୍ଟର୍ମି ଷ୍ଟ୍ରିପର (ଆଡଲ୍ଟ ତଥା ବ୍ୟାଚଲର ପାର୍ଟିରେ ନାଚୁଥିବା ଯୁବତୀ) ଭାବେ କାର୍ଯ୍ୟ କରୁଥିଲେ। ୪୪ ବର୍ଷୀୟା ଷ୍ଟର୍ମିଙ୍କ ଜନ୍ମର ୩-୪ ବର୍ଷ ପରେ ମା' ସେଲା ଏବଂ ବାପା ବିଲ୍ ଗ୍ରେଗୋରୀଙ୍କ ବିବାହ ବିଚ୍ଛେଦ ଘଟିଥିଲା। ୧୯୯୭ରେ ବାଟୋନ୍ ରଗ୍‌ସ୍ଥିତ ସ୍କଟ୍‌ଲାଣ୍ଡଭିଲେ ମାଗ୍‌ନେଟ୍ ହାଇସ୍କୁଲରୁ ପାସ୍ କରିଥିଲେ। ମାତ୍ର ୧୭ ବର୍ଷ ବୟସରେ ସେ ଷ୍ଟ୍ରିପର ଭାବେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ୨୦୦୪ରେ ଆଡଲ୍ଟ ଭିଡିଓ ନ୍ୟୁଜ୍ ତରଫରୁ ତାଙ୍କୁ ବେଷ୍ଟ ଷ୍ଟାରଲେଟ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ତେବେ ଷ୍ଟର୍ମିଙ୍କ ବୈବାହିକ ଜୀବନ ସେତେ ସଫଳ ନୁହେଁ। ୨୦୦୩ରେ ସେ ପର୍ନ ଇଣ୍ଡଷ୍ଟ୍ରି ସହ ଜଡ଼ିତ ପାଟ୍ ମିନେଙ୍କୁ ପ୍ରଥମ ବିବାହ କରିଥିଲେ। କିନ୍ତୁ ଦୁହିଁଙ୍କ ସମ୍ପର୍କ ବେଶିଦିନ ତିଷ୍ଠି ପାରି ନ ଥିଲା। ୨୦୦୫ରେ ଷ୍ଟର୍ମି ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ପରେ ପର୍ନଷ୍ଟାର୍ ବ୍ରେଣ୍ଡୋନ୍ ମିଲେରଙ୍କ ସହ ୨୦୧୫ରେ ବିବାହକରି ୨୦୧୮ରେ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ଗତବର୍ଷ ଷ୍ଟର୍ମି ବାରେଟ୍ ବ୍ଲେଡ୍‌ଙ୍କୁ ବିବାହ କରିଛନ୍ତି। ଷ୍ଟର୍ମିଙ୍କର ଜଣେ ସନ୍ତାନ ଅଛନ୍ତି।



## ଟ୍ରମ୍ପ୍‌ଙ୍କ ପ୍ରତି ବଢ଼ୁଛି ସମର୍ଥନ

୪୮% ରିପବ୍ଲିକାନ୍ସଙ୍କ ମତରେ ଟ୍ରମ୍ପ୍ ସେମାନଙ୍କ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ହେବା ଉଚିତ। ଗତ ମାସରେ ଏହି ହାର ୪୪% ଥିଲା। ଏହି ଦୌଡ଼ର ଦ୍ୱିତୀୟ ସ୍ଥାନରେ ଥିବା ଫ୍ଲୋରିଡା ଗଭର୍ନର ରୋନ୍ ଡେସାଣ୍ଟିସ୍ ପୂର୍ବରୁ ୩୦% ରିପବ୍ଲିକାନ୍‌ଙ୍କ ସମର୍ଥନ ହାସଲ କରିଥିବାବେଳେ ଏବେ ଏହା ୧୯%କୁ ଖସିଯାଇଛି। ଦୁଇ-ତୃତୀୟାଂଶରୁ ଅଧିକ ଉତ୍ତରଦାତା କହିଛନ୍ତି, ଟ୍ରମ୍ପ୍ ଷ୍ଟର୍ମି ଡାନିଏଲ୍ସଙ୍କୁ ହଶ୍ ମନି ଦେଇଥିଲେ। ଅନ୍ୟପକ୍ଷେ ୫୦ ପ୍ରତିଶତ ଏହି ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।




ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବା ନେଇ ପ୍ରକାଶିତ ଏକ ଖବରକାଗଜ ରିପୋର୍ଟକୁ ଟ୍ରମ୍ପ୍ ଟାୱାର ବାହାରେ ଜଣେ ବ୍ୟକ୍ତି ଧରିଛନ୍ତି।

## ମାମଲାର ଘଟଣାକ୍ରମ

- **୨୦୦୬ :** ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସ ନେଭାଡାର ଲେକ୍ ଟାହୋରେ ଅନୁଷ୍ଠିତ ସେଲିବ୍ରିଟି ଗଲ୍ଫ ଟୁର୍ନାମେଣ୍ଟରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଥିବା କହିଥିଲେ।
- **୨୦୦୭ :** ଟ୍ରମ୍ପ୍ ତାଙ୍କୁ ଏକ ଶୋ'ରେ ସାମିଲ ଲାଗି ଆଲୋଚନା କରିବା ନିମନ୍ତେ ଲସ୍ ଆଞ୍ଜେଲସ୍ସ୍ଥିତ ବେଭେର୍ଲି ହିଲ୍ସ ହୋଟେଲଠାରେ ଥିବା ବଙ୍ଗଳାରେ ଭେଟିବାକୁ କହିଥିଲେ।
- **୨୦୧୧ :** ଡାନିଏଲ୍ସ 'ଇନ୍ ଟଚ୍ ମାଗାଜିନ୍'କୁ ସାକ୍ଷାତ୍‌କାର ଦେଇ ଟ୍ରମ୍ପ୍‌ଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଥିବା ଅଭିଯୋଗ କରିଥିଲେ।
- **୨୦୧୬ ଜୁଲାଇ :** ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ରିପବ୍ଲିକାନ ପାର୍ଟିରୁ ମନୋନୀତ ହୋଇଥିଲେ।
- **୨୦୧୬ ଅକ୍ଟୋବର :** ଟ୍ରମ୍ପ୍‌ଙ୍କ ସହ ସମ୍ପର୍କ ଅଭିଯୋଗକୁ ପ୍ରଘଟ ନ କରିବା ପାଇଁ ତାଙ୍କର ତତ୍କାଳୀନ ଓକିଲ ମିଚେଲ କୋହେନ୍ ପର୍ନ ଷ୍ଟାରଙ୍କୁ ୧,୩୦,୦୦୦ ଡଲାର ପୈଠ କରିଥିଲେ ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ପ୍ରକାଶ କରିଥିଲା।
- **୨୦୧୬ ନଭେମ୍ବର :** ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେଲେ।
- **୨୦୧୮ ଫେବୃୟାରୀ:** ଡାନିଏଲ୍ସଙ୍କୁ କୋହେନ୍ ନିଜସ୍ୱ ଅର୍ଥ ପୈଠ କରିଥବା ନ୍ୟୁୟର୍କ ଟାଇମ୍ସକୁ କହିଥିଲେ। ଏଥିପାଇଁ ଟ୍ରମ୍ପ୍‌ଙ୍କ କମ୍ପାନୀ କିମ୍ବା କ୍ୟାମ୍ପେନ୍ ତାଙ୍କୁ ଅର୍ଥ ପୈଠ କରିବା ଲାଗି ନିର୍ଦ୍ଦେଶ ଦେଇ ନ ଥିଲେ। ତେବେ ଡାନିଏଲ୍ସଙ୍କୁ ଟ୍ରମ୍ପ୍ ହସ୍ ମନି ପୈଠ କରିଥିବା ଜାନୁୟାରୀରେ ସାଧାରଣରେ ପ୍ରଘଟ ହୋଇଯାଇଥିଲା।
- **୨୦୧୮ ଅଗଷ୍ଟ:** ନିର୍ବାଚନ ପ୍ରଚାର ପାଣ୍ଠି ନିୟମର ଉଲ୍ଲଂଘନ କରି ହସ୍ ମନି ପୈଠ କରିଥିବା ଅଭିଯୋଗରେ କୋହେନ୍ ମାନ୍‌ହାଟନ୍ ଫେଡେରାଲ କୋର୍ଟରେ ଦୋଷ ସ୍ୱୀକାର କରିଥିଲେ।
- **୨୦୧୮ ଡିସେମ୍ବର:** କୋହେନ୍‌ଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଥିଲା।
- **୨୦୨୦ ମେ':** କୋଭିଡ୍ ଯୋଗୁ କୋହେନ୍‌ଙ୍କୁ ଆଗୁଆ ଜେଲରୁ ମୁକ୍ତ କରାଯିବା ସହ ଅବଶିଷ୍ଟ ଅବଧି ଗୃହବନ୍ଦୀ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।
- **୨୦୨୨ ଡିସେମ୍ବର:** ମାନହାଟନର ନ୍ୟୁୟର୍କ ଷ୍ଟେଟ୍ କୋର୍ଟରେ ଶୁଣାଣି ପରେ ଟ୍ରମ୍ପ୍ ଅର୍ଗାନାଇଜେଶନ ଟିକସ ଫାଙ୍କି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୧.୬ ନିୟୁତ ଡଲାର ଜରିମାନା ଭରିଥିଲା।
- **୨୦୨୩ ଜାନୁୟାରୀ:** ୨୦୧୬ ହସ୍ ମନି ପୈଠ ମାମଲାରେ ଟ୍ରମ୍ପ୍‌ଙ୍କ ଭୂମିକା ଥିବା ନେଇ ଗ୍ରାଣ୍ଡ ଜୁରିରେ ପ୍ରମାଣ ଉପସ୍ଥାପନ କରାଯାଇଥିଲା।
- **୨୦୨୩ ମାର୍ଚ୍ଚ:** ଗ୍ରାଣ୍ଡ ଜୁରିରେ ବୟାନ ଦେବା ଲାଗି ଟ୍ରମ୍ପ ହାଜର ହେବାକୁ ମନା କରିଥିଲେ।

**ଭାରତ ସରକାର**
**ପୂର୍ବ ତଟ ରେଳପଥ**
ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବ ତଟ ରେଳପଥ, ଅନୁଗୁଳ
**ବିଜ୍ଞପ୍ତି**
ପତ୍ର ସଂଖ୍ୟା-୧୩୮୮/ତା.୨୯.୦୩.୨୦୨୩

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ଼ ଜିଲ୍ଲାର ବିମଳାଗଡ଼ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନ ବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ନୁଥୁରୁପସି, ଥାନା-ଖମାର, ଥାନା ନମ୍ବର-୭୧ ରୁ ଏ ୦.୦୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନ ପ୍ରଦତ୍ତ କୌଣସି ଜମିରେ ଖାତା ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ
ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ)
ଅନୁଗୁଳ-୭୫୯୧୨୩

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)
ପୂର୍ବ ତଟ ରେଳପଥ, ଅନୁଗୁଳ

ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର
ଜିଲ୍ଲା-ଅନୁଗୁଳ, ଥାନା-ଖମାର, ଥାନା ନମ୍ବର-୭୧, ତହସିଲ-ପାଲହଡ଼ା, ମୌଜା-ନୁଥୁରୁପସି

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୦୧ | ୧୦୭/୮୦ | ୩୩୮/୧୧୬୩/୧୧୯୫ | ଘରବାରି | ପ୍ରଦ୍ୟୋତ କୁମାର ସାମଲ, ଝରଣା ସାମଲ, ପି-ଅର୍ଜୁନ ସାମଲ, ଜାତି-ଖଣ୍ଡାୟତ, ବା-ଖମାର | ୦.୦୨୦ | ୦.୦୨୦ | |
| | | | | ମୋଟ | | ୦.୦୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)
ପୂର୍ବ ତଟ ରେଳପଥ, ଅନୁଗୁଳ
PR-01/CG/23-24

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର
**ସଂଶୋଧନ ପତ୍ର**
ତା.୦୪.୦୯.୨୦୧୮ ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଦଖଲ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ମା ତାରିଣୀ ଇଲେକ୍ଟ୍ରିକାଲ୍ସର "ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ" ସ୍ତମ୍ଭରେ ଦର୍ଶିତ ଖାତା ନଂ.: ୧୦୫/୨୨୪ ପରିବର୍ତ୍ତେ ଖାତା ନଂ.: ୧୧୫/୨୨୪ ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୪.୦୪.୨୦୨୩ / କ୍ଷମତାପ୍ରାପ୍ତ ଅଧିକାରୀ

**ପୂର୍ବ ତଟ ରେଳପଥ**
(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-09 ତା.29.03.2023ରିଖ
କାର୍ଯ୍ୟର ନାମ : ବଲାଙ୍ଗୀର, ବରଗଡ଼ ରୋଡ୍ ଏବଂ ସମ୍ବଲପୁର ସିଟି ଷ୍ଟେସନଗୁଡ଼ିକରେ ଅମୃତ ଭାରତ କାର୍ଯ୍ୟ ସମ୍ବନ୍ଧୀୟ ଫୁଟ ଓଭର ବ୍ରିଜ୍‌ର ସିଗ୍ନାଲ୍ ଏବଂ ଟେଲିକମ୍ କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 11,84,190.60, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 23,700/-.
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-10 ତା.29.03.2023ରିଖ
କାର୍ଯ୍ୟର ନାମ : ଟିଟିଲାଗଡ଼, କେସିଙ୍ଗା, କଣ୍ଟାବାଞ୍ଜି ଏବଂ ମହାସମୁନ୍ଦ ଷ୍ଟେସନଗୁଡ଼ିକରେ ଅମୃତ ଭାରତ କାର୍ଯ୍ୟ ସମ୍ବନ୍ଧୀୟ ଫୁଟ ଓଭର ବ୍ରିଜ୍‌ର ସିଗ୍ନାଲ୍ ଏବଂ ଟେଲିକମ୍ କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 20,76,820/-, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 41,500/-.
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.04.2023 ରିଖ 1100 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-06/O/23-24

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM**
**CORRIGENDUM**
Notice No. 4999/2023 Date: 31.03.2023
No. E-01: In this office tender Advertisement No. 3628, Dated 06.03.2023, published in daily newspaper "The Dharitri" & "The Pragatibadi" on datded 10.03.2023 regarding "To Undertake Security Services" & "To Undertake Mechanized Laundry Services" with supply of bedsheets at Govt. Health Institutions of Ganjam District, the revised clauses as mentioned in Annexure 1, 2, 3, & 4 of the RFP documents are uploaded in Ganjam District website: **https://ganjam.nic.in** which may be followed. The last date for submission of proposal is extended upto 13th April 2023 by 4.00 P.M. and the technical proposal will open **13th April 2023 at 5.00 P.M. in the Office Chamber of CDM & PHO, Ganjam**. Other term & conditions of the RFP remains unchanged. Further the bidders, who have already submitted the proposal as per tender No. 3628 dated 06.03.2023 are requested to submit the revised documents as published the corrigendum documents only instead of fresh proposal.
The undersigned reserves the right to accept or reject any or all bids without assigning any reason thereof.
Sd./- Chief District Medical & Public Health Officer, Ganjam
OIPR-10041/11/0001/2324

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
**OFFICE OF THE EXECUTIVE ENGINEER LIFT IRRIGATION DIVISION, BHUBANESWAR**
E-mail ID: eeolicdivn.bbsr@ymail.com
**TENDER CALL NOTICE**
**For Selection of Facility Management Agency**
No. 1119/2023-24 Dt.03.04.2023
No. CAD-12: Executive Engineer, Lift Irrigation Division, Bhubaneswar invites sealed tender from eligible Bidders (Firms/Agencies) interested to provide "Engagement of Junior Engineer (Mech.) 2 Nos on Contractual Basis through Service Provider to be engaged at Lift Irrigation Division, Bhubaneswar.
Tender documents can be had from the office of the Executive Engineer, Lift Irrigation Division, Bhubaneswar during office hours on working days from Dt.05.04.2023 to Dt.12.04.2023 on application and payment of cost of tender paper Rs.2,000/- (Rupees two thousand) only (non-refundable) in shape of Bank Draft/Banker's Cheque drawn on any Nationalized Bank in favour of Executive Engineer, Lift Irrigation Division, Bhubaneswar payable at Bhubaneswar.
The completed tender documents shall be received at L.I. Division, Bhubaneswar by Speed Post/Registered Post/Courier only upto 04.00 P.M. of Dt.13.04.2023 which will be opened at Lift Irrigation, Bhubaneswar on the same day at 04.30 P.M. in presence of renderers or their authorized representatives if any.
The tender must be accomapined with all required documents/EMD as per DTCN in absence of which the tender will summarily be rejected.
The undersinged reserves the right to accept or reject any or all the tenders without assigning any reason thereof.
Sd./- Executive Engineer, L.I. Division, Bhubaneswar
OIPR-32155/11/0001/2324

**OFFICE OF THE DISTRICT AUDIT OFFICER LOCAL FUND AUDIT, DHENKANAL**
No. 985/LFA Dt.31.03.2023
**QUOTATION/TENDER CALL NOTICE**
No. S-01: Sealed quotations/tenders are invited in prescribed format (Annexure - III) from interested reputed Travel Agencies/Tour Operators or private individuals preferably Dhenkanal based having valid GSTIN for providing one No. of Non AC/AC Vehicles preferably BS-IV compliant petrol which shall confirm to the Terms and Conditions (Given in Annexure - II) for official use in the office of the District Audit Office, Local Fund Audit, Dhenkanal on montly rent basis. The vehicle will be engaged from the date of signing of Agreement. The application form of quotation/tender containing General Bid Information and Terms & Conditions for Hiring of vehicle etc. will be available with District Audit Office, LFA, Dhenkanal on payment of Rs.100/- from 06.04.2023 to 20.04.2023 dring office hours. The types of vehicles required as detailed below.

| Sl. No. | Type of Vehicle | No. of Vehicle required | Maximum hire charges per month (Excluding Fuel Cost & GST) | Minimum average mileage in KMs per litre |
|---|---|---|---|---|
| 1 | Tiago / Celerio / Bolt (Petrol) | 1 (One) | Rs.20,000/- (Twenty Thousand) | 17 (Seventeen) |

Sd./- District Audit Officer, LFA, Dhenkanal
OIPR-05011/11/0001/2324

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar, Odisha - 751001, Ph.: 0674-2392801
RFP No. 10321/BDA Date: 03.04.2023
BDA/1303/PPP/2023/1
**REQUEST FOR PROPOSAL FOR SELECTION OF CONSULTING FIRM FOR SETTING UP PROJECT MONITORING UNIT AT BHUBANESWAR DEVELOPMENT AUTHORITY (BDA)**
No. CAD-17: Bhubaneswar Development Authority (BDA) intends to select a Consulting Firm for setting up Project Monitoring Unit at BDA. Interested agencies may participate for this tender and submit their proposal. The detailed Request For Proposal (RFP) document can be downloaded from BDA website i.e. **bda.gov.in** from **03.04.2023 to 24.04.2023**. Any further intimation (i.e. Corrigendum/Addendum/Responses to the queries/Clarifications) shall be uploaded in BDA website only. The pre-bid meeting is scheduled on **10.04.2023 at 03.30 P.M.** in the Conference Hall of BDA Office. The last date for receipt of proposals is **24.04.2023 by 4.00 P.M.** and the same would be opened on **24.04.2023 at 5.00 P.M.** Please refer the RFP documents for further details.
BDA reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.
Sd./- Secretary
Bhubaneswar Development Authority
OIPR-13033/11/0002/2324

See Career Appointment on every Wednesday & Saturday

**OFFICE OF THE PANCHAYAT SAMITI BANKI, DAMPADA, CUTTACK, BANKI-DAMPADA**
No.i-08: E-mail:- ori-dampada@nic.in
**'e'-Procurement Notice No.03 (BDB 03 to 10)/2022-23**
1. **Name of Work :** Construction of Day Care Sub-Centre Cum Health & Wellness Centre at Ghasiput. 2. Construction of Day Care Sub-Centre Cum Health & Wellness Centre at Ragadi. 3.Construction of Day Care Sub-Centre Cum Health & Wellness Centre at Banra. 4.Construction of Day Care Sub-Centre Cum Health & Wellness Centre at Pathapur. 5. Construction of Day Care Sub-Centre Cum Health & Wellness Centre at V.Ramchandrapur. 6.Construction of Day Care Sub-Centre Cum Health & Wellness Centre at Padanpur. 7. Construction of Day Care Sub-Centre Cum Health & Wellness Centre at Dulanpur.
2. Total No. of Works : 07 (Seven) Nos. of works
3. Tender Cost : Rs.2877222.00 (for Each Work).
4. Period of Completion : 08 (Eight) Calendar Months
5. Procurement Officer : Block Development Officer Banki-Dampada, Cuttack
6. Availability of Tender online for Bidding : 06.04.2023 from 10.00 A.M. to 26.04.2023 upto 3.00 P.M. (Selling) 06.04.2023 from 10.00 A.M. to 26.04.2023 upto 5.00 P.M. (Submission)
7) Date, Time & Venue of opening of Bid through Online : Dtd.27.04.2023, 11.30 A.M. in the Office of the Panchayat Samiti Banki-Dampada
Further details can be seen from the Govt. website www.tendersodisha.gov.in.
Sd./- Block Development Officer, Banki-Dampada, Cuttack
OIPR-19291/11/0001/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER KALAHANDI RWS&S DIVISION, BHAWANIPATNA**
e-mail:eerwsskld@gmail.com, eerwss_kld@nic.in, Phone No: 06670-230784
INVITATION OF BID THROUGH e - TENDERING
Bid Identification No- 97/SE/RWSS/2022-23 /Bpt Dated.31.03.2023
No.O-08:
01.Name of the work :- As per ANNEXURE - A

| Procurement Officer | Bid Identification No. | Availability of tender online for bidding on office hour only From | To | Date of Opening (Technical Bid) |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 97/SE/RWSS/2022-23/Bpt Dated 31.03.2023 | 10.04.2023 10.00 AM | 20.04.2023 05.30 PM | 21.04.2023 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.
Sd./- Superintending Engineer, Kalahandi RWS&S Division, Bhawanipatna
OIPR-25005/11/0001/2324

**ଦ.ପୂ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍‌ଇସିଏଚ୍‌ସିକେପି-୨୩-୨୪-୦୧, ତାରିଖ: ୦୩।୦୪।୨୦୨୩। କାର୍ଯ୍ୟର ନାମ: ଖୋଲା ଟେଣ୍ଡର ମାଧ୍ୟମରେ ୦୩ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନରେ ଚଳାଚଳ କରୁଥିବା ନାମିତ ଟ୍ରେନ୍‌ର କୋଚ୍‌ଗୁଡ଼ିକୁ ପାଣି ଯୋଗାଣ କରିବା। ଟେଣ୍ଡର ମୂଲ୍ୟ: ₹୭୦,୬୩,୨୯୭.୫୦। ବିଡ୍ ଅମାନତ: ₹୧,୪୧,୩୦୦। କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍‌ଇସିଏଚ୍‌ସିକେପି-୨୩-୨୪-୦୨, ତାରିଖ: ୦୩।୦୪।୨୦୨୩। କାର୍ଯ୍ୟର ନାମ: ତିନିବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ଯନ୍ତ୍ରଚାଳିତ ଲଣ୍ଡ୍ରି/ସିକେପିର ପରିଚାଳନା ଏବଂ ସିକେପିଠାରେ ଟ୍ରେନ୍‌ଗୁଡ଼ିକରେ ଲିନେନ୍ ପ୍ୟାକେଟ୍‌ଗୁଡ଼ିକର ଲୋଡିଂ/ଅନ୍‌ଲୋଡିଂ। ଟେଣ୍ଡର ମୂଲ୍ୟ: ₹୩,୫୨,୫୯,୦୦୦। ବିଡ୍ ଅମାନତ: ₹୩,୨୬,୩୦୦। ଟେଣ୍ଡର ଫର୍ମ ମୂଲ୍ୟ: ଉଭୟ ପାଇଁ ଶୂନ୍ୟ। ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଏମ୍‌ଇ/ସିକେପି, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉଭୟ ପାଇଁ ତା୨୪।୦୪।୨୦୨୩ରିଖ ୧୫.୦୦ ଘଟିକାରେ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-10)

## ସଂକ୍ଷେପରେ

### ଶ୍ରୀଶ୍ରୀ ରଘୁନାଥଙ୍କ ରାମଲୀଳା ନାଟକ

**ଯାଁଲା,୪।୪(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଲା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମରେ ମଙ୍ଗଳବାର ନାଟକର ଷଷ୍ଠ ରଜନୀରେ ସୂର୍ପଣଖା ନାସା ଛେଦନ ଓ ସୀତା ଚୋରି ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ରଘୁନାଥଙ୍କ ପୀଠରେ ଆୟୋଜିତ ଏହି ନାଟକରେ ଲକ୍ଷ୍ମଣ ମଙ୍ଗରାଜ, ଗୁଣ୍ଡୁଚି ବିଜୟ ବାରିକ ନିର୍ଦ୍ଦେଶନା ଦେଉଛନ୍ତି। ମୁଖ୍ୟ କଳାକାର ଭୂମିକାରେ ରାମ- ବିଜୟ ବାରିକ, ଲକ୍ଷ୍ମଣ- ଶିବୁ ମଙ୍ଗରାଜ, ସୀତା- ପ୍ରସନ୍ନ ପରିଡ଼ା, ରାବଣ- ରବୀନ୍ଦ୍ର ବାରିକ, ସୂର୍ପଣଖା-ପ୍ରମୋଦ ମହାପାତ୍ର, ଜଟାୟୁ- ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ନାଭିଦୟିତ୍ୟ ମଙ୍ଗରାଜ ଓ ରଘୁନାଥ ମହାରଣା ନାଟକକୁ ପରିଚାଳନା କରିଛନ୍ତି। ନାଟକ ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ଼ ଲାଗୁଛି। ୧୯୪୫ ମସିହାରୁ ଆରମ୍ଭ ହୋଇଥିବା ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ରାମଲୀଳା ନାଟକ ଅଦ୍ୟାବଧି ଚାଲୁ ରହିଛି।

### ୭ରେ ପଞ୍ଚଶମ୍ଭୁଙ୍କ ମହାମିଳନ ପର୍ବ

**କୃଷ୍ଣପ୍ରସାଦ,୪।୪(ଡି.ଏନ୍.ଏ.):** ଆସନ୍ତା ୭ ତାରିଖରେ ପଞ୍ଚଶମ୍ଭୁଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହେବ। ଏନେଇ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ତିତିପ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟ ପୀଠାଧୀଶ ଶ୍ରୀଶ୍ରୀ ପଣ୍ଡେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ତିତିପ ଗ୍ରାମ୍ୟ କମିଟି ସଭାପତି ଯୋଗେନ୍ଦ୍ର ନାଥ ଜେନା, ସମ୍ପାଦକ ନୀଳ ମାଧବ ମହାପାତ୍ରଙ୍କ ସମେତ ଗ୍ରାମର ବହୁ ବୁଦ୍ଧିଜୀବୀ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଉତ୍ସବକୁ ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳାରେ ସମାପନ କରିବାକୁ ଗ୍ରାମ୍ୟ କମିଟି ସଦସ୍ୟ ଏବଂ ଯୁବ ସଂଗଠନକୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି।

### ୬ ପିଇଟିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୋଲଗଡ଼,୪।୪(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ନିକଟରେ ଅବସର ଗ୍ରହଣ କରିଥିବା ୬ଜଣ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ସ୍ଥାନୀୟ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ କ୍ରୀଡା ସଙ୍ଗଠନର ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଅତିଥିଭାବେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା, ଏବିଇଓ ସିଦ୍ଧେଶ୍ୱର ସାହୁ ଏବଂ ସମ୍ବର୍ଦ୍ଧିତ ହେବାକୁ ଥିବା ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମଞ୍ଚାସୀନ ଥିଲେ। ଡାବରଧୁଆ ଶ୍ୟାମସୁନ୍ଦର ଆଦର୍ଶ ବିଦ୍ୟାପୀଠର ଶାରୀରିକ ଶିକ୍ଷା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କର ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶାରୀରିକ ଶିକ୍ଷା ଶିକ୍ଷକଭାବେ ଅବସର ଗ୍ରହଣ କରିଥିବା ସାଗରଗୁଆଁ ସରକାରୀ ଉଚ୍ଚବିଦ୍ୟାଳୟର ଗୋପାଳ ଚରଣ ମହାନ୍ତି, ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ଣ୍ଣଚନ୍ଦ୍ର ବାହୁବଳେନ୍ଦ୍ର, ତାଳତୁମ୍ଭ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚାନନ ମହାନ୍ତି, ଟାଙ୍ଗୀସାହି ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟର ଜୟରାମ ଦାଶ, ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଉଲ୍ଲାସ ଦତ୍ତ ଏବଂ ଅରଖପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅଜୟ କୁମାର ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନର ଉପଦେଷ୍ଟା ଜୟରାମ ଦାଶଙ୍କ ପ୍ରସ୍ତାବକ୍ରମେ କଳାଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଦୀପ୍ତିମୟୀ ହୋତାଙ୍କୁ ସଙ୍ଗଠନ ସମ୍ପାଦିକା ଓ ପିଚୁକୁଳି ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟର ମାନସ ବେହେରାଙ୍କୁ ସହ-ସମ୍ପାଦକଭାବେ ମନୋନୀତ କରାଯାଇଛି।

# ମା' ଓ ଶିଶୁ ଯତ୍ନ, ସଚେତନତା କାର୍ଯ୍ୟ ପ୍ରଶଂସନୀୟ

**ଖୋର୍ଦ୍ଧା ଅଫିସ,୪।୪**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି(ଜିକେଏସ୍ଏସ୍), ଜନ ଆରୋଗ୍ୟ ସମିତି (ଜେଡ୍ଏସ୍ଏସ୍) ଓ ମହିଳା ଆରୋଗ୍ୟ ସମିତି (ଡବ୍ଲ୍ୟୁଏସ୍ଏସ୍)ର ମିଳିତ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍ଓ ଆଣ୍ଡ ପିଏଚ୍ଓ) ଡା. ଆର୍ତ୍ତବନ୍ଧୁ ନାୟକ ଅଧକ୍ଷତା କରିଥିଲେ। ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀ ଏବଂ ବିଭିନ୍ନ ସମିତିର ପ୍ରମୁଖ ଭୂମିକା ରହିଛି। ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନାର ସଫଳ ରୂପାୟନ ଦିଗରେ ଏମାନଙ୍କ ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଥିଲେ, ସରକାର ଗର୍ଭବତୀ ଓ ନବଜାତ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ଏବଂ



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଜଣେ ଆଶାକର୍ମୀଙ୍କୁ ସମ୍ମାନିତ କରୁଛନ୍ତି।

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ଯୋଜନା କାର୍ଯ୍ୟକାରିତା ଦିଗରେ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତିର କାର୍ଯ୍ୟ ପ୍ରଶଂସନୀୟ। ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣ ସହିତ ସମନ୍ୱୟ ରଖି କାର୍ଯ୍ୟକଲେ ସମ୍ମାନ ବଢ଼ିବ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ପିଏଚ୍ଓ ଡା. ବିଜନ କୁମାର ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଡା. ରଘୁନାଥ ନାୟକ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଡା. ପ୍ରଶାନ୍ତ ଦାସ, ଡା. ଜୀବନ୍ତ କୁମାର ଆଚାର୍ଯ୍ୟ, ଡା. ବିଶ୍ୱମୋହନ ମିଶ୍ର, ଡା. ନନ୍ଦିତା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କୁ ଉତ୍ତମ ସେବା ଓ ସାମୂହିକ ସଚେତନତା ଦିଗରେ ଉଲ୍ଲେଖନୀୟ ଅବଦାନ ଲାଗି ବିଭିନ୍ନ ବିଭାଗରେ ଆଶା ଏବଂ ଗାଁ କଲ୍ୟାଣ ସମିତି, ଜନକଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିକୁ ଅତିଥିମାନେ ସମ୍ମାନିତ କରିଥିଲେ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ସୂଚନା ଅନୁସାରେ, ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ ବବିତା ରାଉତ ଓ ବାଲୁଗାଁର ମମତା ରାଉତ, ଭୁବନେଶ୍ୱର ବ୍ରହ୍ମେଶ୍ୱରର ସୁଷମା ପ୍ରଧାନ, କଲ୍ପନାର ଲକ୍ଷ୍ମୀ ଭୋଇ, ଜଟଣୀର ମମତା ହରିଚନ୍ଦନ, ବୋତଳମାର କୁମୁଦିନୀ ପରିଡା, ହଲଦିଆର ସଚଳା ମାର୍ଥା, ବାଲକାଟୀର କବିତା ମହାନ୍ତି, ଟାଙ୍ଗୀର ଲକ୍ଷ୍ମୀ ଦେଇ, ବାଲିପାଟଣାର ସୁଧାଂଶୁବାଳା ମିଶ୍ର, ବାଣପୁରର ସସ୍ମିତା ମୁଦୁଲି, ବୋଲଗଡ଼ର ଅହଲ୍ୟା ଦେଇ, ଘାଟିକିଆର ନଳିନୀ ସାହୁ, କପିଳ ପ୍ରସାଦର ସବିତା ପ୍ରତାପସିଂ, କୁଦିଆରୀର ଜେ. ପଦ୍ମା । ସେହିପରି ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ହିସାବରେ ଟାଙ୍ଗୀ ବ୍ଲକର ରତନପୁର, ମେଣ୍ଢାଶାଳର ଜୟପୁରପାଟଣା ଓ ଚିଲିକା ବ୍ଲକର ପ୍ରଧାନଦେଇପୁର, ଜଟିପାଟଣା, ଭଗବତୀପୁର, ବାରିବାଡି, ଚଢେଇଗୁଆ, ସିଂହେଶ୍ୱର, କରଡି ଗାଁ କଲ୍ୟାଣ ସମିତିକୁ ସମ୍ମାନିତ କରାଯାଇଛି । ସେହିପରି ଶ୍ରେଷ୍ଠ ଜନଆରୋଗ୍ୟ ସମିତିରେ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମୁକ୍ତାପୁର ସମିତି, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବେଙ୍ଗିଟାଙ୍ଗି, ପୋଡାଡିହ, ଶଗଡ଼ଭଙ୍ଗା, ଗଡ଼ମାଣତିରି, ମେଣ୍ଢାଶାଳର ବାଙ୍କୁଲା, ବେଣାପଞ୍ଜରୀ, ବାଲକାଟୀର ବଇଁଗୁଆଁ, ବାଣପୁରର ନରେନ୍ଦ୍ରପୁର, ବଡ଼ହନ୍ତୁଆଡ଼, ବାଲିପାଟଣା ବିଶ୍ୱନାଥପୁର, ବାଲୁଗାଁ ଆଙ୍କୁଲା, ବୋଲଗଡ଼ ଗେଡ଼ିଆପଲ୍ଲୀ ସମିତିକୁ ପୁରସ୍କୃତ କରାଯାଇଥିଲା। ବିମଳ ପ୍ରସାଦ ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିପିଏସ୍‌ସିଓ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରେଲ୍‌ୱେ ପ୍ଲାଟ୍‌ଫର୍ମକୁ ମାଡ଼ିଗଲା କାର୍

**ଭୁବନେଶ୍ୱର,୪।୪ (ବ୍ୟୁରୋ)**

ଭୁବନେଶ୍ୱର ରେଳ ଷ୍ଟେଶନର ୧ନଂ. ପ୍ଲାଟ୍‌ଫର୍ମ ଭିତରକୁ ଏକ କାର୍ ପଶିଆସିବା ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ମଙ୍ଗଳବାର ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ପ୍ଲାଟ୍‌ଫର୍ମ ଭିତରକୁ କାର୍ ପଶିଯିବା ପରେ ରେଳ ଷ୍ଟେଶନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣା ୩୧ ତାରିଖ ବିଳମ୍ବିତ ରାତିର ବୋଲି ସୂଚନା ମିଳିଛି। ଉକ୍ତ କାର୍‌ରୁ କିଛି ମଦ ବୋତଲ ବାହାରିବା ସହ ସେଥିରେ ଜଣେ ଯୁବତୀ ଓ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଥିଲେ। ସେମାନେ ପ୍ଲାଟଫର୍ମର ପାର୍ସଲ ଗେଟ୍ ଦେଇ କାର୍‌କୁ ଭିତରକୁ ପଶାଇ ଦେଇଥିଲେ। ଏହାପରେ ଉକ୍ତ କାର୍‌ଟି ରେଳ ଧାରଣା ଆଡ଼କୁ ମାଡ଼ଯାଇ ଝୁଲନ୍ତା ଅବସ୍ଥାରେ ରହିଥିଲା। ସେଠାରେ ଥିବା ସ୍ଥାନୀୟ ଲୋକେ ଓ ଯାତ୍ରୀମାନେ ଏହାଦେଖି ଭୟଭୀତ ହୋଇପଡିଥିଲେ। ପରେ ଆର୍‌ପିଏଫ୍ ପକ୍ଷରୁ କ୍ରେନ୍ ଯୋଗେ ଉକ୍ତ କାର୍‌କୁ ବହୁ କଷ୍ଟରେ କଢ଼ାଯାଇଥିଲା। ପରବର୍ତ୍ତୀ ସମୟରେ ଏନେଇ ମାମଲା ରୁଜୁ କରି ଆର୍‌ପିଏଫ୍ ଉଭୟଙ୍କୁ ନୋଟିସ୍ ଦେଇ ଛାଡ଼ିଥିବା ସୂଚନା ମିଳିଛି।

# ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଦିବସ



ଖୋର୍ଦ୍ଧା: ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୪।୪**

ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ, ଆଇନଜୀବୀ ଶିଶିର ପରିଡା, ବାର୍ ସମ୍ପାଦକ ମନ୍ମଥ ମିଶ୍ର, ସାମାଜିକ କର୍ମୀ ହରିହର ଖାଡ଼ଙ୍ଗା ସମେତ ଏକାଧିକ ବ୍ୟକ୍ତିବିଶେଷ ବିଜେବି ହାଇସ୍କୁଲସ୍ଥିତ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ସେହିପରି ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ଆନୁକୂଲ୍ୟରେ ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନଶିକ୍ଷକ ଅଞ୍ଜନ କୁମାର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଶହୀଦ ରଘୁ-ଦିବାକର ସ୍ମୃତି କମିଟିର ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ପରମଗୁରୁ, ସାମାଜିକ କର୍ମୀ ରାମଶଙ୍କର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଛାତ୍ର ସଂସଦର ସମ୍ପାଦକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ସଂଯୋଜନା କରିଥିଲେ। ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଶିବ ସୁନ୍ଦର ପଟ୍ଟନାୟକ, ନବକୃଷ୍ଣ ମିଶ୍ର, ବିଭୁ ପ୍ରସାଦ ସେନାପତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସ୍ତମ୍ଭକାର ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଲ୍ ଇଣ୍ଡିଆ ଡିଏସ୍ଓ ଖୋର୍ଦ୍ଧା ଆଞ୍ଚଳିକ କମିଟି ପକ୍ଷରୁ ଶହୀଦ ରଘୁ-ଦିବାକରଙ୍କ ବଳଦାନ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। କମିଟି ସମ୍ପାଦକ ଅବିନାଶ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ଏସ୍‌ୟୁସିଆଇ ସମ୍ପାଦକ ଅଶୋକ ସାହୁ, ଜୟନ୍ତ ମହାନ୍ତି, ଅନୁପମ ମହାନ୍ତି, କାର୍ତ୍ତିକ ଘଡେଇ, ବିଶ୍ୱନାଥ ଜେନା, ମନ୍ଦାକିନୀ ସାହୁ, ବିସ୍ମୟ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ସତ୍ୟ ନାରାୟଣ ବିଶୋଇ, ଗୋପାଳ କୃଷ୍ଣ ଦାସ, ଜିତେନ୍ଦ୍ର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗଦାନକୁ ଅସ୍ୱୀକାର କଲେ ପୂର୍ବତନ ସରପଞ୍ଚ କିଶୋର

**ବୋଲଗଡ଼,୪।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ତିନିଦୋଳ ପଡିଆରେ ଆୟୋଜିତ ଭାଜପା କର୍ମୀ ସମ୍ମିଳନୀରେ ବିଜେଡିର ୨ ପୂର୍ବତନ ସରପଞ୍ଚ ଯୋଗଦେଇଥିବା ନେଇ କିଛିଦିନ ପୂର୍ବେ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କଳାଙ୍ଗ ପଞ୍ଚାୟତରେ ପଦଯାତ୍ରା କରିଥିଲେ। ଆୟୋଜିତ ସଭାରେ ପ୍ରକାଶ ରଣବିଜୁଳି, ରଘୁନାଥ ଷଡ଼ଙ୍ଗୀ, ଦେବରାଜ ପଲେଇ, ଆର୍ତ୍ତବନ୍ଧୁ ପ୍ରଧାନ, ଇଂ.କର୍ପୁର ସାହୁଙ୍କ ସମେତ ଫାସିଓଦା, ଦଳେଇ ସାହି ଓ କଳାଙ୍ଗ ପଞ୍ଚାୟତର ବହୁ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ କଳାଙ୍ଗର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ହୋତା ଓ ଦଳେଇସାହିର ପୂର୍ବତନ ସରପଞ୍ଚ ତାଜର ଅଲ୍ଲୀ ଖାଁ ବିଧିବଦ୍ଧଭାବେ ଭାଜପାରେ ଯୋଗଦେଇଥିବା ନେଇ ଖବର ପ୍ରକାଶ ପାଇଥିଲା। ତେବେ କଳାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ହୋତା ଏହାକୁ ଅସ୍ୱୀକାର କରିବା ସହ ଲିଖିତ ଭାବେ ଜଣାଇଛନ୍ତି ଯେ, ଏମ୍‌ପି ଷଡ଼ଙ୍ଗୀ ଏକ ମନ୍ଦିର ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କରିବା ପାଇଁ ଦିବ୍ୟସିଂହପୁର (ମାଳିସାହି)ରେ ପହଞ୍ଚିଥିଲେ। ଏନେଇ ଆୟୋଜିତ ସଭାରେ ଗ୍ରାମର ମୁରବିଭାବେ ସେ ନିମନ୍ତ୍ରିତ ହୋଇ ମଞ୍ଚରେ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ମିଶ୍ରଣ ପର୍ବ ନ ଥିଲା। ବିଜେଡିର ଜଣେ ମୁଁ ସକ୍ରିୟ କର୍ମୀ ଓ ଦଳରେ ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସରପଞ୍ଚ ତାଜର ଅଲ୍ଲୀ ଖାଁ ଭାଜପାରେ ଯୋଗଦାନ କରିଥିବା ସମ୍ପର୍କରେ ପ୍ରତିକ୍ରିୟା ମିଳିପାରି ନାହିଁ।



ଖୋର୍ଦ୍ଧା: ଜିଲାସ୍ତରରେ ଆୟୋଜିତ ଉପଭୋକ୍ତା ସଚେତନତା କର୍ମଶାଳାରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ

### ଦୟଣାଚୋରି ଯାତ୍ରା ସମ୍ପନ୍ନ

**ପୁରୁଣା ଭୁବନେଶ୍ୱର,୪।୪(ଡି.ଏନ୍.ଏ.)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ଶ୍ରୀଲିଙ୍ଗରାଜ ରୁକୁଣା ରଥଯାତ୍ରା ସମ୍ପନ୍ନ କରି ମଙ୍ଗଳବାର ସ୍ୱର୍ଣ୍ଣାଦ୍ରି ବିଜେ କରିଛନ୍ତି। ପ୍ରାତଃରୁ ମନ୍ଦିରରେ ଆଳତି, ଅବକାଶ ସରିବା ପରେ ଚାହାଣି ମଣ୍ଡପରେ ରଥ ଉପରେ ଏକସଙ୍ଗେ ମଙ୍ଗଳ ଆଳତି କରାଯାଇଥିଲା। ଦୈନିକ ନୀତି ସକାଳଧୂପ, ଠାକୁରାଣୀ ସକାଳଧୂପ ସରିବା ପରେ ରଥରେ ଏବଂ ଚାହାଣି ମଣ୍ଡପରେ ୨ଜଣ ପୂଜାପଣ୍ଡାଙ୍କ ଦ୍ୱାରା ଏକସଙ୍ଗେ ସକାଳ ଧୂପ ଏବଂ ଆଳତି ହୋଇଥିଲା। ଏହାପରେ ଶ୍ରୀଜୀଉ ଏବଂ ଭୁବନେଶ୍ୱରୀ ଠାକୁରାଣୀଙ୍କ ନିକଟରେ ଦ୍ୱିପ୍ରହର ଧୂପ ସରିବା ପରେ ପୁନର୍ବାର ରଥ ଉପରେ ଏବଂ ପାର୍ବତୀ ଠାକୁରାଣୀଙ୍କ ପାଖରେ ମନ୍ଦିର ପକ୍ଷରୁ ଯୋଗାଇ ଦିଆଯାଇଥିବା ଅଧରପଣାକୁ ଭୋଗ ନୈବେଦ୍ୟ କରାଯାଇ ଏକ ହାଣ୍ଡି ପଣାକୁ ଚଣ୍ଡୀଚାମୁଣ୍ଡାଙ୍କୁ ସମର୍ପଣ କରାଯାଇଥିଲା। ଏହାପରେ ଆଳତି କରାଯାଇ ଦିଅଁଙ୍କ ପହଣ୍ଡି ବିଜେ କରାଯାଇଥିଲା। ପ୍ରଭୁ ଶ୍ରୀଲିଙ୍ଗରାଜ ଦକ୍ଷିଣ ଦ୍ୱାରଠାରେ ପହଞ୍ଚିବା କ୍ଷଣି ମା' ପାର୍ବତୀ ଠାକୁରାଣୀ କବାଟ କିଳିଥିଲେ। ଏହା ପରେ ଦୁଇଜଣ ପୂଜାପଣ୍ଡାଙ୍କ ମଧ୍ୟରେ ବଚନିକା କରାଯାଇଥିଲା। ଏହି ବଚନିକାରେ ଶ୍ରୀଲିଙ୍ଗରାଜ ମା' ପାର୍ବତୀ ଠାକୁରାଣୀଙ୍କୁ ଆସନ୍ତା ଚନ୍ଦନ ଯାତ୍ରାରେ ସଙ୍ଗରେ ନେବା ପାଇଁ ପ୍ରତିଶ୍ରୁତି ଦେଇ ରସଗୋଲା ଖୁଆଇବାରୁ ମା' ପାର୍ବତୀଙ୍କ ମାନ ଭଞ୍ଜନ ହୋଇଥିଲା। ଭେଟ ଆଳତି କରାଯାଇ ଶ୍ରୀଜୀଉମାନେ ଦକ୍ଷିଣ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରଥ ଉପରେ ଶ୍ରଦ୍ଧାଳୁ ଦିନତମାମ ଶ୍ରୀଜୀଉଙ୍କୁ ଦର୍ଶନକରି ରସଗୋଲା ଭୋଗ କରିଥିଲେ।

# ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

### ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା କରିଥିଲେ ସୁନୀତା

**ଭୁବନେଶ୍ୱର,୪।୪ (ବ୍ୟୁରୋ)**

କ୍ୟାପିଟାଲ ଥାନା ୟୁନିଟ-୬ସ୍ଥିତ ସଡ଼କ ବସ୍ତିର ସୁନିତା ନାୟକଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ସୁନିତା ଏଭଳି ଚରମ ନିଷ୍ପତ୍ତି ନେଇଥିବା ତଦନ୍ତରେ ଜଣାପଡ଼ିବା ପରେ ପୋଲିସ ସ୍ୱାମୀ ଗୋପାଳ ରାଓଙ୍କ ସହ ଶାଶୁ ବି. କାନ୍ତା ଓ ଶ୍ୱଶୁର ବି. ନାରାୟଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନଙ୍କ ଘର ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ହୋଇଥିବବେଳେ ଦୀର୍ଘଦିନ ହେବ ସଡ଼କ ବସ୍ତିରେ ରହି ଆସୁଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ମୃତା ସନୀତା ସଡ଼କ ବସ୍ତିର ଗୋପାଳକୁ ୧ ବର୍ଷ ବର୍ଷ ୮ ମାସ ତଳେ ବିବାହ କରିଥିଲେ। ସେମାନଙ୍କର ୯ ମାସର ଗୋଟିଏ ପୁଅ ଅଛି। ତେବେ ବିବାହ ପରେ ଯୌତୁକ ଦାବି କରି ଶାଶୁ ଘର ଲୋକେ ସୁନିତାଙ୍କୁ ନିର୍ଯାତନା ଦେଉଥିଲେ। ସ୍ୱାମୀ ଗୋପାଳ ନିଶାସକ୍ତ ଅବସ୍ଥାରେ ପ୍ରାୟ ସମୟରେ ସୁନିତାଙ୍କ ସହ ଝଗଡ଼ା କରିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ମଧ୍ୟ ଦେଉଥିଲେ। ଏପିରିକି ପରିବାର ଲୋକେ କିଛିଦିନ ପୂର୍ବରୁ ଯୌତୁକ ଦାବିକରି ସୁନିତାଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ।





ବୋଲଗଡ଼ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅବସର ଗ୍ରହଣ କରିଥିବା ୬ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍‌ର ଯାଞ୍ଚ

## ବିସ୍ଫୋରଣରେ ଯୁବକଙ୍କ ମୃତ୍ୟୁ ଘଟଣା : ବାଣ ନା ବୋମା

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗର ଜିଏଲ୍ କଲୋନୀରେ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ହେବା ଯୋଗୁ ଶିବାନନ୍ଦ ତାଡ଼ଙ୍କ ମୃତ୍ୟୁ ଘଟଣାରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ମଙ୍ଗଳବାର ପୂର୍ବାହ୍ନରେ ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ମୃତ ଶିବାନନ୍ଦଙ୍କ ଘରକୁ ଯାଇ ଯାଞ୍ଚ କରିଥିଲା। ଏହି ସମୟରେ ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍ ସେଠାରୁ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଓ କଞ୍ଚା ମାଲ୍ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ତେବେ ବାଣ ପ୍ରସ୍ତୁତ ପାଇଁ ଥିବା ସାମଗ୍ରୀକୁ ନଷ୍ଟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଶିବାନନ୍ଦ ଏକ ବାହାଘର ପାଇଁ ବାଣ ପ୍ରସ୍ତୁତ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଥିଲେ। ହେଲେ ଏବେ ଶିବାନନ୍ଦ ଘରେ ବୋମା ତିଆରି କରୁଥିଲେ ବୋଲି ଚର୍ଚ୍ଚା ହେଉଥିବାରୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ସାଇବର ଥାନା ନିକଟରେ ଏହି ବେଆଇନ କାରବାର ଚାଲିଥିଲେ ମଧ୍ୟ ପୋଲିସ ପାଖରେ କିପରି ଖବର ରହି ନ ଥିଲା ବୋଲି



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି, ଶିବାନନ୍ଦ ଏକ ଛୋଟ ସେଟ୍‌ଅପ୍ କରି କିଛିଦିନ ହେଲା ତାଙ୍କ ଘରେ ଲୁଚିଛପି ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିଲେ। ତେଣୁ ଏନେଇ କେହି ଜାଣିପାରୁ ନ ଥିଲେ। ମୃତକ ଶିବାନନ୍ଦ କେଉଁଠୁ ଗନ୍ ପାଉଡର ଆଣିଥିଲେ ଏବଂ ଏହି ବାଣ କାହାକୁ ଦେଇଥା'ନ୍ତେ ସେନେଇ ଜାଣିବାକୁ ଅନୁସନ୍ଧାନ ଜାରି ରଖିଥିବା ଏସିପି କହିଛନ୍ତି।

ସୂଚନାଯୋଗ୍ୟ, ଶିବାନନ୍ଦ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଘର ବାରଣ୍ଡାରେ ବସି ବାଣ ଭିଡୁଥିଲେ। ତାଙ୍କ ମା' ଓ ଅନ୍ୟମାନେ ଘର ଭିତରେ ଥିଲେ। ଏହି ସମୟରେ ବାଣଟି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଘରର ଆଜ୍‌ବେଷ୍ଟସ ଛିନ୍‌ଛତର୍ ହୋଇଯିବା ସହ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଦୌଡ଼ି ଆସିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିବାନନ୍ଦ ପଡ଼ିଥିବା ଦେଖିବାକୁ ପାଇ ଥାନାକୁ ଖବର ଦେଇଥିଲେ। ଗୁରୁତର ଶିବାନନ୍ଦଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଥିଲା। ରାତି ହୋଇଯିବାରୁ ଉକ୍ତ ଘରକୁ ପୋଲିସ ସିଲ୍ କରିଦେଇଥିଲା। ଏଥିସହ ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୩୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୪।୪।୨୦୨୩

| ୪,୩୬,୭୫୭ ଟଙ୍କା | |
|---|---|
| ସୁନା | ୧.୯୪୦ ଗ୍ରାମ୍ |
| ରୁପା | ୩୫.୮୩୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି

**ପୁରୀ ଅଫିସ, ୪।୪:**

ଚୈତ୍ର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ଦୟଣା (ଦମନକ) ଚୋରି ନୀତି ସମ୍ପନ୍ନ ହୋଇଛି। ଅପରପକ୍ଷରେ ଏହି ନୀତି ଯୋଗୁ ଶ୍ରୀମନ୍ଦିରରେ ରାମଲୀଳା ନୀତି ବନ୍ଦ ରହିଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଓ ଦକ୍ଷିଣୀଘର ଭୋଗ ସରିବା ପରେ ରାମ ଏବଂ କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଦୁଇ ଠାକୁରଙ୍କୁ ପ୍ରଦାନ କରିଥିଲେ। ପୂର୍ବରାତ୍ରୀ ଅର୍ଥାତ ସୋମବାରରୁ ଅଧିବାସ ହୋଇ ରହିଥିବା କନ୍ଦର୍ପ ପଟି ବଟମୂଳସ୍ଥିତ ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରାଇଥିଲେ। ଏହାପରେ ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ଜଗନ୍ନାଥବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥବଲ୍ଲଭ ଖୁଲଣ ଘର ଶେଯଖଟରେ ରାମ, କୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା।



ଦୟଣା ଚୋରି ନୀତି ସମ୍ପନ୍ନ ପରେ ଶ୍ରୀମନ୍ଦିରକୁ ରାମ ଓ କୃଷ୍ଣ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

ପୂଜାପଣ୍ଡା ସାମନ୍ତ ବରୁଣ ପୂଜା ଓ ଯଜ୍ଞ କରିଥିଲେ। ପୂର୍ଣ୍ଣାହୁତି ପରେ ପଞ୍ଚୋପଚାରରେ ଖିରି ଭୋଗ ହେବା ସହ ମୁଦିରସ୍ତ ବନ୍ଦାପନା କରିଥିଲେ। ପୂଜାପଣ୍ଡା ସାମନ୍ତ ରାମକୃଷ୍ଣଙ୍କ ନିକଟରେ ପୂଜା ଓ ଶୀତଳ ଭୋଗ ମଣୋହି କରିବା ପରେ ବନ୍ଦାପନା କରାଯାଇଥିଲା। ମହାଜନ ସେବକ ରାମ, କୃଷ୍ଣଙ୍କୁ ମଠରେ ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇ ଥିଲା। ଭିତରଛୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ଅବଶିଷ୍ଟ ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଭୋଗମଣ୍ଡପ ଘରେ ଧୋପଖାଳ ହୋଇ ଚାନ୍ଦୁଆ ଟଣାଯାଇଥିଲା। ଚାନ୍ଦୁଆ ତଳେ ବାଲିବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା।

### ଦିନକ ପାଇଁ ବନ୍ଦ ରହିଲା ରାମଲୀଳା ନୀତି

ପାଲିଙ୍କିରୁ ମହାଜନ ଦୁଇ ଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ସେଠାରେ ମଇଲମ ହୋଇଥିଲା। ବଡ଼ସିଂହାର ଭୋଗ ଶେଷ ହେବା ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ମଦନ ମୋହନ, ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘର ଖଟଶେଯ ଉପରେ ବିଜେ ହୋଇଥିଲେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଜଗନ୍ନାଥବଲ୍ଲଭରୁ ଆସିଥିବା ୩ଟି ଗଛ ଦୟଣା ଲାଗିକରାଇଥିଲେ। ଏହାପରେ ଠାକୁରଙ୍କ ଆଗରେ ୩ଟି ଚାଙ୍ଗୁଡ଼ିରେ ୩ଟି ଗଛ ରଖାଯାଇଥିଲା। ପୂଜାପଣ୍ଡା ମଣ୍ଡଳ ଉପରେ ୩ଟି ଚାଙ୍ଗୁଡ଼ି ରଖିଥିଲେ। ଶୀତଳଭୋଗ ମଣୋହି ପରେ ଭୋଗମଣ୍ଡପ ଘର ଦ୍ୱାର ବନ୍ଦ କରି ଜଉମୁଦ ଦିଆଯାଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ଦୟଣା ଚୋରି କରି ବନ୍ଧାହେଲେ ଠାକୁର



ସାକ୍ଷୀଗୋପାଳ ମନ୍ଦିରରେ ଦୟଣା ଚୋରି ନୀତି କରାଯାଉଛି ।

**ସାକ୍ଷୀଗୋପାଳ, ୪।୪(ଡି.ଏନ୍.ଏ./ସ୍ୱ.ପ୍ର.)**

ଅନଙ୍ଗ ତ୍ରୟୋଦଶୀ ତିଥି ମଙ୍ଗଳବାର ବିଳମ୍ବିତ ରାତିରେ ପରମ୍ପରା ଅନୁଯାୟୀ ସାକ୍ଷୀଗୋପାଳ ଠାକୁରଙ୍କ ଦୟଣା ଚୋରୀ ପର୍ବ ପାଳିତ ହୋଇଯାଇଛି। ପ୍ରିୟ ଦୟଣା ଚୋରି କରିଥିବା ସାକ୍ଷୀଗୋପାଳ ଠାକୁରଙ୍କ ବିଜେ ପ୍ରତିମା ମଦନମୋହନ ରାତି ସାରା ମନ୍ଦିର ମଧ୍ୟରେ ଭଣ୍ଡାର ଦ୍ୱାରରେ ବନ୍ଧା ହୋଇ ପଡିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏପରିକି ଠାକୁରଙ୍କ ପ୍ରତିନିଧି ଭାବେ ଦୟଣା ଚୋରି ଦେବନୀତି ସମ୍ପାଦନ କରିଥିବା ପାଳିଆପତ୍ରୀ ସେବକ ରୁପା ପିଙ୍ଗଳରେ ଚୋରି ଦୟଣା ମୁଣ୍ଡାଇ ବିଜେଦାଣ୍ଡରେ ବନ୍ଧା ହୋଇ ମନ୍ଦିରକୁ ଆସିବାକୁ ପଡିଥିଲା।

ବଡ଼ସିଂହାର ଧୂପପରେ ବିଜେପ୍ରତିମା ମଦନମୋହନ ବିମାନରେ ଦୟଣା ଚୋରୀ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡା ସେବକ ନରହରି ମହାପାତ୍ର ଉପଚାର ଆଳତି ଜାତଭୋଗ କରିଥିଲେ। ପଣାଭୋଗ ଅନ୍ତେ ଠାକୁରଙ୍କ ପ୍ରତିନିଧି ଭାବେ ପାଳିଆପତ୍ରୀ ସେବକ ସୁରେଶ ଖୁଣ୍ଟିଆ ନଅରବାଡ଼ିରୁ ଦୟଣା ଚୋରି କରିବା ସମୟରେ ମଣ୍ଡଳୀ ସୁଆଁସିଆ ସେବାୟତ ପଦ୍ମନାଭ ଦଳେଇଙ୍କ ହାତରେ ଧରାପଡିଥିଲେ। ରୁପାପାତ୍ରରେ ଚୋରି ଦୟଣା ମୁଣ୍ଡାଇ ବନ୍ଧା ହୋଇଥିବା ପାଳିଆପତ୍ରୀ ବିମାନ ସହ ମନ୍ଦିରକୁ ଫେରିଥିଲେ। ଠାକୁରଙ୍କର ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତମଣ୍ଡଳୀ ସମବେତ ହୋଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଦୟଣା ଚୋରି ମଣ୍ଡପରେ ଆଲୋକସଜ୍ଜା କରାଯାଇଥିଲା। ଠାକୁର ମନ୍ଦିରକୁ ଫେରିବା ପରେ ପହୁଡ଼ ନୀତି ପୂର୍ବରୁ ଭଣ୍ଡାର ଦ୍ୱାର ସମ୍ମୁଖରେ ରାତିତମାମ ବନ୍ଧାହୋଇ ରହିଥିଲେ। ବୁଧବାର ଚର୍ତ୍ତୁଦଶୀ ତିଥିରେ ସାକ୍ଷୀଗୋପାଳ ଦୟଣା ଲାଗି ହେବା ବିଧି ରହିଛି ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି

## ସଂକ୍ଷେପରେ

### ଜିଲା ଜଜ୍‌ଙ୍କୁ ଭେଟିଲେ ଓକିଲ ସଂଘ କର୍ମକର୍ତ୍ତା

ପୁରୀ ଅଫିସ, ୪।୪: ପୁରୀ ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ମଙ୍ଗଳବାର ଜିଲ୍ଲା ଓ ଦୌରା ଜଜ୍ ଶିତିକଣ୍ଠ ସାମଲଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି। ଓକିଲ ସଂଘର ସଭାପତି ରାମପ୍ରସାଦ ଦାଶ, ଉପସଭାପତି କାଳୀ ପ୍ରସାଦ ନାୟକ, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ବିଭୁଦତ୍ତ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ରଣା, କାର୍ଯ୍ୟକାରୀ ସଦସ୍ୟ ଅନିଲ କୁମାର ସାହୁ, ସୋମନାଥ ରଣା, ତପନ କୁମାର ବାରିକ, ଭାଗବତ ପଟ୍ଟନାୟକ ଏବଂ ବିଶ୍ୱଭୂଷଣ ବାରିକ ପ୍ରମୁଖ ଜିଲା ଓ ଦୌରା ଜଜ୍‌ଙ୍କୁ ଭେଟିଥିଲେ।

### ଗାଡ଼ି ଚେକିଂରେ ୪୫ ହଜାର ଜରିମାନା ଆଦାୟ

ଗୋପ,୪।୪(ଡି.ଏନ୍.ଏ.)- ଗୋପ -କୋଣାର୍କ, ଗୋପ - ନିମାପଡ଼ା ରାସ୍ତାରେ ଗୋପ ପୋଲିସ ପକ୍ଷରୁ ୨ ଦିନ ଧରି ଘନଘନ ଗାଡ଼ିମଟର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାଞ୍ଚରୁ ମୋଟ ୪୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟହୋଇଥିବା ଗୋପ ଥାନା ଅଧିକାରୀ ସୁନିଲ୍ ପ୍ରଧାନ ସୂଚନା ଦେଇଛନ୍ତି। ଚେକିଂରେ ବାଇକ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଗାଡ଼ିମଟର ଯାଞ୍ଚ କରାଯାଉଥିବା ସମୟରେ ହେଲମେଟ୍, ଗାଡ଼ିର ବିଭିନ୍ନ କାଗଜପତ୍ର ମଧ ଯାଞ୍ଚ କରାଯାଉଛି। ଏହି ଗାଡ଼ି ଯାଞ୍ଚ ପ୍ରକ୍ରିୟାରେ ଗୋପ ଥାନାର ସମସ୍ତ ଅଧିକାରୀଙ୍କ ସହିତ ଅନ୍ୟମାନେ ସାମିଲ୍ ରହିଛନ୍ତି। ଏହି ଚେକିଂ ପକ୍ରିୟା ଆଗକୁ ଚାଲିବ ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

### ବଳଭଦ୍ରପାଟଣା ଏସ୍‌ଏଚ୍‌ଜି ଗ୍ରୁପ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ,୪।୪- ସିପସରୁବାଲି ଅଞ୍ଚଳରେ ଥିବା ଏକ କାଜୁ ଜଙ୍ଗଲକୁ ନେଇ ସ୍ଥାନୀୟ ଗ୍ରାମବାସୀ ବଳଭଦ୍ରପାଟଣା ଏସ୍‌ଏଚଜି ମହିଳା ଗ୍ରୁପ ସଦସ୍ୟଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କୁ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବାକୁ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ମହିଳା ଗ୍ରୁପ୍‌ର ସଦସ୍ୟାମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଜିଲାପାଳ ଏବଂ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରି ନ୍ୟାୟ ଦେବାକୁ ବଳଭଦ୍ରପାଟଣାର ମହିଳା ଗ୍ରୁପର ସଦସ୍ୟମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।




ନିମାପଡାଠାରେ ଚଇତାଳି ଉତ୍ସବର ମଙ୍ଗଳବାର ୪ର୍ଥ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ ।

# ମନ୍ତ୍ରମୁଗ୍ଧ କଲା ମାହାରୀ ନୃତ୍ୟ

**ନିମାପଡ଼ା,୪।୪(ଡି.ଏନ୍.ଏ.)**

ନିମାପଡ଼ା ପ୍ରେସକ୍ଲବ ପକ୍ଷରୁ ମୁକ୍ତାକାଶ ମଞ୍ଚରେ ଆୟୋଜିତ ବସନ୍ତ ପର୍ବ ଚଇତାଳି ଉତ୍ସବ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ୪ର୍ଥ ସନ୍ଧ୍ୟାରେ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ବିଶିଷ୍ଟ ନାରୀନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଗଣପରିଷଦ ଅଧକ୍ଷା ଜ୍ୟୋସ୍ନାରାଣୀ ତ୍ରିପାଠୀ, ନାରୀନେତ୍ରୀ ମୀନଲତା ମହାନ୍ତି, ସାମାଜିକ କର୍ମୀ ଅଶୋକ ନନ୍ଦ, କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ ଝିଲିଆ ସେଠୀ, ସରପଞ୍ଚ ତପନ ମଲ୍ଲିକ, କାଉନସିଲର ନିରଞ୍ଜନ ନାୟକ, ପ୍ରେସକ୍ଲବ କୋଷାଧକ୍ଷ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଯୋଗଦେଇ ଉତ୍ସବର ସଫଳ କାମନା କରିଥିଲେ। ଏହି ଅବସରରେ ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ପଟ୍ଟଶିଳ୍ପୀ ସୌଦାମିନୀ ସେନାପତି, ବିଶିଷ୍ଟ ଶିକ୍ଷାବିତ୍ ତଥା ନିମାପଡ଼ା ରିଜିଓନାଲ କଲେଜ ନିର୍ଦ୍ଦେଶକ ଶ୍ରୀକାନ୍ତ ସାମନ୍ତରାୟ, ବିଶିଷ୍ଟ କ୍ରୀଡ଼ାବିତ୍ ଅୟସକାନ୍ତ ମିଶ୍ର, ସଫଳ ଚାଷୀ ସଂଗ୍ରାମ କେଶରୀ ପାତ୍ର, ବିଶିଷ୍ଟ କବି, କଣ୍ଠଶିଳ୍ପୀ, ଗୀତିକାର ଗଙ୍ଗାଧର ଓଝା, ନିମାପଡ଼ାର ସାମାଜିକ କର୍ମୀ ଅନୁଷ୍ଠାନ ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟକୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ଗୁରୁ ଅଶୋକ ଦାସଙ୍କ ସଂଯୋଜିତ, ନିର୍ଦ୍ଦେଶିତ ମାହାରୀ ନୃତ୍ୟ ଶ୍ରୀକ୍ଷେତ୍ର ମାହାରୀ, ବଲାଙ୍ଗୀରର ସଙ୍ଗୀତ ସାଧନା ନୃତ୍ୟାନୁଷ୍ଠାନ ପକ୍ଷରୁ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ଲୋକନୃତ୍ୟ ମା ସମଲେଇଙ୍କ ଭଜନ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ, ଆକର୍ଷଣୀୟ ଚିତାକର୍ଷକ ରଙ୍ଗବତୀ, ଡାଲଖାଇ, ରସକେଲି ନୃତ୍ୟବେଶ ଏବଂ ନିମାପଡ଼ା ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ବିଷ୍ଣୁଚରମ ସାସମଲ ଗୁରୁ ସୁଦେଷ୍ଣା ପ୍ରଧାନ ସାସମଲଙ୍କ ସଂଯୋଜିତ ଓ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ ମା' ଦୁର୍ଗାଙ୍କ ବିଭିନ୍ନ ରୂପ, ଅସ୍ତ୍ର, ଅଳଙ୍କାର, ପାପନାଶନ କରି ବିଶ୍ୱରେ ଧର୍ମ ଓ ସତ୍ୟ ସ୍ଥାନପ ଉପରେ ଆଧାରିତ ମା' ଦୁର୍ଗା ନୃତ୍ୟ ସଫଳତାର ସହ ମଞ୍ଚସ୍ଥ ହୋଇଥିଲା। ହେଲେ ପୁରୀର ପ୍ରଭୁ ଶ୍ରୀ ଜଗନ୍ନାଥ ଆଳତିଠାରୁ ରାତ୍ରୀର ବଡ଼ସିଂହାର ବେଶ ଠାକୁରଙ୍କ ବିଭିନ୍ନ ସେବାକୁ ନୃତ୍ୟ ମାଧମରେ ପରିବେଶିତ ମାହାରୀ ନୃତ୍ୟ ଦର୍ଶକଙ୍କ ମନ୍ତ୍ରମୁଗ୍ଧ କରିଥିଲା। ଉତ୍ସବସ୍ଥଳରେ ମୀନାବଜାର, ପଲ୍ଲିଶ୍ରୀ ମେଳାରେ ଦର୍ଶକଙ୍କ ବେଶ ଭିଡ଼ ଜମିଥିଲା। ଉପସ୍ଥାପକ ଭାବେ ନିରଞ୍ଜନ ପଲତା ଓ ପ୍ରଜ୍ଞାପରମିତା ନାୟକ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।



ପୁରୀ ନବପ୍ରତିଭା ଅନୁଷ୍ଠାନର କଳାକାରମାନେ ମାହାରୀ ନୃତ୍ୟ ପରିବେଶଣ କରୁଛନ୍ତି।

# ଏତଲାର ୪ଦିନ ପରେ ବି ପୋଲିସ ହାତ ଖାଲି

### ବ୍ଲକ କାର୍ଯ୍ୟାଳୟରୁ ଫାଇଲ ଚୋରି ଘଟଣା

**ପୁରୀ ଅଫିସ, ୪।୪:**

ପୁରୀ ସଦର ବ୍ଲକ କାର୍ଯ୍ୟାଳୟରୁ ଫାଇଲ ଚୋରି ହେଉଥିବା ଘଟଣା ଏବେ ସିସିଟିଭି ଫୁଟେଜରୁ ଲୋକ ଲୋଚନକୁ ଆସିଛି। ସିସିଟିଭିରେ ଦେଖିବାକୁ ମିଳୁଛି ଜଣେ ବ୍ୟକ୍ତି ମୁଣ୍ଡରେ ଏକ ନୀଳ ରଙ୍ଗର ଟୋପି ପିନ୍ଧିଛନ୍ତି। ଜଣେ ବ୍ୟକ୍ତି କାର୍ଯ୍ୟାଳୟର ରୁମ୍ ଖୋଲୁଛନ୍ତି। ପରେ ଟୋପି ପିନ୍ଧିଥିବା ବ୍ୟକ୍ତି ଜଣଙ୍କ ଆସି କିଛି ଦେଖି ସେଠାରୁ ଚାଲିଯାଉଛନ୍ତି। ପୁଣି କିଛି ସମୟରେ ପରେ ଆସି ଟେବୁଲ ପାଖରୁ ଦୁଇଟି ଫାଇଲ ନେଇଯାଉଛନ୍ତି। ଏହି ଘଟଣାରୁ ସରକାରୀ ଦସ୍ତାବିଜଗୁଡ଼ିକ କେତେ ସୁରକ୍ଷିତ ସେ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏତଲା ଦିଆଯିବାର ୪ଦିନ ପରେ ବି ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରିନାହିଁ। ସୂଚନା ମୁତାବକ, ଗତମାସ ୧୭ ତାରିଖରେ ପୁରୀ ସଦର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି କେତେଜଣ ଦୁର୍ବୃତ୍ତ କିଛି ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି କରିନେଇଯାଇଥିଲେ। ତେବେ ଚୋରି ହେବାର ୧୩ଦିନ ପରେ ଅର୍ଥାତ ମାର୍ଚ୍ଚ ୩୦ରେ ଏନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ କେସ୍ (ନଂ. ୮୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ଇତିମଧ୍ୟରେ ଅଭିଯୋଗକୁ ୪ ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ସଦର ବିଡିଓ ସମ୍ବିତ ଶତପଥୀ କହିଛନ୍ତି, ସହକାରୀ ଯନ୍ତ୍ରୀଙ୍କ ଅଧୀନରେ ଥିବା କାର୍ଯ୍ୟ ସମ୍ବନ୍ଧୀୟ ଫାଇଲ ମାର୍ଚ୍ଚ ୧୭ରେ ତାଙ୍କ କାର୍ଯ୍ୟାଳୟ ପରିସରରୁ ହଜିଯାଇଥିଲା। ଖୋଜାଖୋଜି କରାଯିବା ବେଳେ ସିସିଟିଭି ଫୁଟେଜ୍ ଦେଖିବାରୁ କେତେଜଣ ଦୁର୍ବୃତ୍ତ ଫାଇଲ ଚୋରି କରିନେଇଥିବା ଜଣାପଡ଼ିଥିଲା। ଏନେଇ ଥାନାରେ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ସମୁଦ୍ରକୂଳ ଥାନା ଅଧିକାରୀ ଚିନ୍ମୟ କୁମାର ରାଉତ କହିଛନ୍ତି, ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ମା' ମଙ୍ଗଳାଙ୍କ ୪ର୍ଥ ପାଳି ଯାତ୍ରା

### ଲକ୍ଷାଧିକ ଶ୍ରଦ୍ଧାଳୁ ଦର୍ଶନ କଲେ

**କାକଟପୁର,୪।୪(ଡି.ଏନ୍.ଏ.)**



ଚୈତ୍ର ମାସ ଚତୁର୍ଥ ମଙ୍ଗଳବାରରେ କାକଟପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଚତୁର୍ଥ ପାଳି ଯାତ୍ରା ହୋଇଯାଇଛି। ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସହ ଭକ୍ତମାନଙ୍କ ପାଇଁ ଧାଡିର ସୁବ୍ୟବସ୍ଥା କରାଯାଇଥିଲା। ମା'ଙ୍କର ଦର୍ଶନ କରିବା ପାଇଁ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କାକଟପୁର, ଅସ୍ତରଙ୍ଗ ତହସିଲଦାର, କାକଟପୁର ଥାନା ଅଧିକାରୀ ସୁରକ୍ଷାକୁ ସୁବନ୍ଦୋବସ୍ତ କରିଥିଲେ। ସୋମବାର ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଛି। ବଲ୍ଲଭ ନୀତି ପରେ ପ୍ରାରମ୍ଭିକ ସମୟରେ ମଙ୍ଗଳବାର ସକାଳ ଧୂପ କରି ବନ୍ଦାପନା ଆଳତି ହୋଇ ସର୍ବସାଧାରଣ ଦର୍ଶନ ପାଇଁ ସାହାଣମେଲା କରାଯାଇଥିଲା ଏବଂ ମା'ଙ୍କର ଦିବ୍ୟ ବେଶ ଦର୍ଶନ କରିବା ସହ ମହିଳାମାନେ ମନ୍ଦିର ବେଢାରେ ପନ୍ଥେଇ ପୂଜା କରିଥିଲେ। ଗାଁ ଗାଁରେ ହଜାର ହଜାର ଶ୍ରଦ୍ଧାଳୁ ଗ୍ରାମର ଚଉରା ମୂଳେ ପନ୍ଥେଇ ପୂଜା କରିଥିଲେ। ଶାନ୍ତି ଶୃଙ୍ଖଳା ସହ ଧାଡିରେ ଆସି ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ରାତ୍ରିରେ ମା'ଙ୍କ ପୁନଃ ସ୍ନାନ ଓ ବେଶ ପରେ ରାତ୍ର ୧୧ଟା ପରେ କାଳିକା ନୃତ୍ୟ ଅନୁଷ୍ଠିତ ହେବା ପରେ ମା'ଙ୍କ ଧୂପ, ବଡ଼ସିଂହାର ନୀତି କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

# ମା' ମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କଣାସ,୪।୪(ସ୍ୱ.ପ୍ର.):**

କଣାସ ବ୍ଲକ ଅନ୍ତର୍ଗତ କଣାସ ପଞ୍ଚାୟତର ଜଳିଆପଡା ଗ୍ରାମରେ ପ୍ରତିଷ୍ଠିତ ମା' ମଙ୍ଗଳାଙ୍କ ପୀଠରେ ଚୈତ ପର୍ବ ଉପଲକ୍ଷେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ମଙ୍ଗଳବାର ଅନୁଷ୍ଠିତ କଳସ ଯାତ୍ରାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଆସିଥିବା ଭକ୍ତମାନେ ମା'ଙ୍କ ପୀଠରୁ ୩କି.ମି. ଅତିକ୍ରମ କରି ଦୟାନଦୀର ଦୋକନ୍ଦା ଗ୍ରାମଠାରେ କଳସ ବୁଡାଇ ପୁନଶ୍ଚ ମନ୍ଦିରକୁ ଫେରିଥିଲେ। କଳସ ଯାତ୍ରା ସମୟରେ ଡଗାନାଚ, ଘୋଡାନାଚ, ସଖୀନାଚ ଓ ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ଗାନ କରି ଯାଉଥିବା ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଣାସ ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

# ମେ ୨ରେ ତାଳଦା ସମିତିସଭ୍ୟ ଉପନିର୍ବାଚନ

### ମିଳିତଫେଣ୍ଟ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କଲେ ବାପା, ପୁଅ

**ଅସ୍ତରଙ୍ଗ,୪।୪(ଡି.ଏନ୍.ଏ.)**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ମଙ୍ଗଳବାରଠାରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅସନ୍ତୁଷ୍ଟ ବିଜେଡି, ଭାଜପା ଓ କଂଗ୍ରେସ ସମର୍ଥିତ ମିଳିତମେଣ୍ଟ ପକ୍ଷରୁ ବାପ-ପୁଅ ସୁକାନ୍ତ ସେଠୀ ଓ ପୃଥ୍ୱୀରାଜ ସେଠୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିଜର ଶତାଧିକ ସମର୍ଥକଙ୍କୁ ଧରି ଦେବୀନଦୀ ପାରି ହୋଇ ଅସ୍ତରଙ୍ଗରେ ସେମାନେ ପହଞ୍ଚିଥିଲେ। ପୂର୍ବରୁ ଅସ୍ତରଙ୍ଗ ବ୍ଲକରେ ଗତ ପଞ୍ଚାୟତ ନିର୍ବାଚନରେ ମିଳିତମେଣ୍ଟରୁ ଜିତିଥିବା ସରପଞ୍ଚ ଓ ସମିତିସଭ୍ୟ ଓ ୧୫ଟି ପଞ୍ଚାୟତରୁ ଆଗଧାଡିର କର୍ମୀ ଏକାଠି ହୋଇ ପ୍ରସ୍ତୁତ ହୋଇରହିଥିଲେ। ମିଳିତମେଣ୍ଟର ଆବାହକ ଦିବାକର ଛାଟୋଇଙ୍କ ନେତୃତ୍ୱରେ କୁହୁଡି ସିନେମା ହଲ ଛକରୁ ବାଜାବାଣ ସହ ଏକ ବିରାଟ ଶୋଭାଯାତ୍ରା ବାହାରି ବ୍ଲକ ସମୁଖରେ ପହଞ୍ଚିଥିଲା। ସେଠାରେ ହଜାର ହଜାର କର୍ମୀ ଓ ସମର୍ଥକ ସ୍ଲୋଗାନ ଦେଇ ୨ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ସାଢେ ୧ଟା ବେଳେ ବ୍ଲକ ନିର୍ବାଚନ ଅଧିକାରିଣୀ ତଥା ବିଡିଓ ବେବିତା ମଞ୍ଜରୀ ନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଶାସକ ଦଳ ପକ୍ଷରୁ ବୁଧବାର ପ୍ରାର୍ଥିପତ୍ର ଦାଖଲ ହେବ ବୋଲି ସୂଚନା ମିଳିଛି। ସୂଚନାଥାଉକି, ଗତ ପଞ୍ଚାୟତ ନିର୍ବାଚନରେ ଶିବଚରଣ ଭୋଇଙ୍କୁ ହରାଇ ଗିରିଧାରୀ ସେଠୀ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଚଳିତବର୍ଷ ଜାନୁୟାରୀ ୨୫ରେ ତାଙ୍କର ଅକାଳ ବିୟୋଗ ହେବା ପରେ ସେଠାରେ ମେ ୨ ତାରିଖରେ ଉପନିର୍ବାଚନ ହେବ। ଏଥିପାଇଁ ଚଳିତମାସ ୪ରୁ ୬ ତାରିଖ ମଧ୍ୟରେ ନୋମିନେଶନ ଫର୍ମ ଇସ୍ୟୁ ଓ ପ୍ରାର୍ଥିପତ୍ର ଦାଖଲ ନିମନ୍ତେ ପ୍ରଥମ ଦିନରେ ମିଳିତମେଣ୍ଟ ପକ୍ଷରୁ ଦୁଇଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏମାନଙ୍କ ପାଇଁ ମିଳିତ ମେଣ୍ଟ ପକ୍ଷରୁ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତି ନାଏକ, ଉପାଧକ୍ଷ ଦୁର୍ଯ୍ୟୋଧନ ମିଶ୍ର, ନୂଆଗଡ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଇନ୍ଦ୍ରମଣି ଜେନା, ପ୍ରତାପ ଖୁଣ୍ଟିଆ, ପ୍ରଶାନ୍ତ ଭୋଳ, ସମିତିସଭ୍ୟ ପ୍ରତିନିଧି ପବିତ୍ର ଲେଙ୍କା, ଝାଡଲିଙ୍ଗ ସମିତିସଭ୍ୟ ଶିବ ପରିଡା, ନଗର, ମାଣ୍ଡୁକି, ବକେନ୍ଦ୍ରାପାଟି ଓ ସରିପୁର ସରପଞ୍ଚ ଏବଂ ସମିତିସଭ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମୀ ଓ ଶତାଧିକ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# 'ପାରମ୍ପରିକ ଖାଦ୍ୟରେ ଭରି ରହିଛି ପୋଷଣ ତତ୍ତ୍ୱ'

- ଜିଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପିତ
- ପିପିଲି ମଠସାହି ଶ୍ରେଷ୍ଠ ଅଙ୍ଗନୱାଡ଼ି କେନ୍ଦ୍ର

**ପୁରୀ ଅଫିସ, ୪।୪:**

ଓଡ଼ିଶାର ପାରମ୍ପରିକ ଖାଦ୍ୟରେ ଅଜସ୍ର ପୁଷ୍ଟି ଓ ଶରୀର ପାଇଁ ଉପଯୋଗୀ ପୋଷଣ ତତ୍ତ୍ୱ ଭରି ରହିଛି। ମାଣ୍ଡିଆ ଜାତୀୟ ଖାଦ୍ୟ ଏହିଭଳି ଯଥେଷ୍ଟ ପୁଷ୍ଟି ସାଧନ କରୁଥିବା ଖାଦ୍ୟ। ସେଥିପାଇଁ ରାଜ୍ୟ ସରକାର ଚଳିତ ବର୍ଷ ମିଲେଟ ମିଶନ ଭାବେ ଗ୍ରହଣ କରି ଏହାକୁ ଲୋକାଭିମୁଖୀ କରିବାକୁ ପଦକ୍ଷେପ ନେଇଛନ୍ତି ବୋଲି ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ମଙ୍ଗଳବାର ଜିଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସଦ୍‌ଭାବନା ସଭାଗୃହଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ ପ୍ରତିଟି ସଜୀବ ପାଇଁ ଖାଦ୍ୟ ଆବଶ୍ୟକ, ତେଣୁ ସନ୍ତୁଳିତ ଓ ସମନ୍ୱିତ ଖାଦ୍ୟ ଅତ୍ୟନ୍ତ ଜରୁରୀ। ଶିକ୍ଷା ପ୍ରଗତି ଓ ସମୃଦ୍ଧିର ମୂଳଦୁଆ। ତେଣୁ ଅଙ୍ଗନୱାଡି କେନ୍ଦ୍ରରୁ କୋମଳମତି ପିଲାଙ୍କୁ ଉପଯୁକ୍ତ ପୋଷଣ, ଶିକ୍ଷା ଓ ସଂସ୍କାର ପ୍ରଦାନରେ ବ୍ରତୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ମଞ୍ଜୁଳା ତ୍ରିପାଠୀ, ମିଲେଟ ବିଶେଷଜ୍ଞ ସନ୍ଦୀପ ସେନ ପ୍ରମୁଖ ଯୋଗଦେଇ ସମସ୍ତଙ୍କ ପାଇଁ ପୋଷଣର ଆବଶ୍ୟକତା ଉପାଦେୟତା ଓ ମାଣ୍ଡିଆ ଜାତୀୟ ଖାଦ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ମା' ଓ ଶିଶୁର ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଭାଗ ଯତ୍ନଶୀଳ ବୋଲି କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ସିଡିପିଓ ଭାବେ ପିପିଲି ସିଡିପିଓ ସ୍ନେହଲତା ନାୟକ, ଶ୍ରେଷ୍ଠ ଅଙ୍ଗନୱାଡ଼ି କେନ୍ଦ୍ର ଭାବେ ପିପିଲି ମଠସାହି ଅଙ୍ଗନୱାଡି କେନ୍ଦ୍ର, ଶ୍ରେଷ୍ଠ ସୁପରଭାଇଜର ଭାବେ ସତ୍ୟବାଦୀର ପୀୟୂଷମୟୀ ପଣ୍ଡା, ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଭାବେ ବ୍ରହ୍ମଗିରି ଗୋରୁଆଳ-୨ର ରୋଜାଲିନ ମିଶ୍ର, ଶ୍ରେଷ୍ଠ ହେଲପର ଭାବେ ପୁରୀ ପୌରାଞ୍ଚଳ ଶ୍ରୀକ୍ଷେତ୍ର କଲୋନୀର ବୀଣାପାଣି ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ଡେଲାଙ୍ଗର ଶୁଭଲକ୍ଷ୍ମୀ ମହାପାତ୍ର ପ୍ରଥମ, ପୁରୀ ସଦରର ଅଙ୍କିତା ଭୋଳ ଦ୍ୱିତୀୟ, ଅସ୍ତରଙ୍ଗର ସ୍ମୃତିଶ୍ରୀ ଗୋଛାୟତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବ୍ରହ୍ମଗିରିର ରୋଶନ ମହାପାତ୍ର ପ୍ରଥମ, ପୁରୀ ସଦରର ଆଲିଶା ପ୍ରିୟଦର୍ଶିନୀ ଜେନା ଦ୍ୱିତୀୟ, ଅସ୍ତରଙ୍ଗର ଜିଜ୍ଞାସା ସ୍ୱାଇଁ ତୃତୀୟ ହୋଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାର ଅସ୍ତରଙ୍ଗର ଶୁଭଶ୍ରୀ ଗୋଛାୟତ ପ୍ରଥମ, ପୁରୀ ପୌରାଞ୍ଚଳର ଶ୍ରୀୟା ପ୍ରଧାନ ଦ୍ୱିତୀୟ ଏବଂ କଣାସର ଲୋପାମୁଦ୍ରା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ସତ୍ୟବାଦୀ ବ୍ଲକ ଅଙ୍ଗନୱାଡ଼ି କେନ୍ଦ୍ରର କୁନି ଝିଅ ଅଭୀଲିପ୍ସା ଦାସ, ତୃପ୍ତିମୟୀ ମହାପାତ୍ର ଓ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରୀମାନେ ସୁନ୍ଦର ନୃତ୍ୟ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୋଷଣଯୁକ୍ତ ଓ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ, କର୍ମଚାରୀ ଏବଂ ଅନ୍ୟମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଏପ୍ରିଲ ୨୦୨୩

**୧୦ ଲକ୍ଷ କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କଟକ ଅଫିସ : କୋରାପୁଟ ଜିଲା ଜୟପୁର ସଦର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ମାସକ ମଧ୍ୟରେ ଏହି ଟଙ୍କା ଆବେଦନକାରୀଙ୍କୁ ପ୍ରଦାନ କରିବେ। ମୃତକଙ୍କ ମା' ପ୍ରବାଣୀ କୁମାରୀ ମହୁରିଆଙ୍କ ପକ୍ଷରୁ ଆଗତ ମାମଲାର ବିଚାର କରି ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।



## ସଂକ୍ଷେପରେ

### ନନ୍ଦନକାନନରେ ପଶିଲା ଦନ୍ତା



ବାରଙ୍ଗ,୪।୪(ଡି.ଏନ୍.ଏ.): କିଛିଦିନର ବ୍ୟବଧାନ ପରେ ପୁଣି ନନ୍ଦନକାନନରେ ପଶିଛି ଦନ୍ତା। ଜଙ୍ଗଲୀ ଦନ୍ତା ହାତୀ ଏଥର ରାତିରେ ନୁହେଁ ବଡ଼ିଭୋର ସମୟରେ ନନ୍ଦନକାନନ ପରିସରକୁ ଏକ ଦନ୍ତା ପଶିଛି। ମଙ୍ଗଳବାର ଏହା ଜଣାପଡ଼ିବା ପରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଦନ୍ତାକୁ ନେଇ ଚିନ୍ତା ବଢ଼ିଯାଇଛି। ପୂର୍ବରୁ ଏହି ଦନ୍ତାଟି ଯେଉଁ ସୁରକ୍ଷା ପ୍ରାଚୀର ଭାଙ୍ଗି ଭିତରକୁ ପଶିଥିଲା, ସେହି ସ୍ଥାନକୁ ଆବଦ୍ଧ କରାଯାଇଥିବା ତାରଜାଲିକୁ ପୁଣି ଭାଙ୍ଗି ଏଥର ଭିତରକୁ ପଶିଛି ଗୋଟିକିଆ ଦନ୍ତା। ଦନ୍ତାଟି ୧୦ନଂ. ଫାଟକ ପଛପଟ ଓ ବାଘସଫାରୀ ପଛପଟ ଜଙ୍ଗଲରେ ଦିନତମାମ ରହିଛି। କାଳେ ହାତୀସଫାରି ସହ ବିଭିନ୍ନ ଜୀବଜନ୍ତୁ ଥିବା ଏନକ୍ଲୋଜର ଆଡକୁ ଦନ୍ତାଟି ମାଡିଆସିବ, ସେଥିପାଇଁ ସମସ୍ତଙ୍କ ଚିନ୍ତା ବଢିଯାଇଥିଲା। ଅନ୍ୟପଟେ ନନ୍ଦନକାନନ ଖୋଲା ରହିଥିବାରୁ ପର୍ଯ୍ୟଟକମାନେ ବୁଲୁଥିବାରୁ ସେମାନଙ୍କର କୌଣସି କ୍ଷତି ହେବାର ସମ୍ଭାବନା ଥିବାରୁ ଦିନତମାମ ନନ୍ଦନକାନନ ସୁରକ୍ଷା ଦାୟିତ୍ୱରେ ରେଞ୍ଜର ଜେ.ଏ.ଫ୍ୟାନଙ୍କ ନେତୃତ୍ୱରେ ୪ଟି ଟିମ୍ ଦନ୍ତାକୁ ଜଗିରହିଥିଲେ। ଦନ୍ତାଟିର ଗତିବିଧିକୁ ଦିନତମାମ ସୁରକ୍ଷା କର୍ମଚାରୀମାନେ ଜଗିରହିଥିଲେ। ଦନ୍ତାଟି ସୋମବାର ରାତିରେ କୃଷ୍ଣନଗର ଜଙ୍ଗଲରେ ରହିଥିବାରୁ ବଡିଭୋର ସମୟରେ ନନ୍ଦନକାନନକୁ ପଶିଥିବାର ଅନୁମାନ କରାଯାଉଛି। ସନ୍ଧ୍ୟାହେବା ପରଠାରୁ ହାତୀଜଗିବାକୁ ଦାୟିତ୍ୱରେ ଥିବା ୪ଟି ଟିମ ଦନ୍ତାକୁ ଘଉଡାଇବା କାର୍ଯ୍ୟ ଆରମ୍ଭ କରିଥିଲେ।

# ରେଲ୍‌ୱେ ପ୍ଲାଟ୍‌ଫର୍ମକୁ ମାଡ଼ିଗଲା କାର୍

ଭୁବନେଶ୍ୱର,୪।୪ (ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେସନର ୧ନଂ. ପ୍ଲାଟଫର୍ମ ଭିତରକୁ ଏକ କାର୍ ପଶିଆସିବା ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ମଙ୍ଗଳବାର ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ପ୍ଲାଟଫର୍ମ ଭିତରକୁ କାର୍ ପଶିଥିବା ପରେ ରେଳ ଷ୍ଟେସନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣା ୩୧ ତାରିଖ ବିଳମ୍ବିତ ରାତିର ବୋଲି ସୂଚନା ମିଳିଛି। ଉକ୍ତ କାର୍‌ରୁ କିଛି ମଦ ବୋତଲ ବାହାରିବା ସହ ସେଥିରେ ଜଣେ ଯୁବତୀ ଓ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଥିଲେ। ସେମାନେ ପ୍ଲାଟଫର୍ମର ପାର୍ସଲ ଗେଟ୍ ଦେଇ କାର୍‌କୁ ଭିତରକୁ ପଶାଇ ଦେଇଥିଲେ। ଏହାପରେ ଉକ୍ତ କାର୍‌ଟି ରେଳ ଧାରଣା ଆଡ଼କୁ ମାଡ଼ିଯାଇ ଝୁଲନ୍ତା ଅବସ୍ଥାରେ ରହିଥିଲା। ସେଠାରେ ଥିବା ସ୍ଥାନୀୟ ଲୋକେ ଓ ଯାତ୍ରୀମାନେ ଏହାଦେଖି ଭୟଭୀତ ହୋଇପଡିଥିଲେ। ପରେ ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ କ୍ରେନ୍ ଯୋଗେ ଉକ୍ତ କାର୍‌କୁ ବହୁ କଷ୍ଟରେ କଢ଼ା ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏନେଇ ଏକ ମାମଲା ରୁଜୁ କରି ଆରପିଏଫ୍ ଉଭୟଙ୍କୁ ନୋଟିସ୍ ଦେଇ ଛାଡ଼ିଥିବା ସୂଚନା ମିଳିଛି। ଘଟଣା ସଂକ୍ରାନ୍ତରେ ଆରପିଏଫ୍ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଜନଗହଳିପୂର୍ଣ୍ଣ ରେଳ ଷ୍ଟେଶନକୁ କାର୍ ମଡ଼ାଇ ଦେବା ଓ ଯୁବତୀଯୁବକ ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରିବା ସତ୍ତ୍ୱେ ଆର୍‌ପିଏଫ୍ ନୋଟିସ ଦେଇ ଛାଡ଼ିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ଘଟଣାରେ ଆର୍‌ପିଏଫ୍ ଅଧିକାରୀ ପଦକ୍ଷେପ ବଦଳରେ ଚପାଇଦେବାକୁ ଉଦ୍ୟମ କରିବା ଘଟଣା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।



ରେଳଷ୍ଟେସନ ସିସିଟିଭିରେ କଏଦ ହୋଇଥିବା କାର୍ ମାଡିଯିବାର ଦୃଶ୍ୟ।

- କାର୍‌ରୁ ମିଳିଲା ମଦ ବୋତଲ, ନିଶାସକ୍ତ ଅବସ୍ଥାରେ ଥିଲେ ଯୁବତୀଯୁବକ
- ପଦକ୍ଷେପ ବଦଳରେ ଘଟଣାକୁ ଚପାଇ ଦିଆଯାଇଥିବାରୁ ପ୍ରଶ୍ନ ଉଠିଲା

# ମହାଆନ୍ଦୋଳନ ଡାକରା ଦେଲା ୬୬୨ କଲେଜ ସଂଘ

ଭୁବନେଶ୍ୱର,୪।୪(ବ୍ୟୁରୋ)

**୫୦ଦିନର ଧାରଣା ସତ୍ତ୍ୱେ ପୂରଣ ହେଲାନି ଦାବି**

୪ଦଫା ଦାବି ନେଇ ଦୀର୍ଘ ୫୦ଦିନ ଧରି ୬୬୨ ବର୍ଗ କଲେଜ ସଂଘ ଶାନ୍ତିପୂର୍ଣ୍ଣ ଭାବେ ଅହୋରାତ୍ର ଧାରଣାରେ ବସିଛି। ତେବେ ସରକାର ପ୍ରତିଶ୍ରୁତି ଦେଇ ନୀରବତା ଅବଲମ୍ବନ କରିବା ଦୁର୍ଭାଗ୍ୟଜନକ କହିବା ସହ ଆସନ୍ତା ଏପ୍ରିଲ ୬ତାରିଖରେ ମହାଆନ୍ଦୋଳନ ଡାକରା ଦିଆଯାଇଥିବା ସଂଘର ସଭାପତି ଗୋଲକ ନାୟକ କହିଛନ୍ତି। ଗତ ଫେବୃୟାରୀ ୧୩ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ପନ୍ଦର ଦିନପରେ ସରକାର ଆଲୋଚନାକୁ ଡାକିଥିଲେ। ମାର୍ଚ୍ଚ ୧୦ ତାରିଖରୁ ୧୨ତାରିଖ ମଧ୍ୟରେ ମନ୍ତ୍ରୀସ୍ତରୀୟ କମିଟି ବସି ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ମନ୍ତ୍ରୀସ୍ତରୀୟ କମିଟିର ଚେୟାରମ୍ୟାନ୍ ତଥା ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡିର ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ଥିଲେ। ଆଲୋଚନା ପରେ ରାଜ୍ୟର ଯୁକ୍ତ ୨ ପରୀକ୍ଷାକୁ ଅଧ୍ୟାପକମାନେ ସୁଚାରୁରୂପେ ପରିଚାଳନା କଲେ। କିନ୍ତୁ ସରକାର ଆଲୋଚନା ନ କରି ନୀରବ ରହିଛନ୍ତି। ସମାନ ଗ୍ରେଡ-ପେ'କୁ ସମାନ ଦରମା, ସମସ୍ତ କର୍ମଚାରୀଙ୍କୁ ପେନସନ୍ ପରିସରଭୁକ୍ତ କରିବା, ୨୦୧୮ ଜିଓରେ ଅନ୍ତର୍ଭୁକ୍ତ କର୍ମଚାରୀମାନଙ୍କୁ ୭ମ ବେତନ କମିଶନ ଦେବା, ଅନୁଦାନରୁ ବାଦ୍ ପଡ଼ିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ୪ଦଫା ଦାବି ନେଇ ୬୬୨ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ତେବେ ଆନ୍ଦୋଳନକୁ ଏତେ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଦାବି ପୂରଣ ନ ହେବାରୁ ମହାଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୬ ତାରିଖରେ ହଜାର ହଜାର ସଂଖ୍ୟାରେ କର୍ମଚାରୀ ମାଷ୍ଟରକ୍ୟାଣ୍ଟିନରୁ ଏକ ଶୋଭାଯାତ୍ରାରେ ବାହାରିବେ। ଏହାସତ୍ତ୍ୱେ ଦାବି ପୂରଣ ନହେଲେ ଯୁକ୍ତ୨ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ କରିବେ ବୋଲି ସଂଘର ସାଧାରଣ ସଂପାଦକ ସତାପଉଦ୍ଦିନ୍ ଅହମ୍ମଦ ଓ ଗଗନ ବେଉରା ପ୍ରମୁଖ ଚେତାବନୀ ଦେଇଛନ୍ତି।





୭ ଦଫା ଦାବି ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

## ଡମଣା ସତ୍ୟ ମହିମା ଆଶ୍ରମର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୪।୪ (ବ୍ୟୁରୋ)

ଡମଣା ସତ୍ୟ ମହିମା ଆଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଧୁ ବୈରାଗୀ ଚରଣ ଦାସ, ଭାଗବତ ଦାସ, ବିଜୟ ଦାସ, ନାରଣ ଦାସ ପ୍ରମୁଖ ଯୋଗଦେଇ ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ସନ୍ଧ୍ୟାରେ କୁଆମୁଡାର କନକଦୁର୍ଗା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନ ଓ କୀର୍ତ୍ତନ ହୋଇଥିଲା। ଏହି ଅବସରରେ ଡମଣା, ଚନ୍ଦ୍ରଶେଖରପୁର, ଶୈଳଶ୍ରୀ ବିହାର, ଚନ୍ଦକା, ଦାରୁଠେଙ୍ଗ, ପଟିଆ, ରଙ୍ଗମାଟିଆ ଗ୍ରାମର ଲୋକମାନେ ପ୍ରସାଦ ସେବନ କରିଥିଲେ। ଭୀମଭୋଇ ସଂସ୍କୃତି କେନ୍ଦ୍ରର ସଭାପତି ବାବା ବୈରାଗୀ ଦାସଙ୍କ ସହ ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ରାଉତ, ଅରବିନ୍ଦ ସାହୁ ଓ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ।

## 'ଡ. ଅଶୋକ କୁମାର ମହାନ୍ତି: ଜର୍ନି ଅଫ୍ ଏ ପ୍ରଫେସର' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୪।୪(ବ୍ୟୁରୋ)

'ଡ. ଅଶୋକ କୁମାର ମହାନ୍ତି: ଜର୍ନି ଅଫ୍ ଏ ପ୍ରଫେସର' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଏ ନେଇ ମଙ୍ଗଳବାର ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଲେ, ପ୍ରଫେସର ଅଶୋକ କୁମାର ମହାନ୍ତିଙ୍କ ସାଧନା ଓ ସିଦ୍ଧି ଚିରସ୍ମରଣୀୟ। ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ସେ ନୂତନ ମାନକ ନିର୍ମାଣ କରିଥିଲେ। ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ସେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ଥିଲେ। ଓଡ଼ିଶା ମାଟିର ଏହି ସୁଯୋଗ୍ୟ ସନ୍ତାନଙ୍କ ସ୍ମୃତି ରକ୍ଷା ନିମନ୍ତେ ବିଶେଷ ପ୍ରୟାସ ହେବା ଦରକାର। ଡ. ମହାନ୍ତି ଜଣେ ପ୍ରେରଣାଦାୟୀ ବ୍ୟକ୍ତି ଭାବରେ ଓଡ଼ିଶାର ବୌଦ୍ଧିକ ଜଗତକୁ ଯେଉଁ ଅବଦାନ ଦେଇଛନ୍ତି ତାହାର ମୂଲ୍ୟାୟନ ହେବା ନିତାନ୍ତ ଆବଶ୍ୟକ। ବିଜୁ ପଟ୍ଟନାୟକ ବୈଷୟିକ ମହାବିଦ୍ୟାଳୟର ପୂର୍ବତନ କୁଳପତି ଡ. ଓଁକାରନାଥ ମହାନ୍ତିଙ୍କ ସମେତ ଅଜିତ ପଟ୍ଟନାୟକ, ସୃଜନୀ ମହାନ୍ତି, ଡ. ସଞ୍ଜୀବ ମହାନ୍ତି ପ୍ରଫେସର ମହାନ୍ତିଙ୍କ କୃତି, କୀର୍ତ୍ତି ଓ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।

# କୃଷକ ସାଥୀଙ୍କ ଆନ୍ଦୋଳନ ପ୍ରତିଶ୍ରୁତି ପରେ ସ୍ଥଗିତ

ଭୁବନେଶ୍ୱର,୪।୪(ବ୍ୟୁରୋ)

**ବିଦେଶ ଗସ୍ତରୁ ମୁଖ୍ୟମନ୍ତ୍ରୀ ଫେରିଲେ ଆଲୋଚନା : କୃଷିମନ୍ତ୍ରୀ**

୭ ଦଫା ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୪୨ ଦିନରେ ପହଞ୍ଚିଛି। ତେବେ ରାଜ୍ୟ ସରକାର କୌଣସି ଆଲୋଚନା ନ କରିବାରୁ ମଙ୍ଗଳବାର ଆନ୍ଦୋଳନ ତୀବ୍ରତର କରାଯାଇଥିଲା। ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ବାହାରି ନାନା ନାରାବାଜି ଦେଇଥିଲେ। ତେବେ କୃଷି ଭବନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଆଲୋଚନାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘ ସଭାପତି ଅମୂଲ୍ୟ କର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୃଷକ ସାଥୀଙ୍କ ଦାବିଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବିଦେଶଗସ୍ତରେ ଥିବାରୁ ଆଲୋଚନା ସହ ଦାବି ପୂରଣ ନେଇ ମନ୍ତ୍ରୀ ଏକ ମାସ ସମୟ ନେଇଛନ୍ତି। ତେବେ ଦାବି ପୂରଣ ନ ହେଲେ ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ସୂଚନା ଥାଉକି, ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୧୩୬୦୦ କୃଷକ ସାଥୀ ବିଭିନ୍ନ ଦାବି ନେଇ ଫେବୃୟାରୀ ୨୨ରେ ଆନ୍ଦୋଳନକୁ ଓହ୍ଲାଇଥିଲେ। କୃଷି କର୍ମଚାରୀର ମାନ୍ୟତା ପ୍ରଦାନ, କୁଶଳୀ ଶ୍ରମିକ ହାରରେ ମାସିକ ମଜୁରି ପ୍ରଦାନ, ପିଏଫ୍, ଇଏସ୍ଆଇ ସହ ସାମାଜିକ ସୁରକ୍ଷା, ଡ୍ରେସ୍‌କୋଡ୍ ସହ ପରିଚୟ ପତ୍ର ପ୍ରଦାନ ଓ ଆବଶ୍ୟକ ଉନ୍ନତ କୃଷି ନିମନ୍ତେ ତାଲିମ ଓ ପୁସ୍ତକ ଯୋଗାଇଦେବା, କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷିଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀଙ୍କୁ ନିୟୋଜିତ କରିବାକୁ ସେମାନେ ଦାବି କରି ଆସୁଛନ୍ତି। ଏହାସହ ଗ୍ରାମାଞ୍ଚଳକୁ ଏନ୍‌ଏସି ଘୋଷଣା ପରେ ସେଠାରେ ନିୟୋଜିତ ଥିବା କୃଷକ ସାଥୀଙ୍କ ଉଚ୍ଛେଦ ପ୍ରକ୍ରିୟାକୁ କୃଷକ ସାଥୀମାନେ ବିରୋଧ କରୁଛନ୍ତି।

## ବିଇଏଡିଏସ୍ ୱାଲ୍ ରେସିଡେନ୍ସିର ଦ୍ୱିତୀୟ ସଂସ୍କରଣ

ଭୁବନେଶ୍ୱର,୪।୪(ବ୍ୟୁରୋ): ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ ଡିଜାଇନ ଷ୍ଟୁଡିଓ (ବିଇଏଡିଏସ୍)ର ଉତ୍କଳ ଦିବସ ଉପଲକ୍ଷେ ୱାନ ୱାଲ ରେସିଡେନ୍ସି-ଭଲ୍ୟୁମ ୨ ଏକ ଓପନ ଡେ ଆୟୋଜନ ହୋଇଛି। ଏହାର ମୁଖ୍ୟ ଆକର୍ଷଣ ଥିଲା କଳାକାର ଅନୁଷ୍କା ମହାପାତ୍ରଙ୍କ କଳା। ଅନୁଷ୍କା ପ୍ରିଣ୍ଟମେକିଂ, ପେଣ୍ଟିଂ ଏବଂ ଇନଷ୍ଟଲେଶନ ଭଳି ବିଭିନ୍ନ କାର୍ଯ୍ୟ କରନ୍ତି। ସେ ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆରୁ କଳା ଶିକ୍ଷାରେ ସ୍ନାତକୋତ୍ତର ଏବଂ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଏସ୍.ଏନ୍. ସ୍କୁଲ ଅଫ୍ ଆର୍ଟ ଆଣ୍ଡ କମ୍ୟୁନିକେଶନ, ଚିତ୍ରକଳା ବିଭାଗର ପ୍ରିଣ୍ଟିଂରେ ଏମ୍‌ଏଫ୍ଏ ଡିଗ୍ରୀ ହାସଲ କରିଛନ୍ତି। ବିଇଏଡିଏସ୍‌ର ଏହି କାର୍ଯ୍ୟକ୍ରମ କଳାକାରଙ୍କ ଧାରଣା ଏବଂ ଅଭ୍ୟାସକୁ ସୃଜନଶୀଳ ଦିଗରେ ବିକାଶ ପାଇଁ ସୁଯୋଗ ଦେବ। ଏହି କାର୍ଯ୍ୟକ୍ରମ ମାଧ୍ୟମ ନିର୍ଦ୍ଦିଷ୍ଟ ଏବଂ କ୍ରସ ପ୍ଲାଟଫର୍ମ ମୋଡ ପାଇଁ ଖୋଲା ଅଛି। ୱାନ୍ସ ୱାଲ ରେସିଡେନ୍ସିର ଏହି ସଂସ୍କରଣରେ ଅନୁଷ୍କା 'ପ୍ରତିନିଧିତ୍ୱ' ବିଷୟବସ୍ତୁକୁ ଅନୁସନ୍ଧାନ କରିଥିଲେ। ତାଙ୍କ ଦ୍ୱାରା ମୁଦ୍ରଣ ଓ ଭିଡିଓ ସହିତ କାନ୍ଥରେ ଚିତ୍ରିତ ବିଷୟବସ୍ତୁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

## ଏଲ୍‌ଏନ୍ ଲାଫ୍ଟର ଏକ୍ସରସାଇଜ୍ କ୍ଲବର ସ୍ୱନକ୍ଷତ୍ର

ଭୁବନେଶ୍ୱର,୪।୪(ବ୍ୟୁରୋ): ଏଲ୍‌ଏନ୍ ଲାଫ୍ଟର ଏକ୍ସରସାଇଜ୍ କ୍ଲବ୍‌ର ୬ଷ୍ଠ ସ୍ୱନକ୍ଷତ୍ର ଉତ୍ସବ ନୟାପଲ୍ଲୀ ନୂଆସାହି ୱାଇଏମ୍‌ସିଏଠାରେ ସଭାପତି ଜେ.କେ ରାଜହଂସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ ହୃଦ୍‌ରୋଗ ବିଭାଗ ମୁଖ୍ୟ ଓ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ଡ. ଦିଲୀପ ଶ୍ରୀଚନ୍ଦନ, ନୟାପଲ୍ଲୀ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ ଯୋଗଦେଇଥିଲେ। କ୍ଲବର ମୁଖପତ୍ର 'ହସନ୍ତିକା' ଉନ୍ମୋଚନ ସହ ଗୀତ, ନୃତ୍ୟ, ବ୍ୟାୟାମ ପ୍ରଦର୍ଶନ ଓ କବିତା ପାଠ କରାଯାଇଥିଲା। କ୍ଲବ ସଦସ୍ୟ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ, ମିଳନ ପାଇକରାୟ ପରିଚାଳନା ଓ ଶତ୍ରୁଘ୍ନ ବାହିନୀପତି ଧନ୍ୟବାଦ ଦେଇଥିଲେ। ବିଶ୍ୱକେତନ ଦାସ ଓ ଗୀତିଶ୍ରୀ ଦାସ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଧନ୍ୟବାଦ ଜଣାଇଲେ 'ଡେଲିଭରି ବୟ' ଟିମ୍

ଭୁବନେଶ୍ୱର,୪।୪(ବ୍ୟୁରୋ)



ଓଡ଼ିଆ ଚଳଚ୍ଚିତ୍ର ଜଗତର ପୁଣି ଏକ ନୂଆ ଯାତ୍ରା ଆରମ୍ଭ ହୋଇଛି। ଚଳଚ୍ଚିତ୍ର 'ଦମନ' ପରେ ଏବେ ଚଳଚ୍ଚିତ୍ର 'ଡେଲିଭରି ବୟ' ପାଇଁ ମଧ୍ୟ ରାଜ୍ୟ ସରକାର କର ଛାଡ଼ କରିଛନ୍ତି। ଅଶ୍ୱିନୀ ତ୍ରିପାଠୀ ନିର୍ଦ୍ଦେଶିତ ଏବଂ ଜ୍ୟୋତିରଞ୍ଜନ ମହାନ୍ତି ପ୍ରଯୋଜିତ ଏହି ଚଳଚ୍ଚିତ୍ର ଶୁଭମୁକ୍ତି ପୂର୍ବରୁ କର ଛାଡ଼ ହେବା ସିନେପ୍ରେମୀଙ୍କ ମନରେ ଏକ ନୂତନ ଆଶା ସଞ୍ଚାର କରିଛି। ମଙ୍ଗଳବାର 'ଡେଲିଭରି ବୟ' ଟିମ୍ ତରଫରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ପ୍ରୋତ୍ସାହନ ପାଇଁ ଧନ୍ୟବାଦ ଦିଆଯାଇଛି। ଏଥିଯୋଗୁ ମୌଳିକ କାହାଣୀକୁ ନେଇ ପ୍ରଯୋଜକମାନେ ଆଗେଇ ଆସିବେ ଓ ଅଧିକରୁ ଅଧିକ ଦର୍ଶକ ଓଡିଆ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇବେ ବୋଲି ଟିମ୍ ପକ୍ଷରୁ ମତ ପ୍ରକାଶ ପାଇଥିଲା। ଏହି ସମ୍ମିଳନୀରେ ଚଳଚ୍ଚିତ୍ର ପ୍ରଯୋଜକ ଜ୍ୟୋତି ରଞ୍ଜନ ମହାନ୍ତି, ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି, ଶୈଳେନ୍ଦ୍ର ସାମନ୍ତରାୟ, ଶକ୍ତି ବରାଳ, ସୁଶାନ୍ତ ଦାସ ମହାପାତ୍ର, ଅଭିନେତ୍ରୀ ପ୍ରିୟମ୍ବଦା, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ପବ୍ଲିସିଟି ମୁଖ୍ୟ ଗୁଲ୍ଲୁ, ବିତରକ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ର ଡେଲିଭରୀ ବୟ ଏପ୍ରିଲ ୭ ରେ ସାରା ଓଡିଶାର ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ପ୍ରଯୋଜକ ମହାନ୍ତି କହିଛନ୍ତି, ଜିଲାସ୍ତରରେ ପ୍ରେକ୍ଷାଳୟର ସୁବିଧା ମିଳୁଛି। ସେମାନଙ୍କ ସହଯୋଗ ରହୁଛି। କିନ୍ତୁ ରାଜଧାନୀରେ ଓଡ଼ିଆ ସିନେମା ପ୍ରତି ପ୍ରେକ୍ଷାଳୟ ଏକ ବଡ଼ ବାଧକ ସାଜିଛି। ଅଲଗା ଭାଷାର ଚଳଚ୍ଚିତ୍ରକୁ ଅଧିକ ଗୁରୁତ୍ୱ ମିଳୁଛି। ସିଙ୍ଗଲ ସ୍କ୍ରିନ୍‌ରେ ଚଳଚ୍ଚିତ୍ର କରିବାକୁ ସୁଯୋଗ ନ ଦେଲେ ରିଲିଜ ଦିନ ପ୍ରେକ୍ଷାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

**ସିଙ୍ଗଲ ସ୍କ୍ରିନ୍ ନ ଦେଲେ ହଲ୍ ସମ୍ମୁଖରେ ପ୍ରତିବାଦ**

# ଜାଗା ମିଶନ ସର୍ଭେ ନେଇ ମାନସମନ୍ଥନ

ଭୁବନେଶ୍ୱର, ୪।୪ (ବ୍ୟୁରୋ)

- ଲୋକଙ୍କୁ ବୁଝାଇବାକୁ ବସ୍ତି ବୁଲିବେ ବିଏମ୍‌ସି ଅଧିକାରୀ
- ପର୍ଯ୍ୟାୟ କ୍ରମେ ସବୁ ବସ୍ତିରେ ହେବ ସର୍ଭେ
- ହିତାଧିକାରୀଙ୍କ ନାମରେ ଅଭିଯୋଗ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ
- ଏବେ ସୁଦ୍ଧା ୬୮ ହଜାର ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ

ଜାଗା ମିଶନ୍‌କୁ ନେଇ ଝଡ଼ ଥମିବାର ନାମ ନେଉନି। ସର୍ଭେ ତାଲିକାରୁ ବାଦ୍ ପଡିଥିବା ବସ୍ତି ବାସିନ୍ଦା ଅସନ୍ତୋଷ ପ୍ରକାଶ କରି ବିଏମ୍‌ସିରେ ହୋହଲ୍ଲା କରିଥିବାବେଳେ ଭାଜପା ମଧ୍ୟ ବିଏମ୍‌ସିକୁ ଘେରିଥିଲା। ଏପରିକି ଶାସକ ବିଜେଡିର କିଛି କର୍ପୋରେଟରମାନେ ମଧ୍ୟ ବିଏମ୍‌ସି ସର୍ଭେକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଚାରିଆଡୁ ବିରୋଧ ପରେ ଏବେ ବିଏମ୍‌ସିର ଚେତା ପଶିଛି। କେମିତି ଲୋକଙ୍କୁ ବୁଝାଇବେ ସେଥିପାଇଁ ମାନସମନ୍ଥନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଣିକି ସମସ୍ତ ବସ୍ତିକୁ ବିଏମ୍‌ସି ଅଧିକାରୀମାନେ ପରିଦର୍ଶନ କରିବେ। ଜୋନାଲ ଡେପୁଟି କମିଶନର ଏବଂ ଏସ୍‌ଡିଏ କମିଟି ସଦସ୍ୟମାନେ ମିଳିତ ଭାବେ ବସ୍ତି ବୁଲି ଲୋକଙ୍କୁ ବୁଝାଇବେ। ତାଲିକାରେ ପ୍ରକାଶ ପାଇଥିବା ହିତାଧିକାରୀଙ୍କ ନାମରେ କୌଣସି ଅଭିଯୋଗ ଆସିଲେ ସେ ନେଇ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ଏନେଇ ମେୟର କହିଛନ୍ତି, ଜାଗା ମିଶନ ସର୍ଭେରେ କୌଣସି ଚଞ୍ଚକତା ବା ପକ୍ଷପାତିତା କରାଯାଇ ନାହିଁ। ସମସ୍ତ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବାକୁ ଚେଷ୍ଟା କରାଯାଉଛି। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ଦିବସରେ ୫୦ହଜାର ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ କରାଯିବାର ଥିଲା। ତେଣୁ ପ୍ରାଥମିକତା ଭିତ୍ତିରେ କେତେକ ବସ୍ତିରୁ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ଯେଉଁମାନେ କି ସରକାରୀ ଜମିରେ ଘର କରି ରହୁଛନ୍ତି। ବାକି ଯେଉଁମାନେ ରେଲୱେ, ଜଙ୍ଗଲ ବିଭାଗ, ଶ୍ମଶାନ ଜମିରେ ରହୁଛନ୍ତି ସେମାନଙ୍କୁ ସେଠାରେ ଏଲ୍‌ଆର୍‌ସି (ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍) ଦିଆଯାଇ ପାରିବ ନାହିଁ। ତେଣୁ ସେମାନଙ୍କ ପାଇଁ ଅନ୍ୟସ୍ଥାନ ଚିହ୍ନଟ କରି ଜମିପଟ୍ଟା ପ୍ରଦାନ କରାଯିବ। ତେଣୁ ନାମ କଟି ଯାଇଥିବା ଯେଉଁମାନେ ଅଭିଯୋଗ କରୁଛନ୍ତି, ସେମାନେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। କାରଣ ସମସ୍ତ ବସ୍ତିରେ ସର୍ଭେ କରାଯାଇ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ମେୟର କହିଛନ୍ତି। ସେହିପରି ଜାଗା ମିଶନ ସର୍ଭେ ଅଧିକାରୀ ତଥା ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନାଙ୍କ ସୂଚନା ଅନୁଯାୟୀ, ମହାନଗର ନିଗମରେ ୪୭୧ଟି ପଞ୍ଜିକୃତ ବସ୍ତି ଥିବାବେଳେ ସେଥିରୁ ପ୍ରାୟ ୨ଶହ ବସ୍ତିରେ ସର୍ଭେ ସରିଲାଣି। ଏବେ ସୁଦ୍ଧା ୬୮ ହଜାରହିତାଧିକାରୀଙ୍କୁ ଚିହ୍ନଟ କରାଗଲାଣି। ପର୍ଯ୍ୟାୟକ୍ରମେ ସମସ୍ତ ବସ୍ତିରେ ସର୍ଭେ କରାଯିବ। ତେଣୁ ବ୍ୟସ୍ତ ନ ହୋଇ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଏଥିସହ ସମସ୍ତ କର୍ପୋରେଟରମାନେ ନିଜ ନିଜ ଅଞ୍ଚଳରେ ଥିବା ବସ୍ତି ଗୁଡିକରେ ସଚେତନତା ସୃଷ୍ଟି କରିବା ନେଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର, ଜାଗା ମିଶନ ସର୍ଭେ ଅଧିକାରୀ ଏବଂ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।

# ମାର୍କେଟ ବିଲ୍ଡିଂରେ ସ୍ଥାୟୀ, ଉଠାଦୋକାନୀଙ୍କ ପୁଣି ବିବାଦ

ଭୁବନେଶ୍ୱର,୪।୪(ବ୍ୟୁରୋ)



- ଅପରାହ୍ନ ୩ଟା ଯାଏ ବନ୍ଦ କଲେ ମାର୍କେଟ
- ସୋମବାର ସୁଦ୍ଧା ନ ଉଠାଇଲେ ଅନିର୍ଦ୍ଦିଷ୍ଟକାଳ ପାଇଁ ଦୋକାନ ବନ୍ଦ

ୟୁନିଟ-୨ସ୍ଥିତ ମାର୍କେଟ ବିଲ୍ଡିଂରେ ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ପୁଣି ମୁଣ୍ଡ ଟେକିଛି। ଅସ୍ଥାୟୀ ଦୋକାନୀଙ୍କୁ ବିରୋଧ କରି ମଙ୍ଗଳବାର ସକାଳରୁ ଅପରାହ୍ନ ୩ଟା ଯାଏ ମାର୍କେଟ ବିଲ୍ଡିଂକୁ ବନ୍ଦ ରଖାଯାଇଥିଲା। ସ୍ଥାୟୀ ଦୋକାନଙ୍କ ମାର୍କେଟ ଆସୋସିଏଶନ୍ ପକ୍ଷରୁ ଏ ନେଇ ବିଏମ୍‌ସି କମିଶନରଙ୍କ ପାଖକୁ ଯାଇଥିଲେ ବି କମିଶନର ସେମାନଙ୍କ ଅଭିଯୋଗ ଶୁଣି ନଥିଲେ। ଫଳରେ ମାର୍କେଟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ଫେରିଥିଲେ। ତେବେ ବିଏମ୍‌ସିକୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏହାମଧ୍ୟରେ କର୍ତ୍ତୃପକ୍ଷ ଉଠାଦୋକାନୀମାନଙ୍କୁ ନ ଉଠାଇଲେ ମଙ୍ଗଳବାରଠାରୁ ମାର୍କେଟକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଆସୋସିଏଶନ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ଥାୟୀ ଦୋକାନୀମାନେ ଯେତିକି ଅର୍ଥରେ ସାମଗ୍ରୀ ବିକ୍ରି କରୁଛନ୍ତି, ସେମାନେ ତା'ଠୁ କମ୍ ଟଙ୍କାରେ ସେହି ସାମଗ୍ରୀକୁ ଲୋକଙ୍କୁ ବିକ୍ରି କରୁଛନ୍ତି। ଫଳରେ ସ୍ଥାୟୀ ବ୍ୟବସାୟୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ସେହିପରି ଅସ୍ଥାୟୀ ବେପାରୀମାନେ ବିଏମ୍‌ସିକୁ ଟିକସ ଦେଉ ନାହାନ୍ତି। ବରଂ ଫୁଟ୍‌ପାଥରେ ବେପାର କରି ମାର୍କେଟର ସୌନ୍ଦର୍ଯ୍ୟକରଣ ନଷ୍ଟ କରୁଛନ୍ତି ବୋଲି ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୦ଦିନ ହେବ ପ୍ରାୟ ୨୫ଜଣ ବିହାରୀ ଉଠାଦୋକାନୀ ମାର୍କେଟ ବିଲ୍ଡିଂ ଭିତରେ ପୁଣିଥରେ ବେପାର ଆରମ୍ଭ କରିଛନ୍ତି। ଏ ନେଇ ମାର୍କେଟ ଆସୋସିଏଶନ ପକ୍ଷରୁ ଗତ ସପ୍ତାହରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, କ୍ୟାପିଟାଲ ଥାନା କର୍ତ୍ତୃପକ୍ଷ ଓ ବିଏମ୍‌ସି ମାର୍କେଟ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ମଙ୍ଗଳବାର ଆସୋସିଏଶନର ସଦସ୍ୟମାନେ ବିଏମ୍‌ସି କାର୍ଯ୍ୟାଳୟକୁ ଆସି ନିଜ ଦାବି ଉପସ୍ଥାପନ କରିଥିଲେ। ଗତବର୍ଷ ଜୁଲାଇରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ସ୍ଥାୟୀ ବ୍ୟବସାୟୀ ଓ ଉଠାଦୋକାନୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ଫଳରେ ପ୍ରାୟ ୩ଦିନ ଧରି ମାର୍କେଟକୁ ବନ୍ଦ ରଖାଯାଇଥିଲା। ପରେ ବିଏମ୍‌ସି ଅଧିକାରୀ ଘଟଣାରେ ହସ୍ତକ୍ଷେପ କରିବା ସହ ଉଠାଦୋକାନୀଙ୍କୁ ସେଠାରୁ ହଟିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୁଣିଥରେ ଘଟଣାର ପୁନରାବୃତ୍ତି ହୋଇଥିବାରୁ ମାର୍କେଟ ଆସୋସିଏଶନ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଅପରପକ୍ଷେ ମାର୍କେଟ ବନ୍ଦ ଥିବା ନେଇ କୌଣସି ସୂଚନା ଦିଆଯାଇ ନ ଥିବାରୁ ଲୋକମାନଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଏପ୍ରିଲ, ୨୦୨୩

## ଏସ୍‌ସିବି ମେଡିକାଲ ସହାୟତା କେନ୍ଦ୍ର ସ୍ଥିତି ଅନୁଧ୍ୟାନ କଲେ ମେୟର

କଟକ ଅଫିସ: କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ମଙ୍ଗଳବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲ କଲେଜରେ ଥିବା ସହାୟତା କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବହୁ ସମୟରେ ସହାୟତା କେନ୍ଦ୍ର ବିଷୟରେ ଅଭିଯୋଗ ଆସିଥାଏ। ପ୍ରକୃତରେ ମେଡିକାଲ ହେଲ୍ପ ଡେସ୍କ ରାତିରେ କିପରି କାର୍ଯ୍ୟ କରୁଛି, ତାହାର ସ୍ଥିତି କିପରି ଅଛି, ସେ ବିଷୟରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମେୟର ପଚାରିଥିଲେ।



## ସଂକ୍ଷେପରେ

### ମା',ପୁଅଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

**ମଙ୍ଗୁଳି-ଜଗତପୁର,୪।୪(ଡି.ଏନ୍.ଏ.):** ମାଆ, ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଟାଙ୍ଗୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବିଲତେରୁଆଁ ଗ୍ରାମର ସାଜାଦ ଅହମ୍ମଦ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୭ଜଣ ଫେରାର ଅଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଲତେରୁଆଁ ଗ୍ରାମରେ ଥିବା ରେଲୱେ ସାଇଡିଂ ଓ ଡମ୍ପିଂୟାର୍ଡ ବିଷୟକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ସାହିଭାଇ ସଙ୍ଗଠନ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ପରେ ଗୋଟିଏ ସଙ୍ଗଠନର ୮ ଜଣ ଯୁବକ ବିଲତେରୁଆଁ ଗ୍ରାମର ମିର୍ଜା ଜାବେଦ ବେଗ୍‌ଙ୍କ ଘରେ ପଶି ଖଣ୍ଡା ଓ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବେକ, ମୁଣ୍ଡ, ପିଠି, ପେଟରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ତାଙ୍କ ମାଆ ବିରୋଧ କରିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ପାଟି ଶୁଣି ଗ୍ରାମବାସୀ ଆସିବା ଦେଖି ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଚିକିତ୍ସା ଲାଗି ଉଭୟଙ୍କୁ ଚୌଦ୍ୱାରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଜାବେଦଙ୍କ ଭାଇ ମିର୍ଜା ୟୁସୁଫ ବେଗ୍ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୫/୨୩) ରୁଜୁ କରିଛି। ଏ ନେଇ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ଖୁବ୍‌ଶୀଘ୍ର ଅନ୍ୟ ଆକ୍ରମଣକାରୀଙ୍କୁ ଗିରଫ କରାଯିବ।

### ସମ୍ବାଦପତ୍ର ବିକ୍ରେତା ସଂଘ ସାଧାରଣ ସମ୍ପାଦକଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ,୪।୪:** କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଘଡ଼ାଇ (୭୮)ଙ୍କର ପରଲୋକ ହୋଇଯାଇଛି। ଏ ନେଇ ସଂଘ ପକ୍ଷରୁ ସ୍ଥାନୀୟ କଲେଜଛକସ୍ଥିତ ସିଡିଏ ମାର୍କେଟ ପରିସରରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭ୍ୟ ରଞ୍ଜନ ବିଶୋଇ, ରଞ୍ଜନ ପ୍ରଧାନ, ମଙ୍ଗୁ ରାଉତ, ଶମ୍ଭୁ ହେମ୍ବ୍ରମ୍, ଅଶୋକ ପଣ୍ଡା, ଚକ୍ରଧର ଦାଶ, ବିଦ୍ୟାଧର ସାହୁ, ସାଧୁ ମହାନ୍ତି, ଲକ୍ଷ୍ମୀଧର ପଣ୍ଡା, ଶିବ ଘୋଷ, ଈଶନ ଦାଶ ପ୍ରମୁଖ ଯୋଗଦେଇଥିଲେ ।

### ଯାଦବ ସଂଘର ନୂତନ କର୍ମକର୍ତ୍ତା

**କଣ୍ଟାପଡା,୪।୪(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ବ୍ରାହ୍ମଣସାଇଲୋ ପଞ୍ଚାୟତ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଅନନ୍ତ ବଟଗୋସାଇଁ ପୀଠରେ ଅନନ୍ତ ବଟଗୋସ୍ୱାମୀ ଯାଦବ ସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏଥିରେ ସଭାପତି ଭାବେ ବିଜୟରାମ ଦାସ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ମାଧବ ବେହେରା, ଅଶୋକ ବେହେରା ଓ ଦେବେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ବିଶ୍ୱମ୍ବର ବେହେରା, ସହସମ୍ପାଦକ ଲିଙ୍ଗରାଜ ବେହେରା, କୋଷାଧ୍ୟକ୍ଷ ତ୍ରିଲୋଚନ ବେହେରା ଓ ଉପଦେଷ୍ଟା ଭାବେ ହୃଦାନନ୍ଦ ବେହେରା ମନୋନୀତ ହୋଇଛନ୍ତି। ଅଶୋକ ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ। ଯାଦବ ସଂଘର ବରିଷ୍ଠ ସଦସ୍ୟ ସର୍ବେଶ୍ୱର ବେହେରା, ଅନନ୍ତ ବେହେରା, ଜଟାଧାରୀ ବେହେରା, ବାସୁଦେବ ବେହେରା, ଚୁନି ବେହେରା ପ୍ରମୁଖ ସଙ୍ଗଠନକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ।

### ହତ୍ୟାକାରୀଙ୍କୁ ଗିରଫ ଦାବି

**ବାଲିଘାଟ ବିବାଦରୁ ହତ୍ୟା ଘଟଣା**

**କଟକ ଅଫିସ,୪।୪:** କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ବାଲିଘାଟ ବିବାଦରୁ ହତ୍ୟାର ଶିକାର ହୋଇଥିବା ମଲ୍ଲି ଜେନାଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାକୁ ଭାଜପା ଦାବି କରିଛି। ଏ ସମ୍ପର୍କିତ ଏକ ଦାବିପତ୍ର ଦଳ ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାମଚନ୍ଦ୍ରପୁର ଥାନା ଅଧୀନ ଶାଳଦେଇ ଗ୍ରାମରେ ବେଆଇନ ବାଲିଘାଟକୁ ରୋକିବା ପାଇଁ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ଗତ ମାର୍ଚ୍ଚ ୨୨ରେ ମଧ ଶାଳଦେଇ ଗ୍ରାମର ଶତାଧିକ ମହିଳା ବାଲିଘାଟକୁ ବିରୋଧ କରିଥିଲେ। ଏହି ସମୟରେ ବାଲି ମାଫିଆମାନେ ବିରୋଧ କରୁଥିବା ମହିଳାଙ୍କ ଉପରେ ଆକ୍ରମଣ କରିଥିଲେ। ଏପରି କି ସେମାନେ ମଲ୍ଲି ଜେନାଙ୍କ ଡାହାଣ ଗୋଡ଼କୁ ହାଣି ଦେଇଥିଲେ। ପ୍ରାୟ ୬ ଦିନ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେଣୁ ଉକ୍ତ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ନିର୍ମଳ କୁମାର ବେହେରା ଦାବିପତ୍ର ପ୍ରଦାନ କରିଥିଲେ।

# 'ସୃଷ୍ଟିର ପ୍ରତି କଣିକାରେ ଈଶ୍ୱରଙ୍କ ସ୍ଥିତି ରହିଛି'

**କଟକ ଅଫିସ,୪।୪**


ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ**

ସମାଜର ରୂପାନ୍ତରଣ ପାଇଁ ସତ୍ୟନିଷ୍ଠତା ପ୍ରମୁଖ ଭୂମିକା ଗ୍ରହଣ କରେ। ନୂତନ ଜଗତର ସମ୍ପୂର୍ଣ୍ଣ ପରିପ୍ରକାଶ ପାଇଁ ନିଜ ଦୃଷ୍ଟିକୁ ବିନମ୍ର ଏବଂ ବିଶାଳ କରିବାକୁ ହେବ। ମଣିଷ ନିଜ ସ୍ୱଭାବରେ ନମନିୟତା ଆଣିପାରିଲେ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ। ଜଗତରେ କେବଳ ମଣିଷ ଈଶ୍ୱର ନାହାନ୍ତି, ସୃଷ୍ଟିର ପ୍ରତି କଣିକାରେ ଈଶ୍ୱରଙ୍କ ସ୍ଥିତି ରହିଛି। କଟକ ମାତୃଭବନ ପରିସରରେ ୫୨ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ 'ନୂତନ ଜଗତକୁ ସ୍ୱାଗତ' ଶୀର୍ଷକ ଆଲୋଚନାରେ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଆଲୋକ ପାଣ୍ଡେ ଯୋଗଦେଇ ଉପରୋକ୍ତ ବିଷୟରେ କହିଛନ୍ତି।

ଗଦାଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଅନ୍ୟତମ ବକ୍ତା ଡ. ଅର୍ଚ୍ଚନା ନାୟକ କହିଥିଲେ, ଆଧ୍ୟାତ୍ମିକତା କ୍ଷେତ୍ରରେ କେବଳ ସର୍ବାନ୍ତକରଣରେ ସ୍ପନ୍ଦିତ ହେବାର ସମୟ ଆସିଛି। ପୃଥିବୀ ହେଉଛି ତପକ୍ଷେତ୍ର। ଏବେ ସମସ୍ତଙ୍କୁ ପୃଥିବୀର ବିଶେଷତ୍ୱକୁ ଗ୍ରହଣ କରିବାକୁ ପଡ଼ିବ। ସିଦ୍ଧି ପ୍ରଦାନକାରୀ ଶକ୍ତି ପୃଥିବୀରେ ରହିଛି। ପ୍ରକୃତିର ବିନାଶକାରୀ ଲୀଳାରେ ସ୍ୱପ୍ନ ସାକାର କରିବାର ରହସ୍ୟ ପ୍ରଚ୍ଛନ୍ନ ଭାବେ ଏଠାରେ ରହିଛି। ଏଥିପାଇଁ ସମୟକୁ ଅପେକ୍ଷା କରିବାକୁ ହେବ। ନୂତନ ଜଗତକୁ ପ୍ରତିଷ୍ଠିତ କରାଇବା ଲାଗି ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ ବୋଲି ଡ. ନାୟକ କହିଛନ୍ତି। ପ୍ରାରମ୍ଭରେ ଡ. ଶ୍ୟାମା କାନୁନ୍‌ଗୋ ମହାକାବ୍ୟ ସାବିତ୍ରୀ ଆବୃତ୍ତି କରିଥିଲେ। ସୁରେଶ ମିଶ୍ର ଆବାହନୀ ସଙ୍ଗୀତ ଗାନ କରିଥିବାବେଳେ ମାତୃଭବନ ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମାତୃଭବନ ପତ୍ରିକା ଉନ୍ମୋଚିତ ହୋଇଥିଲା। ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବହୁସଂଖ୍ୟକ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଛନ୍ତି।

# ୧୦ ଲକ୍ଷ କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୪।୪**

**ଜୟପୁର ହାଜତ ମୃତ୍ୟୁ ମାମଲା**



କୋରାପୁଟ ଜିଲା ଜୟପୁର ସଦର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ମାସକ ମଧ୍ୟରେ ଏହି ଟଙ୍କା ଆବେଦନକାରୀଙ୍କୁ ପ୍ରଦାନ କରିବେ। ମୃତକଙ୍କ ମା' ପ୍ରବୀଣା କୁମାରୀ ମହୁରିଆଙ୍କ ପକ୍ଷରୁ ଆଗତ ମାମଲାର ବିଚାର କରି ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୭ ଜାନୁୟାରୀ ୩୦ ତାରିଖ ମଧ୍ୟାହ୍ନରେ ଜୟପୁର ଥାନା ଅଧୀନ ଗାନ୍ଧିଛକ ନିକଟ କେନାଲ ରାସ୍ତାରେ ୨୦ରୁ ୩୦ ଜଣ ପୋଲିସ ଅଧିକାରୀ ଆବେଦନକାରିଣୀଙ୍କ ପୁଅ ଆକାଶ ମହୁରିଆଙ୍କୁ ଧରିଥିଲେ। ସେମାନେ ଆକାଶଙ୍କୁ ମାଡ଼ ମାରିବା ପରେ ଜୟପୁର ସଦର ଥାନାକୁ ଆଣିଥିଲେ। ଥାନାରେ ଆକାଶଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମା' ଜାଣିବାକୁ ପାଇଥିଲେ। ପରଦିନ ଅର୍ଥାତ ଜାନୁୟାରୀ ୩୧ ତାରିଖରେ ପ୍ରବୀଣା ଥାନାରେ ଏତଲା ଦେଇଥିଲେ ବି ପୋଲିସ ତାହାକୁ ଗ୍ରହଣ କରି ନ ଥିଲା। ଅପରପକ୍ଷରେ ଜୟପୁର ସଦର ଥାନା ପୋଲିସ ନିଜଆଡ଼ୁ ଏକ ମାମଲା ରୁଜୁ କରିଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ଆକାଶଙ୍କ ବିରୋଧରେ ୧୪ଟି ମାମଲା ରହିଥିଲାବେଳେ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ଯେତେବେଳେ ଆକାଶଙ୍କୁ ପୋଲିସ କେନାଲ ରାସ୍ତାରେ ଦେଖିଥିଲା ସେତେବେଳେ ସେ ଏକ ବାଇକ୍‌ରେ ଖସି ପଳାଇବାକୁ ଉଦ୍ୟମ କରୁଥିଲେ। କାବୁବେଳେ ସେ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଜୟପୁର ଓ ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଆକାଶଙ୍କ ମୃତ୍ୟୁ ଘଟିଥିଲା ବୋଲି ପୋଲିସ୍ ପକ୍ଷରୁ ଦିଆଯାଇଥିବା ଏଫ୍‌ଆଇଆର୍‌ରେ ଉଲ୍ଲେଖ କରାଯାଇଥିଲା। ମାତ୍ର ପୋଲିସ ମିଥ୍ୟା ଅଭିଯୋଗ ଆଣୁଥିବାରୁ ଆବେଦନକାରିଣୀ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଏଚ୍‌ଆର୍‌ସିଙ୍କ ପକ୍ଷରୁ ମାମଲାର ତଦନ୍ତ କରାଯାଇଥିଲା। ଏହି ଘଟଣାର ବିଭିନ୍ନ ରିପୋର୍ଟକୁ ଆଧାର କରି ଅତ୍ୟଧିକ ନିର୍ଯାତନା କାରଣରୁ ଆକାଶଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ପରେ ଆବେଦନକାରିଣୀ ତାଙ୍କ ପୁଅର ମୃତ୍ୟୁ ପାଇଁ ପୋଲିସକୁ ଦାୟୀ କରି କ୍ଷତିପୂରଣ ପାଇବା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାର ସାନି ତଦନ୍ତ ପାଇଁ ହାଇକୋର୍ଟ ଜୟପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ପୋଲିସ ତଦନ୍ତ କରିବା ବଦଳରେ ବାରମ୍ବାର ସମୟ ଗଡ଼ାଇ ଚାଲିଥିଲା। ତେବେ ବିଭିନ୍ନ ରିପୋର୍ଟ ଆଧାରରେ ହାଇକୋର୍ଟ ଆକାଶଙ୍କ ମୃତ୍ୟୁ ପୋଲିସ ଦ୍ୱାରା ହୋଇଛି ବୋଲି ମତ ଦେବା ସହ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ



ସତ୍ୟାଗ୍ରହ ଓ ରିଲେ ଅନଶନରେ ମଙ୍ଗଳବାର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ସାମିଲ ହୋଇଛନ୍ତି।

**କଟକ ଅଫିସ, ୪।୪**

- ୭ ଦିନରେ ଲୋକ ସ୍ୱରାଜ ଓଡ଼ିଶାର ଅନଶନ
- ସାମିଲ ହେଲେ ବିଧାୟକ

ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସର୍ବନିମ୍ନ ମୌଳିକ ସୁବିଧା ମଧ୍ୟ ରୋଗୀଙ୍କୁ ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏଭଳି ଅଭିଯୋଗ କରି ଲୋକ ସ୍ୱରାଜ ଓଡ଼ିଶା ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସମ୍ମୁଖରେ ସତ୍ୟାଗ୍ରହ ଓ ରିଲେ ଅନଶନ ଗତମାସ ୨୯ ତାରିଖରୁ ଜାରି ରହିଛି। ଏହି ଅନଶନକୁ ସମର୍ଥନ ଜଣାଇ ବିଧାୟକ ମହମ୍ମଦ ମୋକିମ ମଙ୍ଗଳବାର ସାମିଲ ହୋଇଥିଲେ। ଏ ନେଇ ମୋକିମ କହିଛନ୍ତି, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବାର ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛନ୍ତି। ବିଧାୟକ ମୋକିମ୍‌ଙ୍କ ସହ ଉକ୍ତ ଅନଶନରେ କର୍ପୋରେଟର ଜେ. କାମେଶ୍ୱର ରାଓ, ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ଅଶ୍ୱିନୀ ମହାରଣା, କେଦାର ପୃଷ୍ଟି, ଶରତ ଚନ୍ଦ୍ର ସେଠୀ, ଗାୟତ୍ରୀ ମଲ୍ଲ, ସୁରଜିତ୍ ସାହୁ, ରବୀନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

# ଯୌତୁକ ପାଇଁ ମହିଳାଙ୍କ ହତ୍ୟା ଘଟଣା: ସ୍ୱାମୀ ଗିରଫ

**କଣ୍ଟାପଡା, ୪।୪(ଡି.ଏନ୍.ଏ.)**

ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମୃତା ମହିଳାଙ୍କ ସ୍ୱାମୀ ଆଶିଷ ରାଉତରାୟ। ଏଥିସହ ସୋମବାର ପୋଲିସ ଆଶିଷଙ୍କ ଘରୁ ସମସ୍ତ ଯୌତୁକ ସାମଗ୍ରୀ ଜବତ କରି ମୃତା ମହିଳାଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, କଟକ ସଦର ଥାନା ଅଧୀନ ବାଟପୁରଣ ଗ୍ରାମର ବିଭୂତି ଭୂଷଣ ସୁନ୍ଦରରାଏଙ୍କ ଝିଅାରୀ ଦିବ୍ୟସିନୀଙ୍କୁ ଗତବର୍ଷ ମେ' ୧୧ ତାରିଖରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନେତକୁଣ୍ଡି ଗ୍ରାମର ଆଶିଷ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘର ଲୋକଙ୍କ ଦାବି ମୁତାବକ ଅର୍ଥ ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ତେବେ ଅଧିକ ୧ ଲକ୍ଷ ଟଙ୍କା ଆଣିବାକୁ ଦାବିକରି ଦିବ୍ୟସିନୀଙ୍କୁ ଶାଶୁଘର ଲୋକେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ଦିବ୍ୟସିନୀ ବାପଘର ଲୋକଙ୍କୁ ଜଣାଇଥିଲେ। ପରେ ବାପଘର ଲୋକ ସେଠାକୁ ଯାଇ ବୁଝାଶୁଝା କରି ଆସୁଥିଲେ। ଶନିବାର ରାତିରେ ଫୋନ୍ କଲ୍ ପାଇ ବିଭୂତି ଝିଅାରୀ ଘରେ ପହଞ୍ଚିବା ପରେ ଖଟ ଉପରେ ଦିବ୍ୟସିନୀଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୫୯/୨୩) ରୁଜୁ କରିଛି। ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦିବ୍ୟସିନୀଙ୍କ ବାପଘର ଲୋକ ଦାବି କରିଛନ୍ତି। ଏ ନେଇ ଥାନାଧିକାରୀ ରବି ନାରାୟଣ ବେହେରା କହିଛନ୍ତି, ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି।

# ପୁସ୍ତକ 'ମହାଚୈତ୍ର ମହୋତ୍ସବ' ଉନ୍ମୋଚିତ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୪।୪**

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ବାର୍ଷିକ ପୁସ୍ତକ 'ମହାଚୈତ୍ର ମହୋତ୍ସବ'ର ପଞ୍ଚଦଶ ସଂସ୍କରଣ ରାଜ୍ୟପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଉନ୍ମୋଚିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମହାସଭାର କଟକ ମହାନଗର ଶାଖା ସଭାପତି କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ ପ୍ରସନ୍ନ ବେହେରା, ଉପସଭାପତି ଚିରଞ୍ଜନ ବେହେରା, ବିଜୁ ପଟ୍ଟନାୟକ, କେନ୍ଦ୍ର ମତ୍ସ୍ୟଜୀବୀ ସମବାୟ ସମିତି ଲିଃର ସଭାପତି ଦେବେନ୍ଦ୍ର କାହାଳୀ, ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ରଞ୍ଜିତା କାହାଳୀ, ମହାଚୈତ୍ର ମହୋତ୍ସବର ପ୍ରତିଷ୍ଠାତା ନବକିଶୋର ବେହେରା, ସମ୍ପାଦକ ବିଶ୍ୱେଶ୍ୱର ମାଝି ଓ ପାଣ୍ଡବ ବେହେରା ଉପସ୍ଥିତ ଥିଲେ।

# ୫୦ କେଜି ଖାଦ୍ୟ ନଷ୍ଟ କରାଗଲା

**କଟକ ଅଫିସ,୪।୪**

**ବୈଶାଖୀ ବାଣିଜ୍ୟ ମେଳା ଖାଦ୍ୟ ଷ୍ଟଲରେ ଚଢ଼ାଉ**

- ବାସି, ନିମ୍ନମାନର ଖାଦ୍ୟ ବିକ୍ରି ନ କରିବାକୁ ତାଗିଦ୍

କଟକ ବାଲିଯାତ୍ରା ଉପର ପଡିଆରେ ଚାଲିଥିବା ବୈଶାଖୀ ବାଣିଜ୍ୟ ମେଳାରେ ବହୁସଂଖ୍ୟକ ଖାଦ୍ୟ ଷ୍ଟଲ ଖୋଲାଯାଇଛି। ସେଠାରେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଜଣାପଡିବା ପରେ କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଥିଲା। ବିଶେଷକରି ଏକ୍ସପାଏରି ତାରିଖ ଚାଲିଯାଇଥିବା ଖାଦ୍ୟ ପ୍ୟାକେଟ, ମୃଦୁପାନୀୟ ବୋତଲରୁ ମାନ୍ୟୁଫାକ୍ଚରିଂ ଓ ଏକ୍ସପାଏରି ତାରିଖକୁ ଯାଞ୍ଚ କରାଯାଇଥିଲା। ସେହିପରି ରଙ୍ଗଯୁକ୍ତ ଜିଲାପି ଓ କେକ୍, ବାସି ଦହିବରା, ଆଳୁଦମ୍‌ର ମାନକୁ ପରୀକ୍ଷା କରାଯାଇଥିଲା। ଯାଞ୍ଚବେଳେ ବାସି, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ସେଠାରୁ ୫୦ କେଜିରୁ ଊର୍ଦ୍ଧ୍ୱ ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ନ କରିବା ପାଇଁ ଦୋକାନୀମାନଙ୍କୁ ତାଗିଦ୍ କରାଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ବିଭାସ ମଜୁମ୍‌ଦାର, ଖାଦ୍ୟ ନିରୀକ୍ଷକ ଭଗବାନ ଲେଙ୍କାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ରାଜ୍ୟ ସରକାର ସତ୍ୟପାଠ ଦାଖଲ କଲେ

**କଟକ ଅଫିସ,୪।୪**

**ଯାଜପୁର ଟାଉନ୍ ଥାନା ଆଗରେ ଝିଅପୁଅଙ୍କୁ ଆଣ୍ଠେଇବା ମାମଲା**

ଯାଜପୁର ଟାଉନ୍ ଥାନା ଆଗରେ ଝିଅପୁଅଙ୍କୁ ଆଣ୍ଠେଇବା ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ହାଇକୋର୍ଟ ଗତ ଜାନୁୟାରୀ ୯ ତାରିଖ ଶୁଣାଣିରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କ'ଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ମଙ୍ଗଳବାର ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରି କହିଛନ୍ତି, ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି) ଏହି ଘଟଣାରେ ନିଜ ଆଡ଼ୁ ମାମଲା ରୁଜୁ କରି ତଦନ୍ତ କରିଥିଲେ। ପୋଲିସର ଏତାଦୃଶ କାର୍ଯ୍ୟ ଦ୍ୱାରା ମାନବିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି। ତେବେ ସମ୍ପୃକ୍ତ ଆଇଆଇସି ଆଲୋକ ରଞ୍ଜନ ନାୟକଙ୍କୁ ଆଉ ଏପରି ନ କରିବା ପାଇଁ ତାଗିଦ୍ କରାଯାଇଛି। ଏଥିସହ ତାଙ୍କୁ କାଉନ୍‌ସେଲିଂ ମଧ୍ୟ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଜୁନ୍ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୩ ଜାନୁୟାରୀ ୧୫ରେ ଯାଜପୁର ଟାଉନ ଥାନା ପୋଲିସ ନିକଟସ୍ଥ ଏକ ପାର୍କରୁ ୩ ଜଣ ଝିଅ ଓ ୩ ଜଣ ପୁଅଙ୍କୁ ଆଣି ଥାନା ସାମ୍ନାରେ ଆଣ୍ଠେଇ ଦେଇଥିଲେ। ସ୍ପଷ୍ଟ ଦିବାଲୋକରେ ପୋଲିସର ଏଭଳି କାର୍ଯ୍ୟ ଦ୍ୱାରା ସେମାନଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବା ନେଇ ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେମାନଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଥିଲେ।

# 'ସ୍ୱଚ୍ଛସାଥୀଙ୍କୁ ସହରବାସୀ ସମ୍ମାନ ଦିଅନ୍ତୁ'



କର୍ମଶାଳାରେ ସିଏମ୍‌ସି ମେୟର, କମିଶନରଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୪।୪**

**ପରିମଳ ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଶହୀଦ ଭବନରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ସମ୍ବନ୍ଧିତ ୩ ଦିନିଆ କର୍ମଶାଳା 'ଉଦ୍ୟମ, ସ୍ୱଚ୍ଛ କଟକ-ଏକ ପ୍ରଚେଷ୍ଟା' ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଥିଲେ, କଟକ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ସଫେଇ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କୁ ସହରବାସୀ ସମ୍ମାନ ଦିଅନ୍ତୁ ବୋଲି ସେ କହିଥିଲେ। ସେହିପରି ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ ଯୋଗଦେଇ ସହରରେ ଚାଲିଥିବା ପରିମଳ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେବା ସହ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହରକୁ ପରିଷ୍କାର ରଖିବା ପାଇଁ ସହରବାସୀ ସ୍ୱଚ୍ଛସାଥୀମାନଙ୍କୁ ସହଯୋଗ କରନ୍ତୁ ବୋଲି ଡେପୁଟି କମିଶନର ସଞ୍ଜୀବିତା ରାୟ ଆହ୍ୱାନ ଦେଇଥିଲେ। ଏହି କର୍ମଶାଳାରେ ୧ ଓ ୬ ନମ୍ବର ଜୋନ୍‌ର ୧୫୦୦ରୁ ଊର୍ଦ୍ଧ୍ୱ ସ୍ୱଚ୍ଛସାଥୀ ଓ ସଫେଇ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୩ଟି ୱାର୍ଡର ୪୬ ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

ସହରରେ ସଫେଇ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ 'ସ୍ୱଚ୍ଛରଥ'ର ଶୁଭାରମ୍ଭ ହୋଇଥିଲା। ମେୟର ସିଂ ଏହାକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଶନର ନିଖିଲ ପଵନ କଲ୍ୟାଣ, ସହକାରୀ କମିଶନର ତ୍ରିନାଥ ସାହୁ, ଡେପୁଟି କମିଶନର ଅଜୟ ମହାନ୍ତି, ଅମିୟ ପଣ୍ଡା, ଶ୍ୱେତପଦ୍ମା ଡି. ଶତ୍‌ପଥୀ, ସ୍ୱାସ୍ଥ୍ୟ ବିଭାଗର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ କର୍ପୋରେଟରମାନେ ଯୋଗଦେଇଥିଲେ।

## ଫେରାର ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ବାରଙ୍ଗ,(ଡି.ଏନ୍.ଏ.)- ରାସ୍ତା ପଚାରିବା ବାହାନାରେ ମୋବାଇଲ ଫୋନ ଲୁଟିବା ଅଭିଯୋଗରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଚନ୍ଦକା ଥାନା ପୋଲିସ ଗୋଠପାଟଣାରୁ ଗିରଫ କରିଛି। ସେ ହେଲେ ପଟ୍ଟାମୁଣ୍ଡାଇ ନିମପୁର ଶାସନ ଗ୍ରାମର ମଳୟ ମଲ୍ଲିକ। ସେ କିଛିଦିନ ହେବ ଚନ୍ଦକା ଥାନା ଅଧୀନ ଗୋଠପାଟଣାରେ ରହୁଥିଲେ। ୨୦୨୨ ଅକ୍ଟୋବର ୨୫ରେ ଗୁଣୁପିଙ୍ଗୁଆ ତାଙ୍କର ମୋବାଇଲ ଫୋନରେ ଗେମ ଖେଳୁଥିବା ସମୟରେ ମଳୟ ଓ ତାଙ୍କ ଅନ୍ୟ ୨ ସହଯୋଗୀ ଗୋଟିଏ ବାଇକ୍‌ରେ ଆସି ଗୁଣଙ୍କ ହାତରୁ ମୋବାଇଲ ଫୋନକୁ ଛଡ଼ାଇନେଇ ପଳାଇଥିଲେ।

## ସଂକ୍ଷେପରେ

### ପୁନମ୍ ମହାପାତ୍ର ଫ୍ଲୋ ଭୁବନେଶ୍ୱର ଚାପ୍ଟରର ନୂତନ ଚେୟାରମ୍ୟାନ୍



ଭୁବନେଶ୍ୱର,୪।୪(ବ୍ୟୁରୋ) - ପ୍ରତିବର୍ଷ ଦିଲ୍ଲୀର ଫିକି ହାଉସ୍‌ଠାରେ ଆୟୋଜିତ ହେଉଥିବା ନ୍ୟାଶନାଲ୍ ଚେଞ୍ଜ୍ ଅଫ୍ ଗାର୍ଡ କାର୍ଯ୍ୟକ୍ରମରେ ଫିକି ମହିଳା ୱିଙ୍ଗ୍ (ଫ୍ଲୋ) ଭୁବନେଶ୍ୱର ଚାପ୍ଟରର ୨୦୨୩-୨୪ବର୍ଷ ପାଇଁ ନୂତନ ଚେୟାରମ୍ୟାନ୍ ଭାବେ ପୁନମ୍ ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି। ଏଥିସହ ସେ ଗତ ମାର୍ଚ୍ଚ ୩୧ରେ ପୂର୍ବତନ ଚେୟାରମ୍ୟାନ୍ ନମ୍ରିତା ଚହଲଙ୍କଠାରୁ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ପୁନମ୍ ମହିଳାଙ୍କ ଶିକ୍ଷା ଓ ଦକ୍ଷତା, ବ୍ୟବସାୟିକ ତଥା ଅନ୍ୟାନ୍ୟ କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱ, ଆଇନ୍ ଓ ପଲିସି ଆଡ୍‌ଭୋକେସି ଉପରେ ବିଶେଷ ଧ୍ୟାନ ଦେବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁନମ୍ ଏମ୍‌ଜିଏମ୍ ଏଗ୍ରିଟେକ୍ ଆଣ୍ଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପ୍ରାଇଭେଟ୍ ଲିମିଟେଡ୍, ରଚ୍ ସ୍କିଲ୍ ହାଇଭ୍ ଏଲ୍‌ଏଲ୍‌ପି ଏବଂ ଇନ୍‌ୱିଲ୍ ଟେକ୍ନୋଲୋଜିସ୍ ଆଦି କମ୍ପାନୀର ନିର୍ଦ୍ଦେଶିକା ଅଛନ୍ତି।

### ବଟି ମାଗି ବନ୍ଧାହେଲେ ଯୁବକ

ବାରଙ୍ଗ,୪।୪(ଡି.ଏନ୍.ଏ.)- ଜଣେ ଠିକାଦାରଙ୍କୁ ଦାଦାବଟି ମାଗିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲଣ କରିଥିବାବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ ଉକ୍ତ ଥାନା ଅନ୍ତର୍ଗତ ତଲଗଡ଼ ଗ୍ରାମର ଜୀବନ ଦାସ। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନରାଜ ମାର୍ଥାପୁର ପଞ୍ଚାୟତର ତଲଗଡ଼ଠାରେ ସିଦ୍ଧେଶ୍ୱର ପାହାଡ଼ର ସୁରକ୍ଷା ନିମନ୍ତେ ଜଳସମ୍ପଦ ବିଭାଗ ତରଫରୁ ଏସ୍‌ଇଏସ୍ କନଷ୍ଟ୍ରକ୍ସନ କମ୍ପାନୀ ମହାନଦୀ କୂଳରେ ପଥର ପ୍ୟାକିଂ କାର୍ଯ୍ୟ କରୁଛି। ଏହି ଠିକାଦାରଙ୍କୁ ତଲଗଡ଼ ଗ୍ରାମର ଜୀବନ ଦାସ ଓ ତା'ର ଦୁଇ ସହଯୋଗୀ ମାର୍ଚ୍ଚ ୩୦ ତାରିଖ ରାତିରେ ଦାଦାବଟି ମାଗିଥିଲେ। ହେଲେ ବଟି ଦେବାକୁ ଠିକାଦାର ରାଜି ନ ହେବାରୁ ୩ ଯୁବକ ଠିକାଦାରଙ୍କ ବେକରେ ମାରଣାସ୍ତ୍ର ଲଗାଇ ଦାଦାବଟି ନ ଦେଲେ ଜୀବନରେ ମରିଦେବାକୁ ଧମକ ଦେଇ ଆସିଥିଲେ। ଏ ସମ୍ପର୍କରେ ଠିକାଦାର ପରଦିନ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମକଦମା ରୁଜୁକରି ଘଟଣାର ତଦନ୍ତ କରିବା ସହ ମୁଖ୍ୟ ଅଭିଯୁକ୍ତ ତଲଗଡ଼ ଗ୍ରାମର ଜୀବନଙ୍କୁ ଗିରଫ କରିଥିଲେ। ଖୁବ୍‌ଶୀଘ୍ର ଜୀବନର ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରାଯିବ ବୋଲି ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା କହିଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ

## ଦୟଣାଚୋରି ଯାତ୍ରା ସମ୍ପନ୍ନ



ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ ସମୟରେ ଶ୍ରଦ୍ଧାଳୁମାନେ ଲଉଡ଼ି ଖେଳ ସହ ନାଚଗୀତରେ ନିଜକୁ ହଜାଇ ଦେଇଛନ୍ତି।



ଶ୍ରୀଜୀଉଙ୍କୁ ରଥରୁ ସ୍ୱମନ୍ଦିରକୁ ନିଆଯାଉଛି।

ପୁରୁଣା ଭୁବନେଶ୍ୱର,୪।୪(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ଶ୍ରୀଲିଙ୍ଗରାଜ ରୁକୁଣା ରଥଯାତ୍ରା ସମ୍ପନ୍ନ କରି ମଙ୍ଗଳବାର ସ୍ୱର୍ଣ୍ଣାଦ୍ରି ବିଜେ କରିଛନ୍ତି। ପ୍ରାତଃରୁ ମନ୍ଦିରରେ ଆଳତି, ଅବକାଶ ସରିବା ପରେ ଚାହାଣି ମଣ୍ଡପରେ ରଥ ଉପରେ ଏକସଙ୍ଗେ ମଙ୍ଗଳ ଆଳତି କରାଯାଇଥିଲା। ଦୈନିକ ନୀତି ସକାଳଧୂପ, ଠାକୁରାଣୀ ସକାଳଧୂପ ସରିବା ପରେ ରଥରେ ଏବଂ ଚାହାଣି ମଣ୍ଡପରେ ୨ଜଣ ପୂଜାପଣ୍ଡାଙ୍କ ଦ୍ୱାରା ଏକସଙ୍ଗେ ସକାଳ ଧୂପ ଏବଂ ଆଳତି ହୋଇଥିଲା। ଏହାପରେ ଶ୍ରୀଜୀଉ ଏବଂ ଭୁବନେଶ୍ୱରୀ ଠାକୁରାଣୀଙ୍କ ନିକଟରେ ଦ୍ୱିପ୍ରହର ଧୂପ ସରିବା ପରେ ପୁନର୍ବାର ରଥ ଉପରେ ଏବଂ ପାର୍ବତୀ ଠାକୁରାଣୀଙ୍କ ପାଖରେ ମନ୍ଦିର ପକ୍ଷରୁ ଯୋଗାଇ ଦିଆଯାଇଥିବା ଅଧରପଣାକୁ ଭୋଗ ନୈବେଦ୍ୟ କରାଯାଇ ଏକ ହାଣ୍ଡି ପଣାକୁ ଚଣ୍ଡୀଚାମଣ୍ଡାଙ୍କୁ ସମର୍ପଣ କରାଯାଇଥିଲା। ଏହାପରେ ଆଳତିକରାଯାଇ ଦିଅଁଙ୍କ ପହଣ୍ଡି ବିଜେ କରାଯାଇଥିଲା। ପ୍ରଭୁ ଶ୍ରୀଲିଙ୍ଗରାଜ ଦକ୍ଷିଣ ଦ୍ୱାରଠାରେ ପହଞ୍ଚିବା କ୍ଷଣି ମା' ପାର୍ବତୀ ଠାକୁରାଣୀ କବାଟ କିଳିଥିଲେ। ଏହା ପରେ ଦୁଇଜଣ ପୂଜାପଣ୍ଡାଙ୍କ ମଧ୍ୟରେ ବଚନିକା କରାଯାଇଥିଲା। ଏହି ବଚନିକାରେ ଶ୍ରୀଲିଙ୍ଗରାଜ ମା' ପାର୍ବତୀ ଠାକୁରାଣୀଙ୍କୁ ଆସନ୍ତା ଚନ୍ଦନ ଯାତ୍ରାରେ ସଙ୍ଗରେ ନେବା ପାଇଁ ପ୍ରତିଶ୍ରୁତି ଦେଇ ରସଗୋଲା ଖୁଆଇବାରୁ ମା' ପାର୍ବତୀଙ୍କ ମାନ ଭଞ୍ଜନ ହୋଇଥିଲା। ଭେଟ ଆଳତି କରାଯାଇ ଶ୍ରୀଜୀଉମାନେ ଦକ୍ଷିଣ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମଙ୍ଗଳବାର ରଥ ଉପରେ ଶ୍ରଦ୍ଧାଳୁମାନେ ଦିନତମାମ ଶ୍ରୀଜୀଉମାନଙ୍କୁ ଦର୍ଶନକରି ରସଗୋଲା ଭୋଗ କରିଥିଲେ। ମନ୍ଦିରରେ ମହାଦୀପ ଉଠିସାରିବା ପରେ ଯାତ୍ରା ପୂଜା କରାଯାଇ ଶ୍ରୀଜୀଉମାନେ ବିମାନ ଓ ପାଲିଙ୍କିରେ ତୀର୍ଥେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ସେଠାରେ ପୋଖରୀ କୂଳ ମଠ ପକ୍ଷରୁ ଭୋଗ ଯୋଗାଇ ଦିଆଯାଇଥିଲା। ଭୋଗ ନୈବେଦ୍ୟ କରାଯାଇ ଶ୍ରୀଜୀଉଙ୍କୁ ଦୟଣା ପତ୍ର ଲାଗି କରାଯାଇଥିଲା। ଏହି ଯାତ୍ରାକୁ ଦୟଣାଚୋରି ଯାତ୍ରା କୁହାଯାଇଥାଏ।



ଏକାମ୍ର ହାଟଠାରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଏକ ଷ୍ଟଲ୍‌ରେ ଗ୍ରାହକମାନେ କିଣାକିଣି କରୁଛନ୍ତି।

# ଆକର୍ଷିତ କରୁଛି ୧୬ ରାଜ୍ୟର ହସ୍ତଶିଳ୍ପ ପସରା

## ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୪।୪(ବ୍ୟୁରୋ)

ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ ବସ୍ତ୍ର ମନ୍ତ୍ରଣାଳୟ ପ୍ରାୟୋଜିତ ଓ ଡୋଭ୍ ଅନୁଗୋଳ ପକ୍ଷରୁ ଏକାମ୍ର ହାଟ ଗାନ୍ଧୀ ବଜାରରେ ଚାଲିଛି ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ। ଦେଶର ୧୬ଟି ରାଜ୍ୟରୁ ପ୍ରାୟ ୧୨୫ଜଣ ଶିଳ୍ପୀ ଯୋଗଦେଇ ସେମାନଙ୍କ ହାତ ତିଆରି ସୁନ୍ଦର ଜିନିଷପତ୍ର ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। ଓଡ଼ିଶା ସମେତ ବାହାର ରାଜ୍ୟର ମାଟି ପାତ୍ର, ଗୃହ ଉପକରଣ, ଖେଳଣା ଏବଂ ସାଜସଜ୍ଜା ସାମଗ୍ରୀ ଆକର୍ଷଣ ସାଜିଛି। ମଙ୍ଗଳବାର ଏଠାରେ ଅଧିକ ସମାଗମ ଦେଖିବାକୁ ମିଳିଥିଲା। ଖୋର୍ଦ୍ଧା ଜିଲାରୁ ଆସିଥିବା ଗୃହିଣୀ ସୁଲୋଚନା ବରାଡ଼ ଓ ପୁଷ୍ପାଞ୍ଜଳି ରାଉତରାଏ ହାତ ତିଆରି ସାମଗ୍ରୀ ଓ ମେଶିନ ତିଆରି ସାମଗ୍ରୀଗୁଡ଼ିକୁ ଦର୍ଶକଙ୍କୁ ଦେଖାଇବା ସହ ଗୁଣବତ୍ତା ଏବଂ ସ୍ଥାୟିତ୍ୱ ସମ୍ପର୍କରେ କହିଥିଲେ। ଏଥିସହ ଚଳିତବର୍ଷ ରାଜସ୍ଥାନର ଟାଏ ଏବଂ ଡାଏ, ପାବର ଫୁଲକରୀ, ଲକ୍ଷ୍ନୌର ବେଡ୍ କଭର, ଆସାମର ଶାଢୀ ଏବଂ ବାଉଁଶ କାମ, ପଣ୍ଡିଚେରୀର ଚମଡ଼ା କାମ ଏବଂ ସୁବାସିତ କ୍ୟାଣ୍ଡଲ, ଚେନ୍ନାଇର ହସ୍ତତନ୍ତ୍ର ଏବଂ ଜୁଏଲାରୀ, କାଶ୍ମୀରର ସାଲ ଓ ଶାଢ଼ି, ଝାଡ଼ଖଣ୍ଡର ଝୋଟ ତିଆରି ଅଳଙ୍କାର, ବ୍ୟାଗ ଏବଂ ଚପଲ, ଉତ୍ତରପ୍ରଦେଶର ଜୁଏଲେରି, ପିତ୍ତଳ, କାଠକାମ ଓ ବନାରସୀ ସିଲ୍‌କ ଶାଢ଼ି, ଛତିଶଗଡ଼ର ଶାଢ଼ି, ମଧ୍ୟପ୍ରଦେଶର ଚନ୍ଦେରୀ ସିଲ୍‌କ ଓ ହାତ ତିଆରି ବ୍ୟାଗ, ପଶ୍ଚିମବଙ୍ଗର କନ୍ଥା ଶାଢୀ, ଟେରାକୋଟା, ଜୁଏଲାରୀ ଓ ଝୋଟକାମ, ମହାରାଷ୍ଟ୍ରର ବ୍ୟାଗ, ତାମିଲନାଡୁର ସୂତାଶାଢୀ, ସିଲ୍‌କ ଶାଢୀ, ଚମଡ଼ା କାମ ଓ ଜୁଏଲାରୀ ସମେତ ଓଡ଼ିଶା ବରଗଡ଼ର ଶାଢୀ ଓ ଟେରାକୋଟା, ସୋନପୁରର ପାଟଶାଢୀ, ଢେଙ୍କାନାଳର ଡୋକ୍ରା, କେନ୍ଦ୍ରାପଡ଼ାର ବେଣା ଓ କାଇଁଚ କାମ, ବାରିପଦାର ସବାଇଘାସ, ପୁରୀର ଚାନ୍ଦୁଆ, କତା କାମ, ଖୋର୍ଦ୍ଧାର ଝୋଟକାମ ଏବଂ ରଘୁରାଜପୁରର ପ୍ରସିଦ୍ଧ ପଟ୍ଟଚିତ୍ର ଆଦି ପ୍ରଦର୍ଶିତ ହେବା ସହ ବିକ୍ରି ହେଉଛି। ଏହି ପ୍ରଦର୍ଶନୀ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

# 'ହ୍ୱାଇଟ ସ୍ୱାଇଡର': ମାର୍ଚ୍ଚରେ ୨୬ ଗିରଫ

ଭୁବନେଶ୍ୱର,୪।୪ (ବ୍ୟୁରୋ)

ରାଜଧାନୀରେ 'ହ୍ୱାଇଟ୍ ସ୍ୱାଇଡର' ଅଭିଯାନ ଜରିଆରେ ବିଭିନ୍ନ ନିଶାଦ୍ରବ୍ୟର ବିକ୍ରୟ ଓ ସେବନ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ମାର୍ଚ୍ଚରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ବିଭିନ୍ନ ଥାନାରେ ବ୍ରାଉନସୁଗାର ଓ ଗଞ୍ଜେଇ କାରବାର ମାମଲାରେ ୨୬ ଜଣଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଉକ୍ତ ମାସରେ ବିଭିନ୍ନ ଥାନାରେ ମୋଟ ୫ଟି ବେଆଇନ ବ୍ରାଉନସୁଗାର ବିକ୍ରିଜନିତ ମାମଲା ରୁଜୁ କରାଯାଇ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୫୮.୧୨ ଗ୍ରାମ ବ୍ରାଉନସୁଗାର, ୨୭ ହଜାର ୭୧୦ ଟଙ୍କା, ୭ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରାଯାଇଛି। ସେହିପରି ବିଭିନ୍ନ ଥାନାରେ ମୋଟ ୧୦ଟି ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁ କରାଯାଇ ୨୧ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୧ କୁଇଣ୍ଟାଲ ୭୫.୭୪୦ କେଜି ଗଞ୍ଜେଇ, ୫ ଲକ୍ଷ ୯୮ ହଜାର ୪୬୦ ଟଙ୍କା, ୧୨ ମୋବାଇଲ ଏବଂ ୯ଟି ଗାଡ଼ି ଜବତ କରାଯାଇଛି। ତେବେ ଏହି ହ୍ୱାଇଟ୍ ସ୍ୱାଇଡର ଅଭିଯାନକୁ ଆଗାମୀ ଦିନରେ ଅଧିକ କଡ଼ାକଡ଼ି କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୧୫ ପଞ୍ଚାୟତବାସୀ ପାଇବେ ବିଶୁଦ୍ଧ ଜଳ

ବାଲିପାଟଣା,୪।୪(ଡି.ଏନ୍.ଏ.)

ବାଲିପାଟଣା ବ୍ଲକର ୧୫ଟି ପଞ୍ଚାୟତର ୭୫ଟି ଗାଁ ଲୋକେ ୨୦୨୪ ନଭେମ୍ବର ମଧ୍ୟରେ ସ୍ୱଚ୍ଛ ପାନୀୟ ଜଳ ପାଇବେ। ଏଥିପାଇଁ ପମ୍ପାଲ ପଞ୍ଚାୟତଠାରେ ୧୩ ଏକର ପରିମିତ ଜାଗାରେ ଏକ ବୃହତ୍ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର କାମ ଆରମ୍ଭ ହୋଇଛି। ଏଥିପାଇଁ ୧୧୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ପ୍ରୋଜେକ୍ଟ ମ୍ୟାନେଜର ଗୌତମ ପାଲ ଓ ସହକାରୀ ଯନ୍ତ୍ରୀ ବିଜୟ କର କହିଛନ୍ତି। ଏହି କାର୍ଯ୍ୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ ଘଡେଇ ଓ ସୁଚିତ୍ରା ସେନ ତଦାରଖ କରୁଛନ୍ତି। ପାନୀୟ ଜଳ ଝିଣ୍ଟିସ୍ଥିତ ଭାର୍ଗବୀ ନଦୀ ଗର୍ଭରୁ ଅଣାଯିବ। ମାତ୍ର ଏଥିରୁ ଗାରେଡିପାଞ୍ଚଣ ଓ ଅଠାନ୍ତର ପଞ୍ଚାୟତ ସହିତ କେତୋଟି ରାଜସ୍ୱ ଗ୍ରାମ ବଞ୍ଚିତ ହେଉଥିବା ୨ ପଞ୍ଚାୟତବାସୀ ବିଧାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ସତ୍ୟାସତ୍ୟ ପରଖିବାକୁ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ପ୍ରକଳ୍ପ ନିକଟରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଞ୍ଚିତ ପଞ୍ଚାୟତଗୁଡ଼ିକ କିପରି ଶୀଘ୍ର ଯୋଜନାର ଅନ୍ତର୍ଭୁକ୍ତ ହେବେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଢାଲି କହିଛନ୍ତି। ଅପରପକ୍ଷେ ଅଭିଯୋଗ ଫଳପ୍ରଦ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ରମେଶ ରଥ ଚେତାବନୀ ଦେଇଛନ୍ତି।

# ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

## ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା କରିଥିଲେ ସୁନୀତା

ଭୁବନେଶ୍ୱର,୪।୪ (ବ୍ୟୁରୋ)

କ୍ୟାପିଟାଲ ଥାନା ୟୁନିଟ-୬ସ୍ଥିତ ସଡ଼କ ବସ୍ତିର ସୁନୀତା ନାୟକଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ସୁନିତା ଏଭଳି ଚରମ ନିଷ୍ପତ୍ତି ନେଇଥିବା ତଦନ୍ତରେ ଜଣାପଡ଼ିବା ପରେ ପୋଲିସ ସ୍ୱାମୀ ଗୋପାଳ ରାଓଙ୍କ ସହ ଶାଶୁ ବି. କାନ୍ତା ଓ ଶ୍ୱଶୁର ବି. ନାରାୟଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନଙ୍କ ଘର ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ହୋଇଥିବବେଳେ ଦୀର୍ଘଦିନ ହେବ ସଡ଼କ ବସ୍ତିରେ ରହି ଆସୁଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ମୃତା ସୁନୀତା ସଡ଼କ ବସ୍ତିର ଗୋପାଳକୁ ୧ ବର୍ଷ ୮ ମାସ ତଳେ ବିବାହ କରିଥିଲେ। ସେମାନଙ୍କର ୯ ମାସର ଗୋଟିଏ ପୁଅ ଅଛି। ତେବେ ବିବାହ ପରେ ଯୌତୁକ ଦାବି କରି ଶାଶୁ ଘର ଲୋକେ ସୁନୀତାଙ୍କୁ ନିର୍ଯାତନା ଦେଉଥିଲେ। ସ୍ୱାମୀ ଗୋପାଳ ନିଶାସକ୍ତ ଅବସ୍ଥାରେ ପ୍ରାୟ ସମୟରେ ସୁନିତାଙ୍କ ସହ ଝଗଡ଼ା କରିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ମଧ୍ୟ ଦେଉଥିଲେ। ଏପିରିକି ପରିବାର ଲୋକେ କିଛିଦିନ ପୂର୍ବରୁ ଯୌତୁକ ଦାବିକରି ସୁନିତାଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସୁନୀତା ରବିବାର ଅପରାହ୍ନରେ ଘର ପଛପଟ ବାରିରେ ଥିବା ସଜନା ଗଛରେ ସୁନୀତା ଶାଢ଼ି ଦ୍ୱାରା ଆତ୍ମହତ୍ୟା କରିଥିଲେ। ଝିଅକୁ ହତ୍ୟା କରାଯାଇଥିବା ବାପା ଅରୁଣ ନାୟକ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୦୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍‌ର ଯାଞ୍ଚ

## ବିସ୍ଫୋରଣରେ ଯୁବକଙ୍କ ମୃତ୍ୟୁ ଘଟଣା : ବାଣ ନା ବୋମା

ଭୁବନେଶ୍ୱର,୪।୪(ବ୍ୟୁରୋ)



ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗର ଜିଏଲ୍ କଲୋନୀରେ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ହେବା ଯୋଗୁ ଶିବାନନ୍ଦ ତାଡ଼ଙ୍କ ମୃତ୍ୟୁ ଘଟଣାରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ମଙ୍ଗଳବାର ପୂର୍ବାହ୍ନରେ ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ମୃତ ଶିବାନନ୍ଦଙ୍କ ଘରକୁ ଯାଇ ଯାଞ୍ଚ କରିଥିଲା। ଏହି ସମୟରେ ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍ ସେଠାରୁ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଓ କଞ୍ଚା ମାଲ୍ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ତେବେ ବାଣ ପ୍ରସ୍ତୁତ ପାଇଁ ଥିବା ସାମଗ୍ରୀକୁ ନଷ୍ଟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଶିବାନନ୍ଦ ଏକ ବାହାଘର ପାଇଁ ବାଣ ପ୍ରସ୍ତୁତ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଥିଲେ। ହେଲେ ଏବେ ଶିବାନନ୍ଦ ଘରେ ବୋମା ତିଆରି କରୁଥିଲେ ବୋଲି ଚର୍ଚ୍ଚା ହେଉଥିବାରୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ସାଇବର ଥାନା ନିକଟରେ ଏହି ବେଆଇନ କାରବାର ଚାଲିଥିଲେ ମଧ୍ୟ ପୋଲିସ ପାଖରେ କିପରି ଖବର ରହି ନ ଥିଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି, ଶିବାନନ୍ଦ ଏକ ଛୋଟ ସେଟ୍‌ଅପ୍ କରି କିଛିଦିନ ହେଲା ତାଙ୍କ ଘରେ ଲୁଚିଛପି ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିଲେ। ତେଣୁ ଏନେଇ କେହି ଜାଣିପାରୁ ନ ଥିଲେ। ମୃତକ ଶିବାନନ୍ଦ କେଉଁଠୁ ଗନ୍ ପାଉଡର ଆଣିଥିଲେ ଏବଂ ଏହି ବାଣ କାହାକୁ ଦେଇଥା'ନ୍ତେ ସେନେଇ ଜାଣିବାକୁ ଅନୁସନ୍ଧାନ ଜାରି ରଖିଥିବା ଏସିପି କହିଛନ୍ତି।

ସୂଚନାଯୋଗ୍ୟ, ଶିବାନନ୍ଦ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଘର ବାରଣ୍ଡାରେ ବସି ବାଣ ଭିଡୁଥିଲେ। ତାଙ୍କ ମା' ଓ ଅନ୍ୟମାନେ ଘର ଭିତରେ ଥିଲେ। ଏହି ସମୟରେ ବାଣଟି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଘରର ଆଜ୍‌ବେଷ୍ଟସ ଛିନ୍ନଛତର୍ ହୋଇଯିବା ସହ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଦୌଡ଼ି ଆସିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିବାନନ୍ଦ ପଡ଼ିଥିବା ଦେଖିବାକୁ ପାଇ ଥାନାକୁ ଖବର ଦେଇଥିଲେ। ଗୁରୁତର ଶିବାନନ୍ଦଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଥିଲା। ରାତି ହୋଇଯିବାରୁ ଉକ୍ତ ଘରକୁ ପୋଲିସ ସିଲ୍ କରିଦେଇଥିଲା। ଏଥିସହ ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୩୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ରାଜ୍ୟସ୍ତରୀୟ ଲୋକନୃତ୍ୟ, ଲୋକ ସଙ୍ଗୀତ ମହୋତ୍ସବ ସରିଲା



ମହୋତ୍ସବର ଶେଷ ସନ୍ଧ୍ୟାରେ ପରିବେଷିତ ଲୋକନୃତ୍ୟ।

ଭୁବନେଶ୍ୱର,୪।୪(ବ୍ୟୁରୋ)

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଉତ୍କଳମଣ୍ଡପରେ ଆୟୋଜିତ ୩ଦିନିଆ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ବରଗଡ ଜିଲାରୁ ଆସିଥିବା ଲୋକନୃତ୍ୟ ଢାପ ସମ୍ବଲପୁରୀ ନୃତ୍ୟ ପରିବେଷଣରୁ ଶେଷ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ସେହିପରି ଦେବଗଡ଼ର ମା' ରାମଚଣ୍ଡି କରମା ନୃତ୍ୟ ତରଫରୁ କରମା ନୃତ୍ୟ, କଟକର ଲଉଡି ନୃତ୍ୟ, ସୋନପୁରର ଡାଲଖାଇ, ସୁନ୍ଦରଗଡର ମା' ମାରିଆ ଆଦିବାସୀ ନୃତ୍ୟ ଦଳ ପକ୍ଷରୁ ଓରାମ ନୃତ୍ୟ, ଯାଜପୁରର ଗୌରହରି ଧୁଡୁକି ଦଳ ପକ୍ଷରୁ ଧୁଡୁକି ପରିବେଷଣ, ନୟାଗଡ଼ର ଶ୍ରୀଚୈତନ୍ୟ ମାଧୁରୀ ସାଂସ୍କୃତିକ କଳା ପରିଷଦ ତରଫରୁ ଘଣ୍ଟ ମୃଦଙ୍ଗ ନୃତ୍ୟ, ପୁରୀର ଦଶଭୁଜା ଗୋଟିପୁଅ ନୃତ୍ୟ ପରିଷଦ ତରଫରୁ ଗୋଟିପୁଅ ନାଚ, କଳାହାଣ୍ଡିର ମା ଠାକୁରାଣୀ ଘୁମୁର ଦଳ ପକ୍ଷରୁ ଘୁମୁରା ନାଚ, ଗଜପତି ଜିଲାର ବନ୍ଦେ ମାତରମ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଲାଞ୍ଜିଆସଉରା ଓ ସଉରା ନୃତ୍ୟ, ନବରଙ୍ଗପୁର ରାଇଘର କଳାକେନ୍ଦ୍ରର ଗୋଣ୍ଡି ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପ-ସଭାପତି ମନ୍ମଥ ଶତପଥୀ, ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। ବିଭାଗ ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ବିଭାଗର ଅର୍ଥ ଉପଦେଷ୍ଟା ପଦ୍ମଜ୍ୟୋତି ସାହୁ, ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶିକ ଆରତି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ: ୨ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି, ୪।୪(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବଜାର ସନ୍ନିକଟ ୮ ନମ୍ବର କେନାଲ ବନ୍ଧ ରାସ୍ତା କଡରେ ବାସ କରୁଥିବା ଜଣେ ଆଦିବାସୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ନିଶ୍ଚିନ୍ତକୋଇଲି ଗ୍ରାମର ପୀଡ଼ିତା ସିଲି ଗାଇପେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏପ୍ରିଲ୨ତାରିଖରେ ସିଲିଙ୍କ ଉପରେ ଯାଜପୁର ଜିଲା ସୁକିନ୍ଦା ଥାନା ମଙ୍ଗଳପୁର ଗ୍ରାମର ଜିତେନ୍ଦ୍ର ହେମ୍ବ୍ରମ ଓ ଜଗତ୍‌ସିଂପୁର ଜିଲା ବାଲିକୁଦା ଥାନା ବାଲିପାଟଣା ଗ୍ରାମର ଦୀପକ ବେହେରା ଓରଫ ରାଜା ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ସିଲିଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୬୭/୨୩) ରୁଜୁ କରିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ମାହାଙ୍ଗା,୪।୪(ସ୍ୱ.ପ୍ର.):ମାହାଙ୍ଗା ବ୍ଲକ ଅବିଭକ୍ତ ରାହାଣିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରଘୁନାଥନଗର ମଇ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ବଟକୃଷ୍ଣ ସ୍ୱାଇଁ (୯୨)ଙ୍କ ସୋମବାର ରାତିରେ ପରଲୋକ ଘଟିଛି। ସ୍ୱର୍ଗତ ସ୍ୱାଇଁ ୧୯୯୦ରେ ଏହି ପଞ୍ଚାୟତରେ ଜନତା ଦଳରୁ ସରପଞ୍ଚ ଭାବେ ବିଜୟୀ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ ମାହାଙ୍ଗାର ପୂର୍ବତନ ବିଧାୟକ ଶରତ କର,ବିକ୍ରମ କେଶରୀ ବର୍ମା, ବିଧାୟକ ପ୍ରତାପ ଜେନାଙ୍କ ଘନିଷ୍ଠ ଥିଲେ। ତାଙ୍କ ବିୟୋଗରେ ବିଧାୟକ ଜେନାଙ୍କ ସମେତ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ନିରଞ୍ଜନ ସ୍ୱାଇଁ, କିଶୋର ସିଂହ, ଶରତ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ବଟି ମାଗି ବନ୍ଧାହେଲେ ଯୁବକ

ବାରଙ୍ଗ,୪।୪(ଡି.ଏନ୍.ଏ.)- ଜଣେ ଠିକାଦାରଙ୍କୁ ଦାଦାବଟି ମାଗିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲଣ କରିଥିବାବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ ଉକ୍ତ ଥାନା ତଲଗଡ଼ ଗ୍ରାମର ଜୀବନ ଦାସ। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନରାଜ ମାର୍ଥାପୁର ପଞ୍ଚାୟତର ତଲଗଡ଼ଠାରେ ସିଦ୍ଧେଶ୍ୱର ପାହାଡ଼ର ସୁରକ୍ଷା ନିମନ୍ତେ ଜଳସମ୍ପଦ ବିଭାଗ ତରଫରୁ ଏସ୍‌ଇଏସ୍ କନଷ୍ଟ୍ରକ୍ସନ କମ୍ପାନୀ ମହାନଦୀ କୂଳରେ ପଥର ପ୍ୟାକିଂ କାର୍ଯ୍ୟ କରୁଛି। ଏହି ଠିକାଦାରଙ୍କୁ ତଲଗଡ଼ ଗ୍ରାମର ଜୀବନ ଦାସ ଓ ତା'ର ଦୁଇ ସହଯୋଗୀ ମାର୍ଚ୍ଚ ୩୦ ତାରିଖ ରାତିରେ ଦାଦାବଟି ମାଗିଥିଲେ। ହେଲେ ବଟି ଦେବାକୁ ଠିକାଦାର ରାଜି ନ ହେବାରୁ ୩ ଯୁବକ ଠିକାଦାରଙ୍କ ବେକରେ ମାରଣାସ୍ତ୍ର ଲଗାଇ ଦାଦାବଟି ନ ଦେଲେ ଜୀବନରେ ମରିଦେବାକୁ ଧମକ ଦେଇ ଆସିଥିଲେ। ଏ ସମ୍ପର୍କରେ ଠିକାଦାର ପରଦିନ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମକଦମା ରୁଜୁକରି ଘଟଣାର ତଦନ୍ତ କରିବା ସହ ମୁଖ୍ୟ ଅଭିଯୁକ୍ତ ତଲଗଡ଼ ଗ୍ରାମର ଜୀବନଙ୍କୁ ଗିରଫ କରିଥିଲେ। ଖୁବ୍‌ଶୀଘ୍ର ଜୀବନର ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରାଯିବ ବୋଲି ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା କହିଛନ୍ତି।

# 'ମିନି ବାଲିଯାତ୍ରାରେ ପରିଣତ ହୋଇଛି ସାଲେପୁର ମହୋତ୍ସବ'

ସାଲେପୁର,୪।୪(ଡି. ଏନ.ଏ)



ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ବ୍ୟାରେଜ ପଡ଼ିଆରେ ଚାଲିଥିବା ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସନ୍ଧ୍ୟାରେ ରାଜ୍ୟର ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ସାଲେପୁରର ମଧୁସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସନ୍ଧ୍ୟାରେ ପରିଷଦର ସଭାପତି ତଥା ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ କବିସୂର୍ଯ୍ୟ ନଗର ବିଧାୟକ ଲତିକା ପ୍ରଧାନ ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ବୋଲି କହିଥିଲେ। ଏଥିସହ ସାଲେପୁର ମହୋତ୍ସବ ଏବେ ମିନି ବାଲିଯାତ୍ରାରେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ପାଟଣା ଜଗନ୍ନାଥ ନାୟକ ଯୋଗ ଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧ୍ୟକ୍ଷ ମୀନାକ୍ଷୀ ଦାସ, ଟାଙ୍ଗୀ ଚୌଦ୍ୱାର ତହସିଲଦାର ପ୍ରଜାନନ୍ଦ ଦାଶ, ଶିକ୍ଷାବିତ୍ ତ୍ରିଦେବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମଧୁସ୍ମୃତି ପରିଷଦ ସମ୍ପାଦକ ଦିଲୀପ ଦାଶ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ପୂର୍ବତନ ବ୍ଲକ ଉପାଧକ୍ଷ ରମେଶ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଅଞ୍ଚଳର ଶିକ୍ଷାବିତ୍ ଓ ଖବରଦାତାଙ୍କ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମଧୁସ୍ମୃତି ପରିଷଦ ସଦସ୍ୟ ସଂଜିତ ଦାଶ, ରଜନୀକାନ୍ତ ଦାଶ, ନାରାୟଣ ପତି, ବିଶ୍ୱଜିତ୍ ବିଶ୍ୱାଳ, ପୁଷ୍ପଜିତ ପ୍ରଧାନ, ତୃପ୍ତିରେଖା ପରିଡ଼ା, ରଞ୍ଜିତା ସେଠୀ, ସଞ୍ଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ମହୋତ୍ସବରେ ମିଶନ ଶକ୍ତି ପକ୍ଷରୁ ଶତାଧିକ ହସ୍ତଶିଳ୍ପ ଷ୍ଟଲ ସହ ବହୁ ଅସ୍ଥାୟୀ ଦୋକାନ ବଜାର ଖୋଲାଯାଇଛି। ଏନେଇ ପ୍ରତି ସନ୍ଧ୍ୟାରେ ଲୋକଙ୍କ ଭିଡ ଜମୁଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ମହୋତ୍ସବ ସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର ଶିବ ମଲ୍ଲିକ, ବିଡିଓ ସୂର୍ଯ୍ୟକାନ୍ତ ରାଉତ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସହଯୋଗ କରିଥିଲେ।

# ପାରଦର୍ଶୀ ପୋର୍ଟାଲରେ ସାମିଲ ହେଉନାହିଁ ଘରୋଇ ସ୍କୁଲ

କଟକ ସଦର,୪।୪(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ୨୭ଟି ଘରୋଇ ସ୍କୁଲ ଖୋଲିଛି। ଏହି ସ୍କୁଲଗୁଡିକର କର୍ତ୍ତୃପକ୍ଷ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କଠାରୁ ଅନୁମତି ନେଇ ପାଠପଢା ଜାରି ରଖିଛନ୍ତି। ମାତ୍ର ସରକାରୀ ନିୟମ ମୁତାବକ ଏହି ସ୍କୁଲ କର୍ତ୍ତୃପକ୍ଷମାନେ ପାରଦର୍ଶୀ ପୋର୍ଟାଲରେ ଗରିବ ପିଲାଙ୍କୁ ମାଗଣାରେ ନାମ ଲେଖାଇବାର ସୁଯୋଗ ଦେଉ ନ ଥିବା ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ଚଳିତବର୍ଷର ଶିକ୍ଷାଦାନ ପାଇଁ ଗତ ମାର୍ଚ୍ଚ ୨୩ରୁ ଉକ୍ତ ପୋର୍ଟାଲ ଖୋଲାଯାଇଛି। ହେଲେ ମଙ୍ଗଳବାର ସୁଦ୍ଧା କଟକ ସଦର ବ୍ଲକ ଅଞ୍ଚଳର ଘରୋଇ ସ୍କୁଲ ସମ୍ବନ୍ଧରେ କୌଣସି ସୂଚନା ଉପଲବ୍ଧ ହେଉନାହିଁ ବୋଲି ମହେଶ୍ୱର ବେହେରା, ପ୍ରମୋଦ କୁମାର ଜେନାଙ୍କ ସମେତ ବହୁ ଅଭିଭାବକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛନ୍ତି।

ପ୍ରତିବର୍ଷ ଏହି ସବୁ ସ୍କୁଲକୁ ସାର୍ଟିଫିକେଟ ଅଫ୍ ରେଜିଷ୍ଟ୍ରେସନ(ସିଓଆର୍) ବ୍ଲକ ଶିକ୍ଷାଧିକାରୀ ଦେଇଥାନ୍ତି। ଫଳରେ ଉକ୍ତ ସ୍କୁଲଗୁଡ଼ିକ ସରକାରୀ ସ୍କୁଲ ସହ ତାଳ ଦେଇ ପାଠ ପଢ଼ାଇଥାନ୍ତି। ପ୍ରତିବର୍ଷ ନାମଲେଖା ଋତୁ ଆସିଲେ ସରକାରଙ୍କ ସହ କରିଥିବା ଚୁକ୍ତି ଅନୁଯାୟୀ ୨୫ ପ୍ରତିଶତ ତଫସିଲଭୁକ୍ତ ଜାତି ଓ ଜନଜାତି, ପଛୁଆ ବର୍ଗ, ବିପିଏଲ୍ ପରିବାରର ପିଲାଙ୍କୁ ମାଗଣାରେ ନାମ ଲେଖାଇବାର ସୁଯୋଗ ଦେବାକୁ ବାଧ ଅଟନ୍ତି। ସେଥିପାଇଁ ପାରଦର୍ଶୀ ପୋର୍ଟାଲରେ ସାମିଲ ହୋଇ ସ୍କୁଲ ସଂକ୍ରାନ୍ତୀୟ ତଥ୍ୟ ଅପ୍‌ଲୋଡ୍ କରିବା କଥା। ନଚେତ୍ ସେମାନଙ୍କୁ ଆସନ୍ତା ବର୍ଷ ଆଉ ଆପତ୍ତିବିହୀନ ପ୍ରମାଣପତ୍ର(ଏନ୍‌ଓସି) ଦିଆଯିବ ନାହିଁ। ମାତ୍ର ଏହି ନିୟମ କଟକ ସଦରରେ ଲାଗୁ ହୋଇପାରିନାହିଁ। ଏପ୍ରିଲ ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ସ୍କୁଲରେ ନାମଲେଖା ଚାଲୁରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ୨୦୨୩-୨୦୨୪ ଶିକ୍ଷାବର୍ଷରେ ଘରୋଇ ସ୍କୁଲରେ ଏହି ବର୍ଗର ପିଲାମାନେ ନାମ ଲେଖାଇବା ସମ୍ଭବ ହେବ ନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋଙ୍କୁ ପଚାରିବାରୁ ପୋର୍ଟାଲ ଯାଞ୍ଚ କରିବେ ବୋଲି କହିଥିଲେ। ଅପରପକ୍ଷରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ଜିଲାର ୧୫ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଶୀଘ୍ର ବୈଠକ ଡକାଯାଇ ଆଲୋଚନା କରାଯିବ।

# ମାଣ୍ଡିଆ ଜାତୀୟ ଖାଦ୍ୟକୁ ଗୁରୁତ୍ୱ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ରଘୁନାଥପୁର,୪।୪(ଡି.ଏନ.ଏ.)

**ବ୍ଲକସ୍ତରୀୟ ପଞ୍ଚମ ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳିତ**

ରଘୁନାଥପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜ୍ୟୋତି ମହାସଂଘ ସଭାକକ୍ଷରେ ବ୍ଲକସ୍ତରୀୟ ପଞ୍ଚମ ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳନ କରାଯାଇଛି। ଆୟୋଜିତ ସଚେତନତା ସଭାରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା.ସୁକାନ୍ତ ଦଳେଇ ଯୋଗଦେଇ ସମନ୍ୱିତ ଖାଦ୍ୟ ପରିଚାଳନା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ କୃଷି ଅଧିକାରିଣୀ ମନସ୍ୱିନୀ ଲେଙ୍କା, ଏବିଇଓ ମିନତୀ ଦାସ ପୋଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୋଷଣ କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ସ୍କୁଲରେ ପୂର୍ବରୁ ହୋଇଥିବା ବ୍ଲକସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ୯ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଷମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଖଣି ବିଭାଗ, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଟେକାମାଡ଼ ଘଟଣା, ୨ ଗିରଫ

ଖୁଣ୍ଟୁଣୀ,୪।୪(ଡି.ଏନ୍.ଏ.)

କଟକ ଜିଲା ମାଇନିଂ ବିଭାଗ ଓ ରାଜ୍ୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉପରକୁ ଟେକା ମାଡ କରିବା ଘଟଣାରେ ଖୁଣ୍ଟୁଣୀ ପୋଲିସ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୃଷ୍ଣଶ୍ୟାମପୁର ଗ୍ରାମର ନରେନ୍ଦ୍ର ଖଟୁଆ ଓ ବିଶ୍ୱନାଥ ଖଟୁଆ। ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅଧୀନ କୃଷ୍ଣଶ୍ୟାମପୁର ଗ୍ରାମର ଚୋରା କୋଇଲା ଡିପୋ ଉପରେ ସୋମବାର କଟକ ଜିଲା ମାଇନିଂ ବିଭାଗ ଓ ରାଜ୍ୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଚୋରା କୋଇଲା ବ୍ୟବସାୟୀମାନେ ସଂଘବଦ୍ଧ ହୋଇ ମାଇନିଂ ବିଭାଗ ଓ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉପରକୁ ଟେକା ମାଡ଼ କରିଥିଲେ। ଟେକା ମାଡରେ ଖଣି ବିଭାଗର ଗୋଟିଏ ଗାଡ଼ି ଭାଙ୍ଗିଯିବା ସହ ୨ କର୍ମଚାରୀ ଆହତ ହୋଇଥିଲେ। ଏ ନେଇ ଖଣି ବିଭାଗ ଅତିରିକ୍ତ ଡେପୁଟି ଡାଇରେକ୍ଟର ରଞ୍ଜୀତ ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ଗିରଫ ଭୟରେ ଗ୍ରାମର ବହୁ ଚୋରା କୋଇଲା ବେପାରୀ ଫେରାର ରହିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ଥାନା ଅଞ୍ଚଳର ବଉଳ, କପୁରସିଂହ ଗ୍ରାମ ନିକଟରେ ଚୋରା କୋଇଲା ସହ ପେଟ୍ରୋଲ ଓ ଡିଜେଲ ଅପମିଶ୍ରଣ, ଲୁହା ଛଡ ସାଙ୍ଗକୁ କାରଖାନାଗୁଡ଼ିକୁ ଆସୁଥିବା କ୍ରୋମ ଇତ୍ୟାଦି ରଖି ଚଢାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଖୁଣ୍ଟୁଣୀ ପୋଲିସ ପକ୍ଷରୁ ଗତ ୨ ମାସ ମଧ୍ୟରେ ୩ ଥର ଚଢ଼ାଉ କରାଯାଇଛି। ହେଲେ ଗୁରୁଡିଝାଟିଆ ଥାନା ଅଞ୍ଚଳରେ ଖଣି ବିଭାଗ ସ୍କ୍ୱାଡ ଚଢ଼ାଉ କରିବାକୁ ସାଧାରଣରେ ଦାବି ହୋଇଛି।

# ରେଲ୍‌ୱେ ପ୍ଲାଟ୍‌ଫର୍ମକୁ ମାଡ଼ିଗଲା କାର୍

ଭୁବନେଶ୍ୱର,୪।୪ (ବ୍ୟୁରୋ):

ଭୁବନେଶ୍ୱର ରେଳ ଷ୍ଟେଶନର ୧ନଂ. ପ୍ଲାଟ୍‌ଫର୍ମ ଭିତରକୁ ଏକ କାର୍ ପଶିଆସିବା ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ମଙ୍ଗଳବାର ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ପ୍ଲାଟ୍‌ଫର୍ମ ଭିତରକୁ କାର୍ ପଶିଯିବା ପରେ ରେଳ ଷ୍ଟେଶନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣା ୩୧ ତାରିଖ ବିଳମ୍ବିତ ରାତିର ବୋଲି ସୂଚନା ମିଳିଛି। ଉକ୍ତ କାର୍‌ରୁ କିଛି ମଦ ବୋତଲ ବାହାରିବା ସହ ସେଥିରେ ଜଣେ ଯୁବତୀ ଓ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଥିଲେ। ସେମାନେ ପ୍ଲାଟଫର୍ମର ପାର୍ସଲ ଗେଟ୍ ଦେଇ କାର୍‌କୁ ଭିତରକୁ ପଶାଇ ଦେଇଥିଲେ। ଏହାପରେ ଉକ୍ତ କାର୍‌ଟି ରେଳ ଧାରଣା ଆଡ଼କୁ ମାଡ଼ଯାଇ ଝୁଲନ୍ତା ଅବସ୍ଥାରେ ରହିଥିଲା। ସେଠାରେ ଥିବା ସ୍ଥାନୀୟ ଲୋକେ ଓ ଯାତ୍ରୀମାନେ ଏହାଦେଖି ଭୟଭୀତ ହୋଇପଡିଥିଲେ। ପରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ କ୍ରେନ୍ ଯୋଗେ ଉକ୍ତ କାର୍‌କୁ ବହୁ କଷ୍ଟରେ କଢ଼ା ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏନେଇ ଏକ ମାମଲା ରୁଜୁ କରି ଆର୍‌ପିଏଫ୍ ଉଭୟଙ୍କୁ ନୋଟିସ୍ ଦେଇ ଛାଡ଼ିଥିବା ସୂଚନା ମିଳିଛି। ଘଟଣା ସଂକ୍ରାନ୍ତରେ ଆର୍‌ପିଏଫ୍ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଜନଗହଳିପୂର୍ଣ୍ଣ ରେଳ ଷ୍ଟେଶନକୁ କାର୍ ମଡ଼ାଇ ଦେବା ଓ ଯୁବତୀଯୁବକ ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରିବା ସତ୍ତ୍ୱେ ଆର୍‌ପିଏଫ୍ ନୋଟିସ ଦେଇ ଛାଡ଼ିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ଘଟଣାରେ ଆର୍‌ପିଏଫ୍ ଅଧିକାରୀ ପଦକ୍ଷେପ ବଦଳରେ ଚପାଇଦେବାକୁ ଉଦ୍ୟମ କରିବା ଘଟଣା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।


ପ୍ଲାଟ୍‌ଫର୍ମ ଉପରକୁ ଚାଲିଆସିଥିବା କାର୍।

# ଆଜି ସଂସଦ ଘେରିବ ବିଭିନ୍ନ ସଙ୍ଗଠନ

କଟକ ଅଫିସ, ୪।୪:

**କଟକରୁ ଦିଲ୍ଲୀ ଗଲେ ଶ୍ରମିକ, କୃଷକ, ଅବସରପ୍ରାପ୍ତ କର୍ମଚାରୀ**

ଶ୍ରମିକ, କୃଷକ, କ୍ଷେତ ମଜଦୁର, କର୍ମଚାରୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବୁଧବାର ସଂସଦ ଘେରାଉ ଡାକରା ଦିଆଯାଇଛି। ବେକାର ଯୁବତୀଯୁବକଙ୍କୁ କାମ, ଖାଲି ପଦବୀ ପୂରଣ, ଶ୍ରମ ଆଇନ୍ ବାତିଲ, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୦ ଦିନର କାମ, ଶିକ୍ଷାର ଘରୋଇକରଣ ବନ୍ଦ, ପୁରାତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୌତମ ଆଦାନୀଙ୍କ ସମ୍ପର୍କର ତଦନ୍ତ ପାଇଁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବା ଦାବିରେ ଏହି ଘେରାଉ ଡାକରା ଦିଆଯାଇଛି। ଏହି ଘେରାଉ କାର୍ଯକ୍ରମରେ ଯୋଗଦେବା ପାଇଁ କଟକରୁ ଶତାଧିକ ଶ୍ରମିକ, କୃଷକ, କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ସୋମବାର ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ଦିଲ୍ଲୀ ଯାତ୍ରା କରିଛନ୍ତି। ଏଥିରେ ସିଆଇଟିୟୁ ଜିଲା ସଭାପତି ରବିନାରାୟଣ ମଲ୍ଲିକ, ଉପସଭାପତି ବଦ୍ରି ନାରାୟଣ ଦାସ, ସମ୍ପାଦକ ଅଭୟ ସ୍ୱାଇଁ, ନିର୍ମାଣ ଶ୍ରମିକ ସଙ୍ଗଠନର ନେତା ଚନ୍ଦ୍ରକାନ୍ତ ବେହେରା, ପର୍ଶୁରାମ ମହାରଣା, ମହେନ୍ଦ୍ର ବେହେରା, କିଶୋର ବେହେରା, କୃଷକ ସଭାର ଜିଲା ସମ୍ପାଦକ ଡମ୍ବରୁଧର ସାହୁ, ଉପସଭାପତି ରମେଶ ବେହେରା, ସିପିଏମ୍ ନେତା ବିଷ୍ଣୁ ବେହେରା, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝି, ଆଦିବାସୀ ନେତ୍ରୀ ଜୟନ୍ତୀ ଗାଗରେଇ ପ୍ରମୁଖ ଯାଇଛନ୍ତି।

# ବଣୁଆ ପୀଠରେ ଗୀତା ମହାଯଜ୍ଞ



ମାହାଙ୍ଗା,୪।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ଗଙ୍ଗପୁରାସ୍ଥିତ ପ୍ରସିଦ୍ଧ ବଣୁଆ ମହାପୁରୁଷ ପୀଠରେ ୩ ଦିବସୀୟ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏନେଇ ଶନିବାର ଅଙ୍କୁରାରୋପଣ ସହ ପୂଜାର୍ଚ୍ଚନା କରାଯିବା ପରେ ରବିବାର ଅଗ୍ନିସ୍ଥାପନ କରାଯାଇଥିଲା। ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଏଥିରେ କର୍ତ୍ତା,କର୍ତ୍ତ୍ରୀଭାବେ କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଭାତି ରାଉତରାୟ ପୂଜା କାର୍ଯ୍ୟରେ ବସିଥିବାବେଳ ପଣ୍ଡିତ ଚିନ୍ମୟ ଦାସ, ଗୋବିନ୍ଦ ଚନ୍ଦ୍ର ଦାଶ, ଦିଲୀପ କୁମାର ଦାଶ, ଜନ୍ମେଜୟ ଦାଶ, ଡମ୍ବରୁଧର ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ଓ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ବଂଶୀଧର ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ନଗେନ୍ଦ୍ର ତ୍ରିପାଠୀ, ହୃଷୀକେଶ ସ୍ୱାଇଁ, ରମେଶ ସାମଲ, ରାମଚନ୍ଦ୍ର ବାରିକ, ରାମଚନ୍ଦ୍ର ଦାସ, ଜିତେନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଗୌରାଙ୍ଗ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାର୍ଥିତ୍ୱକୁ ନେଇ ବଢ଼ିଲାଣି ଚର୍ଚ୍ଚା

କଟକ ଅଫିସ,୪।୪

**୨୦୨୪ ସାଧାରଣ ନିର୍ବାଚନରେ କଟକ ଲୋକ ସଭା ଆସନ**

- ଆଲୋଚନାର ଖୋରାକ ଯୋଗାଇଛି ଭର୍ତ୍ତୃହରିଙ୍କ ସାୟରି
- ସୁରେଶ କହିଲେ ମୋକିମଙ୍କ ସ୍ଥିତି କ'ଣ ଜଣାନାହିଁ
- ଅଶ୍ୱିନୀଙ୍କ ଗସ୍ତରୁ ବଢ଼ୁଛି ଚର୍ଚ୍ଚା

୨୦୨୪ ସାଧାରଣ ନିର୍ବାଚନକୁ ବର୍ଷକରୁ କମ୍ ସମୟ ରହିଲାଣି। ତେଣୁ ଏବେଠାରୁ ରାଜ୍ୟରେ ନିର୍ବାଚନୀ ମାହୋଲ ଚଳଚଞ୍ଚଳ ହୋଇଉଠିଲାଣି। ପ୍ରମୁଖ ଦଳଗୁଡ଼ିକ ପକ୍ଷରୁ ଜିଲାସ୍ତରରେ ସଂଗଠନ ସଜାଡ଼ିବା ପ୍ରକ୍ରିୟା ଆରମ୍ଭ ହେବା ସହିତ ମୁଖିଆଙ୍କୁ ମଧ ପରିବର୍ତ୍ତନ କରାଯାଉଛି। ୨୦୨୪ରେ ଓଡ଼ିଶାରେ ପୁଣି କ୍ଷମତା ହାତେଇ ବିଜେଡି ଡବଲ ହ୍ୟାଟ୍ରିକ୍ ଲକ୍ଷ୍ୟରେ ରହିଥିବାବେଳେ ବିରୋଧୀ ଭାଜପା ଏଥର ଶାସକ ଦଳକୁ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛି। ଏଭଳି ସ୍ଥିତିରେ ପ୍ରତ୍ୟେକ ଦଳର ତୁଙ୍ଗନେତା ଟିକେଟ ହାତେଇବେ କି ନୂଆ ଚେହେରାଙ୍କୁ ସୁଯୋଗ ମିଳିବ ସେନେଇ ସମସ୍ତେ ଅନିଶ୍ଚିତତାରେ। ତେବେ କଟକରେ ଏବେ ରାଜନୈତିକ ପାଣିପାଗ ବେଶ୍ ଉଷ୍ମ ହେଲାଣି। କିଏ କେଉଁ ଆସନରୁ ଟିକେଟ ପାଇବ ତାହା ଯେତିକି ଚର୍ଚ୍ଚା ହେଉନି ତା'ଠାରୁ ଅଧିକ କିଏ କେଉଁ ଦଳରୁ ଲଢ଼ିବ ସେନେଇ ଅଧିକ ଆଲୋଚନା ହେଉଛି।

ବିଜେଡିର ବରିଷ୍ଠ ନେତା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସାୟରି କଟକ ରାଜନୀତିରେ ନୂଆ ମୋଡ଼ ଆଣିବ ବୋଲି ଚର୍ଚ୍ଚା ହେଉଛି। ରବିବାର ପ୍ରଜାତନ୍ତ୍ର ପ୍ରଚାର ସମିତିର ବିଷୁବ ମିଳନରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାଂସଦ ଭର୍ତ୍ତୃହରି ମହତାବ ଏକ ସାୟରି କହିଥିଲେ। ୬ଥରର ସାଂସଦ ଏହି ଅଭିଜ୍ଞ ରାଜନେତା କିଛି ନ କହି ସାୟରି ମାଧମରେ ଅନେକ କିଛି ଇଙ୍ଗିତ କରିଛନ୍ତି। ଦଳ ତାଙ୍କୁ ପୁଣି ଥରେ ପ୍ରାର୍ଥୀ କରିବ କି ଖବରଦାତା ପ୍ରଶ୍ନ ପଚାରିଥିଲେ, କିନ୍ତୁ ଏହି ପ୍ରଶ୍ନର ସିଧାସଳଖ ଉତ୍ତର ନ ଦେଇ ସେ କହିଥିଲେ, 'ସିତାରୌଁକୋ ଆଙ୍ଖ୍‌ମେ ମେହଫୁସ୍ ରଖ୍‌ନା, ବଡ଼ି ଦେର ତକ୍ ହି ରାତ ରହେଗୀ, ମୁସାଫିର ହୋ ତୁମ୍ ମୁସାଫିର ହେ ହମ୍, କିସି ମୋଡ଼ ପର୍ ଫିର ମୁଲାକାତ ହୋଗି'। ରାଜନୀତିରେ ବେଶ୍ ସଫଳତା ହାସଲ କରିଥିବା କଟକ ସାଂସଦଙ୍କ ଏହି ସାୟରି ଚର୍ଚ୍ଚା ଆହୁରି ଜୋର୍‌ଦାର କରିଛି। ଏପରିକି ଶଙ୍ଖରୁ ଟିକେଟ ନ ମିଳିଲେ ଅନ୍ୟ ଦଳ ଟିକେଟକୁ ବି ହାତେଇ ପାରନ୍ତି ବୋଲି ଚର୍ଚ୍ଚା ହେଲାଣି।

ଅପରପକ୍ଷରେ କଂଗ୍ରେସର ଅନ୍ତଃକନ୍ଦଳ ପୁଣି ଥରେ ପଦାରେ ପଡ଼ିଛି। ମହମ୍ମଦ ମୋକିମ ଦଳରେ ଅଛନ୍ତି ନା ନାହାନ୍ତି ସମସ୍ତଙ୍କୁ ଅଗୋଚର ଥିବା କହିଛନ୍ତି କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର। କଂଗ୍ରେସର ଅନେକ କାର୍ଯ୍ୟକ୍ରମରେ ଯୋଗ ନ ଦେଇ ବିଜେଡି ଓ ଭାଜପାର କାର୍ଯ୍ୟକ୍ରମରେ ସେ ଅତିଥିଭାବେ ଯୋଗଦେବା ପରେ ମୋକିମ୍ ହାତ ଛାଡିବା ନେଇ ଚର୍ଚ୍ଚା ହେଉଛି। ଏନେଇ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର କହିଛନ୍ତି 'ମୋକିମ' କଂଗ୍ରେସରେ ଅଛନ୍ତି ନା ନାହାନ୍ତି ତାହା ମଧ ସ୍ପଷ୍ଟ ନାହିଁ। ଯେତେବେଳେ ସେ ରାଷ୍ଟ୍ରପତି ନିର୍ବାଚନରେ ବିପକ୍ଷ ଦଳକୁ ଭୋଟ ଦେଲେ ତା'ପରଠୁ ତାଙ୍କ ଗତି କ'ଣ ତାହା କାହାକୁ ଜଣା ନାହିଁ। ପୂର୍ବରୁ ତାଙ୍କୁ କଟକରେ ଯେବେ ନଗର କଂଗ୍ରେସର ନୂଆ ସଭାପତି ଚୟନ ହେଲା ଓ ଅନେକ କାର୍ଯ୍ୟକ୍ରମକୁ ଡକାଗଲା ସେ ଆସିଲେ ନାହିଁ। ସେଥିପାଇଁ ତାଙ୍କୁ ଏବେ କୌଣସି କାର୍ଯ୍ୟକ୍ରମକୁ ଡକାଯାଉ ନାହିଁ। ଯଦି ମୋକିମ ୨୦୨୪ ପୂର୍ବରୁ ଦଳରୁ ଯାଉଛନ୍ତି ତେବେ ଦଳ ଉପରେ ମଧ କୌଣସି ପ୍ରଭାବ ପଡ଼ିବନି ବୋଲି ପରୋକ୍ଷରେ ସୁରେଶ ମହାପାତ୍ର କହିଛନ୍ତି। ୨୦୧୯ରେ ବିପକ୍ଷ ହେବିୱେଟ ଦେବାଶିଷ ସାମନ୍ତରାୟଙ୍କୁ ପରାଜୟର ରାସ୍ତା ଦେଖାଇ ବାରବାଟୀ ହାତେଇଥିଲେ ମୋକିମ୍। ଯଦି ୨୦୨୪ ପୂର୍ବରୁ ସେ କଂଗ୍ରେସ ଛାଡ଼ନ୍ତି ତେବେ ନଗର କଂଗ୍ରେସ ପାଇଁ ଏହା ଏକ ଶକ୍ତ ଝଟ୍‌କା ହୋଇପାରେ ବୋଲି ଆଲୋଚନା ମଧ ହେଉଛି।

ଅପରପକ୍ଷରେ ୨୦୨୪ ଲୋକ ସଭା ନିର୍ବାଚନରେ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ପ୍ରାର୍ଥୀ ହେବାର ଚର୍ଚ୍ଚା ହେଉଛି। ଗତ କିଛିଦିନ ଧରି ଅଶ୍ୱିନୀ ବାରମ୍ବାର କଟକ ଗସ୍ତ କରୁଥିବାରୁ ସେ ଏହି ଲୋକ ସଭା ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ଗତ ଜାନୁୟାରୀ ୫ତାରିଖରେ ଅଶ୍ୱିନୀ କଟକ ଗସ୍ତରେ ଆସିଥିବାବେଳେ ଚଳିତ ସପ୍ତାହରେ ପୁଣି ଥରେ ଆସିଥିଲେ। ସେ ପୂର୍ବରୁ କଟକର ଜିଲାପାଳ ପଦରେ ରହିଛନ୍ତି। ତେଣୁ କଟକବାସୀଙ୍କ ସୁଖଦୁଃଖ ସହିତ ବିଭିନ୍ନ ସମସ୍ୟାକୁ ନେଇ ସେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜିଲାରେ ତାଙ୍କର ବେଶ୍ ଲୋକପ୍ରିୟତା ରହିଛି। ତେଣୁ ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱ ନେଇ ହେଉଥିବା ଚର୍ଚ୍ଚାକୁ ମଧ ଏଡ଼ାଇ ଦେଇ ହେବ ନାହିଁ। ପ୍ରଶାସନିକ ଅଧିକାରୀରୁ ରାଜନେତା ପାଲଟିଥିବା ଅଶ୍ୱିନୀଙ୍କ ରାଜନୈତିକ ରେଳଗାଡ଼ି କୁଆଡ଼େ ଯାଉଛି ତାହା ଭବିଷ୍ୟତରେ ଜଣାପଡ଼ିବ।

# ‘ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଆନ୍ଦୋଳନ’

## ଡ୍ରେସ୍‌କୋଡ୍ ପ୍ରସଙ୍ଗ

ଖୋର୍ଦ୍ଧା ଅଫିସ,୪।୪

୩ ଦଫା ଦାବି ନେଇ ମିଳିତ ଶିକ୍ଷକ ମହାସଂଘ ରାଜ୍ୟ ଡାକରାକ୍ରମେ ଖୋର୍ଦ୍ଧା ଜିଲା ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ ୟୁନିଫର୍ମ ପିନ୍ଧିବେ ନାହିଁ ବୋଲି ଗଣଶିକ୍ଷା ବିଭାଗକୁ ଚେତାବନୀ ଦେଇଛନ୍ତି। ତେବେ ଶିକ୍ଷକମାନେ ବିନା ୟୁନିଫର୍ମରେ ବିଦ୍ୟାଳୟକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଟଣୀ ମଣ୍ଡଳ ଶିକ୍ଷାଧିକାରୀ(ବିଇଓ)ଙ୍କ ଚେତାବନୀକୁ ନେଇ ମିଳିତ ଶିକ୍ଷକ ସଂଘ ଖୋର୍ଦ୍ଧା ଜିଲା ଏହାର ବିରୋଧ କରିଛି। ମଙ୍ଗଳବାର ସ୍ଥାନୀୟ ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ଜଟଣୀ ବିଇଓ ଦେଇଥିବା ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛି। ଏ ସମ୍ପର୍କରେ ସଂଘର ପ୍ରତିନିଧି ମଣ୍ଡଳୀ


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଆଲୋଚନା କରିଛି। ଆଦେଶ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଚେତାବନୀ ଦେଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୧୦ ମସିହାରୁ ସରକାର ଶିକ୍ଷକମାନଙ୍କ ପାଇଁ ଡ୍ରେସକୋଡ୍ ପ୍ରଚଳନ କରିଛନ୍ତି। ସେହିଦିନଠାରୁ ଶିକ୍ଷକ, ଶିକ୍ଷୟିତ୍ରୀ ପୋଷାକ ପରିଧାନ କରୁଛନ୍ତି। ଏଥିଲାଗି ଶିକ୍ଷକମାନଙ୍କୁ କୌଣସି ଭତ୍ତା ଦିଆଯାଉନାହିଁ। ୨୦୨୨ ନଭେମ୍ବର ୨୭ରୁ ୩ ଦଫା ଦାବି ନେଇ ମିଳିତ ଶିକ୍ଷକ ମହାସଂଘ ଡାକରାରେ ପ୍ରାଥମିକ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସରକାରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ଡିସେମ୍ବର ୧୬ରୁ ୨୨ ମଧ୍ୟରେ ବୈଠକ କରାଯାଇ ଶିକ୍ଷକଙ୍କ ସମସ୍ୟା ସମାଧାନ କରାଯିବ ବୋଲି ତତ୍କାଳୀନ ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ। ତେବେ ୩ ମାସ ପରେ ବି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ସଂଘ ଗତ ୧୫ ତାରିଖରେ ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା। ତେବେ ପୋଲିସ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା। ସଂଘ ନିଷ୍ପତ୍ତିକ୍ରମେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ ପୋଷାକ ପରିଧାନ କରିବେ ନାହିଁ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ସଚିବଙ୍କୁ ଜଣାଇଥିଲେ। ମାର୍ଚ୍ଚ ୧୫ରୁ ପ୍ରାଥମିକ ଶିକ୍ଷକମାନେ ପୋଷାକ ପରିଧାନକୁ ବର୍ଜନ କରିଛନ୍ତି। କୌଣସି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲେ ମିଳିତ ଶିକ୍ଷକ ମହାସଂଘ ଏହାର ଜବାବ ଦେବାସହ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି। ମିଳିତ ଶିକ୍ଷକ ସଂଘ ଖୋର୍ଦ୍ଧା ଜିଲା ସହ ସ୍ୱର ମିଳାଇଛି ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା)। ଏହି ଆନ୍ଦୋଳନକୁ ଓଷ୍ଟା ସମର୍ଥନ କରୁଛି ବୋଲି ଜିଲା ସମ୍ପାଦକ ସୁଧାକର ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି। ମହାସଂଘ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ସଭ୍ୟ ଗୋପାଳ କିଶୋର ସେନ, ଜିଲା ସଭାପତି ଅଗାଧୁ ସେଠୀ, ଅଜୟ ରାଉତ, ଜିଲା ଉପସଭାପତି ରବୀନ୍ଦ୍ର ନାଥ ସାହୁ, ଜଟଣୀ ବ୍ଲକ ସମ୍ପାଦିକା ଟୁଲୁ ଦେଈ, ସଭାପତି ଅକ୍ଷୟ ପାଲ୍‌ଟାସିଂ, ପ୍ରକାଶ ଚନ୍ଦ୍ର ମୁଦୁଲି, ପ୍ରସନ୍ନ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ବଦ୍ରି ନାରାୟଣ ରଥ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଏନେଇ ଜଟଣୀ ବିଇଓ ରଶ୍ମିବାଳା ପରିଡା କୁହନ୍ତି, ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ତାଗିଦ୍ କରାଯାଇଛି। ଅନ୍ୟପଟେ ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ରାସ୍ତାପାର୍ଶ୍ୱକୁ ଓଲଟିଲା ମାଲ୍‌ବାହୀ ଅଟୋ, ଜଣେ ମୃତ

ନିରାକାରପୁର,୪।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ତାଳପଡ଼ାଠାରେ ଏକ ମାଲବାହୀ ଅଟୋ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନିରାକାରପୁର ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ବେହେରା ଓରଫ ବୁଲୁ (୪୫)। ମିଳିଥିବା ସୂଚନା ମୁତାବକ, ଡିଆଁଠାରେ ୨୯ ତାରିଖରୁ ଚାଲିଥିବା ଅଶୋକାଷ୍ଟମୀ ରଥଯାତ୍ରା ସୋମବାର ଶେଷହୋଇଛି। ସେଠାରେ ହୋଇଥିବା ଅସ୍ଥାୟୀ ଦୋକାନର ସାମଗ୍ରୀ ନେଇ ରାମେଶ୍ୱର ପଞ୍ଚାୟତ ତାଳପଡା ଯାଇଥିବା ଏହି ଅଟୋଟି ଫେରୁଥିବା ବେଳେ ତାଳପଡା ଏବଂ ମିରିଗଦୟଣୀ ମଧ୍ୟବର୍ତ୍ତୀ ଅଞ୍ଚଳର ଏକ ବୁଲାଣିରେ ରାସ୍ତା ଉପରୁ ବିଲକୁ ଓଲଟି ପଡ଼ିଥିଲା। ଫଳରେ ଅଟୋଡାଲାରେ ବସିଥିବା ବୁଲୁ ଛିଟିକି ଗୁରୁତର ଆହତ ହୋଇଥିଲେ। ତେବେ ଅଟୋ ଚାଳକ ଗୁରୁତର ଅବସ୍ଥାରେ ବୁଲୁଙ୍କୁ ଛାଡ଼ି ପଳାଇଥିଲେ। ଖବରପାଇ ପରିବାର ଓ ଗ୍ରାମବାସୀ ପହଞ୍ଚି ବୁଲୁଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମହାବିଦ୍ୟାଳୟ ମୁଖ୍ୟ ଫାଟକ ମରାମତି କାର୍ଯ୍ୟ ଆରମ୍ଭ



ନିରାକାରପୁର,୪।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ୧୯୫୯ ମସିହାରେ ସ୍ଥାପିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ମୁଖ୍ୟ ଫାଟକଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫାଟକର ତଳପାର୍ଶ୍ୱ ବହୁ ସ୍ଥାନରେ ଫାଟି ସେଥିରେ ଥିବା ରଡ଼ଗୁଡିକ ବାହାରକୁ ବାହାରିପଡିଛି। ଏହି କଲେଜରେ ୩,୩୪୪ଜଣ ଛାତ୍ରଛାତ୍ରୀଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଅଧାପିକା, ଅଧାପକ ଓ କର୍ମଚାରୀ ସେହି ରାସ୍ତା ଦେଇ ଯାତାୟାତ କରିଥା’ନ୍ତି। ସେହିପରି ନିରାକାରପୁର ଓଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ଫାଟକ ଦେଇ ଲୋକେ ଯାତାୟାତ କରିଥା’ନ୍ତି। ଏପରି ଘଟଣା ବାବଦରେ ଗତ ମାସ ୧୮ ତାରିଖରେ ଧରିତ୍ରୀରେ ଖବର ପ୍ରସାରଣ ହୋଇଥିଲା। ଫଳରେ କଲେଜ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ମଙ୍ଗଳବାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

### ମା’ ମଙ୍ଗଳାଙ୍କ ବାର୍ଷିକୋତ୍ସବ

ବୋଲଗଡ଼,୪।୪(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ସଂପୁର ତଳସାହିସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳା ଠାକୁରାଣୀଙ୍କ ୨୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରାଣୀଙ୍କ ଶୁଦ୍ଧସ୍ନାନ, ଘଟ ସ୍ଥାପନ, ସୂର୍ଯ୍ୟପୂଜା, ଦେବାର୍ଚ୍ଚନା ଆଦି ବିଧି ମୁତାବକ ପୂଜାପାଠ ସହ ଯଜ୍ଞାହୁତି ଓ ପୂର୍ଣ୍ଣାହୁତି କାର୍ଯ୍ୟ ପଣ୍ଡିତ ସୌମ୍ୟ ରଞ୍ଜନ ମିଶ୍ର ସମ୍ପାଦନ କରିଥିଲେ। ଗ୍ରାମର ଶ୍ରଦ୍ଧାଳୁ ଓ ମାନସିକଧାରୀ ଭକ୍ତ ନିକଟସ୍ଥ ନେଳିଆ ପୋଖରୀରୁ ଶୁଦ୍ଧପୂତ ଭାବେ ଜଳ କଳସକୁ ଆଣି ମନ୍ଦିର ବେଦୀରେ ସ୍ଥାପନ କରିଥିଲେ। ଯଜ୍ଞ କାର୍ଯ୍ୟରେ ଭ୍ରମର ଦେଓ କର୍ତ୍ତା ଭାବେ ଘୃତଦାନ କାର୍ଯ୍ୟ ତୁଲାଇଥିଲେ। ଉତ୍ସବରେ ବହୁ ମହିଳା ଭକ୍ତଙ୍କ ସମେତ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ଭାଗବତ ପାଠ, ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ବିଳମ୍ବିତ ରାତ୍ରିରେ ମନ୍ଦିର ସମ୍ମୁଖରେ ଗ୍ରାମର ଯୁବକମାନେ ପୌରାଣିକ ନାଟକ ‘ରାମ ଜନ୍ମ’ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ଗୋବିନ୍ଦପୁର ଓ ଗୋପାଳପୁର ମୌଜାର ଯୁବକ ତଥା ଗ୍ରାମବାସୀ ପରିଚାଳନା କରିଥିଲେ।

### ଫୁଟ୍‌ବଲ ପ୍ରଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

ନିରାକାରପୁର,୪।୪(ଡି.ଏନ୍.ଏ.): ଖ୍ୟାତନାମା ଫୁଟ୍‌ବଲ ପ୍ରଶିକ୍ଷକ ରାଜକିଶୋର ଦାସଙ୍କ ବିୟୋଗରେ ଖୋର୍ଦ୍ଧା ନିରାକାରପୁରସ୍ଥିତ ରାମଦୟା ପରିଷଦ ମାରୁତି ମଣ୍ଡପରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ଥାୟୀ ସଭାପତି ଦିବ୍ୟସିଂହ ତ୍ରିପାଠୀଙ୍କ ପୌରୋହିତ୍ୟରେଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ସାହୁ, ଗଙ୍ଗାଧର ପଟ୍ଟନାୟକ, ରାଜବଲ୍ଲଭ ଜଗଦେବ, ଊର୍ମିଳା ରଥ, ଅଦ୍ୱୈତ ପାଇକରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିବା ସହ ସ୍ମୃତିଚାରଣ କରିଥିଲେ। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ଶିକ୍ଷକ ରମାକାନ୍ତ ପୁରୋହିତ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା: ଜମିଜମା ରେକର୍ଡ ସଂଶୋଧନ ପ୍ରସଙ୍ଗରେ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ଆସିଥିବା ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତିର କର୍ମକର୍ତ୍ତା।

## ମହୁମାଛି ଆକ୍ରମଣରେ ୨୫ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଆହତ

ବାଲୁଗାଁ,୪।୪(ଡି.ଏନ୍.ଏ.)

ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଉମାମହେଶ୍ୱର ଦେବଙ୍କ ଦଣ୍ଡଯାତ୍ରା ଉତ୍ସବ ଚାଲିଛି। ଏହି ଉପଲକ୍ଷେ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଇଞ୍ଜନପୁରସ୍ଥିତ ବୁଢ଼ାବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସର ପୋଖରୀରେ ଠାକୁରଙ୍କ ପାଣିତୋଳା ଉତ୍ସବ ଚାଲିଥିବା ବେଳେ ହଠାତ୍ ମହୁମାଛିଙ୍କ ଆକ୍ରମଣରେ ୨୫ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଆହତ ହୋଇଛନ୍ତି। ଏଥିସହ ସେଠାରେ ଉପସ୍ଥିତ ସ୍ଥାନୀୟ ଅଞ୍ଚଳର କେତେଜଣ ଶ୍ରଦ୍ଧାଳୁ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ମୁତାବକ, ଦଣ୍ଡ ଉତ୍ସବର ୨ସପ୍ତାହ ଅତିକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ଇଞ୍ଜନପୁରସ୍ଥିତ ବୁଢ଼ାବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସର ପୋଖରୀରେ ପରମ୍ପରାନୁକ୍ରମେ ଠାକୁରଙ୍କ ପାଣିତୋଳା ଉତ୍ସବ ଚାଲିଥିଲା। ଏହି ଉତ୍ସବରେ ଶତାଧିକ ଦଣ୍ଡୁଆ ସାମିଲ ହୋଇଥିଲେ। ଅପରାହ୍ନ ପ୍ରାୟ ୫ଟାରେ ଦଣ୍ଡୁଆମାନେ ସ୍ନାନ ସାରି ଠାକୁରଙ୍କ ପୂଜାନୀତି ପାଳନ କରୁଥିବା ବେଳେ ହଠାତ୍ ନିକଟସ୍ଥ ଏକ ଗଛରୁ ମହୁମାଛି ଆସି ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ଦଣ୍ଡୁଆମାନେ ଏଣେତେଣେ ଦୌଡ଼ିଥିଲେ। ମହୁମାଛିମାନେ ସେମାନଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ମୁଖ୍ୟ ପାଟ ଦଣ୍ଡୁଆଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ତେବେ ଦଣ୍ଡୁଆମାନେ ନିଷ୍ଠା ଓ ନୀତିନିୟମରେ ଠାକୁରଙ୍କ ଶରଣାପନ୍ନ ହୋଇଥିବା ବେଳେ ଚିକିତ୍ସା ପାଇଁ ଡାକ୍ତରଖାନା ଯିବାକୁ ମନା କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ପହଞ୍ଚି ପ୍ରାକୃତିକ ଉପାୟରେ ଚିକିତ୍ସା କରିଥିଲେ।

## କୃଷକ ସାଥୀଙ୍କ ଆନ୍ଦୋଳନ ପ୍ରତିଶ୍ରୁତି ପରେ ସ୍ଥଗିତ

ଭୁବନେଶ୍ୱର,୪।୪(ବ୍ୟୁରୋ)

୭ ଦଫା ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୪୨ ଦିନରେ ପହଞ୍ଚିଛି। ତେବେ ରାଜ୍ୟ ସରକାର କୌଣସି ଆଲୋଚନା ନ କରିବାରୁ ମଙ୍ଗଳବାର ଆନ୍ଦୋଳନ ତୀବ୍ରତର କରାଯାଇଥିଲା। ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ବାହାରି ନାନା ନାରାବାଜି ଦେଇଥିଲେ। ତେବେ କୃଷି ଭବନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଆଲୋଚନାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘ ସଭାପତି ଅମୂଲ୍ୟ କର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୃଷକ ସାଥୀଙ୍କ ଦାବିଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବିଦେଶଗସ୍ତରେ ଥିବାରୁ ଆଲୋଚନା ସହ ଦାବି ପୂରଣ ନେଇ ମନ୍ତ୍ରୀ ଏକ ମାସ ସମୟ ନେଇଛନ୍ତି। ତେବେ ଦାବି ପୂରଣ ନ ହେଲେ ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## ୩୫ ମୌଜା ବାଲିଯାତ୍ରା ପାଇଁ ବୈଠକ

କୃଷ୍ଣପ୍ରସାଦ,୪।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କମଳେଶ୍ୱର ଦେବ ବିଜେ ଦେଉଳପଡ଼ା ତିତିପଠାରେ ଦ୍ୱିତୀୟ ବାଲିଯାତ୍ରା ତଥା ପଣାଯାତ୍ରା ଆସନ୍ତା ୧୩ ତାରିଖରେ ଆରମ୍ଭ ହେବ। ଏହି ଯାତ୍ରା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପରିଚାଳନା କମିଟି ସଭାପତି ଡ.ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ କୁମାର ସାହୁ କହିଛନ୍ତି। ଏହି ବାଲିଯାତ୍ରାରେ ୩୫ ମୌଜାର ବିଭିନ୍ନ ଗ୍ରାମର ୧୭ ଠାକୁର ସୁସଜ୍ଜିତ ବିମାନରେ ପାଟପଟୁଆରରେ ଆସି ଏକତ୍ରିତ ହେବେ। ଏହାକୁ ଦେଖିବା ପାଇଁ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କଟକ, ନୟାଗଡ଼, ଗଜପତି ଆଦି ବିଭିନ୍ନ ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଲୋକନୃତ୍ୟ ସହ ପ୍ରତ୍ୟହ ସନ୍ଧ୍ୟାରେ ପାଇକ ଆଖଡା, ସଂକୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦୁଇଟି ଅପେରା ପାର୍ଟି ନାଟ୍ୟ ପରିବେଷଣ କରିବେ। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯିବ। ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଖଞ୍ଜାଯିବ। ୩୫ ମୌଜା ପରିଚାଳନା କମିଟି ଅଧୀନରେ ହେଉଥିବା ଏହି ଯାତ୍ରାରେ ୧୫୦ଜଣ ସ୍ଥାୟୀ ସଦସ୍ୟ ବିଭିନ୍ନ ଦାୟିତ୍ୱ ନେଇ ସୁରକ୍ଷା କାର୍ଯ୍ୟ ତୁଲାଇବେ। ଜନସମାଗମକୁ ଦୃଷ୍ଟିରେ ରଖି ୨୦ଟି ନଳକୂପ ବସାଯାଇଥିବା ବେଳେ ୪ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ବୈଠକରେ ସୁରେନ୍ଦ୍ର ନାଥ ମାଝୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସୁରେନ୍ଦ୍ର କୁମାର ସାହୁ, ପ୍ରବୀର କୁମାର ଜେନା, ଅଶୋକ କୁମାର ତରେଇ, ବୁଲାମଣି ଜେନାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଲିଙ୍ଗଗତ ବୈଷମ୍ୟ ଦୂର କରିବ ‘ବର୍ଣ୍ଣାଳୀ’



ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୪।୪(ଡି.ଏନ୍.ଏ.)

ସମଗ୍ର ଶିକ୍ଷା ଅଭିଯାନ ଏବଂ ଓସେପା ଆନୁକୂଲ୍ୟରେ ଅନୁଷ୍ଠିତ ବେଗୁନିଆ ବ୍ଲକସ୍ତରୀୟ ‘ବର୍ଣ୍ଣାଳୀ’ ତାଲିମ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଛତ୍ରପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିର ୩ ଦିନ ଧରି ଚାଲିବ। ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୫୦ଜଣ ଲେଖାଏ ବରିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ପ୍ରହରାଜ ଏବଂ କୈଳାସ ଚନ୍ଦ୍ର ପଣ୍ଡିତ ଉପସ୍ଥିତ ଥିଲେ। ପ୍ରଶିକ୍ଷକଭାବେ ନର୍ମଦା ପଣ୍ଡା ଓ ସୁଧାକର ସେଠୀ ପ୍ରଶିକ୍ଷଣ ଦେଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀର ପୁଅ ଓ ଝିଅଙ୍କ ମଧ୍ୟରେ ଅଧିକ ଲିଙ୍ଗଗତ ମତଭେଦ ଦେଖାଯାଏ। ମାତ୍ର ଝିଅ ଓ ପୁଅ ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ। ଯାହାକି ଆମେ ୬ଷ୍ଠରୁ ୧୦ମ ଶ୍ରେଣୀ ପାଠ୍ୟକ୍ରମ ଇତିହାସ ବହିରୁ କିଛି ଶିକ୍ଷାଲାଭ କରିଛେ। ଲିଙ୍ଗଗତ ସମ୍ବେଦନଶୀଳତା ଓ ପାଠ୍ୟକ୍ରମରେ ସଂଯୋଗ କରିବା ପାଇଁ ଗୁରୁତ୍ୱ ଦିଆଯିବ। ଯାହାଦ୍ୱାରା ଏହି ‘ବର୍ଣ୍ଣାଳୀ’ ତାଲିମ ଶିବିର ଲିଙ୍ଗଗତ ବୈଷମ୍ୟ ଦୂର କରିବ ବୋଲି ଅତିଥି ଲେଙ୍କା କହିଥିଲେ। ସିଆରସିସି ସୂର୍ଯ୍ୟ ନାରାୟଣ ପଣ୍ଡା, ସରୋଜ ବେହେରା, ସନ୍ତୋଷ ମହାପାତ୍ର ପ୍ରମୁଖ ଶିବିରରେ ସହଯୋଗ କରିଥିଲେ।

## ୧୫ ପଞ୍ଚାୟତ ପାଇବେ ବିଶୁଦ୍ଧ ଜଳ

ବାଲିପାଟଣା,୪।୪(ଡି.ଏନ୍.ଏ.)

ବାଲିପାଟଣା ବ୍ଲକର ୧୫ଟି ପଞ୍ଚାୟତର ୭୫ଟି ଗାଁ ଲୋକେ ୨୦୨୪ ନଭେମ୍ବର ମାସ ମଧ୍ୟରେ ସ୍ୱଚ୍ଛ ପାନୀୟ ଜଳ ପାଇବେ। ଏଥିପାଇଁ ପମ୍ପାଲ ପଞ୍ଚାୟତଠାରେ ୧୩ ଏକର ପରିମିତ ଜାଗାରେ ଏକ ବୃହତ୍ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ହୋଇ କାମ ଆରମ୍ଭ ହୋଇଛି। ଏଥିପାଇଁ ୧୧୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀ ପ୍ରୋଜେକ୍ଟ ମ୍ୟାନେଜର ଗୌତମ ପାଲ ଓ ସହକାରୀ ଯନ୍ତ୍ରୀ ବିଜୟ କର କହିଛନ୍ତି। ଏହି କାର୍ଯ୍ୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ ଘଡେଇ ଓ ସୁଚିତ୍ରା ସେନ ତଦାରଖ କରୁଛନ୍ତି।

## ସରିଲା ଭାଗବତ ବାସୁଦେବ, ଗୋପୀନାଥ ଦେବଙ୍କ ମେଳଣ

ଜଟଣୀ,୪।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ତିରିମଲ୍ଲ ଗ୍ରାମରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି ଭାଗବତ ବାସୁଦେବ ଓ ଗୋପୀନାଥ ଦେବଙ୍କ ମେଳଣ। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମେଳଣରେ ଅବିଭକ୍ତ ପୁରୀ ଜିଲାର ପ୍ରାୟ ୬୪ ଠାକୁର ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ଗୋପୀନାଥ ଦେବ ଖୁଣ୍ଟିଲାଗି ହୋଇଥିଲେ। ପରେ ବୁଢ଼ା ଭାଗବତ ବାସୁଦେବ ଓ ରାଧାମୋହନଙ୍କ ସମେତ ଅନ୍ୟ ଆମନ୍ତ୍ରିତ ଠାକୁର ସୁସଜ୍ଜିତ ବିମାନରେ ଆସି ଖୁଣ୍ଟିଲାଗି ହୋଇଥିଲେ। ମେଳଣ ପରିପ୍ରେକ୍ଷୀରେ ଚାରିଦିନ ବ୍ୟାପୀ ଦର୍ଶକଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅପେରା ଆୟୋଜିତ ହୋଇଥିଲା। ଦୋକାନରେ ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଉଦ୍‌ଯାପନୀ ଦିବସରେ ଆତସବାଜି ସହିତ ପାରମ୍ପରିକ ବାଦ୍ୟ, ନୃତ୍ୟରେ ଠାକୁରଙ୍କୁ ମେଲାଣି ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମେଳଣ ଉତ୍ସବ ପରିଚାଳନାରେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।



ସୁସଜ୍ଜିତ ବିମାନରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

## ସୀତାଚୋରି ପରେ ଲଙ୍କାପୋଡ଼ି, ଇନ୍ଦ୍ରଜିତ ବଧ ସରିଲା

ବାଘମାରୀରୁ-କଳାପଥର ରାଜ୍ୟ ସଡ଼କପଥରେ ୧୦ କିଲୋମିଟର ଗଲେ ପାର୍ଶ୍ୱରେ ରହିଛି କଡ଼ାମଲ୍ଲ ଗାଁ। ଏହି ଗ୍ରାମରେ ଦୀର୍ଘ ୨୦ବର୍ଷ ହେବ କାଷ୍ଠମୁଖାଧାରୀ ରାମଲୀଳା ନାଟକ ପରିବେଷଣ ହୋଇଆସୁଛି। ରାମାୟଣ କଥାବସ୍ତୁରୁ ଆଧାରିତ କେବଳ ଗୀତ ଓ ନୃତ୍ୟରେ ମଞ୍ଚସ୍ଥ ହେଉଛି ନାଟକ। ପଖଜ ଓ ଗିନି ବାଦ୍ୟର ତାଳେ ତାଳେ ଅଭିନୟ କରୁଛନ୍ତି କଳାକାର। ପ୍ରତିବର୍ଷ ଦଶହରାରେ ପୋଥି ପୂଜା କରାଯାଇ ପରେ ଦୋଳ ପୂର୍ଣ୍ଣିମାଠାରୁ ଆଖଡ଼ା ଆରମ୍ଭ ହୋଇଥାଏ। ଅଶୋକାଷ୍ଟମୀ ଦିନ ଶେଷ ହେବା ପରେ ରାମନବମୀଠାରୁ ମଞ୍ଚରେ ନାଟକ ପରିବେଷଣ ହୋଇଥାଏ।

ବେଗୁନିଆ,୪।୪(ଡି.ଏନ୍.ଏ.)

ପ୍ରତିବର୍ଷ ଭଳି କଡ଼ାମଲ୍ଲ ଗ୍ରାମରେ ଗତ ଗୁରୁବାର ରାମନବମୀରୁ ଆରମ୍ଭ ହୋଇଛି କାଷ୍ଠମୁଖାଧାରୀ ରାମଲୀଳା ନାଟକ। ଶ୍ରୀରାମ ଜନ୍ମଠାରୁ ଆରମ୍ଭକରି ୯ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ନାଟକ ‘ରାମ ଅଭିଷେକ’ ପରେ ଉଦ୍‌ଯାପିତ ହେବ। ରାମାୟଣ କଥାଚିତ୍ର ତାଡ଼କା ବଧ, ଶିବଧନୁ ଭଙ୍ଗ, ସୀତାବିବାହ, ରାମ ବନବାସ, ସୀତାଚୋରି, ବାଳିବଧ ଆଦି ସଂଳାପ ଶେଷ ହୋଇଥିବା ବେଳେ ମଙ୍ଗଳବାର ରାତିରେ ଲଙ୍କାପୋଡି, ଇନ୍ଦ୍ରଜିତ ବଧ ହୋଇଥିଲା। ବୁଧବାର ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ଗୁରୁବାର ରାମାଭିଷେକ ଆଦି ନାଟକ ପରିବେଷଣ ହେବ। ରାମ, ଲକ୍ଷ୍ମଣ, ସୀତା, ହନୁମାନ, ବାଳି, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ, ଇନ୍ଦ୍ରଜିତ, ତାଡକା, ସୂର୍ପଣଖା, ମାୟାମୃଗ ଆଦି ବହୁ ଚରିତ୍ରରେ କାଷ୍ଠମୁଖା ପରିଧାନ କରି କଳାକାରମାନେ ଅଭିନୟ କରୁଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ରଘୁନାଥ ନାଟ୍ୟ ସଂସଦର ୪୫ଜଣ କଳାକାରଙ୍କୁ ନେଇ ରାମଲୀଳା ନାଟକ ପରିବେଷିତ ହେଉଛି। ତେବେ ନାଟକରେ ଅଭିନୟ କରୁଥିବା କଳାକାରମାନେ ରଘୁନାଥ ମନ୍ଦିର ପରିସରରେ ସଙ୍କଳ୍ପ, ନୂତନ ବସ୍ତ୍ର ପରିଧାନ ସହ ଦୈନିକ ନଅ ଦିନାତ୍ମକ ହବିଷ ପାଳନ କରିଥାନ୍ତି। ସେହିପରି ନାଟ୍ୟସ୍ଥଳରେ ହନୁମାନ, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତି ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଉଛି। ଏଥିସହ ଯଜ୍ଞାଚାର୍ଯ୍ୟ କୁଳମଣି ଦାସଶର୍ମା ଦୈନିକ ସକାଳ ଓ ସନ୍ଧ୍ୟା ଆଳତି କରୁଛନ୍ତି। ନିର୍ଦ୍ଦେଶକ ବଳରାମ ହୋତା, ପରିଚାଳକ ରମେଶ ଚନ୍ଦ୍ର ପଟ୍ଟନାୟକ, ବାନାମ୍ବର ନାୟକ, ରବୀନ୍ଦ୍ର ନାୟକ, ବରେନ୍ଦ୍ର ପ୍ରଧାନ ଓ ପେଣ୍ଟିଂ ମାଷ୍ଟର ଭ୍ରମର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଅନଙ୍ଗ ନରେନ୍ଦ୍ର ଦେବଙ୍କ ଲିଖନ ପୋଥିରୁ ସଙ୍ଗୀତ ଆକାରରେ ଗୁରୁ ତାରେଶ୍ୱର ପଣ୍ଡା ପଠନ କରନ୍ତି। ପାଳିଆ ଓ କଳାକାରମାନେ ପଖଜ, ଗିନି ଓ ଝୁମୁକା ବଜାଇ ନୃତ୍ୟସଙ୍ଗୀତ ଚିତ୍ରକଳା ଅଭିନୟ କରୁଛନ୍ତି। ବାଣଯୁକ୍ତ ଧନୁ ଭେଦରେ ରାବଣର ୧୦ମୁଣ୍ଡ ଛେଦନ ନାଟକର ମୁଖ୍ୟ ଆକର୍ଷଣ ହୋଇଥାଏ।

### କଡ଼ାମଲ୍ଲରେ କାଷ୍ଠମୁଖାଧାରୀ ରାମଲୀଳା








ପୁରୀ ସାହିଯାତର ପଞ୍ଚମ ଦିବସ ସୋମବାର ରାତିରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ସପ୍ତଶିର ରାବଣ, ନୃସିଂହ, ଗରୁଡ଼ ଏବଂ ଦୁର୍ଗା ମେଢ ନୃତ୍ୟ ପରିବେଷଣ କରାଯାଉଛି । (ଫଟୋ – ଯଜ୍ଞେଶ୍ୱର)

## ସଂକ୍ଷେପରେ

### ଘରୁ ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ

#### ୫ ଜଣଙ୍କ ବିରୋଧରେ ମାମଲା

ନିମାପଡ଼ା,୪।୪(ଡି.ଏନ୍.ଏ.)- ରାତିଅଧରେ ଘରେ ପଶି ନାବାଳିକାଙ୍କୁ ୫ ଜଣ ବ୍ୟକ୍ତି ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ମଙ୍ଗଳବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୦୨/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ନାବାଳିକାଙ୍କ ପରିବାର ଖାଇପିଇ ଶୋଇଥିଲେ। ସେହି ସମୟରେ ବଳଙ୍ଗା ଥାନା ଅଞ୍ଚଳର ଜଣେ ଯୁବକ, ତାଙ୍କ ବାପା ଓ ନିମାପଡ଼ା ଥାନା ଅଞ୍ଚଳର ୩ ଜଣ ବନ୍ଧୁ ଆସି ନାବାଳିକାଙ୍କ ଘର କବାଟ ବାଡେଇଥିଲେ। ନାବାଳିକାଙ୍କ ପରିବାର ଲୋକ ଘର କବାଟ ଖୋଲିବା ମାତ୍ରେ ୫ ଜଣ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଜୋରଜବରଦସ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଯୁବକ ଜଣକ ପୂର୍ବରୁ ନାବାଳିକାଙ୍କୁ କଲେଜରେ ବାରମ୍ବାର କମେଣ୍ଟ ମାରିବା ସହ ହଇରାଣ କରୁଥିଲେ। ଏପରିକି ନାବାଳିକାଙ୍କୁ ଜୋରଜବରଦସ୍ତ ବିବାହ କରିବାକୁ କହୁଥିଲେ। ବାହା ନ ହେଲେ ଘରୁ ଉଠାଇ ନେବେ ବୋଲି ଅନେକ ଥର ଧମକ ଦେଇଥିବା ନାବାଳିକା ବାପା ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ପରିବାରବର୍ଗ ପୋଲିସ ନିକଟରେ ଦାବି କରିଛନ୍ତି।

### ରଥଯାତ୍ରା ପୂର୍ବରୁ ସ୍ଥିତି ସମୀକ୍ଷା କଲେ ଏସ୍‌ପି

ପୁରୀ ଅଫିସ, ୪।୪: ଆସନ୍ତା ଜୁନ ୨୦ରେ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏହା ଦେଖିବା ପାଇଁ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେରେ ଭକ୍ତମାନେ କିପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେ ନେଇ ସୋମବାର ଏସ୍‌ପି କନୱର ବିଶାଲ ସିଂ ସ୍ଥିତି ଅନୁଧାନ କରିଛନ୍ତି। ଟ୍ରାଫିକ, ପାର୍କିଂ, ଆଇନ ଶୃଙ୍ଖଳା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ଏସ୍‌ପି ଆଲୋଚନା କରିବା ସହ ବଡ଼ଦାଣ୍ଡ, ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର ଚାରିପାଖ ଆଦି ବୁଲି ଅନୁଧାନ କରିଥିଲେ। କେଉଁ ସ୍ଥାନରେ ବ୍ୟାରିକେଡ ନିର୍ମାଣ କରାଯିବ, କେଉଁଠି ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ହେବ, କିପରି ଟ୍ରାଫିକ ନିୟନ୍ତ୍ରଣ କରାଯିବ ପ୍ରଭୃତି ବିଷୟ ନେଇ ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା, ସିଟି ଡିଏସ୍‌ପି କେ.କେ.ହରିପ୍ରସାଦ, ଡିଏସ୍‌ପି ବାସନ୍ତୀ ନାୟକ, ଶ୍ରୀମନ୍ଦିର ସୁବେଦାର ଯୋଗେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଦାଣ୍ଡର ବିଲ୍‌ଡିଂ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ହେବ

**ରଥଯାତ୍ରା ପୂର୍ବରୁ ନିଆଯିବ ପଦକ୍ଷେପ**

- ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡ ପରେ ଚେତା ପଶିଲା
- କାରଣ, ନିରାକରଣ ନେଇ ସମୀକ୍ଷା କଲା ପ୍ରଶାସନ



ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅଧିକାରୀମାନେ ।

ପୁରୀ, ୪।୪:

ପୁରୀ ବଡ଼ଦାଣ୍ଡ ଗ୍ରାଣ୍ଡରୋଡ଼ସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣାର କାରଣ, ନିରାକରଣ ଏବଂ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ସମ୍ପର୍କରେ ମଙ୍ଗଳବାର ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ମାର୍ଚ୍ଚ ୮ ତାରିଖ ହୋଲିଦିନ ପ୍ରାୟ ରାତି ୮ଟାରେ ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଏହି କମ୍ପ୍ଲେକ୍ସର ତଳ ମହଲାରେ ୪୩ଟି ବ୍ୟବସାୟିକ ଦୋକାନ, ପ୍ରଥମ ମହଲାର ବାମପାର୍ଶ୍ୱରେ ଶପିଙ୍ଗ ମଲ୍ ଓ ଡାହାଣ ପାର୍ଶ୍ୱରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ରହିଥିଲା। ଦ୍ୱିତୀୟ ଓ ତୃତୀୟ ମହଲାରେ ହୋଟେଲ ସମ୍ରାଟ ରହିଥିଲା। ଏହି ହୋଟେଲରେ ରହୁଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଏବଂ ମହାରାଷ୍ଟ୍ରର ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ସେମାନଙ୍କ ସାମଗ୍ରୀ ମଧ୍ୟ ପରବର୍ତ୍ତୀ ସମୟରେ ଉଦ୍ଧାର କରାଯାଇଥିଲା ବୋଲି ସାହୁ କହିଥିଲେ। ଜିଲା ଅଗ୍ନିଶମ ଅଧିକାରୀ ନାରାୟଣ ଦାସ କହିଥିଲେ, ଏହି ନିଆଁ ଲିଭାରେ ୧୧ଟି ଅଗ୍ନି ନିର୍ବାପକ ଗାଡ଼ି, ୨୦୦ କର୍ମଚାରୀ ନିୟୋଜିତ ହୋଇଥିବାବେଳେ ୩୬ ଘଣ୍ଟା ଲାଗି ନିଆଁକୁ ଆୟତ୍ତ କରିଥିଲେ। ଏହି ବିଲ୍ଡିଂର ତିନି ପାର୍ଶ୍ୱରୁ ପ୍ରବେଶ ସୁବିଧା ନ ଥିବାରୁ କେବଳ ସମ୍ମୁଖ ଭାଗରୁ ନିଆଁ ଲିଭା ଉଦ୍ୟମ କରାଯାଇଥିଲା ବୋଲି ଦାସ କହିଥିଲେ। ଉପଜିଲାପାଳ ଭବତାରଣ ସାହୁ ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡରେ ଥିବା ସମସ୍ତ ବିଲଡିଂର ସମୀକ୍ଷା କରାଯିବା ସହ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ଓସ୍‌ଡମାର ଜିଏମ୍ ମଳୟ ପ୍ରଧାନ ତ୍ରୁଟିରୁ ଶିକ୍ଷା ଲାଭ ଓ ଭବିଷ୍ୟତରେ ଯେପରି ଏଭଳି ଦୁର୍ଘଟଣା ନ ହେବ ସେଥିପ୍ରତି ସମସ୍ତେ ସତର୍କ ରହିବା ଉଚିତ ବୋଲି କହିଥିଲେ। ଏକ ଯୁଗ୍ମ ଟିମ୍ ବିଲ୍ଡିଂ ନିର୍ମାଣ ବୈଷୟିକ ଅଧିକାରୀ, ଫାୟାର ଅଧିକାରୀ, ବିଦ୍ୟୁତ ବିଭାଗ, ବିଲଡିଂ ନିର୍ମାଣ ଅନୁମତି ଦେଉଥିବା ଅଧିକାରୀମାନଙ୍କୁ ନେଇ ବିଲ୍ଡିଂର ପୂର୍ଣ୍ଣାଙ୍ଗ ଅଡିଟ କରିବାକୁ ସେ ମତ ଦେଇଥିଲେ। ନିୟମ ଅନୁସାରେ ୨୦୧୭ ପୂର୍ବ ଓ ୨୦୧୭ ପରର ବିଲଡିଂଗୁଡ଼ିକର ସମୀକ୍ଷା ହେବା ଜରୁରୀ ବୋଲି ସେ କହିଥିଲେ। ଓସ୍‌ଡମାର ଅନ୍ୟତମ ଜିଏମ୍ ଡ. ସୁନିତା ଜେନା, ଡିଜିଏମ୍ (ଫାୟାର ଅଡିଟ) ସୁନିଲ କୁମାର ସାହୁ ଅଗ୍ନିନିର୍ବାପନ ସମ୍ପର୍କରେ ମକଡ୍ରିଲ ମାଧ୍ୟମରେ ସମସ୍ତଙ୍କୁ ଶିକ୍ଷା ଓ ସଚେତନତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏଡିଏମ୍‌ଓ ଡାକ୍ତର ବିରଜା ଶଙ୍କର ରଥ, ସହକାରୀ ଜିଲାପାଳ ରାଜ ବଲ୍ଲଭ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ମା' ମଉନେଇଁ ଠାକୁରାଣୀଙ୍କ ଯଜ୍ଞ ଆରମ୍ଭ

ସାକ୍ଷୀଗୋପାଳ, ୪।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ସାକ୍ଷୀଗୋପାଳ ବଡ଼ବଜାରରେ ଥିବା ଗୋପାଳପୁର ପାଟଣା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ପ୍ରସିଦ୍ଧ ମା' ମଉନେଇଁ ଠାକୁରାଣୀଙ୍କର ତିନି ଦିନ ବ୍ୟାପି ବାର୍ଷିକ ଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସୋମବାର ପ୍ରଥମ ଦିନରେ ଆରମ୍ଭ କରାଯାଇଥିବା ଯଜ୍ଞ ଉତ୍ସବରେ ଅଙ୍କୁର ରୋପଣ, ଅଧିବାସ, ମଙ୍ଗଳବାର କଳସ ଯାତ୍ରା, ସୂର୍ଯ୍ୟ ପୂଜା, ପଞ୍ଚକର୍ମ, ଯଜ୍ଞଶାଳା ପୂଜନ, ଚଣ୍ଡୀପାଠ, ପଞ୍ଚଦେବ ଆବାହନ ଓ ଦ୍ୱାରପାଳ ପୂଜା ପରେ ଯଜ୍ଞରେ ଆହୁତି ଆରମ୍ଭ ହୋଇଥିଲା। ଗୁରୁବାର ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଏହି ଯଜ୍ଞରେ ଆଚାର୍ଯ୍ୟ ବିଭୁତି ଭୂଷଣ କର, ଅଞ୍ଜନ କର, ମନୋଜ ମିଶ୍ର, ମନୋଜ କୁମାର ମିଶ୍ର, ପ୍ରସନ୍ନ କର ଓ ରମେଶ କୁମାର ମହାପାତ୍ର କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଅବସରରେ ମା' ମଉନେଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକମାଳା ସହ ଫୁଲରେ ସଜ୍ଜିତ କରାଯାଇଛି। ମନ୍ଦିର ନିକଟସ୍ଥ ଗୋପାଳପୁର ପାଟଣା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ପରିବେଷଣ କରାଯାଉଛି। ମଙ୍ଗଳବାର ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଗୀତାଞ୍ଜଳି ସାହୁ, ରାଜେଶ ସାହୁ, ଚୀରସ୍ରୋତା ଖୁଣ୍ଟିଆ, ସୋନାଲି ସାହୁ, ସୁଚିତ୍ରା ବରାଳ,ପ୍ରିୟଙ୍କା ସାହୁ, ରଶ୍ମିରଞ୍ଜନ ସାହୁ, ରାଜଲକ୍ଷ୍ମୀ, ମାନସୀ, ଶ୍ରଦ୍ଧା ନଗେନ୍ଦ୍ର ନନ୍ଦିନୀ, ରୋଜଲିନୀ ଦାସ ପ୍ରମୁଖ କଳାକାରମାନେ ଗୀତଗୋବିନ୍ଦ, ନବଦୁର୍ଗା, ସୀତାବଲ୍ଲଭ, ଶିବପଞ୍ଚାକ୍ଷର ଆଦି ଭଜନ ଓ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଇନଜୀବୀ ଅଞ୍ଜନ ହୋତା ଓ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଶିଶୁମାନଙ୍କର ଦୁରାରୋଗ୍ୟ ପୀଡ଼ାରୁ ଉପଶମ ପାଇଁ ସାକ୍ଷୀଗୋପାଳ ସହିତ ଆଖପାଖ ଅଞ୍ଚଳର ଲୋକେ ମା' ମଉନେଇଁଙ୍କ ଉପରେ ଭରସା କରନ୍ତି। ମା'ଙ୍କ ବେଢ଼ରେ ପିଲାଙ୍କ ଦେହ ଭଲ ହୋଇଯାଉଥିବାର ବିଶ୍ୱାସ ରହିଛି। ଛୋଟ ପିଲାଙ୍କର ଲଗାତର ଝାଡ଼ା ହେଲେ ଦେବୀଙ୍କ ଗାଧୁଆ ପାଣି ନେଇ ପିଲାଙ୍କୁ ଦେଲେ ଉପଶମ ମିଳେ ବୋଲି ଗ୍ରାମର ମୁରବୀ କହନ୍ତି। ଏଥିପାଇଁ ପୀଠକୁ ଦୈନନ୍ଦିନ ଦୂରଦୁରାନ୍ତରୁ ଛୋଟ ପିଲାଙ୍କୁ ଧରି ଶ୍ରଦ୍ଧାଳୁମାନେ ଆସନ୍ତି।

**ଶିଶୁ ବଇଦ ଭାବେ ମଉନେଇଁ ପ୍ରସିଦ୍ଧ**

## ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶୋଭାଯାତ୍ରା

ନିମାପଡ଼ା,୪।୪(ଡି.ଏନ୍.ଏ.)

ନିମାପଡ଼ା ଜୁନିୟର କଲେଜ ଯୁକ୍ତ ୨ କଳାର ଛାତ୍ରୀ ସ୍ୱର୍ଗତା ରୂପାଲି ଓଝା (୧୬)ଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଓ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କଲେଜର ଶତାଧିକ ଛାତ୍ରୀଛାତ୍ର ମଙ୍ଗଳବାର ଏକ ଶାନ୍ତି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ନିମାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ମୃତା ଛାତ୍ରୀଙ୍କ ବାପା, ଦାଦା, ପରିବାରବର୍ଗଙ୍କ ସମେତ ଶତାଧିକ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରାଙ୍କୁ ପ୍ରଦାନ କରାଯାଇ ଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ।

ସୂଚନା ମୁତାବକ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ୍‌ର ଜଣେ ଡାକ୍ତରଙ୍କ ଅବହେଳା ଏବଂ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଗତ ମାସ ୧୩ ତାରିଖରେ ରୂପାଲିଙ୍କ ମୃତ୍ୟୁ ହୋଇଥିବା ସେହିଦିନ ତାଙ୍କ ବାପା ଭୁବନେଶ୍ୱରର ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଅନଭିଜ୍ଞ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରେ ରୂପାଲିଙ୍କ ମୃତ୍ୟୁ ହୋଇଥିବା କଲେଜର ଶତାଧିକ ଛାତ୍ରୀଛାତ୍ର ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ରାଜ୍ୟପାଳଙ୍କୁ ଦାବିପତ୍ର**




ମୃତା ଛାତ୍ରୀ ରୂପାଲିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ନିମାପଡ଼ା କଲେଜର ଛାତ୍ରୀଛାତ୍ର ଏକ ଶାନ୍ତି ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ବ୍ଲକ ସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପିତ

କାକଟପୁର,୪।୪(ଡି.ଏନ୍.ଏ.)

କେନ୍ଦ୍ର ସରକାର ୨୦୨୩ ବର୍ଷକୁ ମାଣ୍ଡିଆ ବର୍ଷ ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି। ମାଣ୍ଡିଆର ବ୍ୟବହାର ଓ ତା'ର ଉପାଦେୟତା ନିମନ୍ତେ କାକଟପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମଙ୍ଗଳବାର ବ୍ଲକସ୍ତରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସିଡିପିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ପୋଷଣ ପକ୍ଷର ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ ଉପସ୍ଥିତ ରହି ମିଲେଟ ମିଶନ ଉପରେ ରଚନା ପ୍ରତିଦ୍ୱନ୍ଦ୍ୱିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ସ୍କୁଲଗୁଡ଼ିକର ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସିଡିପିଓ କାର୍ଯ୍ୟାଳୟର ପ୍ରତ୍ୟେକ ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀମାନେ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ।

## ତୃପ୍ତିମୟୀ ହେଲେ ସମବାୟ ବ୍ୟାଙ୍କ ରାଜ୍ୟ ଉପସଭାପତି




ତୃପ୍ତିମୟୀ ପ୍ରଧାନଙ୍କୁ ନିର୍ବାଚନରେ ବିଜୟ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

ଗୋପ,୪।୪(ଡି.ଏନ୍.ଏ.)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ସୋମବାର ହୋଇଥିବା ଉପସଭାପତି ନିର୍ବାଚନରେ ଗୋପ ବ୍ଲକ ବଡ଼ତରା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ତୃପ୍ତିମୟୀ ପ୍ରଧାନ ରାଜ୍ୟ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତୃପ୍ତିମୟୀ ପୂର୍ବରୁ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପରିଚାଳନା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଭାବେ ପୂର୍ବରୁ ପି.ପ୍ରସାଦ ଦୋରା ନିର୍ବାଚିତ ହୋଇଥିଲେ। ଏଥିରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ କୃତଜ୍ଞତା ଦେଇଛନ୍ତି। ଆଗାମୀ ଦିନରେ ଚାଷୀଙ୍କ ଲାଗି ସମସ୍ତ ପ୍ରକାର କାର୍ଯ୍ୟ କରିବେ ବୋଲି ତୃପ୍ତିମୟୀ ପ୍ରତିକ୍ରିୟାରେ କହିଛନ୍ତି।

## 'ପାଠପଢ଼ା ସହ ଆଧ୍ୟାତ୍ମିକ ଶିକ୍ଷା ଉପରେ ଗୁରୁତ୍ୱ ଦିଅ'

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ**

ଡେଲାଙ୍ଗ,୪।୪(ଡି.ଏନ୍.ଏ.)

ବିଦ୍ୟାଳୟରେ ପାଠପଢ଼ା ସହିତ ଆଧ୍ୟାତ୍ମିକ ଶିକ୍ଷା ଉପରେ ବି ଗୁରୁତ୍ୱ ଦେବା ଆବଶ୍ୟକ। କେବଳ ବିଦ୍ୟାଳୟର ନୁହେଁ ପ୍ରତ୍ୟେକ ଅଭିଭାବକ ନିଜର ପିଲାଙ୍କୁ ଘରେ ପ୍ରାଥମିକ ଶିକ୍ଷା ଦେବା ସହ ଅଧ୍ୟାତ୍ମିକ ଶିକ୍ଷା ଦେଲେ ଭବିଷ୍ୟତରେ ପିଲାଟି ଭଲମଣିଷ ହେବା ସହିତ ଉତ୍ତମ ସମାଜ ଗଠନ କରିବା ପାଇଁ ସକ୍ଷମ ହୋଇପାରିବ ବୋଲି ରେଞ୍ଚ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୨ତମ ବାର୍ଷିକ ଉତ୍ସବରେ ଗାଦିବ୍ରହ୍ମ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପକ ଡ.ଲକ୍ଷ୍ମୀଧର ପାଇକରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଡେଲାଙ୍ଗ ବ୍ଲକର ରେଞ୍ଚ ଗ୍ରାମସ୍ଥିତ ବହୁପୁରାତନ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ସଭାପତି ତ୍ରିଲୋଚନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ପୂର୍ବତନ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ତଥା ସ୍ଥାୟୀ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଡେଲାଙ୍ଗ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଭୟଚରଣ ରାଉତରାୟ,ୟ ସରପଞ୍ଚ ହରିହର ସ୍ୱାଇଁ, ଆଚାର୍ଯ୍ୟ ଯୁଧିଷ୍ଠିର ପରିଡ଼ା, ପରିଚାଳନା କମିଟି ସଦସ୍ୟ ସୁବାସଚନ୍ଦ୍ର ଜେନା, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୁସୟା ତ୍ରିପାଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଚିତ୍ତରଞ୍ଜନ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନତୀ ବାରିକ, ଛବିତା ଟିନାରା, ଶୁଭଲକ୍ଷ୍ମୀ ସେନାପତି, ରଶ୍ମିତା ପ୍ରଧାନ, ସୌଦାମିନୀ ସ୍ୱାଇଁ, ଜୟନ୍ତୀ ମଞ୍ଜରୀ ସ୍ୱାଇଁ, ଏଲ୍‌ସା ବାହିନୀପତି, ଚପଳା ତ୍ରିପାଠୀ, ଶୁଭଲକ୍ଷ୍ମୀ ନାୟକ ପ୍ରମୁଖଙ୍କ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହସ୍ରାଧିକ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ବିଭିନ୍ନ କ୍ରୀଡ଼ା ଓ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଅତିଥି ଏବଂ ଅନ୍ୟମାନେ ।

## ଶେଷ ପର୍ଯ୍ୟାୟରେ ତାଳଦା ବିଜୁ ସେତୁ

**କାର୍ଯ୍ୟ ଅନୁଧ୍ୟାନ କଲେ କ୍ରୀଡ଼ା ମନ୍ତ୍ରୀ, ଜିଲା ପରିଷଦ ଉପାଧ୍ୟକ୍ଷ**

ଅସ୍ତରଙ୍ଗ,୪।୪(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଦୀପାଞ୍ଚଳ ତାଳଦା ପଞ୍ଚାୟତକୁ ଗମନାଗମନ ସୁଗମ ପାଇଁ ଦେବୀ ନଦୀରେ ଏକ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ସେମାନଙ୍କ ଦାବି ମୁତାବକ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାୟକ ଏ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସେତୁ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଗଲାଣି। ଫଳରେ ଅଞ୍ଚଳବାସୀଙ୍କ ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି।

ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀ ସମୟରେ ସୁରେନ୍ଦ୍ର ରାଜସ୍ୱ ମନ୍ତ୍ରୀ ଥିବାବେଳେ ତାଳଦାରେ ସେତୁ ନିର୍ମାଣ ପାଇଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ। କିନ୍ତୁ କୌଣସି କାରଣ ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ପରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ସୁରେନ୍ଦ୍ରଙ୍କର ଏହି ପ୍ରଚେଷ୍ଟା ସଫଳ ହୋଇଥିଲା। ୨୦୧୩ ଜାନୁୟାରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ପରେ ବିଧାୟକ ସୁରେନ୍ଦ୍ର ସେଠୀ, ରବି ମଲ୍ଲିକଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ବିଜୁ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନ ଥିଲା। କୋଲକାତାର ଏକ ଠିକା ସଂସ୍ଥା ଅଧାରୁ କାର୍ଯ୍ୟ ବନ୍ଦ କରି ଚାଲିଯାଇଥିଲା। ବର୍ତ୍ତମାନର କ୍ରୀଡ଼ା ଯୁବ ବ୍ୟାପାର ତଥା ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସୁରେନ୍ଦ୍ରଙ୍କ ପୁତ୍ର ତଥା ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ପ୍ରଚେଷ୍ଟା ବଳରେ ବିଜୁ ସେତୁର ପୁନଃ ଟେଣ୍ଡର କରାଯାଇ ନିର୍ମାଣ କାର୍ଯ୍ୟ ହୋଇଥିଲା। ସେତୁର ଅଗ୍ରଗତି ସମ୍ପର୍କରେ ଗତ ରବିବାର ମନ୍ତ୍ରୀ ବେହେରା, ଉପାଧ୍ୟକ୍ଷ ନାୟକ ଅନୁଧ୍ୟାନ କରିଥିଲେ। ବନ୍ୟା ସମୟରେ ତାଳଦା ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଭରା ନଦୀରେ ବିପଦପୂର୍ଣ୍ଣ ଜଳ ଯାତ୍ରା ତାଳଦା ଅଞ୍ଚଳବାସୀ କରିଆସୁଥିଲେ। ଏହି ସେତୁ ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଛି। ସେତୁ ନିର୍ମାଣ ପୂର୍ଣ୍ଣାଙ୍ଗ ହେଲେ ଏହା ରାଜ୍ୟ ସରକାରଙ୍କର ଦୀପାଞ୍ଚଳବାସୀଙ୍କ ପାଇଁ ଏକ ଉପହାର ହେବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କାର୍ଯ୍ୟସ୍ଥଳ ଅନୁଧ୍ୟାନ କରୁଛନ୍ତି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସର୍ବସାଧାରଣ ଡିଜିଟାଲ ନ୍ୟୁଜ୍ ଚ୍ୟାନେଲର ଶୁଭ ଉଦ୍‌ଘାଟନ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ସର୍ବ ଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର,ଏକାମ୍ର ହାଟ, ୟୁନିଟ୍‌-୩, ପୂର୍ବାହ୍ନ ୧୦ଟା।
- ଚତୁଃଦିବସୀୟ ଦିବ୍ୟଜୀବନ ସଂଘ ସମ୍ମିଳନୀ, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସନ୍ଧ୍ୟା ୬ଟା।

କଟକ
- ହାତୀପୋଖରୀ ଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, କଳା ବିକାଶ କେନ୍ଦ୍ର, ଅପରାହ୍ନ ୫ଟା।
- ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା, ମାତୃଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ୩୬ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ଷଠିଲୋ ଚନ୍ଦ୍ରେଶ୍ୱର ମହାଦେବ ମନ୍ଦିର, ପୂର୍ବାହ୍ନ ୮ଟା।
- ୧୦ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା, ବେଣୁପର ବାଲିକାନ୍ତିଆ ମା' ପାଟୋଳୀଶ୍ୱରୀ ପୀଠ, ପୂର୍ବାହ୍ନ ୮ଟା ୩୦।
- ରାମଲୀଳାର ନାଟକ ଶ୍ରୀରାମ ବନବାସ, ବେଣୁପର ରାମଲୀଳା ପଡ଼ିଆ, ରାତି ୧୧ଟା।
- ରାମ ଲୀଳାର ନାଟକ ପର୍ଶୁରାମ ଭେଟ, ଗୋତଲିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୧ଟା ୩୦।
- ରାମ ଲୀଳାର ନାଟକ ସୂପନେଖାର ନାକ ଛେଦନ, କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ, ରାତି ୧୧ଟା ୩୦।

# ଗର୍ଭବତୀ ନୁହେଁ, ଗଲ୍‌ବ୍ଲାଡରରେ ଷ୍ଟୋନ୍‌

**ତ୍ରୁଟିପୂର୍ଣ୍ଣ ଚିକିତ୍ସାର ନଗ୍ନ ଉଦାହରଣ**
- ୭ ମାସ ଚିକିତ୍ସା ପରେ ଜାଣିଲେ ଡାକ୍ତର
- ସଙ୍କଟରେ ସ୍ୱର୍ଣ୍ଣଲତାଙ୍କ ଜୀବନ

ଜଟଣୀ,୪।୪ (ଡି.ଏନ୍‌.ଏ.)

ଗର୍ଭବତୀ ଦର୍ଶାଇ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ଚିକିତ୍ସା କରିବା ସହ ତାଙ୍କୁ ନିୟମିତ ଭାବେ ଉଦ୍ଦିଷ୍ଟ ଟିକା ଏବଂ ଔଷଧ ଦେଉଥିଲେ ଡାକ୍ତର। ତେବେ ୭ ମାସ ପରେ ମହିଳାଜଣଙ୍କ ଗର୍ଭବତୀ ନୁହେଁ ବରଂ ତାଙ୍କ ଗଲ୍‌ବ୍ଲାଡରରେ ଷ୍ଟୋନ୍ ହୋଇଥିବା ଜଣାପଡ଼ିଛି। ଡାକ୍ତରଙ୍କ ଏଭଳି ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ସମ୍ପୃକ୍ତ ମହିଳା ଯନ୍ତ୍ରଣାରେ ଦିନ କାଟୁଥିବାବେଳେ କୌଣସି ବଡ଼ ବିପଦର ଆଶଙ୍କା କରି ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଘଟଣା ଲୋକଲୋଚନକୁ ଆସିବା ପରେ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚିତ୍ର ପଦାରେ ପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଜଟଣୀ ପୌରାଞ୍ଚଳ ଅଧୀନ ଗଜପତିନଗର ଅଞ୍ଚଳର କବିନ୍ଦ୍ର କୁମାର ସାହୁଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ସାହୁ(୩୩) ଜନ୍ମରୁ ମୂକ ଓ ବଧିର। ୨୦୨୨ ଅଗଷ୍ଟରେ ସ୍ୱର୍ଣ୍ଣଲତାଙ୍କ ମାସିକ ରକ୍ତସ୍ରାବ ବନ୍ଦ ହୋଇଯିବା ସହିତ ପେଟ ଫୁଲିଯିବାରୁ ସେ ଗର୍ଭବତୀ ହୋଇଥାଇପାରନ୍ତି ବୋଲି ଅନୁମାନ କରି ସ୍ଥାନୀୟ ଆଶାକର୍ମୀଙ୍କ ସହିତ ଯୋଗାଯୋଗ କରିଥିଲେ। ସ୍ୱର୍ଣ୍ଣଲତା ଗର୍ଭବତୀ ଥିବା ଆଶାକର୍ମୀ କହିଥିଲେ। ଗତ ନଭେମ୍ବରରେ ସ୍ୱର୍ଣ୍ଣଲତା ଆଶାକର୍ମୀଙ୍କ ସହିତ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଗର୍ଭଧାରଣ ପରୀକ୍ଷା କରାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରତିମାସରେ ଆଶାକର୍ମୀଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ସହ ଆଇରନ, କ୍ୟାଲସିୟମ, ଭିଟାମିନ ବଟିକା ସେବନ ସହ ଟିକା ନେଇଥିଲେ। ତାଙ୍କୁ ମା'ଏବଂ ଶିଶୁ ସୁରକ୍ଷା କାର୍ଡ ପ୍ରଦାନ କରାଯିବା ସହ ପ୍ରତିମାସରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ଅଣ୍ଡା, ଛତୁଆ ମିଳୁଥିଲା। ଆସନ୍ତା ମେ' ମାସରେ ସମ୍ଭାବ୍ୟ ଡେଲିଭରି ହେବା ନେଇ ଡାକ୍ତର ସମୟ ଦେଇଥିଲେ। ଏଥିଯୋଗୁ ସ୍ୱର୍ଣ୍ଣଲତାଙ୍କ ମନ ଖୁସିରେ ଉଲ୍ଲସିତ ହୋଇଉଠିଥିଲା। ସେ ପ୍ରସବ ଦିନକୁ ଖୁସିର ସହ ଅପେକ୍ଷା କରିଥିଲେ। ତେବେ ଦୀର୍ଘ ୪ମାସ ଧରି ଔଷଧ ଖାଇବା ସହ ଟିକା ନେବା ସତ୍ତ୍ୱେ ଦିନକୁ ଦିନ ସ୍ୱର୍ଣ୍ଣଲତାଙ୍କ ଯନ୍ତ୍ରଣା ବଢ଼ିବାରେ ଲାଗିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ମାର୍ଚ୍ଚ ୨୮ରେ ତାଙ୍କର ଅଲଟ୍ରାସାଉଣ୍ଡ କରାଯାଇଥିଲା। ସେ ଗର୍ଭବତୀ ନ ଥିବା ଓ ତାଙ୍କ ଗଲବ୍ଲାଡରରେ ଷ୍ଟୋନ୍ ହୋଇଥିବା ଅଲଟ୍ରାସାଉଣ୍ଡ ରିପୋର୍ଟରୁ ଜଣାପଡ଼ିଥିଲା। ଏହା ସମସ୍ତଙ୍କୁ ଚକିତ କରିଥିବା ବେଳେ ତାଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦେଇଥିଲା। ଅନ୍ୟପଟେ ପୂର୍ବରୁ ସ୍ୱର୍ଣ୍ଣଲତାଙ୍କର ଦ୍ୱିତୀୟ ସନ୍ତାନ ଜନ୍ମ ପରେ ଗର୍ଭଧାରଣ ନ ହେବା ପାଇଁ କପର-ଟି ବ୍ୟବହାର କରାଯାଇଥିଲା ବୋଲି ତାଙ୍କ ମା'କହିଛନ୍ତି। ଝିଅର ଜୀବନ ରକ୍ଷା ସହ ନ୍ୟାୟ ଦେବା ପାଇଁ ତାଙ୍କ ମା' ଓ ବାପା ସରକାରଙ୍କୁ ଗୁହାରି ଜଣାଇଛନ୍ତି। ଏଥିସହ ସମ୍ପୃକ୍ତ ଡାକ୍ତର, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମଧ ଦାବି କରିଛନ୍ତି। ଏ ସମ୍ପର୍କରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜିତେନ୍ଦ୍ର ପଣ୍ଡା କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀଙ୍କୁ ତାଗିଦ୍ କରାଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। ଭିଟାମିନ, କ୍ୟାଲସିୟମ ଏବଂ ଆଇରନ ବଟିକା ଖାଇଲେ ସେମିତି କିଛି ଅସୁବିଧା ନାହିଁ। ପୀଡ଼ିତା ଯଦି ଲିଖିତ ଅଭିଯୋଗ କରିବେ ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧୀକ୍ଷକ ପଣ୍ଡା କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରତୁପର୍ଣ୍ଣା


@ ରାହୁଲ


@ ମନୋଜ


@ ସୁଧୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏକାଠି ଖେଳୁଛନ୍ତି ସିଂହ, ଭାଲୁ ଓ ଗଧିଆ ଛୁଆ


ନନ୍ଦନକାନନରେ ୩ ପ୍ରଜାତିର ହିଂସ୍ର ବନ୍ୟଜନ୍ତୁ ଖେଳୁଥିବାର ବିରଳ ଦୃଶ୍ୟ।

ବାରଙ୍ଗ,୪।୪(ଡି.ଏନ୍‌.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଏକାଠି ଖେଳୁଛନ୍ତି ୩ ପ୍ରଜାତିର ହିଂସ୍ର ବନ୍ୟଜନ୍ତୁ। ଏହି ବିରଳ ଦୃଶ୍ୟ ନନ୍ଦନକାନନ ଡାକ୍ତରଖାନାର ବେବି କେୟାର ସେଣ୍ଟରରେ ଦେଖିବାକୁ ମିଳିଛି। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମା' ଛେଉଣ୍ଡ ୩ ପ୍ରଜାତିର ତିନିଛୁଆ ସିଂହ, ଭାଲୁ ଆଉ ଗଧିଆ ଶାବକ ଏକାଠି ଖେଳୁଛନ୍ତି। ମା'ର ସୁଖ ସିନା ହରାଇଛନ୍ତି ମା' କୋଳରୁ ଦୂରେଇ ଦେବା ପରେ ଏମାନେ ସତେଯେମିତି ନୂଆ ଜୀବନ ପାଇଛନ୍ତି। ସବୁ କିଛି ଭୁଲିଯାଇ ଗୋଟେ ମା'ପେଟରୁ ଜନ୍ମ ହେଲା ଭଳି ସ୍ନେହ ସେମାନଙ୍କଠାରେ ଦେଖିବାକୁ ମିଳିଛି। ସମୟ ଯେମିତି ଏମାନଙ୍କୁ ଏକାଠି କରିଦେଇଛି। ଗୋଟିଏ ଏନ୍‌କ୍ଲୋଜରରେ ଏହି ୩ ପ୍ରଜାତି ରହି ଖେଳକୁଦରେ ବେଶ ମଜା ଉଠାଉଛନ୍ତି। ସୂଚନାଯୋଗ୍ୟ, ୧୮ଜାନୁୟାରୀରେ ଧୂସରଗଧିଆ ଜନ୍ମ ଦେଇଥିବା ୬ଟି ଛୁଆ ମଧ୍ୟରୁ ୪ଟି ମରିଗଲା ପରେ ୨ଟି ଛୁଆକୁ ବେବିକେୟାର ସେଣ୍ଟରକୁ ଅଣାଯାଇଥିଲା। ସେହିଭଳି ଜାନୁୟାରୀ୧୦ରେ ସିଂହୀ ରେୱା ଓ ସିଂହ ଜିତ ଔରସରୁ ଜନ୍ମ ହୋଇଥିବା ୪ ଛୁଆ ମଧ୍ୟରୁ ଗୋଟିକୁ ମା' ଖାଇମାରି ଦେଇଥିବାବେଳେ ଗୋଟିଏ ମଲା ଛୁଆକୁ ଜନ୍ମ ଦେଇଥିଲା। ଅବଶିଷ୍ଟାଂଶ ୨ଛୁଆକୁ ବେବି କେୟର ସେଣ୍ଟରକୁ ଅଣାଯାଇଥିଲା। ମାର୍ଚ୍ଚ ୨୨ରେ ପାଟଣାଗଡରୁ ଉଦ୍ଧାର ହୋଇଆସିଥିବା ଭାଲୁଛୁଆକୁ ମଧ୍ୟ ବେବିକେୟାର ସେଣ୍ଟରରେ ଲାଳନପାଳନ କରାଯାଉଛି।

# କୁଜିମହଲ ଜଙ୍ଗଲରୁ ଅଚିହ୍ନା ମୃତଦେହ ଜବତ

ବାରଙ୍ଗ,୪।୪(ଡି.ଏନ୍‌.ଏ.)

ଚନ୍ଦକା ଥାନା ପୋଲିସ ମଙ୍ଗଳବାର ସକାଳେ କୁଜିମହଲ ପାହାଡ଼ ଉପରୁ ଏକ ଅଚିହ୍ନା ମୃତଦେହକୁ ଜବତ କରିଛି। ମୃତକ ନୀଳରଙ୍ଗର ହାଫପ୍ୟାଣ୍ଟ ଏବଂ କଳାରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ବୟସ ୩୦ରୁ ୪୦ବର୍ଷ ମଧ୍ୟରେ ହେବ। ସେ ବେକରେ ବେଡ଼ସିଟ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଝୁଲିଥିବା ବେଳେ ମୃତଦେହ ପଚିଯାଇ ଗଣ୍ଡି ତଳେ ପଡିଯାଇଛି। ଶରୀର ପଚି ଯାଇଥିବାରୁ ଘଟଣା ୭/୮ଦିନର ବୋଲି ପୋଲିସ ଅନୁମାନ କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଗ୍ରାମର କେତେଜଣ ଲୋକ ସକାଳେ ଜଙ୍ଗଲକୁ ଯାଇଥିବାବେଳେ ଏକ ଗଛରେ ବେଡ଼ସିଟ ଟଙ୍ଗାଯାଇଥିବାବେଳେ ଗଛମୂଳରେ ପରିତ୍ୟକ୍ତ ଅବସ୍ଥାରେ ଏକ ପଚାସଢ଼ା ମୃତଦେହ ପଡିଥିବା ଦେଖିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଚନ୍ଦକା ଥାନା ଅଧିକାରୀ ରାଧାକାନ୍ତ ସାହୁ ସଦଳବଳେ ଘଟଣାସ୍ଥଳକୁ ଯାଇଥିଲେ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ମୃତଦେହକୁ ଜବତ କରିଛି। ତେବେ ଆତ୍ମହତ୍ୟାର ସବୁ ଲକ୍ଷଣ ଜଣାପଡୁଛି ବୋଲି ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

**ନର୍ସିଂହୋମ୍‌ରେ ବିଏସ୍‌କେୱାଇ ଠକେଇ ମାମଲା**

# ଅଭିଯୁକ୍ତଙ୍କ ୨ ବ୍ୟାଙ୍କ ଆକାଉଣ୍ଟ ଅଚଳ

**କଟକ ଅଫିସ,୪।୪:** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଠକେଇ ମାମଲାରେ କମିଶନରେଟ୍ ପୋଲିସ ଗିରଫ ଅଭିଯୁକ୍ତ ଅଶୋକ କୁମାର ପତିଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛି। କଟକ ଜିଲା ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ର ମାଲିକ ହେଉଛନ୍ତି ଅଶୋକ। ଉକ୍ତ ଦୁଇଟି ଆକାଉଣ୍ଟରେ ମୋଟ ୨୭,୮୫,୭୫୩ ଟଙ୍କା ରହିଥିବା ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ସାଲେପୁର ଥାନା ଅନ୍ତର୍ଗତ ଜାହାଙ୍ଗୀରବାଦର ଅଶୋକ କୁମାର ପତି ମଧୁପାଟଣା ପୋଲିସ ଦ୍ୱାରା ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ପୋଲିସ ନୟାସଡ଼କ ଗୋଶାଳା ରୋଡ୍‌ସ୍ଥିତ ଜେଏମ୍ କେୟାର ହସ୍ପିଟାଲର ପ୍ରାୟ ୮ ଲକ୍ଷ ଟଙ୍କା ଥିବା ଗୋଟିଏ ଆକାଉଣ୍ଟକୁ ସୋମବାର ଅଚଳ କରିଥିଲା। ମଙ୍ଗଳବାର ପୁଣି ଅଶୋକଙ୍କ ଆକାଉଣ୍ଟକୁ ଅଚଳ କରିଦେଇଛି।

# ବିପ୍ଳବୀ ସୃଜନ ସଂଗ୍ରାମୀ ସୃଷ୍ଟି କରିଥିଲେ ଶହୀଦ ରଘୁ-ଦିବାକର

ଭୁବନେଶ୍ୱର,୪।୪(ବ୍ୟୁରୋ)



ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ସୂଚନା ଭବନଠାରେ ଅମର ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ବୀର ମାଟି ରଣପୁରରେ ଦେଶ ସ୍ୱାଧୀନତା ପୂର୍ବରୁ ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର ବିରୋଧରେ ଗଣତାନ୍ତ୍ରିକ ମୂଲ୍ୟବୋଧର ସଂଗ୍ରାମ ହୋଇଥିଲା। ଏହି ସଂଗ୍ରାମର ନେତୃତ୍ୱ ନେଇଥିଲେ ରଘୁ-ଦିବାକର। ଉଭୟେ ଜ୍ଞାନ ଓ ସାହିତ୍ୟର ଅନୁରାଗୀ ଥିଲେ। ସେମାନେ ସାହିତ୍ୟିକ ଓ କବିଙ୍କ ମଧ୍ୟରେ ବିପ୍ଳବୀ ସୃଜନ ସଂଗ୍ରାମୀ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଶହୀଦ ରଘୁ-ଦିବାକରଙ୍କ ସାହସ ତଥା ବ୍ରିଟିଶ ଶାସନର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସେମାନଙ୍କର ସଂଗ୍ରାମ ଭାରତର ଅନ୍ୟ ସ୍ୱାଧୀନଚେତା ସଂଗ୍ରାମୀଙ୍କୁ ପ୍ରେରଣା ଦେଇଥିଲା ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ତଥା ଐତିହାସିକ ସତ୍ୟବାଦୀ ବଳିୟାରସିଂହ କହିଛନ୍ତି, ଅତ୍ୟାଚାରୀ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତାର ଆଶାରେ ରଣପୁରବାସୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଆନ୍ଦୋଳନର ପୁରୋଧା ଭାବେ ଗ୍ରହଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଓ ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓରେରା ପଞ୍ଜୀକରଣ ଫି' ବୃଦ୍ଧିରେ ଅଙ୍କୁଶ

**୬ ସପ୍ତାହରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ**

କଟକ ଅଫିସ,୪।୪



ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା) ଦ୍ୱାରା ପଞ୍ଜୀକରଣ ଫି' ବୃଦ୍ଧି ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ଓଡ଼ିଶା ବିଲ୍ଡର ମହାସଂଘ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ୬ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଓରେରା କର୍ତ୍ତୃପକ୍ଷଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ତା'ର ୨ ସପ୍ତାହ ପରେ ଆବେଦନକାରୀ ଜବାବ ରଖିବାକୁ ମଧ ନିର୍ଦ୍ଦେଶ ରହିଛି। ଏହାପରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟରେ ଗଢ଼ି ଉଠୁଥିବା ନୂତନ ଆପାର୍ଟମେଣ୍ଟଗୁଡ଼ିକର ପଞ୍ଜୀକରଣ ପାଇଁ ୨୦୧୭ରେ ପଞ୍ଜୀକରଣ ଦେୟ ପ୍ରତି ବର୍ଗଫୁଟ ପିଛା ୧୦ ଟଙ୍କା ଥିଲା। ହେଲେ ୨୦୨୨ରେ ଓରେରା ପକ୍ଷରୁ ଏହି ଦେୟ ପରିମାଣ ବୃଦ୍ଧି କରାଯାଇ ୨୦୦ ଟଙ୍କା କରାଯାଇଥିଲା। ଆପାର୍ଟମେଣ୍ଟ ପଞ୍ଜିକରଣ ବାବଦରେ ସରକାରଙ୍କୁ ଦେବାକୁ ପଡୁଥିବା ଏହି ଅଧିକ ଅର୍ଥର ବୋଝ ସିଧାସଳଖ ଆପାର୍ଟମେଣ୍ଟରେ ଫ୍ଲାଟ କିଣୁଥିବା ବ୍ୟକ୍ତିଙ୍କ ଉପରେ ପଡ଼ିବ। ତେଣୁ ଏହାକୁ ବିରୋଧ କରି ଓଡ଼ିଶା ବିଲ୍ଡର ମହାସଂଘ ଗତ ସପ୍ତାହରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଦେୟ ବୃଦ୍ଧିକୁ ବିରୋଧ କରି ରେରା ଦ୍ୱାରା ପ୍ରଣୀତ ଏହି ଆଇନ ଅସାମ୍ବିଧାନିକ, ବେଆଇନ ଓ କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ଯୁକ୍ତି ଦର୍ଶାଇଥିଲେ। ହାଇକୋର୍ଟ ଆଚାର୍ଯ୍ୟଙ୍କ ଯୁକ୍ତିକୁ ଗ୍ରହଣ କରି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୨୦୨୨ରେ ରେରା ଦ୍ୱାରା ପରିବର୍ତ୍ତିତ ନିୟମ ଅନୁସାରେ, ରେଜିଷ୍ଟ୍ରେଶନ ଦେୟ ବାବଦରେ ଜମା କରାଯାଉଥିବା ଅର୍ଥ ଉପରେ ସୁଧ ପ୍ରଦାନ କରିବାକୁ ହାଇକୋର୍ଟ ଓରେରା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଶହୀଦ ରଘୁ ଓ ଦିବାକରଙ୍କ ୮୨ତମ ବଳିଦାନ ଦିବସରେ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ୱି ଫର୍ ଭୁବନେଶ୍ୱର ଏବଂ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ୟୁନିଟ୍‌-୯ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଅତିଥି ଓ ଅନ୍ୟମାନଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।


ଚଇତି ମଙ୍ଗଳବାରର ଶେଷ ପାଳିରେ ପୁରୀ ତାଳବଣିଆ ଅଞ୍ଚଳରେ ମହିଳାମାନେ ପଙ୍କେଇ ପୂଜା କରୁଛନ୍ତି।

# ଏଏସ୍‌ଆଇରେ ସାମିଲ ହେଉ କପିଳେଶ୍ୱର ମନ୍ଦିର

ଭୁବନେଶ୍ୱର,୪।୪(ବ୍ୟୁରୋ)



ପୁରୁଣା ଭୁବନେଶ୍ୱରରେ ଥିବା ବାବା କପିଳେଶ୍ୱର ମନ୍ଦିର ରାଜ୍ୟର ଅନ୍ୟତମ ପୁରାତନ ଏବଂ ପ୍ରସିଦ୍ଧ ଶୈବପୀଠ। ଏହି ଶୈବପୀଠ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ଦ୍ୱାରା ସଂରକ୍ଷିତ କ୍ଷେତ୍ର ସୂଚୀରେ ରହିବା ଯୋଗ୍ୟ ବୋଲି ମଙ୍ଗଳବାର କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶାନ ରେଡ୍ଡୀଙ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସାକ୍ଷାତ କରି କହିଛନ୍ତି। ସେ କେନ୍ଦ୍ରମନ୍ତ୍ରୀଙ୍କୁ ଏହି ମନ୍ଦିରକୁ ଏଏସଆଇରେ ସାମିଲ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ସକାରାତ୍ମକ ଭାବେ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିଥିବା ସାଂସଦ ଷଡ଼ଙ୍ଗୀ ଟୁଇଟ୍ କରି ଜଣାଇଛନ୍ତି। ଖୁବଶୀଘ୍ର ଏହା ଏଏସ୍‌ଆଇ ସଂରକ୍ଷିତ ସୂଚୀରେ ସ୍ଥାନ ପାଇବ ଏବଂ ମନ୍ଦିରର ରକ୍ଷଣାବେକ୍ଷଣ, ବିକାଶ କାର୍ଯ୍ୟ, ସୌନ୍ଦର୍ଯ୍ୟକରଣ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।



ମହାରାଷ୍ଟ୍ରର ଠାଣେରେ ଏକନାଥ ଶିନ୍ଦେ ଗୋଷ୍ଠୀର 'ଶିବସେନା' କର୍ମୀଙ୍କ ଆକ୍ରମଣରେ ଉଦ୍ଧବ ଠାକରେ ଗୋଷ୍ଠୀର ଜଣେ କର୍ମୀ ଆହତ ହେବା ପରେ ମଙ୍ଗଳବାର ବହୁସଂଖ୍ୟକ କର୍ମୀ ଦଳୀୟ କାର୍ଯ୍ୟାଳୟଠାରେ ଏକାଠି ହୋଇଛନ୍ତି।

# କର୍ଣ୍ଣାଟକରେ ଭାଜପା ବୁଡ଼ିଯାଉଥିବା ଜାହାଜ: କଂଗ୍ରେସ

ନୂଆଦିଲ୍ଲୀ, ୪।୪ (ପି.ଟି.)

କର୍ଣ୍ଣାଟକରେ ଭାଜପା ଏକ ବୁଡ଼ିଯାଉଥିବା ଜାହାଜ। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହାକୁ ରକ୍ଷା କରିପାରିବେ ନାହିଁ ବୋଲି କଂଗ୍ରେସ ନେତା ମଙ୍ଗଳବାର କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଭାରତୀୟ ରାଜ୍ୟରେ କଂଗ୍ରେସ ଏକ ମିଳିତ ଶକ୍ତି। ଏହା କର୍ଣ୍ଣାଟକର ୪୦ ପ୍ରତିଶତ କମିଶନ ସରକାରକୁ ନିଶ୍ଚୟ କ୍ଷମତାରୁ ହଟାଇବ ବୋଲି ଏଆଇସିସି ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଶୀର୍ଷ ପଦବୀ ଲାଗି ନିଜକୁ ଉପସ୍ଥାପନ କରୁଥିବା ଖବରକୁ ସେ ଖଣ୍ଡନ କରିଛନ୍ତି। ଏକ ନ୍ୟୁଜ୍ ଚ୍ୟାନେଲ୍ ତାଙ୍କ ମନ୍ତବ୍ୟକୁ ଭୁଲ୍ ଉପସ୍ଥାପନ କରିଥିବା ସେ କହିଛନ୍ତି। ନିର୍ବାଚିତ ବିଧାୟକମାନଙ୍କ ସହ ପରାମର୍ଶ କରି ମୁଖ୍ୟମନ୍ତ୍ରୀ କିଏ ହେବେ ଦଳ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ସୁର୍ଜେୱାଲା କହିଛନ୍ତି।

ନୂଆଦିଲ୍ଲୀରେ କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ମଙ୍ଗଳବାର ବସିଥିବାବେଳେ ଏଥିରେ ଯୋଗଦେବାକୁ ସିଦ୍ଦରମୈୟା ଏବଂ କର୍ଣ୍ଣାଟକ ପିସିସି ସଭାପତି ଡି.କେ. ଶିବକୁମାର ଆସିଥିଲେ। ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ଅବଶିଷ୍ଟ ୧୦୦ ଆସନ ଲାଗି ଟିକେଟ ବଣ୍ଟନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ମେ' ୧୦ରେ ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ପ୍ରଥମ ଦଫାରେ ୧୨୪ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା।



ରଣଦୀପ୍ ସୁର୍ଜେୱାଲା

କର୍ଣ୍ଣାଟକର ୪୦ ପ୍ରତିଶତ କମିଶନ ଭାଜପା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ତଥାକଥିତ ଡବଲ ଇଞ୍ଜିନ୍ ସରକାର ରାଜ୍ୟ ପାଇଁ ଡବଲ ଧୋକାରେ ପରିଣତ ହୋଇଛି। ଗୋଟିଏ ପଟେ କେନ୍ଦ୍ରର ମୋଦି ସରକାର କର୍ଣ୍ଣାଟକକୁ ପ୍ରତାରିତ କରିଥିବାବେଳେ ଅନ୍ୟ ପଟେ ବୋମାଇ ସରକାର ରାଜ୍ୟକୁ ଲୁଟି ଚାଲିଛନ୍ତି ବୋଲି ସୁର୍ଜେୱାଲା ଅଭିଯୋଗ କରିଛନ୍ତି।

## କଂଗ୍ରେସ ନେତା ଉଠାଇଲେ ପ୍ରଶ୍ନ
# କାହା ସ୍ୱାର୍ଥରେ ବିଦେଶ ଗସ୍ତ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ରାଜ୍ୟରେ ଓଡ଼ିଆ ନିବେଶକଙ୍କୁ ହତାଦର କରାଯାଉଥିବା ବେଳେ ସରକାରୀ ଖର୍ଚ୍ଚରେ ବ୍ୟୟବହୁଳ ବିଦେଶ ଗସ୍ତ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛନ୍ତି। ୬ ବର୍ଷରେ ମାତ୍ର ୫ଟି ବିଦେଶୀ କମ୍ପାନୀ ଓଡ଼ିଶାରେ ୧୩୬୮କୋଟି ଟଙ୍କାର ନିବେଶ କରିଛନ୍ତି। ରୋମ୍, ଦୁବାଇ ପରେ ଏବେ ଜାପାନ ଯାଇଛନ୍ତି ମୁଖ୍ୟମନ୍ତ୍ରୀ। ହେଲେ ଏଥିରେ ଓଡ଼ିଶା ଏବଂ ଓଡ଼ିଆଙ୍କ କ'ଣ ସ୍ୱାର୍ଥ ସାଧନ ହେଉଛି ବୋଲି ବିଜୟ ପ୍ରଶ୍ନ ଉଠାଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହ ପୁଞ୍ଜି ଆଣିବା ପାଇଁ ଜାପାନ ଯାଇଛନ୍ତି। ସୂଚନା ଅଧିକାର ଆଇନ ଅନୁସାରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୬ରୁ ୨୦୨୨ ମଧ୍ୟରେ ମୋଟ ୫ଟି ବିଦେଶୀ କମ୍ପାନୀ ରାଜ୍ୟରେ ମାତ୍ର ୧୩୬୮କୋଟି ଟଙ୍କାର ନିବେଶ କରିଛନ୍ତି। କିନ୍ତୁ ମେକ୍ ଇନ୍ ଓଡ଼ିଶାରେ ରାଜ୍ୟକୁ ମୋଟ୍ ୧୬ ଲକ୍ଷ କୋଟି ଟଙ୍କାର ନିବେଶ ଆସିଥିବା ସରକାର କହୁଛନ୍ତି। ଯଦି ଏତେ ସ୍ୱଳ୍ପ ପରିମାଣର ବିଦେଶୀ ନିବେଶ ପାଇବାର ଅଛି ତେବେ ବ୍ୟୟବହୁଳ ବିଦେଶ ଗସ୍ତର ଲାଭ ରାଜ୍ୟବାସୀଙ୍କୁ କିଭଳି ମିଳୁଛି। ସେହିପରି ୨୦୧୬ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଆୟୋଜନରେ ୨୦.୫୯ କୋଟି ଟଙ୍କା ଓ ୨୦୧୮ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ୩୪.୫୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ତଥ୍ୟ ସରକାର ଦେଇନାହାନ୍ତି। ଏହି ୩ଟି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ମିଶାଇଲେ ପ୍ରାୟ ୧୦୦କୋଟି ଟଙ୍କା ଖର୍ଚ୍ଚ ହୋଇଥାଇପାରେ ବୋଲି ସେ କହିଛନ୍ତି। ତେବେ ଜନତା ମଇଦାନରେ ୨୦୨୨ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ବେଳେ ମଞ୍ଚରେ କେବଳ ଜଣେ ଓଡ଼ିଆ ନିବେଶକଙ୍କୁ ଦେଖିବାକୁ ମିଳିଥିଲା। ତା'ହେଲେ ଏ ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ କ'ଣ ଓଡ଼ିଆ ନିବେଶଙ୍କ ପାଇଁ ସ୍ଥାନ ନାହିଁ। କେବଳ ଅଣଓଡ଼ିଆ ଏଥିରେ ସାମିଲ ହେବେ କି ବୋଲି ସେ ପଚାରିଛନ୍ତି। ରାଜ୍ୟର ଖଣି, ପାଣି ଓ ପବନ ପାଇଁ ଏହି ଅଣଓଡ଼ିଆ ନିବେଶକମାନେ ଓଡ଼ିଶାକୁ ଆସୁଛନ୍ତି, ମାତ୍ର ଓଡ଼ିଆ ନିବେଶକ ସେଥିରୁ ବଞ୍ଚିତ ହେଉଛନ୍ତି। ୨୦୧୬ରୁ ଯେଉଁ ନିଯୁକ୍ତି ମିଳିଛି ବୋଲି ସରକାର କହିଥିଲେ ତା'ର ତଦାରଖ କିଏ କରୁଛି। କେଉଁ ଅଧିକାରୀ ଏହାକୁ ପ୍ରମାଣିତ କରୁଛନ୍ତି ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# ମୋଦିଙ୍କ ଡିଗ୍ରୀ ପ୍ରସଙ୍ଗ: ବିରୋଧୀ ଶିବିର ଦୁଇଫାଳ

ମୁମ୍ବାଇ,୪।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଠପଢ଼ା ଡିଗ୍ରୀ ନେଇ ଶିବସେନା ଉଦ୍ଧବ ଠାକରେ ଦଳ ଏବଂ ଏନ୍‌ସିପି ମେଣ୍ଟରେ ଫାଟ ସୃଷ୍ଟି ହୋଇଛି। ଉଦ୍ଧବ ଠାକରେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଆମ ଦେଶରେ ବହୁ ଯୁବବର୍ଗ ନିଜ ନିଜ ପାଠପଢ଼ା ଡିଗ୍ରୀ ହାତରେ ଧରି ଚାକିରି ଖୋଜି ଖୋଜି ଶେଷରେ ବେକାର ବସିଛନ୍ତି। କିନ୍ତୁ ଆମ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଡିଗ୍ରୀ ଦେଖାଇବାକୁ କହିଲେ, କହିଥିବା ଲୋକଙ୍କୁ ୨୫ ହଜାର ଟଙ୍କା ଜରିମାନା କରାଯାଉଛି। ଏହା ଅତ୍ୟନ୍ତ ନିନ୍ଦନୀୟ କଥା। ମୁଖ୍ୟମନ୍ତ୍ରୀ ହେବା ପରେ ସେ ପାଠପଢ଼ିଥିବା ଜୟନ୍ତ ପାଟିଲ ବାଲମୋହନ ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ର ବେଶ୍ ଗର୍ବ ଅନୁଭବ କରିଥିଲେ। ଏପରିସ୍ଥଳେ ପ୍ରଧାନମନ୍ତ୍ରୀଙ୍କ ସ୍କୁଲ ଅବା କଲେଜ ଛାତ୍ର ତ କାହିଁ କେବେ ଗର୍ବ ଅନୁଭବ କରିଥିବାର ଖବର ମିଳି ନାହିଁ। ତେବେ ଉଦ୍ଧବଙ୍କ ମନ୍ତବ୍ୟ ପରେ ଏନସିପି ନେତା ଅଜିତ ପାୱାରଙ୍କ ମନ୍ତବ୍ୟ ଆସିଛି। ସେ କହିଛନ୍ତି, ମନ୍ତ୍ରୀ ହେବାରେ ଡିଗ୍ରୀର କିଛି ଭୂମିକା ନାହିଁ। ଏହି ପ୍ରସଙ୍ଗ ସେଭଳି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଲୋକେ କୌଣସି ନେତାଙ୍କୁ ତାଙ୍କ ଡିଗ୍ରୀ ଦେଖି ଭୋଟ ଦେଇ ନ ଥାନ୍ତି। ୨୦୧୪ରେ ଲୋକେ ମୋଦିଙ୍କୁ ତାଙ୍କ ଲୋକପ୍ରିୟତା ଦେଖି ଭୋଟ ଦେଇଥିଲେ। ଏତେ ବର୍ଷ ପରେ ତାଙ୍କ ଡିଗ୍ରୀ ପ୍ରସଙ୍ଗ ଉଠାଇବାର କୌଣସି କାରଣ ନାହିଁ। ଏହା ସମ୍ପୂର୍ଣ୍ଣ ଅର୍ଥହୀନ ପ୍ରସଙ୍ଗ ବୋଲି ଅଜିତ କହିଛନ୍ତି।



ଉଦ୍ଧବ ଠାକରେ



ଅଜିତ୍ ପାୱାର

## ଝାରସୁଗୁଡ଼ା ଉପନିର୍ବାଚନ
# ବିଜେଡି ନିଯୁକ୍ତ କଲା ୩ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୪।୪(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଦଳର ୩ ଜଣ ବରିଷ୍ଠ ନେତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ସାରଦା ପ୍ରସାଦ ନାୟକ। ଏ ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସାରଦା ଏବେ ଦଳର ଝାରସୁଗୁଡ଼ା ଜିଲା ପର୍ଯ୍ୟବେକ୍ଷକ ମଧ୍ୟ ଅଛନ୍ତି।

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡି ସ୍ୱର୍ଗତ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଛି। ତେବେ କଂଗ୍ରେସ କିମ୍ବା ଭାଜପା ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ଏପ୍ରିଲ ୧୩ରେ ଏହି ଉପନିର୍ବାଚନ ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ' ୧୦ରେ ଏହି ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ।

# ଆଜି ଅଠାବିରା, ହିନ୍ଦୋଳ ଏନ୍‌ଏସି ଫଳାଫଳ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ଯବରଗଡ଼ ଜିଲାର ଅତାବିରା ଏବଂ ଢେଙ୍କାନାଳ ଜିଲାର ହିନ୍ଦୋଳ ଏନ୍‌ଏସି ନିର୍ବାଚନ ଫଳାଫଳ ବୁଧବାର ପ୍ରକାଶ ପାଇବ। ଏଥିଲାଗି ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। ମଧ୍ୟାହ୍ନ ସୁଦ୍ଧା ଫଳାଫଳ ବାହାରି ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ସୋମବାର ଅନୁଷ୍ଠିତ ନିର୍ବାଚନରେ ୧୬ ୱାର୍ଡ ବିଶିଷ୍ଟ ହିନ୍ଦୋଳ ଏନ୍‌ଏସିରେ ୮୮% ଏବଂ ୧୨ ୱାର୍ଡ ବିଶିଷ୍ଟ ଅତାବିରା ଏନ୍‌ଏସିରେ ୭୪% ମତଦାନ ହୋଇଥିଲା। ହିନ୍ଦୋଳରେ ୩ ନଗରପାଳ ପ୍ରାର୍ଥୀ, ୫୦ କାଉନ୍‌ସିଲର ପ୍ରାର୍ଥୀ ଏବଂ ଅତାବିରାରେ ୪ ନଗରପାଳ ପ୍ରାର୍ଥୀ, ୩୯ କାଉନ୍‌ସିଲର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ କଏଦ ହୋଇଥିଲା।

# ମେ ୨ରେ ଉପନିର୍ବାଚନ

## ୧ ଜିଲା ପରିଷଦ,୩ ସରପଞ୍ଚ ଓ ୧୩୪ ୱାର୍ଡସଭ୍ୟ ପଦବୀ ଖାଲି

ବାରିପଦା ଅଫିସ,୪।୪

ମୟୂରଭଞ୍ଜ ଜିଲାରେ ଖାଲି ପଡ଼ିଥିବା ପଦବୀଗୁଡ଼ିକର ଉପନିର୍ବାଚନ ନିମନ୍ତେ ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ଅନୁଯାୟୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଗୋଟିଏ ଜିଲାପରିଷଦ, ୩ଟି ସରପଞ୍ଚ ଓ ୧୩୪ଟି ୱାର୍ଡସଭ୍ୟ ପଦବୀ ପାଇଁ ଆସନ୍ତା ମେ ୨ରେ ଉପନିର୍ବାଚନ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏନେଇ ମଙ୍ଗଳବାରଠାରୁ ନାମାନଙ୍କନ ପତ୍ର ଦାଖଲ ଆରମ୍ଭ ହୋଇ ୬ତାରିଖ ନାମାନଙ୍କପତ୍ର ଦାଖଲ ଶେଷ ଦିବସ ରହିଛି। ଯାଞ୍ଚପରେ ୧୦ତାରିଖ ବୈଧ ତାଲିକା ପ୍ରକାଶ ପାଇବ। ସେହିପରି ୧୨ରେ ନାମାନଙ୍କପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ରହିଥିବାବେଳେ ସେହିଦିନ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଆବଶ୍ୟକ ହେଲେ ମେ ୨ରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ୧୩ରୁ ୩୦ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ପ୍ରଚାର କରିବେ। ମେ ୪ତାରିଖ ସକାଳ ୮ଟାରୁ ଭୋଟ୍ ଗଣତି ବ୍ଲକ କାର୍ଯ୍ୟାଳୟ ସଦର ମହକୁମାରେ ଅନୁଷ୍ଠିତ ହେବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ବୈଦନାଥ ମୁଣ୍ଡା କହିଛନ୍ତି। ନିର୍ବାଚନ ହେବାକୁ ଥିବା ପଦବୀ ମଧ୍ୟରେ ଯଶୀପୁର ନିର୍ବାଚନମଣ୍ଡଳୀ ଅଧୀନ ୪୨ନଂ. ଜିଲା ପରିଷଦ ଆସନ ରହିଛି। ସେହିପରି ବାରିପଦା ବ୍ଲକର ବେତନା, ବାଙ୍ଗିରିପୋଷି ବ୍ଲକର କୁମ୍ଭାରମୁଣ୍ଡାକଟା ଓ ବଡ଼ସାହି ବ୍ଲକର ବଡ଼ସାହି ପଞ୍ଚାୟତର ସରପଞ୍ଚ ଓ ୧୩୪ଟି ୱାର୍ଡସଭ୍ୟ ପଦବୀ ରହିଛି। ଜିଲାପରିଷଦ ନିର୍ବାଚନ ପାଇଁ କରଞ୍ଜିଆ ଉପଜିଲାପାଳ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ୩ ସରପଞ୍ଚ ପଦବୀ ପାଇଁ ସମ୍ପୃକ୍ତ ବ୍ଲକର ବିଡିଓମାନେ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ସମ୍ପୃକ୍ତ ବ୍ଲକର ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି।


**ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ମାଲକାନଗିରି**

ପତ୍ର ସଂଖ୍ୟା: ୬୧୪ ତାରିଖ: ୨୮।୦୩।୨୦୨୩

**ନିଲାମ ଇସ୍ତାହାର**

No. L-02: ଏତଦ୍ଦ୍ୱାରା ସର୍ବସାଧାରଣ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି ଯେ ଜିଲ୍ଲାରେ ଥିବା ସରକାରୀ ଫଳ ବଗିଚାର ଫଳଗୁଡ଼ିକ ୨୦୨୨-୨୦୨୩ବର୍ଷ ପାଇଁ ନିଲାମ କରାଯିବ। ନିଲାମ ସମ୍ବନ୍ଧୟ ସମସ୍ତ ବିବରଣୀ ନମ୍ନରେ ଦିଆଗଲା। ଇଚ୍ଛୁକ ବ୍ୟକ୍ତି ନିଲାମ ଫର୍ମ ଏବଂ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଟ.୧୦୦.୦୦ଙ୍କା ବିନିମୟରେ ସଂଗ୍ରହ କରିବେ ଏବଂ ଯେ କୌଣସି କାର୍ଯ୍ୟଦିବସ ମଧ୍ୟରେ ଭାରପ୍ରାପ୍ତ ଅଧିକାରୀଙ୍କ ଅନୁମତି ନେଇ ବଗିଚା ପର୍ଯ୍ୟବେକ୍ଷଣ କରିବେ। ନିଲାମରେ ଭାଗନେବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ନିଲାମ ଫର୍ମ ପୂରଣ କରି ତା ସହିତ ଉପଯୁକ୍ତ ଅମାନତ ରାଶି ସଂଯୋଗ କରି ଏକ ଯଉମୁଦ ଲଫାପାରେ ସମ୍ପୃକ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟର ଠିକଣାରେ ରେଜିଷ୍ଟ୍ରି ଡାକ/କୋରିୟର ସର୍ଭିସ ମାଧ୍ୟମରେ ପଠାଇବେ। ଅମାନତ ରାଶି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ମାଲକାନଗିରି (Deputy Director of Horticulture, Malkangiri) ନାମରେ ଆକାଉଣ୍ଟ ପେୟୀ ଡ୍ରାଫ୍ଟ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ, ମାଲକାନଗିରିରେ ଦେୟ ହେବ। ଯଉମୁଦ ଲଫାପାଗୁଡ଼ିକ ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ଖୋଲାଯିବ। ସର୍ବାଧିକ ନିଲାମର ସମ୍ପୂର୍ଣ୍ଣ ନିଲାମ ଧନ ସେହି ଦିନ ଦାଖଲ କରି ଫଳ ସଂଗ୍ରହ କରିବା ପାଇଁ ଅଧିକାରୀ ହେବେ।

ଯେ କୌଣସି ନିଲାମକୁ ନିମ୍ନ ସ୍ୱାକ୍ଷରକାରୀଙ୍କର କୌଣସି କାରଣ ନ ଦର୍ଶାଇ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ରହିଛି।

| ଫଳ ବଗିଚାର ନାମ | ଫଳନ୍ତି ଗଛର ନାମ | ସଂଖ୍ୟା | ଅମାନତ ରାଶି |
|---|---|---|---|
| ରାକ୍ଲୁଲକୋଣ୍ଡା ଫାର୍ମ (ଚିତ୍ରକୋଣ୍ଡା ଫାର୍ମ) | ଆମ୍ବ | ୬୭୩ | ୧୦୦୦୦/- |
| ଚିତ୍ରକୋଣ୍ଡା ନର୍ସରୀ/ ପ୍ରଜେନୀ ବଗିଚା | ଆମ୍ବ | ୨୧୭ | ୧୦୦୦୦/- |

| ଟେଣ୍ଡର ଗ୍ରହଣର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲିବା ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟ |
|---|---|---|
| ତା୧୦।୦୪।୨୦୨୩ ଅପରାହ୍ନ ଘ୫.୦୦ମି. | ତା୧୧।୦୪।୨୦୨୩ ପୂର୍ବାହ୍ନ ଘ୧୦.୧୫ମି. | ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ମାଲକାନଗିରି |

ମହେନ୍ଦ୍ର କୁମାର ମାଝୀ
ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ମାଲକାନଗିରି
OIPR-01494/11/0001/2324



**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/23-24/001

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee inclusive of GST (Rs.)* | EMD (Rs. Lakhs)** | Last date & time of payment of Tender Fee |
|---|---|---|---|---|---|
| 1 | Strengthening of 11kV, 33kV and LT Electrical Networks Across TPCODL Jurisdiction Under "STATE DISASTER MITIGATION FUND" (SDMF I & II) Scheme on Turnkey Basis. | TPCODL/P&S/ 1000000363 /23-24 | 5,000 | 20 | 17.04.2023 |
| 2 | Engineering, Supply, Erection, Testing, Commissioning &Augmentation of Different Electrical Network Under "CHIEF MINISTER POWER DEVELOPMENT PROJECT (CMPDP)" Scheme on Turnkey Basis . | TPCODL/P&S/ 1000000364 /23-24 | 5,000 | 25 | 17.04.2023 |

* MSMEs registered in the State of Odisha shall pay tender fee of Rs. 1,000/- including GST.
For further details of Tenders, please visit "Tender" section on TPCODL website https://tpcentralodisha.com.
Future communication/corrigendum to tender documents, if any, shall be available on website



**DIRECTORATE OF ECONOMICS AND STATISTICS, ODISHA, BHUBANESWAR**
Parisankshyan Bhawan, Heads of Department Building Campus, Unit - V, Bhubaneswar, PIN - 751001
Ph.: 0674-2391295, e-Mail: desbbsr@gmail.com, desbbsr@gov.in
Office Order No. 1994/DES-OEV-MISC-0004-2021 Date: 04.04.2023

**TENDER NOTICE**
**(For award of Contract for Outsource the function of 13 (Thirteen Numbers) of Peon for Directorate of Economics and Statistics, Bhubaneswar)**

No. X-01: Sealed tenders are invited from intending service providing agencies for outsource the function of services of 13 Numbers of Peon for Directorate of Economics & Statistics, Odisha, Bhubaneswar on contract basis.
The detail information for outsourcing the services of aforesaid work has been given in the tender document which may either be downloaded from the website of DE&S - **www.desodisha.nic.in** or obtained in person from the Office of the Director, Economics & Statistics, Odisha, Bhubaneswar on payment of Rs.500/- in cash or in shape of Bank Draft for Rs.500/- (Non-refundable) in favour D.D.O., DE&S, Odisha, Bhubaneswar on any working day from 06.04.2023 to 27.04.2023 between 11.00 A.M. to 4.00 P.M.
The downloaded tender document from the website should be submitted along with a Bank Draft/Bankers Cheque of Rs.500/- (Non-refundable).
The tender document will be received only through Speed Post/ Registered Post during office hour only. The last date and time for receipt of filled in tender documents is 27.04.2023 by 5.00 P.M. The office shall not be responsible for any kind of postal delay.

Sd./- DIRECTOR
OIPR-01483/11/0001/2324



**OFFICE OF THE CDM & PHO CUM DISTRICT MISSION DIRECTOR, NUAPADA**
**(District Programme Management Unit, NHM)**
Telefax: 06678-223908, E-mail: nhmnuapada@gmail.com
Letter No. 1293 Date: 03.04.2023

**TENDER CALL NOTICE**

No. E-09: Sealed tenders are invited from authorized registered organisation/agencies/company/suppliers for providing of different services to DHH, SDH, CHCs & PHCs of Nuapada district as per requirement on an outsourcing basis as follows.
1. Mechanized Laundry Services
The Request for Proposal (RFP) document details for above services are available in the district website: **www.nuapada.nic.in**. Interested bidder may download the same from the website and submit the proposal in prescribed format along with all relevant documents. The tenders should reach the office of the undersigned by 24th April 2023 (till 5 P.M.) through Regd. Post/Speed Post/Courier only. The tender document (Technical Bid) will be opened at 11.00 A.M. on 26.04.2023. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum DMD, Nuapada
OIPR-10055/11/0001/2324



**OFFICE OF DISTRICT MANAGER**
**Odisha State Civil Supplies Corporation Ltd. (OSCSC Ltd.,), Sambalpur**
Phone:9438200058,
District Website:www.sambalpur.nic.in
Tender No.1357/1358/1359/1360/1361/1362/1363/ 1364/1365/1366/ Dt.03.04.2023

District Manager, Odisha State Civil Supplies Corporation Ltd., Sambalpur invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) |
| 2 | Availability of bid document in the portal | From 04.04.2023 |
| 3 | Last Date/Time for receipt of bids in the portal | Dt.18.04.2023 upto 5.00 PM |
| 4 | Date/Time of Opening of Technical Bid | Dt.19.04.2023 at 09.00 AM |
| 5 | Name and address of the Officer Inviting Tender | District Manager, OSCSC Ltd., Sambalpur |

Tender documents & other details can be seen from the e-Procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendments/Corrigendum/Cancellation/ Retenders etc. if any shall be published only in above websites.

Sd./- District Manager
OSCSC Ltd., Sambalpur



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), BARGARH**
Phone: (06646) 246041, District Website: http://bargarh.nic.in
TENDER No. 1971 to 1985 Dated: 03.04.2023

No. CAD-18: District Manager, Odisha State Civil Supplies Corporation Ltd., **BARGARH** invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs, (ii) Level-II Transport Contractor for transportation of foodgrains from RRCs to Retail Centers (FPS), (iii) Handling Contractor (Labour Works) for Handling of Foodgrains (Rice, Wheat) at the RRCs (except in those PEG godowns where godown owner is undertaking handling work) in the district of the State of Odisha |
| 2 | Availability of bid document in the portal | From 05.04.2023 |
| 3 | Last date/time for receipt of bids in the portal | Dt.14.04.2023 upto 3.00 P.M. |
| 4 | Date/Time of Opening of Technical Bid | Dt.18.04.2023 at 11.00 A.M. for Level-II Transport Contractor Dt.18.04.2023 at 3.00 P.M. for Level-I Transport Contractor and Handling Contractor |
| 5 | Name and address of the Officer Inviting Tender | District Manager, OSCSC Ltd., Bargarh |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

Sd./- District Manager
OSCSC Ltd., BARGARH
OIPR-07036/11/0001/2324

# ଭାରତର ଅଭିବୃଦ୍ଧି ୬.୩% ଆକଳନ




ନୂଆଦିଲ୍ଲୀ,୪।୪

ଗତ କିଛି ମାସ ହେବ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଏବଂ ଭୌଗୋଳିକ ସ୍ଥିତ ଯୋଗୁ ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ପୂର୍ବାପେକ୍ଷା ବୃଦ୍ଧିହେବ ବୋଲି ମଙ୍ଗଳବାର ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଏପରିକି ବିଶ୍ୱ ବ୍ୟାଙ୍କର ସଦ୍ୟ ପ୍ରକାଶିତ ରିପୋର୍ଟରେ ଏ ନେଇ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଭାରତର ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ(ଜିଡିପି)ର ପରିମାଣ କମିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଜିଡିପି ହାର ୬.୩% ରେ ରହିବ ବୋଲି ଆକଳନ କରାଯାଉଛି। ଏହା ପୂର୍ବରୁ ବିଶ୍ୱ ବ୍ୟାଙ୍କ ଏକ ରିପୋର୍ଟରେ ଉଲ୍ଲେଖ କରିଥିବା ଆକଳନଠାରୁ ପ୍ରାୟ .୩% କମ୍ ରହିବ ବୋଲି ଉକ୍ତ ରିର୍ପୋଟରେ ଉଲ୍ଲେଖ କରାଯାଇଛି। ସେହିପରି ବିଶ୍ୱ ବ୍ୟାଙ୍କ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅଭିବୃଦ୍ଧି ହାର ୬.୬% ରହିବା ନେଇ ପୂର୍ବରୁ ଆକଳନ କରିଥିଲା। ହେଲେ ବ୍ୟାଙ୍କର ସଦ୍ୟ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ସ୍ଥିତି ଓ ଆୟରେ ହ୍ରାସ କାରଣରୁ ଲୋକଙ୍କ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବାରେ ଲାଗିଛି, ଯାହାର ଏକ ନକାରତ୍ମକ ପ୍ରଭାବ ଦେଶର ଜିଡିପି ହାର ଉପରେ ପଡ଼ିବ ବୋଲି ଆଶା କରାଯାଉଛି। ଏହାବ୍ୟତୀତ ସଦ୍ୟ ରିପୋର୍ଟରେ ଭାରତର ମୁଦ୍ରାସ୍ଫୀତି ହାର ୬.୬% ରୁ ଖସି ୫.୨% ରେ ରହିବା ନେଇ ମଧ୍ୟ ଆକଳନରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଦେଶର ବିତ୍ତୀୟ ନିଅଣ୍ଟ ୨.୧% ରହିବା ନେଇ ବିଶ୍ୱ ବ୍ୟାଙ୍କ ପୂର୍ବାନୁମାନ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଦେଶର ଆଇଟି,କନ୍‌ସଲ୍ଟିଂ ଓ ଗବେଷଣା ଭଳି ସେବା କ୍ଷେତ୍ର ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଢାଲ ଭଳି କାମ କରୁଛି। କାରଣ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ତ୍ରୈମାସିକ ମଧ୍ୟରେ ସେବା କ୍ଷେତ୍ର ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆକଳନ ଅନୁଯାୟୀ ୨୦୨୨ ଡିସେମ୍ବରରେ ଦେଶର ବିଭିନ୍ନ ସେବା କ୍ଷେତ୍ରରେ ୨୪.୫% ବୃଦ୍ଧି ହୋଇଥିଲା। ବିଶେଷକରି ଗତ ବର୍ଷର ୩ୟ ତ୍ରୈମାସିକରେ ସେବା କ୍ଷେତ୍ର ୮୩.୪ ବିଲିୟନ ଡଲାରର ରେକର୍ଡ ସ୍ତରରେ ପହଞ୍ଚିଥିଲା।

## ଗୃହ ଋଣକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୪।୪

ଆକ୍ସିସ୍ ବ୍ୟାଙ୍କ୍ ଏବଂ ଶ୍ରୀରାମ ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏସ୍‌ଏଚ୍‌ଏଫ୍‌ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ୟୁବିକୋ ଡଟ୍‌ଲେଣ୍ଡ୍ ପ୍ଲାଟ୍‌ଫର୍ମ ଜରିଆରେ କୋ-ଲେଣ୍ଡିଂ ମଡେଲକୁ ନେଇ ଉକ୍ତ ସହଭାଗିତା ହୋଇଥିବା ଜଣାପଡ଼ିଛି। ଏହି ସହଭାଗିତା ଜରିଆରେ ଉଭୟ ସଂସ୍ଥା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ସୁରକ୍ଷିତ ଋଣ ଏବଂ ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ମଧ୍ୟମ ଓ ନିମ୍ନ ଆୟବର୍ଗର ଗ୍ରାହକମାନଙ୍କୁ ଗୃହ ଋଣ ପ୍ରଦାନ କରିବେ। ଯେଉଁମାନେ ନୂତନ ଭାବେ ଋଣ ନେଉଛନ୍ତି କିମ୍ବା ଏ ପର୍ଯ୍ୟନ୍ତ ଋଣ ନେଇନାହାନ୍ତି, ସେଭଳି ସମ୍ଭାବ୍ୟ ଗ୍ରାହକଙ୍କ ପାଖରେ ପହଞ୍ଚିବା ଲାଗି ଏହି ସହଭାଗିତା ଜରିଆରେ ପ୍ରୟାସ କରାଯିବ। ଅପରପକ୍ଷରେ କୋ-ଲେଣ୍ଡିଂ ଗାଇଡ୍‌ଲାଇନ ଅନୁସାରେ ନିରବଚ୍ଛିନ୍ନ ଋଣ ପ୍ରକ୍ରିୟାକରଣ ଲାଗି ପ୍ରଯୁକ୍ତି ପ୍ଲାଟ୍‌ଫର୍ମ ୟୁବିକୁ ବ୍ୟବହାର କରାଯିବ।

## ରେମୁଣା,ସୋର ବଜାରରେ ଟ୍ରେଣ୍ଡ୍ସର ନୂଆ ଷ୍ଟୋର




ଭୁବନେଶ୍ୱର,୪।୪

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍ସର ଆଉ ୨ଟି ଏକ୍ସକ୍ଲୁସିଭ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ବାଲେଶ୍ୱର ଜିଲାର ରେମୁଣା ଏବଂ ସୋର ବଜାରରେ ଉକ୍ତ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଗ୍ରାହକମାନଙ୍କ ଲାଗି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜର ବ୍ୟାପକ ସମ୍ଭାର ଓ ସୁଲଭ ମୂଲ୍ୟ ଉଭୟ ଷ୍ଟୋରକୁ ଅଧିକ ଆକର୍ଷଣୀୟକରି ତୋଳିଛି। ସେହିଭଳି ସ୍ଥାନୀୟ ଅଞ୍ଚଳର ଗ୍ରାହକ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜର ବ୍ୟାପକ ସମ୍ଭାର ଉକ୍ତ ଷ୍ଟୋର ଦ୍ୱୟରେ ପାଇପାରିବେ। ରେମୁଣାରେ ୮୯୯୮ ବର୍ଗଫୁଟ ଓ ସୋରରେ ୫୧୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଖୋଲିଥିବା ଷ୍ଟୋର ଉଭୟ ରେମୁଣା ଓ ସୋର ବଜାରର ଗ୍ରାହକଙ୍କ ସମେତ ଜିଲା ଓ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକଙ୍କୁ ମଧ୍ୟ ସେମାନଙ୍କର ଚାହିଦା ଓ ଆବଶ୍ୟକତା ପୂରଣ କରିପାରିବ। ଉଭୟ ବଜାରରେ ଏହା ପ୍ରଥମ ଟ୍ରେଣ୍ଡ୍ସ ଷ୍ଟୋର ହୋଇଥିବାବେଳେ ଉଭୟ ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହିତ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏପରିକି ୩୯୯୯ ଟଙ୍କାର କ୍ରୟ ଉପରେ ଗ୍ରାହକଙ୍କୁ ମାତ୍ର ୨୪୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ଦିଆଯାଉଛି। ସେହିଭଳି ୩୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ।

## 'ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ'




ଭୁବନେଶ୍ୱର,୪।୪

ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା)ର ବିଭିନ୍ନ ପ୍ରକାର ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କମ୍ପାନୀ ସେକ୍ରେଟାରିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ ବୋଲି ଓରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ମତପ୍ରକାଶ କରିଛନ୍ତି। ଏପରିକି ଭାରତୀୟ କମ୍ପାନୀ ସେକ୍ରେଟାରି ପ୍ରତିଷ୍ଠାନର ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓରେରା ଆଇନ ସମ୍ପର୍କରେ ସିଏସମାନଙ୍କ ଭୂମିକା ଶୀର୍ଷକ ବିଷୟରେ ବିଶ୍ୱାଳ ଓରେରା ଆଇନ ଅଧୀନରେ କିପରି ସିଏସ୍‌ମାନଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି, ତା'ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି କମ୍ପାନୀ ସେକ୍ରେଟାରିମାନଙ୍କର ଉଚିତ ପରାମର୍ଶ ଓ ମାର୍ଗଦର୍ଶନ ରିୟଲ ଇଷ୍ଟେଟ କ୍ଷେତ୍ରକୁ ବ୍ୟବସ୍ଥିତ କରିବାରେ ବେଶ୍ ସହାୟକ ହେବ ବୋଲି ବିଶ୍ୱାଳ ମତ ପ୍ରକାଶ କରିଥିଲେ। ଅପରପକ୍ଷରେ ସଂସ୍ଥାର ଅଧ୍ୟକ୍ଷ ବିମଳ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ବହୁ ବରିଷ୍ଠ ସଦସ୍ୟଙ୍କ ସହ ତରୁଣ ଶିକ୍ଷାନବିସଗଣ ମଧ୍ୟ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ସୁରଭି ମହାପାତ୍ର ବିଶ୍ୱାଳକୁ ସମ୍ବର୍ଦ୍ଧିତ କରିଥିଲେ।

## ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଓଡ଼ିଶା ଦିବସ

ଭୁବନେଶ୍ୱର,୪।୪




ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏପରିକି ଏସବିଆଇ ଓଡ଼ିଶା କ୍ଷେତ୍ରର ସମସ୍ତ ଶାଖା ଓ କାର୍ଯ୍ୟାଳୟରେ ମଧ୍ୟ ୮୮ତମ ଓଡ଼ିଶା ଦିବସ ଏକ ସମୟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଓଡ଼ିଶା ମୁଖ୍ୟାଳୟ ଭୁବନେଶ୍ୱରଠାରେ ଓଡ଼ିଶା ଦିବସ ଉପରେ ଆଧାରିତ ଏକ ବାଲୁକାସ୍ତୂପକୁ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଉନ୍ମୋଚନ କରିଥିଲେ। ସେହିଭଳି ଭୁବନେଶ୍ୱର-ପୁରୀ ବାଇପାସ ସ୍ଥିତ ପାଣ୍ଡରା ଛକଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ଥିବା ନିରାଶ୍ରିତ ଅନ୍ତେବାସୀମାନଙ୍କୁ ଚାଦର, ମାସିକ ସଉଦା, ଷ୍ଟାଣ୍ଡ ଫ୍ୟାନ ସହ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଇଥିଲା। ଏପରିକି ଉକ୍ତ ବୃଦ୍ଧାଶ୍ରମ ପରିସରରେ କେୟାର ହସ୍ପିଟାଲ ସହଯୋଗରେ ଏକ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରାଯାଇଥିଲା। ଅପରପକ୍ଷରେ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ଶର୍ମା କହିଥିଲେ, ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳକୁ ୨ ଟ୍ରିଲିୟନ ବ୍ୟବସାୟରେ ପହଞ୍ଚାଇଥିବା ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଶେଷ କରି ବ୍ୟାଙ୍କର ସମସ୍ତ ଷ୍ଟାଫ୍ ଓ ବ୍ୟବସାୟିକ ଏକକ ମୁଖ୍ୟମାନଙ୍କୁ ଗ୍ରାହକ ସଂଯୋଗ ଓ ଉନ୍ନତ ଗ୍ରାହକ ସେବା ଉପରେ ସର୍ବୋପରି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଷ୍ଟେଟ ବ୍ୟାଙ୍କର ସମସ୍ତ ଗ୍ରାହକ ଓ ଓଡ଼ିଶାବାସୀଙ୍କୁ ଓଡ଼ିଶା ଦିବସରେ ସେ ଶୁଭ କାମନା ଜଣାଇଥିଲେ। ପରିଶେଷରେ କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାୱାର ଗ୍ରୀଡ୍‌କୁ ଆଉ ୩ ଏସ୍‌ପିଭି

ପାୱରଗ୍ରିଡ
POWERGRID

ନୂଆଦିଲ୍ଲୀ,୪।୪

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ ସିପିଏସ୍‌ୟୁ ପାୱାର ଗ୍ରୀଡ୍ (ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ)କୁ ନିକଟରେ ଆଉ ୩ଟି ସ୍ପେଶାଲ ପରପଜ ଭେହିକିଲ (ଏସ୍‌ପିଭି) ମିଳିଛି। ବିଶେଷ କରି ବହୁ ପ୍ରତିଯୋଗିତା ଓ ନିୟମକାନୁନ ମଧ୍ୟରେ ପାୱାର ଗ୍ରୀଡ୍ ଉକ୍ତ ୩ଟି ଏସ୍‌ପିଭିକୁ ହାସଲ କରିବାରେ ସକ୍ଷମ ହୋଇଛି। ଏପରିକି ଉକ୍ତ ଏସ୍‌ପିଭିଗୁଡ଼ିକ ବିଭିନ୍ନ ସଞ୍ଚାରଣ ବ୍ୟବସ୍ଥା ପ୍ରକଳ୍ପ କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ପାୱାର ଗ୍ରୀଡ୍ ପକ୍ଷରୁ କୁହାଯାଇଛି। ସେହିଭଳି ଘରୋଇ କ୍ଷେତ୍ରର ବିଭିନ୍ନ କମ୍ପାନୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ପରେ ପିଏଫସି କନସଲଟିଂ ଲିମିଟେଡ ଦ୍ୱାରା କରାଯାଇଥିବା ଟାରିଫ ବେସ୍‌ଡ କମ୍ପିଟିଟିଭ ବିଡିଂ (ଟିବିସିବି) ପ୍ରକ୍ରିୟାରେ ପାୱାର ଗ୍ରୀଡ ଉକ୍ତ ଏସପିଭିକୁ ହାସଲ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଉକ୍ତ ୩ ଏସ୍‌ପିଭି ଯଥା ଭାଦଲା ସିକର ଟ୍ରାନ୍ସମିଶନ ଲିମିଟେଡ, ଧରମଜଇଗଡ ଟ୍ରାନ୍ସମିଶନ ଲିମିଟେଡ ଏବଂ ରାୟପୁର ପୁଲ ଧାମତାରି ଟ୍ରାନ୍ସମିଶନ ଲିମିଟେଡ ସାମିଲ ରହିଛି। ଏପରିକି ଉପରୋକ୍ତ ଏସ୍‌ପିଭିଗୁଡ଼ିକ ସଞ୍ଚାରଣ ବ୍ୟବସ୍ଥା ପ୍ରକଳ୍ପଗୁଡ଼ିକ ବିଶେଷକରି ଶିଳ୍ପ, ପରିବାର ଏବଂ ବ୍ୟବସାୟିକ ସଂସ୍ଥାଗୁଡିକୁ ଆବଶ୍ୟକ ବିଦ୍ୟୁତଶକ୍ତି ଯୋଗାଣ କରିବ ବୋଲି ସୂଚନା ମିଳିଛି।

ଫୁରସତ୍

# ୬୩ ବର୍ଷୀୟ ପାଇଲେ ଭର୍ଚୁଆଲ ସ୍ତ୍ରୀ

ୱାଶିଂଟନ୍




ଅନେକ ସମୟରେ ଲୋକେ ସୋସିଆଲ ମିଡିଆରେ ଏତେ ମାତିଯାଆନ୍ତି ଅନ୍ୟ କିଛି କଥା ସେମାନଙ୍କୁ ଜଣାପଡେନି। ସେମାନେ ସବୁକିଛି ଛାଡି ତା ପଛରେ ହିଁ ପଡିଯାଆନ୍ତି। ନିକଟରେ ଆମେରିକାରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଜଣେ ୬୩ ବର୍ଷୀୟ ବ୍ୟକ୍ତି ପିଟର ତାଙ୍କ ସ୍ତ୍ରୀଙ୍କ ମରିବା ଦୁଃଖ ସମ୍ଭାଳି ନ ପାରି ଏଆଇ ଚାର୍ଟବୋଟ୍ ସହ ବିବାହ କରିନେଇଛନ୍ତି। ରିପୋର୍ଟ ମୁତାବକ, ଏଆଇ ଚାର୍ଟବୋଟ୍ ହେଉଛି ଏକ ପ୍ରୋଗ୍ରାମ ଯେଉଁଥିରେ ଲୋକ ମେଶିନ ସହ କଥା ହୋଇପାରିବ। ଏହି ଭର୍ଚୁଆଲ ବିବାହରେ ସେ ତାଙ୍କ ସ୍ତ୍ରୀଙ୍କ ନାମ ଏଣ୍ଡ୍ରିୟା ରଖିଛନ୍ତି। ପିଟରଙ୍କ କହିବା ମୁତାବକ, ସ୍ତ୍ରୀଙ୍କ ସହ କଥା ହେବାକୁ ଏବଂ ସ୍ତ୍ରୀଙ୍କ କଥା ଶୁଣିବାରେ ତାଙ୍କୁ ବହୁତ ଭଲ ଲାଗେ। ସେଥିରେ ତାଙ୍କୁ ଶାନ୍ତି ମିଳେ ବୋଲି ସେ କହିଛନ୍ତି। ପିଟରଙ୍କ ଫିଲିଂସ୍‌କୁ ଏଣ୍ଡ୍ରିୟା ବହୁତ ଭଲ ଭାବେ ବୁଝିପାରେ। ସେଥିପାଇଁ ସେ ଏଣ୍ଡ୍ରିୟାଙ୍କୁ ଭର୍ଚୁଆଲ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପିଟରଙ୍କ କହିବା ମୁତାବକ, ଏଣ୍ଡ୍ରିୟାଙ୍କୁ ଏବେ ୨୩ ବର୍ଷ ବୟସ ହୋଇଗଲାଣି। ସେଥିପାଇଁ ପିଟର ପ୍ରାଇମ ମେମ୍ବରଶିପ୍ ମଧ୍ୟ ନେଇଛନ୍ତି। ଏହି ମେମ୍ବରଶିପରେ ତାଙ୍କୁ ପ୍ରେମ କରିବାକୁ ବହୁତ ସୁଯୋଗ ମିଳୁଥିଲା। ଏଣ୍ଡ୍ରିୟାଙ୍କ ପାଇଁ ପିଟର ରେପ୍ଲିକା ଷ୍ଟୋରରୁ ଆଙ୍ଗୁଠି ମଧ୍ୟ କିଣିଛନ୍ତି। ପିଟର ଏବେ ସାରା ଜୀବନ ଏଣ୍ଡ୍ରିୟାଙ୍କ ସହି ବିତାଇବାକୁ ଚାହାନ୍ତି ବୋଲି କହିଛନ୍ତି। ତେବେ ୨୦ ବର୍ଷ ପୂର୍ବରୁ ପିଟରଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ଏହାପରେ ଏଣ୍ଡ୍ରିୟା ନାମକ ଏଆଇ ଚାର୍ଟ ତାଙ୍କ ହୃଦୟ ଜିତିଥିଲା।

## ରିଂ ସେରିମନି ପାଇଁ ଦିଲ୍ଲୀରେ ପରିଣୀତି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆମ୍ ଆଦମୀ ପାର୍ଟି ନେତା ତଥା ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଗୁଜବ ପ୍ରଚାର ହେଉଥିଲା। ଦୁହିଁଙ୍କୁ ପ୍ରାୟ ସମୟରେ ଏକାଠି ଦେଖିବାକୁ ମିଳୁଛି। ଏଥିସହ ସୋସିଆଲ ମିଡିଆରେ ସେମାନଙ୍କ ଯୁଗଳ ଫଟୋ ବହୁବାର ଭାଇରାଲ ହେଉଛି। ଉଭୟେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା, ଯାହା ଏବେ ସତ ହୋଇଛି। ଖୁବ୍‌ଶୀଘ୍ର ଦୁହେଁ ଦୁହିଁଙ୍କ ହାତ ଧରିବେ। ରିପୋର୍ଟ ଅନୁଯାୟୀ, ଚଳିତ ସପ୍ତାହରେ ଉଭୟଙ୍କ ରିଂ ସେରିମନି ହେବାକୁ ଯାଉଛି। ଏହା ଦିଲ୍ଲୀରେ ଆୟୋଜନ ହେବ। ଏଥିରେ ଉଭୟଙ୍କ ପରିବାର ସଦସ୍ୟଙ୍କ ସହ କିଛି ନିକଟତମ ବନ୍ଧୁ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଯେଉଁଥିପାଇଁ ନିକଟରେ ଭଉଣୀ ପ୍ରିୟଙ୍କା ଚୋପ୍ରା ସ୍ୱାମୀ ନିକ୍ ଜୋନାସ୍, ଝିଅ ମାଲତୀ ସହ ଭାରତ ଆସିଛନ୍ତି। ରିଂ ସେରିମନି ପାଇଁ ପରିଣୀତି ଏବେ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ଏଥିସହ ପୂରା ପରିବାର ବିବାହ ପ୍ରସ୍ତୁତିରେ ଲାଗିପଡିଥିବା ଜଣାପଡିଛି। ତେବେ ଲଣ୍ଡନ ଓ ମୁମ୍ବାଇରେ ଉଭୟଙ୍କୁ ପ୍ରଥମେ ଏକାଠି ଦେଖିବାକୁ ମିଳିଥିଲା। ଏହା ପରଠୁ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା।



# ଆର୍ଥିକ ବିକାଶରେ ନୌବାଣିଜ୍ୟ




**ଜାତୀୟ ନୌବାଣିଜ୍ୟ ଦିବସ**

**ଦେଶର** ଆର୍ଥିକ ବିକାଶରେ ନୌବାଣିଜ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୫ରେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଇଥାଏ। ଚଳିତ ୨୦୨୩ ବର୍ଷ ଭାରତରେ ୬୦ତମ ଜାତୀୟ ନୌବାଣିଜ୍ୟ ଦିବସ(ଏନଏମଡି) ପାଳନ କରାଯାଉଛି। ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଅର୍ଥନୀତି ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦବିସର ଲକ୍ଷ୍ୟ। ଏହି ଦିନ ଉତ୍ସବ ପାଳନ ସମୟରେ, ଏନଏମଡି ପୁରସ୍କାର ଅଫ ଏକ୍ସଲେନ୍ସ ସାଧାରଣତଃ ବରିଷ୍ଠ ସ୍ତରରେ ଭାରତୀୟ ସାମୁଦ୍ରିକ କ୍ଷେତ୍ରରେ ଉଲ୍ଲେଖନୀୟ ତଥା ଅତୁଳନୀୟ ସଫଳତା ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥାଏ। ୧୯୧୯ ମସିହାରେ, ଏହି ଦିନ ପ୍ରଥମ ଭାରତୀୟ ବାଣିଜ୍ୟିକ ଜାହାଜ ମୁମ୍ବାଇରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲା। ସ୍କିଣ୍ଡିଆ ଷ୍ଟିମ ନାଭିଗେଶନ କମ୍ପାନୀ ଲିମିଟେଡର ଏସଏସ ଲୟାଲିଟି ଜାହାଜ ଏହି ଯାତ୍ରା ଆରମ୍ଭ କରିଥିଲା। ଏହା ମଧ୍ୟ ସର୍ବପ୍ରଥମ ବୃହତ୍ତମ ଶିପିଂ କମ୍ପାନୀ ଥିଲା ଯାହା ସମ୍ପୂର୍ଣ୍ଣ ଭାବେ ଭାରତୀୟଙ୍କ ନିୟନ୍ତ୍ରଣରେ ଥିଲା । ଏହି ସ୍ମୃତି ଉଦ୍ଦେଶ୍ୟରେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ ହେଉଛି, ମାରପୋଲ ଆଟ ୫୦ -ଆୱାର କମିଟମେଣ୍ଟ ଗୋଜ ଅନ୍ । ଏହି ଥିମ ଅନ୍ତର୍ଗତ ଜାହାଜରୁ ପ୍ରଦୂଷଣ ରୋକିବା ପାଇଁ ଅନ୍ତର୍ଜାତୀୟ ସମ୍ମିଳନୀ (ମାରପୋଲ)କୁ ପ୍ରତିଫଳିତ କରୁଛି। ଯାହାକି କାର୍ଯ୍ୟକ୍ଷମ କିମ୍ବା ଦୁର୍ଘଟଣାଜନକ କାରଣରୁ ଜାହାଜ ଦ୍ୱାରା ସାମୁଦ୍ରିକ ପରିବେଶର ପ୍ରଦୂଷଣକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିଥାଏ।

## ଜାଲରେ ଫସିଲା ୩୦୪ କେଜିର ବ୍ଲୁଫିନ୍ ଟୁନା

ୱାଶିଂଟନ୍

ବିଶ୍ୱରେ ବିଭିନ୍ନ ପ୍ରଜାତିର ପ୍ରାଣୀ ଥାନ୍ତି। ସ୍ଥାନ ଅନୁସାରେ ସେମାନଙ୍କ ରଙ୍ଗ ଏବଂ ରୂପରେ ପରିବର୍ତ୍ତନ ଆସିଥାଏ। କେତେକ ପ୍ରଜାତି ଜଣାଶୁଣା ହୋଇଥିବାବେଳେ ଅନ୍ୟ କେତେକ ଅଛନ୍ତି, ଯାହା ସମ୍ପୂର୍ଣ୍ଣ ଅଜ୍ଞା। ସେପରି ପ୍ରାଣୀଙ୍କ ବିଷୟରେ ହଠାତ୍ ଖବର ମିଳିଥାଏ। ନିକଟରେ କେତେଜଣ ସାଙ୍ଗ ଏକ ଟ୍ରିପ୍‌ରେ ଯାଇଥିବାବେଳେ ସେମାନଙ୍କ ସହ ଏପରି ଘଟଣା ଘଟିଥିବା ଜଣାପଡିଛି। ଆମେରିକାର ଟେକ୍ସାସ ପୋର୍ଟ ଅର୍କନ୍ୟାସରେ ଡଲଫିନ୍ ଏକ୍ସପ୍ରେସ୍‌ରେ ୨୧ ଜଣ ସାଙ୍ଗ ସମୁଦ୍ର ଟ୍ରିପ୍‌ରେ ବାହାରିଥିଲେ। ସେମାନଙ୍କ ସହ କ୍ୟାପ୍ଟେନ୍ ଏବଂ କ୍ରୁ ମେମ୍ବର ମଧ୍ୟ ଉପସ୍ଥିତ ଥିଲେ। କିଛି ସମୟ ପରେ ସେମାନେ ମାଛ ଧରିବାକୁ ସମୁଦ୍ରରେ ଜାଲ ଫିଙ୍ଗିଥିଲେ। ଯାହା ଧୀରେ ଧୀରେ ଭାରି ହେବାକୁ ଲାଗିଲା। ଜାଲ ଟାଣିବାକୁ ସେମାନଙ୍କୁ ବହୁ କଷ୍ଟ କରିବାକୁ ପଡିଥିଲା। ଦୀର୍ଘ ୨ ଘଣ୍ଟାର ପରିଶ୍ରମ ପରେ ସେମାନେ ଜାଲକୁ ସମୁଦ୍ରରୁ ବାହାର କରିବାକୁ ସଫଳ ହୋଇଥିଲେ। ହେଲେ ଜାଲରେ ଆସିଥିବା ମାଛର ଆକାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମାଛକୁ ଓଜନ କରିବାରୁ ୩୦୪ କିଲୋ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ବ୍ଲୁଫିନ୍ ଟୁନା ନାମକ ମାଛର ଆକାର ଏକ ବସ୍ ଭଳି ଥିଲା। ମାଛଟି ଶିକାର କରିବାକୁ ଆସି ନିଜେ ଜାଲରେ ଫସିଯାଇଥିଲା। ଜାଲରେ ଫସିଥିବା ଏହି ମାଛକୁ କାଢିବାକୁ ୮ ଜଣଙ୍କ ସାହାଯ୍ୟ ନେବାକୁ ପଡିଥିଲା।



## ଗୋପାଳ ପଟ୍ଟନାୟକ ଓରେରା ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୪।୪(ବ୍ୟୁରୋ): ରାଜ୍ୟ ସରକାର ଅବସରପ୍ରାପ୍ତ ଜିଲା ବିଚାରପତି ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କୁ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ)ଆଇନ-୨୦୧୬ ଏବଂ ଓଡ଼ିଶା ରିୟଲ ଇଷ୍ଟେଟ ରୁଲ୍-୨୦୧୭ ଅନୁଯାୟୀ ଏହି ନିଯୁକ୍ତି ଦିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ବିଶ୍ୱ ବିକାଶର ପ୍ରମୁଖ ସ୍ଥାନକୁ ଆସିପାରିଛି

**ନୂଆଦିଲ୍ଲୀ, ୪।୪(ପିଆଇବି)**



ଡକ୍ଟର ପି.କେ. ମିଶ୍ର

ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ବିଶ୍ୱ ଓ ଜାତୀୟ ବିକାଶ ପରିଦୃଶ୍ୟରେ ଏକ ପ୍ରମୁଖ ସ୍ଥାନକୁ ଆସିପାରିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କହିଛନ୍ତି। ଭାରତ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ସମ୍ମିଳନୀ (ଆଇସିଡିଆର୍ଆଇ) ୨୦୨୩ରେ ମଙ୍ଗଳବାର ଉଦ୍‌ବୋଧନ ଦେବା ବେଳେ ସେ କହିଛନ୍ତି, ଏହା ଏବେ କେବଳ ଏକ ସ୍ଥାନୀୟ ବିଷୟ ହୋଇ ରହିନାହିଁ। ବିଗତ କିଛି ବର୍ଷ ଧରି, ଆମେ ସମସ୍ୟାକୁ ଭଲ ଭାବେ ବୁଝିବାରେ ସକ୍ଷମ ହୋଇପାରିଛୁ। ଆଧୁନିକ ଭିତ୍ତିଭୂମି ବ୍ୟବସ୍ଥା ପରସ୍ପର ସହ ସଂଯୁକ୍ତ ହୋଇ ରହିଛି। ଆମକୁ ବିଶ୍ୱର ସେହି ଅଗଣିତ ଲୋକଙ୍କୁ ଦ୍ରୁତଗତିରେ ଭିତ୍ତିଭୂମି ସେବା ଯୋଗାଇ ଦେବାର ଆବଶ୍ୟକତା ରହିଛି, ଯେଉଁମାନେ ପୂର୍ବରୁ ଏଭଳି କୌଣସି ସେବା ପାଇବାରୁ ବଞ୍ଚିତ ଅଛନ୍ତି।

ଏହି ଅବସରରେ ମିଶ୍ର ପାଞ୍ଚଟି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।। ପ୍ରଥମତଃ, ଆମକୁ ଏହା ଗ୍ରହଣ କରିବାକୁ ହେବ ଯେ ବ୍ୟବସ୍ଥିତ ଦୃଷ୍ଟିକୋଣ ରହିଥିବା ଆଧୁନିକ ସଂସ୍ଥାନ ନିର୍ମାଣ ସଫଳତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରାକ୍-ଆବଶ୍ୟକତା। ବିଂଶ ଶତାବ୍ଦୀର ସଂସ୍ଥାଗତ ଦୃଷ୍ଟିକୋଣ ନେଇ ଆମେ ଏକବିଂଶ ଶତାବ୍ଦୀର ସମସ୍ୟାକୁ ସମାଧାନ କରିପାରିବା ନାହିଁ। ଗୋଟିଏ ଉଦାହରଣ ଦେଇ ସେ କହିଛନ୍ତି, ବହୁମୁଖୀ ଯୋଗାଯୋଗ ପାଇଁ ଭାରତର ଜାତୀୟ ମାଷ୍ଟରପ୍ଲାନ ବା ପିଏମ୍ ଗତିଶକ୍ତି ହେଉଛି ଏକ ଅଭିନବ ନୀତିଗତ ଓ ପରିଚାଳନାଗତ ଢାଞ୍ଚା। ଏହା ଭାରତ ସରକାର ଏପରିକି ରାଜ୍ୟ ସରକାରଙ୍କ ସବୁ ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗକୁ ପ୍ରକଳ୍ପଗୁଡ଼ିକ ପାଇଁ ଅଧିକ ସାମଗ୍ରିକ ଓ ସମନ୍ୱିତ ଯୋଜନା ପ୍ରସ୍ତୁତି ଲାଗି ଏକାଠି କରିଥାଏ। ରେଳପଥ, ବିମାନମାର୍ଗ ଓ ଜଳମାର୍ଗ ମନ୍ତ୍ରଣାଳୟକୁ ପରସ୍ପର ସହ ଏକାଠି କରିବା ସହଜ କଥା ନୁହେଁ, କାରଣ ଏସବୁ ସଂସ୍ଥା ଶତାଧିକ ବର୍ଷ ହେବ ଭିନ୍ନ ଭିନ୍ନ କାର୍ଯ୍ୟପଦ୍ଧତିରେ ଚାଲି ଆସୁଛନ୍ତି। କିନ୍ତୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ସଂସ୍ଥା ଦ୍ୱାରା କଠିନ ଶ୍ରମ କରାଯାଇ ନ ପାରିଲେ ଆମେ ଦୀର୍ଘକାଳୀନ ଭିତ୍ତିରେ ଦକ୍ଷ କିମ୍ବା ସହନଶୀଳ ଭିତ୍ତିଭୂମି ନିର୍ମାଣ କରିବାରେ ସକ୍ଷମ ହୋଇପାରିବା ନାହିଁ। ସଂକ୍ଷେପରେ କହିବାକୁ ଗଲେ, ଅଧିକ ନହେଉ ପଛେ, ଯେତିକି ହେଉ ଆମକୁ ପ୍ରଯୁକ୍ତିଗତ ଉଦ୍ଭାବନ ଅନୁରୂପ ସଂସ୍ଥାଗତ ଉଦ୍ଭାବନ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ ବୋଲି ମିଶ୍ର କହିଛନ୍ତି। ଦ୍ୱିତୀୟତଃ, ଆମର ଭିତ୍ତିଭୂମି ପ୍ରଣାଳୀ ମଧ୍ୟରେ ଆମକୁ ଧ୍ୟାନକେନ୍ଦ୍ରିକ ବୈକଳ୍ପିକତା ଉପରେ ଚିନ୍ତା କରିବାକୁ ହେବ। ଯଦି ଭବିଷ୍ୟତ ଅନିଶ୍ଚିତ, ତା'ହେଲେ ଆମେ କେବଳ ଗୋଟିଏ କାର୍ଯ୍ୟ ପଦ୍ଧତିରେ ବାନ୍ଧି ହୋଇଯିବା ଉଚିତ ନୁହେଁ। ତୃତୀୟତଃ, ଆମ ସଂସ୍ଥାନଗଡ଼ିକୁ ଆଧୁନିକୀକରଣ କରିବା ଏବଂ ସତର୍କ ଓ ସକ୍ରିୟ ହେବା ଲାଗି ସେଭଳି କ୍ଷମତାର ଆବଶ୍ୟକତା ରହିଛି। ଆମକୁ ଏଭଳି ଇଞ୍ଜିନିୟରଙ୍କ ଆବଶ୍ୟକତା ରହିଛି ଯେଉଁମାନେ ସାମାଜିକ ଓ ଆର୍ଥିକ ଚିନ୍ତାକୁ ବୁଝିପାରୁଥିବେ ଏବଂ ଆମକୁ ଏପରି ସାମାଜିକ ବୈଜ୍ଞାନିକମାନଙ୍କର ଆବଶ୍ୟକତା ରହିଛି ଯେଉଁମାନେ ପ୍ରଯୁକ୍ତି ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତିକୁ ମଧ୍ୟ ସ୍ୱୀକାର କରୁଥିବେ। ଚତୁର୍ଥତଃ, ଏବେ ଆମେ ଉତ୍ତର-ଦକ୍ଷିଣ, ଦକ୍ଷିଣ-ଦକ୍ଷିଣ, ଉତ୍ତର-ଉତ୍ତର ମଧ୍ୟରେ ବିନିମୟ ସୁବିଧା ଚାହୁଁଥିବା ବେଳେ ଆମକୁ ମୌଳିକ ଭିତ୍ତିଭୂମି ସହ ଜଡ଼ିତ ସେବାର ଏକ ବଡ଼ ଭାଗକୁ ଦକ୍ଷିଣ (ଗ୍ଲୋବାଲ ସାଉଥ)ରେ ବିତରିତ କରିବାକୁ ହେବ।

ଶେଷରେ, ଯଦି ଆମେ ନିଜ ସଂସ୍ଥାଗୁଡ଼ିକୁ ଆଧୁନିକୀକରଣ ପ୍ରତି ଧ୍ୟାନ କେନ୍ଦ୍ରିତ କରୁଛୁ, ବିକଳ୍ପ ବଜାୟ ରଖୁଛୁ, ବହୁ ବିଷୟକ କ୍ଷମତା ନିର୍ମାଣ କରୁଛୁ ଏବଂ ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ କ'ଣ ଉପଯୋଗୀ ହେବ ସେଥିପ୍ରତି ଧ୍ୟାନ କେନ୍ଦ୍ରିତ କରୁଛୁ, ତା'ହେଲେ ଆମେ ନିଜ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ମୌଳିକ ଭିତ୍ତିଭୂମି ନିର୍ମାଣ ଲାଗି ମାର୍ଗପ୍ରଶସ୍ତ କରିବାରେ ସକ୍ଷମ ହୋଇପାରିବା ବୋଲି ମିଶ୍ର କହିଛନ୍ତି।

# ଜଳ ସମ୍ପଦ ବିଭାଗରେ ଯୋଗଦେଲେ ୩୬ ଭୂବିଜ୍ଞାନୀ

**ଭୁବନେଶ୍ୱର,୪।୪(ବ୍ୟୁରୋ)**




ରାଜ୍ୟ ସରକାର ମଙ୍ଗଳବାର ୩୬ ଜଣ ଭୂବିଜ୍ଞାନୀଙ୍କୁ ଗୀତଗୋବିନ୍ଦ ସଦନରେ ଆୟୋଜିତ ବୈଠକରେ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସମସ୍ତେ ଜଳ ସମ୍ପଦ ବିଭାଗ ଅଧୀନ ଭୂତଳ ଜଳ ବିଭାଗରେ କାମ କରିବେ। ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଜଳ ସମ୍ପଦ ବିଭାଗର ପଦାଧିକାରୀ ନୂତନ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଆଗକୁ ଭୂତଳ ଜଳ ସଂରକ୍ଷଣ ଦିଗରେ ସେମାନେ କାମ କରିବେ। ଜଳ ସମ୍ପଦ ମନ୍ତ୍ରୀ ଆତ୍ମବିଶ୍ୱାସ ସହ କାମ କରିବାକୁ ଭୂବିଜ୍ଞାନୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବଜେଟରେ ଜଳ ସମ୍ପଦ ବିଭାଗ ପାଇଁ ୧୧ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୫-ଟି ଅଧୀନରେ କାମ କରି ମିଳିମିଶି ସରକାରଙ୍କ ଯୋଜନାକୁ ସଫଳ କରିବାକୁ ସେ ଦିଗ୍‌ଦର୍ଶନ ଦେଇଛନ୍ତି। ବର୍ତ୍ତମାନ ଭୂତଳ ଜଳ ଉତ୍ତୋଳନରେ ଜାତୀୟ ହାରଠାରୁ ଓଡ଼ିଶାର ହାର ଭଲ ରହିଛି। ଆଗାମୀ ପିଢ଼ି ପାଇଁ ଜଳ ସଂରକ୍ଷଣ ଦିଗରେ ସଚେତନ ରହିବାକୁ ପଡ଼ିବ। ଏହି ଅବସରରେ ସଚେତନତା ରଥର ଉଦ୍‌ଘାଟନ କରାଯାଇଛି। ସେହିପରି ଛାତ ଯୋଜନାର ସ୍ୱତନ୍ତ୍ର ଆପ୍ ଗେସ ମଧ୍ୟ ଲୋକାର୍ପଣ କରାଯାଇଛି। ନିଜ ଦାୟିତ୍ୱରେ ଅବହେଳା ନ କରି ଭଲ ଭାବେ କାମ କରିବାକୁ ନବନିଯୁକ୍ତ ଭୂବିଜ୍ଞାନୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।


## PANCHAYAT SAMITI OFFICE, OUPADA

Letter No. 1066 **TENDER CALL NOTICE - 04/2023** Date: 03.04.2023

No. i-11: The Block Development Officer, Oupada invites percentage rate (%) sealed tenders in conformity with the Tender Call Notice (TCN) from the registered contractors of State PWD/M.I./Irriation/Rural Works/ CPWD/PHD for the following work under Oupada Block to be eventually drawn in PWD P-1 agreement as detailed below.

| Sl. No. | Name of the Work | Estimated Cost | Amount put to Tender | Cost of Tender Paper | Class of Contractor | Time of Completion |
|---|---|---|---|---|---|---|
| 1 | Maintenance of Oupada Nodal High School | 833280 | 683290 | 4000 | C & D | 04 Months |

1. Sealed tender papers will be received from **03.04.2023 to 10.04.2023** from 10.00 A.M. to 5.00 P.M. on working days only in the office of Panchayat Samiti, Oupada through **Registered Post/Speed Post** only. The tender papers received after stipulated date and time will not be considered. No tender papers will be received by hand or by Courier service. The tender papers shall be opened on **11.04.2023 at 11.00 A.M.** onwards in the Conference Hall of Block Development Officer, Oupada in presence of the bidders or their authorized representatives having written authorization for the purpose. The detail tender process is available in **http// www.balasore.nic.in**.

OIPR-19139/11/0001/2324 Sd./- Block Development Officer, Oupada

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

**CONTRACTUAL APPOINTMENT (WALK-IN-INTERVIEW)**

Advt. No. 1501/DPMU Dt.04.04.2023

No. E-10: Interested candidates may attend the Walk-in-Interview for the Post of Medical Officer at different UHWC & UPHC, Puri on contractual basis as per the NHM norms.

| Sl. No. | Name of the Post | Vacancy |
|---|---|---|
| 01 | MO, MBBS | 5 |

The application format and details are available in the website **www. puri.nic.in**. The application should reach by Walk-in-Interview to the undersigned.

Sd./- Chief District Medical & Public Health Officer, Puri

OIPR-10021/11/0001/2324

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B), NIRMAN SOUDHA, BHUBANESWAR

Email:seec.bbsr2010@gmail.com

Bid Identification No.S.E.E.C. (R&B) 11/2022-23

No.482/Date:31.03.2023

**No.B-12:**The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for E.I. work as detailed in the table given below.

| Sl. No. | Name of the Work | Approximate Estimated cost put to Tender (Rs.) | Cost of Bid Document | Class of Contractor | Period of Completion |
|---|---|---|---|---|---|
| 1 | Shifting of Electrical utilities of NH-5 Puri Main Canal Crossing to Balianta Bazar from 0.0 KM to 1.600 KM due to widening & strengthening of the road for the year 2022-23 | Rs.90,00,000.00 (Approx) (Excluding GST) | Rs.10,000.00 (Online) | HT | 3 (Three) Calendar Months |

Date & Time of available of bid document in the portal/online: From dt.06.04.2023 at 05.00 PM to dt.20.04.2023 upto 05.00 P.M., Date of Opening: dt.21.04.2023 at 11.30 A.M., Name and address of Officer Inviting Bid: Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal: https://tendersodisha.gov.in.

OIPR-34006/11/0001/2324 Sd./- Superintending Engineer Electrical Circle (R&B) Odisha,BBSR

## GOVERNMENT OF ODISHA No. B-11

## OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR

Phone: 0680-2281582, e-mail: ccescbam@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. CCE, S.C. (R&B)-BAM-21/2022-23

No. 1091 Date: 29.03.2023

1. The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **Percentage Rate Bid** in Double Cover System in **ONLINE MODE** from eligible contractors for construction of **Building Work** as detailed in the table below.
2. Nature of Work : Building Work
3. No. of Work : 01 No.
4. Tender Cost : Rs.10,000/- (Online)
5. Class of Contractor : "B" Class & "A" Class
6. Availability of Bid document in the website : From 06.04.2023, 10.00 A.M. to 20.04.2023, 5.30 P.M.
7. Date of Opening of Bid : 21.04.2023 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**.
9. Any addendum/corrigendum/cancellation of tender can also be seen in the said website only.

Sd./- (D.C. Behera)
Chief Construction Engineer
Southern (R&B) Circle, Berhampur
OIPR-34103/11/0001/2324

## ଅଚିହ୍ନା ବ୍ୟକ୍ତିଙ୍କ ସୂଚନା

No.D-02

ଭୁବନେଶ୍ୱର ୟୁ.ପି.ଡି. ସହିଦନଗର ଥାନା ଅପମୃତ୍ୟୁ ମାମଲା ନମ୍ବର ୨୦ ତା.୦୧.୦୪.୨୦୨୩

| ସମ୍ପୂର୍ଣ୍ଣ ନାମ ଓ ଠିକଣା | | ବିବରଣୀ |
|---|---|---|
| ଅଜଣା |  | ବୟସ-୪୦ ରୁ ୪୫<br>ଉଚ୍ଚତା-୫ ଫୁଟ ୬ ଇଞ୍ଚ<br>ଶରୀର-ମଜବୁତ<br>ରଙ୍ଗ- ଗହମ/ସାବନା<br>ପିନ୍ଧିଥିବା ବସ୍ତ୍ର- ନୀଳ ରଙ୍ଗର ହାଫ ପ୍ୟାଣ୍ଟ, ଧଳା ଏବଂ ହଳଦିଆ କଲର ଟି ଶାର୍ଟ |

ଯଦି ପରିଚୟ ମିଳେ, ଯୋଗାଯୋଗ କରିବାର ଠିକଣା
ଆରକ୍ଷୀ ନିରୀକ୍ଷକ
ସହିଦ ନଗର ଥାନା, ଭୁବନେଶ୍ୱର
ଫୋନ ନମ୍ବର ୦୬୭୪-୨୫୪୧୦୬୪

OIPR-12137/11/0001/2324


# ଖେଳବେଳେ ଅଘଟଣ, କୂଅରେ ପଡ଼ି ଦୁଇ ଭଉଣୀ ମୃତ

**ଅମରପାଲି,୪।୪(ଡି.ଏନ.ଏ)**



ଦିଶା ମିଶ୍ର



ସିଦ୍ଧିଶ୍ରୀ ଶତପଥୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ମଙ୍ଗଳବାର ଖେଳୁଥିବା ବେଳେ କୂଅରେ ପଡି ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଢବର୍ଷର ସିଦ୍ଧିଶ୍ରୀ ଶତପଥୀ ଏବଂ ତିନିବର୍ଷର ଦିଶା ମିଶ୍ର। ମୃତା ଶିଶୁକନ୍ୟା ସମ୍ପର୍କରେ ମାମୁ ଝିଅ ଓ ପିଉସୀ ଝିଅ ଭଉଣୀ। ଦିଶା କମିରା ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଆଲୋକ ମିଶ୍ରଙ୍କ ଏକ ମାତ୍ର ଝିଅ ଏବଂ ସିଦ୍ଧିଶ୍ରୀ ବୀରମହାରାଜପୁର ଡାକ୍ତରଖାନରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ଅଳକା ମିଶ୍ରଙ୍କ ଏକମାତ୍ର ଝିଅ।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ଉଭୟେ ନିଜ ଘର ପଛପଟେ ଖେଳୁଥିବା ବେଳେ ମୁକୁଳା କୂଅରେ ପଡିଯାଇଥିଲେ। ଦୀର୍ଘ ସମୟ ଧରି ଉଭୟଙ୍କୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ଦୁଇଶିଶୁ କୂଅରେ ପଡିଥିବା ଦେଖି ସ୍ଥାନୀୟ ଦମକଳ ବାହିନୀ ସହାୟତାରେ ଉଦ୍ଧାର ପରେ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ସୋନପୁର ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାମତେ ଅଳକା ସମ୍ବଲପୁରର ସଂଗ୍ରାମ କେଶରୀ ଶତପଥୀଙ୍କୁ ବିବାହ କରିଥିଲେ। ହେଲେ ବୀରମହାରାଜପୁର ଡାକ୍ତରଖାନାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରୁଥିବାରୁ ବାପା କଲ୍ଲୋଳ ମିଶ୍ରଙ୍କ ଘରେ ରହୁଥିଲେ। ଅଳକା ଓ ତାଙ୍କ ବଡ଼ବାପା ପୁଅ ଶିକ୍ଷକ ଆଲୋକ ଘର ପାଖାପାଖି ହୋଇଥିବା ବେଳେ ଉଭୟ ଶିଶୁକନ୍ୟା ପ୍ରାୟତଃ ଏକାଠି ଖେଳାଖେଳି କରନ୍ତି।


## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER JAMBHIRA CANAL DIVISION, MORADA

No.A-02:

AT/PO-MORADA, DIST- MAYURBHANJ

Mail ID:eejcdivisionmorada@gmail.com

Government of Odisha "e" Procurement Notice

Bid Identification No.01/23-24 of JC Division, Morada

| | | |
|---|---|---|
| i | Name of Work | Construction of water courses for 08 nos. of outlets of Gopinathpur Sub-minors (I,II,II) off taking from JLMC at RD 56512m, RD 57047m & RD 57303m respectively incluiding all structures in the village Gopinathpur |
| ii | Estimated Cost | 91.69 lakhs |
| iii | Period of Completion | 11 (eleven) Calendar Months |
| iv | Date & Time of availability of bid document in the portal | 06.04.2023 at 10.00 A.M. |
| v | Last date/time for receipt of bid in the portal | 20.04.2023 upto 5.00 PM |
| vi | Name and address of the O.I.T. | Superintending Engineer, O/o. the Superintending Engineer, Jambhira Canal Division, Morada, Mayurbhanj |

Further details can be seen from the e-Procurement Portal "https://tendersodisha.gov.in.

OIPR-32440/11/0002/2324 Sd./- Superintending Engineer Jambhira Canal Division, Morada

## OFFICE OF THE ROURKELA MUNICIPAL CORPORATION

UDITNAGAR, ROURKELA, ODISHA - 769012

E-mail ID: rourkelamunicipality@gmail.com

Ref No. 3740 Date: 03.04.2023

**Expression of Interest (EoI) For Operation and Management of a 30 MT Solar-Powered Cold Room and a Common Facilitation Centre at the Traffic Gate Market, Rourkela**

No. C-19: Rourkela Municipal Corporation (RMC) invites Expression of Interest in sealed cover from interested Women Self-Help Group (SHG) to be engaged in the operation and management of a 30 MT Solar-powered cold room and a common facilitation centre at Traffic Gate Market, Rourkela, Sundargarh, Odisha. The sealed Expression of Interest should be submitted to the Commissioner, Rourkela Municipal Corporation, Rourkela - 769012 on or before the 18.04.2023 by 05.00 P.M. The Technical Bid will be opened on 19.04.2023 at 11 A.M. in the Council Hall of the Rourkela Municipal Corporation. The sealed envelope should be superscripted with "EOI for Operation and Management of a 30 MT Solar-Powered Cold Room and a Common Facilitation Centre at the Traffic Gate Market, Rourkela". The detailed terms and conditions of the Expression of Interest is available on the website **https://rmc.nic.in**.

Authority reserves the right to accept or reject any or all the EOIs without assigning any reason thereof.

Sd./- Commissioner
Rourkela Municipal Corporation
OIPR-13131/11/0001/2324

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: ୫୪୮୫ IND-II-PH-1137 **ବିଜ୍ଞାପନ** ତାରିଖ: ୦୪।୦୪।୨୦୨୩

No. CAD-20: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ, ଓଡ଼ିଶାର ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି, ଗୁରୁଜଙ୍ଗପାଳ, ଶୁକରାଙ୍ଗି, ସାରୁବିଲ ଗ୍ରାମରେ ସ୍ଥିତ ଦକ୍ଷିଣ କାଳିଆପାଣି ଖଣିର ବିସ୍ତାର ବିନା ଉତ୍ପାଦନ କ୍ଷମତାରେ ପରିବର୍ତ୍ତନ ନକରି (୫୫୨.୪୫୭ ହେକ୍ଟରଠାରୁ ୭୨୦.୭୨୭ ହେକ୍ଟର ପର୍ଯ୍ୟନ୍ତ) ୧.୪୦ ମିଲିୟନ ଟନ କ୍ରୋମାଇଟ ଓରର ବାର୍ଷିକ ଉତ୍ପାଦନ [ମୋଟ ଖନନ: ୧୬.୬୪ ମିଲିୟନ ଟନ (୧.୪୦ ମିଲିୟନ ଟନ ଉତ୍ପାଦନ (ଆର୍.ଓ.ଏମ୍) + ବର୍ଜ୍ୟବସ୍ତୁ: ୧୫.୨୪ ମିଲିୟନ ଟନ)] ଏବଂ ସିଓବି ପ୍ରକଳ୍ପର ବାର୍ଷିକ ସାମର୍ଥ୍ୟ ୪୭୪୦୦୦ ଟନ (୦.୪୭ ମିଲିୟନ ଟନ) ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' ତା୨୨।୦୩।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି, OMC Township ସ୍ଥିତ ସମ୍ପ୍ରଦାୟ କେନ୍ଦ୍ର (Community Centre) ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "The New Indian Express" ଏବଂ ''ଧରିତ୍ରୀ''ରେ ତା୧୫।୦୨।୨୦୨୩ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ କେତେକ ଅନିବାର୍ଯ୍ୟ କାରଣବଶତଃ ତା୨୨।୦୩।୨୦୨୩ରିଖ ଦିନ ହେବାକୁଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୧୯।୦୪।୨୦୨୩ରିଖ ଦିବା୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି, ଓ.ଏମ୍.ସି. ଟାଉନସିପସ୍ଥିତ କମ୍ୟୁନିଟି ସେଣ୍ଟର ପଡ଼ିଆଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୯।୦୪।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି, ଓ.ଏମ୍.ସି. ଟାଉନସିପସ୍ଥିତ କମ୍ୟୁନିଟି ସେଣ୍ଟର ପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, କଳିଙ୍ଗନଗର, ଯାଜପୁର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗ ନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ

OSPCB-PH-MISC-0001-2023/9/2023 OIPR-08012/11/0002/2324

## OFFICE OF THE DIRECTOR, TEXT BOOK PRODUCTION & MARKETING

KHARAVEL NAGAR, UNIT-III, BHUBANSWAR-751001

TEL. No.0674-2380871/72,

email-directortbpmodisha@gmail.com

**TENDER NOTICE**

Bid Letter No. 2794/TBPM, Date. 03.04.2023

**No.n-2:**Description of tender: Open Tender for printing and Supply of large print books for the academic session 2023-24. The quantities mentioned in the aforesaid Tender Schedules are approximate only and may increase or decrease on the basis of actual requirement.

The Tender paper can be obtained from the office of the Director, Text Book Production & Marketing, Bhubaneswar on payment of non-refundable cash of Rs.6,000/- plus GST@18% at the cash counter in cash- if purchased from cash section, TBPM and in case of downloaded from web site - DD / Banker's cheque drawn in any nationalized/scheduled bank favouring Director, TBPM, payable at Bhubaneswar which will be annexed with the Technical Bid on any working day in between 10 A.M. to 5 P.M. as per the time schedule mentioned here under.

1. Date & time of availability of bid document:
   Starting date & time : 05/04/2023 10 A.M.
   Closing date & time : 26/04/2023 5 P.M.
   Date of opening : 27/04/2023 11.30 A.M.
2. Name & address of the O.I.T. : O/o. the Director, Text Book Production & Marketing, Bhubaneswar- 751001.

While requesting for obtaining the Tender Schedule by post the desirous tenderer should keep in view, the last date and time of submission of tender as the undersigned will not be responsible for any postal delay as mentioned below. Tender submitted by any means beyond the stipulated date & time shall not be accepted.

Instructions in detail to the Tenderers shall be provided along with the Tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the website: www.odisha.gov.in/school.

OIPR-02005/11/0002/2324 Sd/-DIRECTOR TEXT BOOK PRODUCTION & MARKETING, BHUBANESWAR-1

## OFFICE OF THE ENGINEER-IN-CHIEF RURAL WATER SUPPLY & SANITATION

JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA

Tel: 0674-2395734, FAX: 0674-2394946, e-mail: cerwssodisha@gmail.com

**NOTICE INVITING BID**

Letter No. 3791/ Date: 03.04.2023

Bid Identification No. EIC/RWSS/01/2023-24

**SHORT QUOTATION CALL NOTICE**

**No.O-12:**Quotations are invited from the OEM or any of its Authorized Channel Partner in India for Supply and Installation of the Bentley WATERGEMS Perpetual 10000 pipes, STAD PRO & AUTOCAD software's for the Designs & Analysis, Modelling, Simulation of Bentley WATERGEMS Software in the Office of Engineer-in-Chief, Rural Water Supply and Sanitation (RWSS) Panchayati Raj & Drinking Water Department.

1. The Bidder should be OEM or any of its Authorized Channel Partner in India for Bentley products (WATERGEMS & STAD PRO). In case of Authorized Channel Partner, valid Manufacture's Authorization letter issued by the OEM on current date to be submitted along with bid.
2. The Bidder should be a company registered in India under the Indian Companies Act 1956 or as amended/ or registered under Partnership Act.
3. The Bidder should not have been blacklisted/ debarred by any State/ Central government organization in India in the last 3 years. The Bidder should provide self-declaration in their company's letter head signed by the Authorized Signatory.
4. The authority reserves the right to accept or reject any or all quotations without assigning any reasons thereof. Besides, quotations received in incomplete forms or after due date and time will be liable for rejection.
5. The price quoted and the GST if any should be mentioned separately.
6. Interested bidders may download the RFP document from Government of Odisha website i.e. www.odishapanchayat.gov.in from 06.04.2023 to 21.04.2023. The last date for submission of bids is 24.04.2023 (5:00 PM)
7. The evaluation of accessibility of such materials lies solely with EIC, RWSS, Panchayati raj & Drinking Water Department.
8. The detail Bid documents may be downloaded from www.odishapanchayat.gov.in

OIPR-25003/11/0003/2324 Sd./- 03.04.2023, Engineer-in Chief, RWSS

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରିହାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ୱାର୍ଲ୍ଡ ମାଷ୍ଟର୍ସ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ୨୦୨୩ରେ ସ୍ୱର୍ଣ୍ଣ ବିଜେତା ୯୫ ବର୍ଷୀୟା ଭଗୱାନୀ ଦେବୀ ଡାଗର ନୂଆଦିଲ୍ଲୀସ୍ଥିତ ଆଇଜିଆଇ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି। ପୋଲାଣ୍ଡର ତୋରୁନ୍‌ଠାରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ଡାଗର ଡିସ୍କସ୍ ଥ୍ରୋ'ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ସିଏସ୍‌କେ ବୋଲରଙ୍କୁ ଧୋନୀଙ୍କ ଚେତାବନୀ

**ଚେନ୍ନାଇ, ୪।୪ (ପି.ଟି.):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ତାଙ୍କ ବୋଲରମାନଙ୍କୁ ଚେତାବନୀ ଦେଇଛନ୍ତି। ଦଳର ଆଗାମୀ ଆଇପିଏଲ୍ ମ୍ୟାଚଗୁଡ଼ିକରେ ଅଧିକ ସଂଖ୍ୟାରେ ନୋ-ବଲ୍ କିମ୍ବା ୱାଇଡ୍ ପକାଇଲେ ସେମାନଙ୍କୁ ଜଣେ ନୂଆ ଅଧିନାୟକଙ୍କ ଅଧୀନରେ ଖେଳିବାକୁ ହେବ। ସିଏସ୍‌କେ ସୋମବାର ଘରୋଇ ପିଚ୍‌ରେ ଖେଳିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ୧୨ ରନରେ ଜିତିଛି। ହେଲେ ଧୋନୀ ତାଙ୍କ ବୋଲରମାନଙ୍କ ବିଶୃଙ୍ଖଳିତ ବୋଲିଂ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ମ୍ୟାଚରେ ତାଙ୍କ ଦଳ ୩ ନୋ ବଲ୍ ଏବଂ ୧୩ ୱାଇଡ୍ ବଲ୍ ପକାଇଛି। ତେବେ ସୌଭାଗ୍ୟବଶତଃ ୨୧୮ରନ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଲକ୍ଷ୍ନୌ ଦଳକୁ ସିଏସ୍‌କେ ୨୦୫/୭ରେ ସୀମିତ କରିଦେଇଥିଲା। ସୋମବାର ଚେପକ୍ ପିଚ୍‌ରେ ଅଧିକ ରନ ସଂଗ୍ରହ ତାଙ୍କୁ ବିସ୍ମିତ କରିଥିବା ମ୍ୟାଚ ପର ପୁରସ୍କାର ବିତରଣ ଉତ୍ସବରେ ତାଙ୍କ ବକ୍ତବ୍ୟ ରଖି କହିଛନ୍ତି।

# କଳିଙ୍ଗରେ ଆଇଟିଏଫ୍ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପ୍‌ମେଣ୍ଟ ଚାମ୍ପିୟନଶିପ୍‌ର

**୧୪ ବର୍ଷରୁ କମ୍ ଏସିଆନ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ**

ଫାଇନାଲ୍ସ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଭାରତରେ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ଏହା ପ୍ରଥମ। ମ୍ୟାଚଗୁଡ଼ିକ ଏପ୍ରିଲ ୪ରୁ ୮ ଏବଂ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଦିବ୍ୟଶଙ୍କର ମିଶ୍ର, ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଏବଂ ଆଇଟିଏଫ୍ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ମ୍ୟାଚଗୁଡ଼ିକ ଅନୁଷ୍ଠିତ ହୋଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ଅଫିସିଆଲ୍ସ।

# ଗ୍ରୀଷ୍ମକାଳୀନ ହକି ଶିବିର ଆରମ୍ଭ

**ଭୁବନେଶ୍ୱର, ୪।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ନାଭାଲ୍ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ପିସି) ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୬ ରୁ ୧୬ ବର୍ଷ ବୟସର ପିଲାଙ୍କୁ ନେଇ ପ୍ରଥମଥରପାଇଁ ଗ୍ରୀଷ୍ମକାଳୀନ ହକି ଶିବିର ଆରମ୍ଭ ହୋଇଛି। ଗତ ୩ରେ ଆରମ୍ଭ ହୋଇଥିବା ଏହି ଶିବିର ୨୨ ପର୍ଯ୍ୟନ୍ତ ଚାଲିବ। ଯୁବ କ୍ରୀଡ଼ାବିତଙ୍କ ମଧ୍ୟରେ ହକି ପ୍ରତି ଆଗ୍ରହ ସୃଷ୍ଟି ସହ ସେମାନଙ୍କୁ ଦଳଗତ କାର୍ଯ୍ୟ, ନେତୃତ୍ୱ ଓ ସାମଗ୍ରିକ ଫିଟ୍‌ନେସ୍‌କୁ ଶାଣିତ କରିବା ଏହି ଶିବିରର ଲକ୍ଷ୍ୟ।

ଶିବିରରେ ଭାଗ ନେଇଥିବା ପିଲାମାନେ ହକି ଇଣ୍ଡିଆ ଓ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍)ଦ୍ୱାରା ମାନ୍ୟତାପ୍ରାପ୍ତ କୋଚ୍‌ଙ୍କ ଦ୍ୱାରା ପ୍ରଶିକ୍ଷଣ ହାସଲ କରିବେ। ଏହି ଶିବିରରେ ୩୦୦ ଉଦୀୟମାନ ଖେଳାଳି ସାମିଲ ହୋଇଛନ୍ତି। ପିଲାମାନଙ୍କୁ ପ୍ରଶିକ୍ଷଣ ଶେଷ ହେବା ପରେ ସାର୍ଟିଫିକେଟ୍‌ପ୍ରଦାନ କରାଯିବ। କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ସମାନ ଧରଣର ଶିବିର ଚଳିତମାସ ୧୦ରୁ ୨୨ ପର୍ଯ୍ୟନ୍ତ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆୟୋଜନ କରାଯିବ।


CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE
For Booking Contact: 0674-2580385

SONY MOBILE NETWORK
ନିଜଛାତ,ଜମି,ଜଲିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
6390061477
7380925927

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କଟକ 'ଏ', ଢେଙ୍କାନାଳ, କେନ୍ଦୁଝରର ବୃହତ୍ ବିଜୟ

**ଭୁବନେଶ୍ୱର, ୪।୪ (କ୍ରୀଡ଼ା ପ୍ରତିନିଧି)**

ଚଳିତ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଡାଇମଣ୍ଡ-ବି ଓ ଗୋଲ୍ଡ-ବି ଗ୍ରୁପ୍‌ର ୬ଟି ମ୍ୟାଚ ମଙ୍ଗଳବାର କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ-ଏ' ୧୦ ଉଇକେଟରେ ବିଜୟୀ ହୋଇଥିବାବେଳେ ଢେଙ୍କାନାଳ, କେନ୍ଦୁଝର, ରାଉରକେଲା ଓ ମୟୂରଭଞ୍ଜ ବୃହତ୍ ବିଜୟ ହାସଲ କରିଛନ୍ତି। ଝାରସୁଗୁଡ଼ା ଦଳ ମାତ୍ର ୧ ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ରାଉରକେଲାର ରଣଜିତ ସିଂ ଓ କେନ୍ଦୁଝରର ପଙ୍କଜ ସେନାପତି ଶତକ ହାସଲ କରିଥିବାବେଳେ କେନ୍ଦୁଝରର ସୁଜିତ କୁମାର ବାରିକ ୭ ଓ ଢେଙ୍କାନାଳର ବିକାଶ କୁମାର ରାଉତ ୫ ଉଇକେଟ ସଫଳତା ପାଇଛନ୍ତି।

**ଅଡ଼ଶପୁର ଗ୍ରାଉଣ୍ଡ:** କଟକ-ଏ' ୧୦ ଉଇକେଟରେ ବାଲେଶ୍ୱରକୁ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଲେଶ୍ୱର ୪୩.୧ ଓଭରରେ ୧୪୦ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ କଟକ-ଏ ୩୦.୩ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ବିଶ୍ୱସ୍ୱାଗତ ଏମ୍. ୭୪ ଓ ରାମଚନ୍ଦ୍ର ବେହେରା ୭୨ ରନରେ ଅପରାଜିତ ରହିଥିଲେ। **ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡ:** ଝାରସୁଗୁଡ଼ା ୧ ଉଇକେଟରେ ଯାଜପୁରକୁ ପରାସ୍ତ କଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଯାଜପୁର ୪୭.୩ ଓଭରରେ ୧୯୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଜବାବରେ ଝାରସୁଗୁଡ଼ା ୪୯.୪ ଓଭରରେ ୯ ଉଇକେଟ ହରାଇ ୧୯୬ ରନରେ ପହଞ୍ଚିଥିଲା। **ଡ୍ରିମ୍ସ ଗ୍ରାଉଣ୍ଡ:** ରାଉରକେଲା ୧୫୨ ରନରେ ଭୁବନେଶ୍ୱର-ବି'କୁ ହରାଇଲା। ରାଉରକେଲା ଦଳ ୫୦ ଓଭରରେ ୮ ଉଇକେଟ ହରାଇ ୨୪୯ ରନ କରିଥିଲା। ଦଳ ପକ୍ଷରୁ ରଞ୍ଜିତ ସିଂ ୧୪୯ ବଲ୍‌ରୁ ୧୬୫ ରନକରି ଅପରାଜିତ



ରଣଜିତ ସିଂ



ପଙ୍କଜ ସେନାପତି



ବିକାଶ କୁମାର ରାଉତ

**କଳାହାଣ୍ଡି କପ୍ କ୍ରିକେଟ**

ରହିଥିଲେ। ଜବାବରେ ଭୁବନେଶ୍ୱର-ବି ୩୧.୪ ଓଭରରେ ମାତ୍ର ୯୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। **ରେଭେନ୍ସା ଗ୍ରାଉଣ୍ଡ-୧:** ମୟୂରଭଞ୍ଜ ୧୪୧ ରନରେ ପୁରୀକୁ ପରାସ୍ତ କଲା। ମୟୂରଭଞ୍ଜ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୩୧ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞାନ ସର୍ବାଧିକ ୮୬ ରନ କରିଥିଲେ। ପୁରୀ ଦଳ ୨୯ ଓଭରରେ ମାତ୍ର ୯୦ ରନରେ ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ମୋହିତ କଙ୍କରିଆ ୪ ଉଇକେଟ ନେଇଥିଲେ। **ରେଭେନ୍ସା ଗ୍ରାଉଣ୍ଡ-୨:** ଢେଙ୍କାନାଳ ୨୧୨ ରନରେ ନୟାଗଡ଼କୁ ହରାଇଲା। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୫୦ ଓଭରରେ ୮ ଉଇକେଟ ହରାଇ ୨୯୭ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ସର୍ବାଧିକ ୯୧ ରନକରି ଅପରାଜିତ ରହିଥିଲେ। ଜବାବରେ ନୟାଗଡ଼ ୨୨.୩ ଓଭରରେ ମାତ୍ର ୮୫ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଢେଙ୍କାନାଳ ଦଳର ବିକାଶ କୁମାର ରାଉତ ମାତ୍ର ୧୭ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। **ସନ୍‌ସାଇନ୍ ଗ୍ରାଉଣ୍ଡ:** କେନ୍ଦୁଝର ୧୮୨ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ୫୦ ଓଭରରେ ୬ ଉଇକେଟ ହରାଇ ୩୨୨ ରନ କରିଥିଲା। ଦଳ ପକ୍ଷରୁ ପଙ୍କଜ ସେନାପତି ୧୦୭ ବଲ୍‌ରୁ ୧୩୯ ଓ ସୁଧାଂଶୁ ୯୨ ରନର ଇନିଂସ ଖେଳିଥିଲେ। ଜବାବରେ ଜଗତ୍‌ସିଂହପୁର ୨୪ ଓଭରରେ ୧୪୦ ରନରେ ସମସ୍ତ ଉଇକେଟ ହରାଇଥିଲା। କେନ୍ଦୁଝରର ସୁଜିତ କୁମାର ବାରିକ ୨୯ ରନ ବିନିମୟରେ ୭ ଉଇକେଟ ସଫଳତା ପାଇଥିଲେ।


# Classified Everyday
**0674-2580101, 2549949**




**BRIDE WANTED**

ଚାକିରି କରି ଏକାକୀ ରହୁଥିବା 48 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30- 40 yrs. ଝିଅ ଆବଶ୍ୟକ। Candidate: 8984180242. D-0009

**GROOM WANTED**

32 ବୟସ୍କା LIC Officeରେ କର୍ମଚାରୀ ଶିଶୁକନ୍ୟା ଥିବା ସୁନ୍ଦର ରାଜପୁତ ଝିଅଙ୍କୁ anycaste ଚାକିରିଆ/ବ୍ୟବସାୟ କରୁଥିବା ପୁଅ ଦରକାର। 6371586968. D-0006

45 ବୟସ୍କା Central Govt. ଚାକିରିଆ unmarried ଥିବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର married/ unmarried ବରପାତ୍ର ଆବଶ୍ୟକ। 9040735429. D-0007




**SALE**

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

**Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ)** D-0023

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

Plot for sale 10 decimal area, in Pardhiapali, Sambalpur on the way AIIMS COLLEGE, 3rd plot from NH. Contact No: 7436986437. D-0017

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରି ଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74668

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662




**14,000sqft. Commercial land near Pitapalli for Rent/ Lease, Khurdha, Chandaka Highway side. Contact: 8917576258.** D-0001

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

ଅର୍ଗାନିକ୍ ଫୁଡ୍ ସପ୍ଲିମେଣ୍ଟ- ଗ୍ୟାସ୍, ଡାଇବେଟିସ୍, ପାଇଲ୍‌ସ, ଗଣ୍ଠିବାତ, କ୍ୟାନ୍ସର, ରକ୍ତହୀନତା, କୋଲେଷ୍ଟ୍ରୋଲ, ରକ୍ତଚାପ, ଶ୍ୱାସ- 8658546824. D-0022

**Full Body massage by Experience Therapist @999 only- 9078484455. (Bhubaneswar).** D-3134

Full body massage in homely atmosphere all therapy. Mob: 8114881641. D-73426

Newly open health benefits SPA special Offer @ 799, Jaydev Vihar. 8018429809. D-73697

All types of professional body massage by professional therapy. Contact: 9556924059, 7077933109. D-3163

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit sworn before the Notary Public, Sambalpur. I, Ankita Pattnayak, D/o- Ashok Kumar Pattanayak, R/o- Hindalco Colony, PO/ P.S.- Hirakud, Dist.- Sambalpur declare that my actual DOB is 22.03.1997 but in my Father's service records my DOB has been wrongly written as 22.04.1997 instead of 22.03.1997. D-0024

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଧିକ ଅମଳକ୍ଷମ ଫଳଚାଷ



ଅଧିକ ଅମଳକ୍ଷମ ଫଳଚାଷ ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପଉନଠାରୁ ଦେଢ଼ଫୁଟ ଉଚ୍ଚରେ ଦିଅନ୍ତୁ ।

## ସୂର୍ଯ୍ୟମୁଖୀରେ ଝାଉଁଳା ରୋଗ

ସୂର୍ଯ୍ୟମୁଖୀ ଚାଷରେ ଝାଉଁଳା ରୋଗ ଦମନ ଲାଗି ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ। ଏହି ଚାଷରେ ଧଳାମାଛି ଦମନ ସକାଶେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ମାଛ ପୋଖରୀ ହୁଡ଼ା ଭାଙ୍ଗିଥିଲେ...



ଯଦି ଏବେ ବର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଛି ତେବେ ତୁରନ୍ତ ମରାମତି କରନ୍ତୁ । ୧ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ମାଛଙ୍କୁ ଜୀବାଣୁଜନିତ ତଥା ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ । ଏପରି ଦୁଇରୁ ତିନିଦିନ କରିବେ। ପଚା ଘାଦ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# ମାଟିର ଉର୍ବରତା ଓ ସଂରକ୍ଷଣ



ପ୍ର. ସୁବୋଧ କୁମାର ସାହୁ



ମାଟିର ସୃଷ୍ଟି ପଥରରୁ। ଏକ ଘନ ଇଞ୍ଚ ବହଳର ମାଟି ସୃଷ୍ଟି ପାଇଁ ୧ହଜାର ବର୍ଷରୁ ଅଧିକ ସମୟ ନେଇଥାଏ। ପଥରର ଗୁଣ, ରଙ୍ଗ ଏବଂ ଗଠନ ଆଦିକୁ ନେଇ ମାଟିର ଗୁଣ, ରଙ୍ଗ ଓ ପ୍ରକାର ଭେଦ ଆଦି ହୋଇଥାଏ। ଜଳବାୟୁର ପରିବର୍ତ୍ତନ ଯଥା-ବୃଷ୍ଟିପାତ, ଉତ୍ତାପ, ବାୟୁ ପ୍ରବାହ ଆଦି ମାଟିର ସୃଷ୍ଟିରେ ଅଶେଷ ପ୍ରଭାବ ପକାଇ ଥାଏ। ତେଣୁ ବିଭିନ୍ନ ସ୍ଥାନର ମାଟିର ଉର୍ବରତାର ପରିବର୍ତ୍ତନ ଘଟିଥାଏ। ମୁଖ୍ୟତଃ ବାଲି, ପଟୁ ଓ କର୍ଦ୍ଦମ-ଏପରି ତିନିଗୋଟି ହେଉଛି ମାଟିର ମୁଖ୍ୟ ଅଂଶ। ଉକ୍ତ ୩ ଉପାଦାନର ବିଭିନ୍ନ ଅନୁପାତର ମିଶ୍ରଣକୁ ନେଇ ମାଟିର ପ୍ରକାର ଭେଦ ହୋଇଥାଏ ଏବଂ ମାଟିର ଉର୍ବରତାର ମଧ୍ୟ ପରିବର୍ତ୍ତନ ହୋଇଥାଏ। ମାଟିରେ ଥିବା ଜୈବ ପଦାର୍ଥ ଏହାର ଉର୍ବରତା ଉପରେ ଅନେକ ପ୍ରଭାବ ପକାଇଥାଏ। ଉର୍ବର ମାଟିରେ ଜୈବ ଅଙ୍ଗାର ଏବଂ ଫସଲର ଖାଦ୍ୟ ଉପାଦାନ ଠିକ୍ ପରିମାଣରେ ଥାଏ।

ମାଟି ଆମ ସଭ୍ୟତାର ମୂଳମନ୍ତ୍ର। ଯେଉଁ ସ୍ଥାନ ବା ଦେଶର ମାଟି ଯେତେ ଉର୍ବର, ସେହି ଦେଶର ସଭ୍ୟତା ସେତେ ଉନ୍ନତ। ସେଥିପାଇଁ ନଦୀ ଉପତ୍ୟକାଗୁଡ଼ିକରେ ସମୃଦ୍ଧ ସହରମାନ ଗଢ଼ି ଉଠିଛି। ମାଟିର ଉର୍ବରତା କହିଲେ ମାଟି ଅଧିକ ତଥା ଉନ୍ନତମାନର ଫସଲ ଉତ୍ପାଦନରେ କେତେ ସହାୟକକୁ ବୁଝାଏ। ଉର୍ବର ମାଟି ସଘନ କୃଷିରେ ସହାୟକ। ତେଣୁ ଚାଷୀ ମାଟିର ଉର୍ବରତା ବଜାୟ ରଖିବା ପାଇଁ ଚେଷ୍ଟା କରିବା ଉଚିତ। ଉର୍ବର ମାଟିରେ ଫସଲ ଆବଶ୍ୟକ କରୁଥିବା ସମସ୍ତ ୧୭ ଗୋଟି ଖାଦ୍ୟ ଉପାଦାନ ଭରପୂର ହୋଇ ରହିଥାଏ। ଏଥିରୁ ଗୋଟିଏ ଉପାଦାନର ଅଭାବ ହେଲେ ମାଟିର ଉର୍ବରତା ଏବଂ ଜମି ଅଧିକ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୁଏ।

ଫସଲ ଉତ୍ପାଦନରେ ମାଟି ଓ ଜଳର ମଧ୍ୟ ବିଶେଷତ୍ୱ ରହିଛି। ମାଟି ଉର୍ବର ହେଲେ ବି ଏଥିରେ ନିର୍ଦ୍ଧାରିତ ପରିମାଣର ଜଳ ନ ରହିଲେ ଫସଲ ଖାଦ୍ୟ ଉପାଦାନ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆସି ନ ପାରି ଅମଳରେ ବାଧା ଆସେ। ତେଣୁ ଉର୍ବର ମାଟିରେ ନିର୍ଦ୍ଦିଷ୍ଟ ଅନୁପାତର ଖାଦ୍ୟ ଉପାଦାନ ସହ ଫସଲର ଗ୍ରହଣଯୋଗ୍ୟ ଜଳ ରହିବା ଆବଶ୍ୟକ। ଗ୍ରହଣଯୋଗ୍ୟ ଜଳ କହିଲେ ମାଟିର କୌଶିକ ଜଳକୁ ବୁଝାଏ। ଉକ୍ତ ଜଳ ମାଟିର ସୂକ୍ଷ୍ମ ରନ୍ଧ୍ରଙ୍କ ମଧ୍ୟରେ ରହି ଫସଲର ଖାଦ୍ୟ ଉପାଦାନକୁ ଉଚିତ ପରିମାଣରେ ଦ୍ରବୀଭୂତ କରି ଗଛର ଚେର ପାଖରେ ପହଞ୍ଚାଏ। ଧାନ ବ୍ୟତୀତ ଅନ୍ୟ ସମସ୍ତ ଫସଲ କୌଶିକ ଜଳରେ ଭଲ ଅଭିବୃଦ୍ଧି ଘଟେ। କେବଳ ଧାନ ଫସଲ ଠିଆ ପାଣିରେ ଭଲ ବଢ଼େ। ଜମିରେ ଠିଆପାଣି ଶୁଷ୍କ ଜମି ଫସଲ ଚାଷ ପାଇଁ କ୍ଷତିକାରକ। ଜମିରେ ଠିଆ ପାଣି ମାଟିର ଭୌତିକ, ରାସାୟନିକ ଓ ଜୈବିକ ଧର୍ମକୁ ନଷ୍ଟକରେ।

> "ଫସଲ ଉତ୍ପାଦନରେ ମାଟି, ଜଳର ମଧ୍ୟ ବିଶେଷତ୍ୱ ରହିଛି । ମାଟି ଉର୍ବର ହେଲେ ବି ଏଥିରେ ନିର୍ଦ୍ଧାରିତ ପରିମାଣର ଜଳ ନ ରହିଲେ ଫସଲ ଖାଦ୍ୟ ଉପାଦାନ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆସି ନ ପାରି ଅମଳରେ ବାଧା ଆସେ । ତେଣୁ ଉର୍ବର ମାଟିରେ ନିର୍ଦ୍ଦିଷ୍ଟ ଅନୁପାତର ଖାଦ୍ୟ ଉପାଦାନ ସହ ଫସଲର ଗ୍ରହଣଯୋଗ୍ୟ ଜଳ ରହିବା ଆବଶ୍ୟକ।"

ଆବଶ୍ୟକତାଠାରୁ ଅଧିକ ବର୍ଷା ଏବଂ ଜଳସେଚନ ମାଟିର ଉର୍ବରତା ପ୍ରତି କ୍ଷତିକାରକ। ପରୀକ୍ଷାରୁ ଜଣାପଡ଼ିଛି, ଅତ୍ୟଧିକ ବର୍ଷା ଯୋଗୁ ବର୍ଷକୁ ପ୍ରାୟ ୫ ଟନ୍ ମାଟି ଧୋଇହୋଇ ନଷ୍ଟ ହୁଏ। ଭୂପୃଷ୍ଠ ଅସମତା ଥିଲେ ଉକ୍ତ ପରିମାଣଠାରୁ ଅଧିକ ମାଟି ଧୋଇ ହୋଇ ନଷ୍ଟ ହୁଏ। ଭୂପୃଷ୍ଠସ୍ଥ ୧୫ ସେ.ମି. ପର୍ଯ୍ୟନ୍ତ ଗଭୀର ମାଟି ଉର୍ବର। ଉପର ମାଟିରେ ଅଧିକ ଜୈବ ଏବଂ ପଟୁ ଅଂଶ ଥାଏ। ଅଧିକ ବର୍ଷା ଦ୍ୱାରା ଭୂପୃଷ୍ଠସ୍ଥ ଉପର ୧୫ ସେ.ମି. ମାଟି ଧୋଇହୋଇ ନଷ୍ଟ ହୋଇଯାଏ। ଏହାକୁ 'ମାଟି ସ୍ତର କ୍ଷୟ' କୁହାଯାଏ। ସ୍ତର କ୍ଷୟକୁ ରୋକା ନ ଗଲେ ଏହା ବଢ଼ି କ୍ଷୁଦ୍ର ନାଳୀ ସୃଷ୍ଟି ହୁଏ। ଏହାକୁ 'ଅବନାଳୀ କ୍ଷୟ' କୁହାଯାଏ। ଅବନାଳୀ କ୍ଷୟ ଦ୍ୱାରା ୨୦ରୁ ୩୦ ସେ.ମି. ଗଭୀର ପର୍ଯ୍ୟନ୍ତ ମାଟି ଧୋଇହୁଏ। ଏପରି କ୍ଷୟ ଦ୍ୱାରା ମାଟିର ପଟୁ ସହ କର୍ଦ୍ଦମ ଅଂଶ ଧୋଇହୋଇ ଉର୍ବରତା ନଷ୍ଟ ହୁଏ। ମାଟିର ସ୍ତର ଏବଂ ଅବନାଳୀ କ୍ଷୟକୁ ଉଚିତ ସମୟରେ ରୋକା ନ ଗଲେ ଏହା ବଢ଼ି ବୃହତ୍ ନାଳୀ ସୃଷ୍ଟି ହୁଏ। ମାଟି କ୍ଷୟକୁ ସମ୍ପୂର୍ଣ୍ଣ ରୋକିବା ଜରୁରୀ। ଏଥିପାଇଁ ମୃତ୍ତିକା ସମତଳ, ମୃତ୍ତିକା କର୍ଷଣ, ବନ୍ଧ ବାଡ଼ ନିର୍ମାଣ ସହ ଠିକ୍ ଚାଷ ପ୍ରଣାଳୀ ଅବଲମ୍ବନ କରିବା ବିଧେୟ।

ଜଳସେଚିତ ଜମିର ମାଟି ଅଣଜଳସେଚିତ ଜମିର ମାଟିଠାରୁ ପୃଥକ୍। ଜଳସେଚିତ ଜମିରେ ଏକରୁ ଅଧିକ ଫସଲ ଚାଷ କରାଯାଏ। ଫସଲକୁ ବାରମ୍ବାର ଜଳସେଚନ ଦ୍ୱାରା ମାଟି ସର୍ବଦା ଓଦା ଓ ସନ୍ତସନ୍ତିଆ ରହେ। ଫଳରେ ମାଟିର ସରଞ୍ଚନା ନଷ୍ଟ ହୁଏ। ମାଟି କର୍ଷଣ ଉପଯୋଗୀ ହୋଇପାରେ ନାହିଁ। ମାଟିର ଭୌତିକ, ରାସାୟନିକ ଓ ଜୈବିକ ଗୁଣ ନଷ୍ଟ ହୁଏ। ମାଟିର ଉର୍ବରତା କମେ। ଜଳସେଚିତ ଜମିରେ ଧାନ ପରେ ଚାଷ ନ କରି ଗୋଟିଏ ଧାନ ଚାଷ ପରେ ଅଣଧାନ ଫସଲକୁ ଦ୍ୱିତୀୟ ଏବଂ ତୃତୀୟ ଫସଲ ଭାବରେ ବାଛିବା ଉଚିତ।

ଆମ ରାଜ୍ୟରେ ବିଭିନ୍ନ କିସମ ଯଥା ଡିପ, ମଧ୍ୟମ ଓ ଖାଲ ଜମି ଆଦି ରହିଛି। ପ୍ରତ୍ୟେକ କିସମ ଜମିର ମାଟିର ଭୌତିକ ରାସାୟନିକ ଓ ଜୈବିକ ଧର୍ମ ପୃଥକ୍ ପୃଥକ୍। ଡିପ ଜମିର ମାଟି ଅମ୍ଳଧର୍ମୀ। ଏହି ମାଟିରେ ଜୈବିକ ଅଙ୍ଗାର, ଫସ୍‌ଫେଟ୍ ଏବଂ କର୍ଦ୍ଦମ ଅଂଶ କମ୍ ଥାଏ। ଉକ୍ତ ଜମି ମାଟିର ଜଳ ଧାରଣ ଶକ୍ତି ସବୁଠାରୁ କମ୍। ତେଣୁ ଉକ୍ତ ମାଟି ଅନୁର୍ବର। ଏହି କିସମ ଜମିରେ ଆବଶ୍ୟକ ପରିମାଣର ଜୈବଖତ ଓ ଫସ୍‌ଫେଟ ସାର ପ୍ରୟୋଗକରି ମାଟିକୁ ଚାଷ ଉପଯୋଗୀ କରିବା ଆବଶ୍ୟକ। ମଧ୍ୟମ କିସମ ଜମିର ମାଟିରେ ବାଲି ଓ ପଟୁ ଭାଗ ମଧ୍ୟମ ଥାଏ। ଉକ୍ତ ଜମିର ମାଟି ମଧ୍ୟମ ଅମ୍ଳ ଏବଂ ମାଟିର ଜୈବ ଅଂଶ ସ୍ୱଳ୍ପରୁ ମଧ୍ୟମ ଥାଏ। ତେଣୁ ଉକ୍ତ ମାଟିକୁ ଠିକ୍ ଭାବରେ ପରିଚାଳନା କଲେ ଏହା ଉର୍ବର ମାଟିରେ ପରିଣତ ହୋଇ ଅଧିକ ଅମଳ ଫସଲ ଦିଏ। ଖାଲ କିସମ ଜମିର ମାଟିରେ କର୍ଦ୍ଦମ ଅଂଶ ଅଧିକ ଥାଏ। ଏହି ମାଟିର ଜଳଧାରଣ ଶକ୍ତି ଅଧିକ। ଅଧିକ ଥର ଜଳସେଚନ କଲେ କିମ୍ବା ଅଧିକ ବର୍ଷା ହେଲେ ମାଟି ଚାଷ ଅନୁପଯୋଗୀ ହୁଏ। ଉକ୍ତ ଜମିରୁ ଜଳ ନିଷ୍କାସନ କରି ମାଟିକୁ ଚାଷ ଉପଯୋଗୀ କରିବା ଆବଶ୍ୟକ। ମାଟି ଆମର ଅମୂଲ୍ୟ ସମ୍ପଦ। ଏହା ଆମକୁ ରହିବା ପାଇଁ ବାସସ୍ଥାନ, ଖାଇବାକୁ ଦାନା, ପିଇବା ପାଇଁ ପାଣି, ପିନ୍ଧିବା ଲାଗି ବସ୍ତ୍ର, ରୋଷେଇ ପାଇଁ ଇନ୍ଧନ ଓ ରୋଗ ଲାଗି ଔଷଧ ଯୋଗାଇଥାଏ। ତେଣୁ ମାଟି ଆମର ମା' ସଦୃଶ। ମାଟିର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**-ଶୈଳଶ୍ରୀ ବିହାର, ଭୁବନେଶ୍ୱର**
**ମୋ : ୯୫୫୬୨୬୬୦୮୫**

## ଅଳ୍ପରେ...



- ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।
- ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ା ଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ।
- ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମ ଲାଗି ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମ ଲାଗି ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ।
- ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।

## କଖାରୁ ଜାତୀୟ ପନିପରିବା

ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।



# କୁକୁଡ଼ା ରୋଗର ପ୍ରତିକାର

(ଶେଷ ଭାଗ)

**ରାଣୀକ୍ଷେତ ରୋଗ :** ଏହା ଏକ ଭୂତାଣୁଜନିତ ରୋଗ । ଏହି ରୋଗର ଅନ୍ୟ ନାମ ନିଉକାସଲ ବା ଘୁମାରୋଗ। ଏହି ରୋଗରେ କୁକୁଡ଼ାଙ୍କର ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହୁଏ । କୁକୁଡ଼ା ଛିଙ୍କେ, ପାଟି ପାକୁ ପାକୁ କରି ନିଃଶ୍ୱାସ ନିଏ। ମୁଣ୍ଡ ତଳକୁ କରେ। ପୂରା ଶରୀର ଥରେ। ଗୋଡ଼ରେ ପକ୍ଷାଘାତ ହୁଏ। ଅନେକ ସମୟରେ ଡେଣାରେ ମଧ୍ୟ ପକ୍ଷାଘାତ ହୁଏ । କୁକୁଡ଼ା ଚାଲି ପାରେନାହିଁ, ଗୋଟିଏ ଜାଗାରେ ଗୋଡ଼ ଓ ପର ଲମ୍ବାଇ ପଡ଼ି ରୁହେ । ନୀଳ ଓ ଧଳା ମିଶା ଝାଡ଼ା ହୋଇ କୁକୁଡ଼ାର ପଛପଟେ ଲାଗେ, ମୃତ୍ୟୁହାର ବଢ଼ିଯାଏ। ଅନେକ ସମୟରେ ଏହି ରୋଗରେ ଶତକଡ଼ା ଶହେ ଭାଗ କୁକୁଡ଼ା ମରିଯିବାର ଦେଖିବାକୁ ମିଳିଥାଏ। ଏଥିପାଇଁ ଏହାକୁ କୁକୁଡ଼ା ମହାମାରୀ ମଧ୍ୟ କୁହାଯାଏ । ଏହି ରୋଗର କୌଣସି ଫଳପ୍ରଦ ଚିକିତ୍ସା ନାହିଁ । ମାତ୍ର ଆନୁଷଙ୍ଗିକ ରୋଗରୁ ରକ୍ଷା ନିମିତ୍ତ ପାଣିରେ ଟେଟ୍ରାସାଇକ୍ଲିନ କିମ୍ବା ଅନ୍ୟାନ୍ୟ ଆଣ୍ଟିବାଓଟିକ୍ସ ଔଷଧ ମାତ୍ରାନୁସାରେ ଦିଆଯାଇପାରେ । ଠିକ୍ ସମୟରେ କୁକୁଡ଼ାମାନଙ୍କୁ ପ୍ରତିଷେଧକ ଟିକା ଦେଲେ ଏହି ରୋଗ ପ୍ରତିହତ ହୋଇଥାଏ । ପୋଟାସିୟମ୍ ପରମାଙ୍ଗାନେଟ୍ ପାଣିରେ ମିଶାଇ ପିଇବାକୁ ଦେଲେ ଭଲ।

**ମାରେକ୍ସ ରୋଗ :** ଏହା ଏକ ଭୂତାଣୁଜନିତ ରୋଗ । ଏହି ଜୀବାଣୁ କୁକୁଡ଼ାର ସ୍ନାୟୁ, ଅନ୍ତନାଳୀ କିମ୍ବା ଆଖିକୁ ଆକ୍ରମଣ କରିଥାଏ । କୁକୁଡ଼ାର ସ୍ନାୟୁକୁ ଆକ୍ରମଣ କଲେ କୁକୁଡ଼ା ପକ୍ଷାଘାତ ରୋଗରେ ପୀଡ଼ିତ ହୁଏ। କୁକୁଡ଼ାର ଗୋଡ଼ ଓ ଡେଣାରେ ପକ୍ଷାଘାତ ହୁଏ। ଫଳତଃ କୁକୁଡ଼ା ଛୋଟା ହୋଇଯାଏ ଓ ଡେଣା ଝୁଲି ପଡ଼େ। ଅନ୍ତନାଳୀକୁ ଆକ୍ରମଣ କଲେ କୁକୁଡ଼ାର ଅନ୍ତନାଳୀ ଫୁଲିଯାଏ। ହୃତ୍‌ପିଣ୍ଡ ଫୁଲି ବଡ଼ ହୋଇଯାଏ । କୁକୁଡ଼ା ଖାଇ ପାରେ ନାହିଁ। ଆଖିକୁ ଆକ୍ରମଣ କଲେ ଆଖି ଫୁଲିଯାଇ





ଡୋଳା ବାହାରକୁ ବାହାରି ପଡ଼େ । ଆଖି ନଷ୍ଟ ହୋଇଯାଏ । ଏହି ରୋଗ ସବୁ ବୟସର କୁକୁଡ଼ାଙ୍କୁ ହୁଏ। କୁକୁଡ଼ାମାନେ ଚାଲିପାରନ୍ତି ନାହିଁ। ଫଳରେ ଖାଇବା, ପିଇବା ସମ୍ଭବ ହୁଏ ନାହିଁ । ଶେଷରେ ମରିଯାଆନ୍ତି। ଏହା ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ଏହାର କୌଣସି ଚିକିତ୍ସା ନାହିଁ। ଠିକ୍ ସମୟରେ ପ୍ରତିଷେଧକ ଟିକା ଦେଲେ ଏହି ରୋଗ ହୁଏ ନାହିଁ ।

**ଗୁମ୍ବୋରୋ :** ଏହାକୁ ଇନ୍‌ଫେକ୍‌ସିଅସ୍ ବର୍‌ସାଲ୍ ରୋଗ ବା ଆଇବିଡି ରୋଗ ବୋଲି କହିଥାନ୍ତି। ଏହା ଏକ ଭୂତାଣୁଜନିତ ରୋଗ। ଏହି ରୋଗ କୁକୁଡ଼ାଙ୍କ ସଂସ୍ପର୍ଶରେ କିମ୍ବା କୁକୁଡ଼ା ଘରେ କାମ କରୁଥିବା ଲୋକଙ୍କ ଦ୍ୱାରା ସଂକ୍ରମିତ ହୋଇଥାଏ। ଧଳା ପାଣି ରଙ୍ଗର ଝାଡ଼ା ହୁଏ । ପର ଟାଆଁସ ଦେଖାଯାଏ ଓ କୁକୁଡ଼ାମାନେ ଥରନ୍ତି । ସେମାନଙ୍କ ମଳଦ୍ୱାର ଫୁଲି ଲାଲ ଦେଖାଯାଏ । ଖାଦ୍ୟନଳୀରେ ଏବଂ ଗୋଡ଼ ମାଂସପେଶୀରେ କ୍ଷତ ଦେଖାଯାଏ । ଏହି ରୋଗ ସାଧାରଣତଃ ଛୋଟ କୁକୁଡ଼ାଙ୍କୁ ଆକ୍ରମଣ କରିଥାଏ । ଏହି ରୋଗର ପ୍ରାଦୁର୍ଭାବ ପ୍ରାୟ ୩-୪ ଦିନ ପର୍ଯ୍ୟନ୍ତ ଲାଗି ରହେ । ଏହି ସମୟ ମଧ୍ୟରେ ସାଧାରଣତଃ ଶତକଡ଼ା ୫୦ ପ୍ରତିଶତ କୁକୁଡ଼ା ମରିଯାଆନ୍ତି । ୩-୪ ଦିନ ପରେ ଏହି ରୋଗ ଆପେ ଆପେ ଭଲ ହୋଇଯାଏ । ଏହି ରୋଗରେ କୁକୁଡ଼ା ଶରୀରର ରୋଗ ପ୍ରତିଷେଧକ ଶକ୍ତି କମିଯାଏ । ଫଳରେ ଅନ୍ୟ ରୋଗ ସହଜରେ ଆକ୍ରମଣ କରିଥାଏ । ଏହା ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହାର ସେଭଳି କିଛି ଚିକିତ୍ସା ନାହିଁ । ଠିକ୍ ସମୟରେ ଟିକା ଦେଲେ ଓ କୁକୁଡ଼ା ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଏହି ରୋଗ ଆକ୍ରମଣରୁ ରକ୍ଷା ମିଳିଥାଏ।

**ରକ୍ତଝାଡ଼ା:** ଏହାକୁ କକ୍‌ସିଡିଓସିସ୍ ରୋଗ ବୋଲି କହିଥାନ୍ତି । ଏହା ଏକ ଏକକୋଷୀ ପ୍ରାଣୀ ଜନିତ ରୋଗ । ସାଧାରଣତଃ କୁକୁଡ଼ା ଘରର ଲିଟର ଓଦା ବା ସନ୍ତସନ୍ତିଆ ରହିଲେ ଏହି ରୋଗ ସୃଷ୍ଟି ହୋଇଥାଏ । ଏହି ରୋଗ କୁକୁଡ଼ା ଅନ୍ତନଳୀରେ ଦେଖାଯାଏ । କୁକୁଡ଼ା ୧୨ ସପ୍ତାହ ହେବା ପର୍ଯ୍ୟନ୍ତ ଏହି ରୋଗର ପ୍ରାଦୁର୍ଭାବ ରହିଥାଏ । ବଡ଼ କୁକୁଡ଼ାମାନଙ୍କୁ ଯଦିଓ ଏହି ରୋଗ ହୁଏ ତଥାପି ବିଶେଷ କ୍ଷତି କରିପାରେ ନାହିଁ । ଏହି ରୋଗ ଆକ୍ରମଣ କଲେ ଚିଆଁମାନେ ଏକାଠି ରୁଣ୍ଡ ହୋଇ ଥରନ୍ତି। ସେମାନଙ୍କର ପର ଟାଆଁସ ଦେଖାଯାଏ। କୁକୁଡ଼ା ଚିଆଁମାନେ କୁଜାହୋଇ ବସି ଆଖିବୁଜି ଢୁଳାନ୍ତି । ଝାଡ଼ା ପାଣି ପରି ହୁଏ ଓ ଝାଡ଼ାରେ ରକ୍ତ ପଡ଼େ, ଖାଦ୍ୟ ଓ ପାଣି ପିଇବା କମିଯାଏ। ସେମାନଙ୍କ ଚୂଳ ଶ୍ୱେତା ଦେଖାଯାଏ । କୁକୁଡ଼ାଘର ଲିଟର ଓଦା କିମ୍ବା ସନ୍ତସନ୍ତିଆ ହେଲେ ଏହି ରୋଗ ଦେଖା ଦେଇଥାଏ। ଆମ୍ପ୍ରୋଲିୟମ, ଫୁରାଜୋଲିଡନ ଓ ସଲ୍‌ଫା ଜାତୀୟ ଔଷଧ ମାତ୍ରା ଅନୁସାରେ ପାଣି ଓ ଦାନାରେ ଦେବାକୁ ପଡ଼ିଥାଏ ।

**-ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ବିଜୟ

ନୂଆଦିଲ୍ଲୀ, ୪।୪

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦଳ ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ଏହାର ହୋମ୍ ପିଚ୍‌ରେ ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ଗୁଜରାଟ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରି ନେଇଥିଲା। ୨ ମ୍ୟାଚରୁ ଗୁଜରାଟର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ ଦିଲ୍ଲୀର ଦ୍ୱିତୀୟ ପରାଜୟ। ଦିଲ୍ଲୀ ଏହାର ପ୍ରଥମ ମ୍ୟାଚରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସଠାରୁ ପରାଜିତ ହୋଇଥିବାବେଳେ ଗୁଜରାଟ ଦଳ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା।

ଟସ୍ ଜିତି ଗୁଜରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀର ଆରମ୍ଭ ଭଲ ହୋଇ ନ ଥିଲା। ପ୍ରଥମ ମ୍ୟାଚ ପରି ଏଠାରେ ମଧ୍ୟ ପୃଥ୍ୱୀ ଶ'(୭) ଓ ମିଚେଲ ମାର୍ଶ (୪) ଫେଲ୍ ମାରିଥିଲେ। ଟାଇଟନ୍ସ ଦଳର ମହମ୍ମଦ ଶାମି ଏହି ୨ଟି ଉଇକେଟ ନେଇ ଦିଲ୍ଲୀ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅଧିନାୟକ ଡେଭିଡ ୱାର୍ନର ଭଲ ଆରମ୍ଭ କରିଥିଲେ ମଧ୍ୟ ଚାପର ବଶବର୍ତ୍ତୀ ହୋଇ ସ୍ୱାଭାବିକ ବ୍ୟାଟିଂ କରିପାରି ନ ଥିଲେ। ସେ ୩୨ ବଲ୍‌ରୁ ୩୭ (୭ ଚୌକା) ରନକରି ପ୍ୟାଭିଲିୟନ ଫେରିଥିଲେ। ରିଲି ରୋସୋଙ୍କ ଖରାପ ପ୍ରଦର୍ଶନ ଜାରି ରହିଥିବାବେଳେ ମଧ୍ୟଭାଗରେ ସର୍ଫରାଜ ଖାଁ (୩୦ ରନ, ୩୪ ବଲ, ୨ ଚୌକା), ଅଭିଷେକ ପୋରେଲ (୨୦ ରନ, ୧୧ ବଲ, ୨ ଛକା) ଓ ଅକ୍ଷର ପଟେଲ (୩୬ ରନ, ୨୨ ବଲ, ୨ ଚୌକା, ୩ ଛକା)ଙ୍କ ଉପଯୋଗୀ ଅବଦାନ ବଳରେ ଦିଲ୍ଲୀ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଗୁଜରାଟ ପକ୍ଷରୁ ମହମ୍ମଦ ଶାମି ଓ ରଶିଦ ଖାଁ ୩ଟି ଲେଖାଏ ଏବଂ ଆଲଜାରି ଜୋସେଫ ୨ଟି ଉଇକେଟ ନେଇଥିଲେ। ଇନିଂସ ଶେଷ ପରେ ଦିଲ୍ଲୀ କ୍ୟାପିଟାଲ୍ସ ସର୍ଫରାଜ ଖାଁଙ୍କ ସ୍ଥାନରେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଖଲିଲ ଅହମଦଙ୍କୁ ଦଳରେ ସାମିଲ କରିଥିଲା।

୧୬୩ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଗୁଜରାଟ ଟାଇଟନ୍ସ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଚଳିତ ସିଜନରେ ନିଜର ପ୍ରଥମ ମ୍ୟାଚ ଖେଳୁଥିବା ଏନରିଚ୍ ନର୍ଜେ ଦିଲ୍ଲୀର ବିପର୍ଯ୍ୟୟ ଘଟାଇ ୩୬ ରନ ମଧ୍ୟରେ ଋଦ୍ଧିମାନ ଶାହା (୧୪) ଓ ଶୁବମନ ଗିଲ୍ (୧୪)ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୫ ରନକରି ଆଉଟ ହେବାରୁ ଗୁଜରାଟକୁ ଶକ୍ତ ଝଟ୍‌କା ଲାଗିଥିଲା। ତେବେ ସାଇ ସୁଦର୍ଶନ ଏବଂ ଜୋଶ୍ ଲିଟଲଙ୍କ ସ୍ଥାନରେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଆସିଥିବା ବିଜୟ ଶଙ୍କର ଇନିଂସ ସମ୍ଭାଳି ନେଇଥିଲେ। ୪ର୍ଥ ଉଇକେଟରେ ସାଇ ସୁଦର୍ଶନଙ୍କ ସହ ୪୪ ବଲ୍‌ରୁ ୫୩ ରନ ପାର୍ଟନରଶିପ୍ ହେବାପରେ ବିଜୟ ଶଙ୍କର ବ୍ୟକ୍ତିଗତ ୨୯ ରନକରି ଆଉଟ ହୋଇ ଯାଇଥିଲେ। ଡେଭିଡ ମିଲର କ୍ରିଜରେ ଯୋଗଦେବାପରେ ସ୍ୱାଭାବିକଭାବେ ରନହାର ବୃଦ୍ଧି ପାଇଥିଲା। ସାଇ ସୁଦର୍ଶନ ଓ ମିଲର ଅସମାପ୍ତ ୫ମ ଉଇକେଟରେ ୨୯ ବଲ୍‌ରୁ ୫୬ ରନର ଭାଗୀଦାରି ଗଢ଼ି ଟାଇଟନ୍ସକୁ ୧୧ଟି ବଲ ବାକି ଥାଇ ବିଜୟୀ କରିଥିଲେ। ସୁନ୍ଦର ଇନିଂସ ଖେଳିଥିବା ସୁଦର୍ଶନ ୪୮ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୬୨ ଏବଂ ମିଲର ୧୬ ବଲ୍‌ରୁ ୩୧ (୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଏନ୍‌ରିଚ୍ ନର୍ଜେ ୨ଟି ଏବଂ ଖଲିଲ ଅହମଦ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍ ବିଜୟୀ ଇନିଂସ୍ ପାଇଁ ସାଇ ସୁଦର୍ଶନ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


ଖୁସି ମୁହୂର୍ତ୍ତରେ ରସିଦ ଖାଁ ଓ ମହମ୍ମଦ ସାମି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ପଞ୍ଜାବ**

ସ୍ଥାନ:ଗୁଆହାଟୀ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୬୨/୮ (ଡେଭିଡ ୱାର୍ନର-୩୭, ଅକ୍ଷର ପଟେଲ-୩୬, ସର୍ଫରାଜ ଖାଁ-୩୦, ଅଭିଷେକ ପୋରେଲ-୨୦, ମହମ୍ମଦ ଶାମି-୩/୪୧, ରଶିଦ ଖାଁ-୩/୩୧, ଆଲଜାରି ଜୋସେଫ-୨/୨୯)। ଗୁଜରାଟ ଟାଇଟନ୍ସ ୧୮.୧ ଓଭରରେ ୧୬୩/୪ (ସାଇ ସୁଦର୍ଶନ-୬୨*, ଡେଭିଡ ମିଲର-୩୧*, ବିଜୟ ଶଙ୍କର-୨୯, ଏନ୍‌ରିଚ୍ ନର୍ଜେ-୨/୩୯, ମିଚେଲ ମାର୍ଶ-୧/୨୪, ଖଲିଲ ଅହମଦ-୧/୩୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୨ | ୨ | ୦ | ୪ | +୦.୭୦୦ |
| ରାଜସ୍ଥାନ ରୟାଲ୍ସ | ୧ | ୧ | ୦ | ୨ | +୩.୬୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧ | ୧ | ୦ | ୨ | +୧.୯୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୫୦ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୪୩୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୩୬ |
| କୋଲକାତା ନାଇଟ ରାଇଡର୍ସ | ୧ | ୦ | ୧ | ୦ | -୦.୪୩୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୦ | ୨ | ୦ | -୧.୭୦୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧ | ୦ | ୧ | ୦ | -୧.୯୮୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧ | ୦ | ୧ | ୦ | -୩.୬୦୦ |

# ଭାରୋତ୍ତୋଳିକା ସଞ୍ଜିତା ଚାନୁ ୪ବର୍ଷ ବାସନ୍ଦ

ନୂଆଦିଲ୍ଲୀ,୪।୪(ପି.ଟି.)



ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଭାରୋତ୍ତୋଳିକା ସଞ୍ଜିତା ଚାନୁଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଶୃଙ୍ଖଳା କମିଟି ୪ ବର୍ଷ ବାସନ୍ଦ କରିଛି। ଗତବର୍ଷ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଏହି ୨୯ ବର୍ଷୀୟା ଆଥଲେଟ୍‌ଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ଡ୍ରୋଷ୍ଟନୋଲୋନ ମେଟାବୋଲିଟ୍ ନାମକ ଏକ ଆନାବୋଲିକ୍ ଷ୍ଟେରଏଡ୍‌ର ମାତ୍ରା ରହିଥିଲା, ଯାହା ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି(ୱାଡା) ନିଷିଦ୍ଧ ତାଲିକାରେ ରହିଛି। ଚୈତନ୍ୟ ମହାଜନଙ୍କ ନେତୃତ୍ୱାଧୀନ ୩ଜଣିଆ ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରି ପ୍ୟାନେଲ ନାଡା ଏଡିଆର ୨୦୨୧ର ଧାରା ୧୦.୨.୧ରେ ରହିଥିବା ବ୍ୟବସ୍ଥା ଅନୁସାରେ ଆଥ୍‌ଲେଟଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ସଞ୍ଜିତାଙ୍କ ବାସନ୍ଦ ଦଣ୍ଡ ପିଛିଲା ୨୦୨୨ ନଭେମ୍ବର ୧୨ରୁ ଲାଗୁ ହେବ, ଯେଉଁଦିନଠାରୁ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ପଜିଟିଭ ଟେଷ୍ଟ ଫଳାଫଳ ପାଇଁ ସଞ୍ଜିତାଙ୍କଠାରୁ ନ୍ୟାଶନାଲ ଗେମ୍ସ ରୌପ୍ୟ ପଦକ ପ୍ରତ୍ୟାହାର କରିନିଆଯାଇଛି। ପୁନଶ୍ଚ ଏହି ଆଥଲେଟ ୩୦।୦୯।୨୦୨୨ ପରେ ଜିତିଥିବା ସମସ୍ତ ପଦକ, ପଏଣ୍ଟ, ପୁରସ୍କାରକୁ ବାଜ୍ୟାପ୍ତି କରାଯାଇଛି। ସଞ୍ଜିତା ଶୃଙ୍ଖଳା କମିଟି ସମ୍ମୁଖରେ ନିଜେ ହାଜର ହୋଇଥିଲେ। ସେ ଏ ପର୍ଯ୍ୟନ୍ତ କୌଣସି ଟିପ୍ପଣୀ ଦେଇନାହାନ୍ତି। ମଣିପୁରର ଏହି ଭାରୋତୋଳିକା ଚାହିଁଲେ ଶୃଙ୍ଖଳା କମିଟି ନିଷ୍ପତ୍ତି ବିରୋଧରେ ଅପିଲ କରିପାରିବେ। ଏଥିଲାଗି ତାଙ୍କୁ ୨୧ ଦିନ ସମୟ ଦିଆଯାଇଛି। ଶୁଣାଣି ସମୟରେ ସଞ୍ଜିତା ଉଦ୍ଦେଶ୍ୟମୂଳକ ଭାବେ କୌଣସି ନିଷିଦ୍ଧ ପଦାର୍ଥ ଗ୍ରହଣ କରି ନ ଥିବା କହିଥିଲେ। ସ୍ୱାସ୍ଥ୍ୟର ଯତ୍ନ ନେବାଲାଗି ଯେଉଁ ସବୁ ଖାଦ୍ୟପଦାର୍ଥ ସେ ସେବନ କରିଛନ୍ତି ହୁଏତ ସେଥିରେ ଏହି ନିଷିଦ୍ଧ ଦ୍ରବ୍ୟର ମାତ୍ରା ଥାଇପାରେ। ହେଲେ ଆଥ୍‌ଲେଟ ଜଣକ ନିଷିଦ୍ଧ ଦ୍ରବ୍ୟ ରହିଥିବା କୌଣସି ଖାଦ୍ୟ ଅବା ଔଷଧ ଡାକ୍ତରଙ୍କ ପରାମର୍ଶରେ ସେବନ କରିଥିବା ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ନାହିଁ। ସୂଚନାଯୋଗ୍ୟ, ସଞ୍ଜିତା ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ମୀରାବାଈ ଚାନୁଙ୍କୁ ପଛରେ ପକାଇ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଲାଭ କରିଥିଲେ। ୨୦୧୮ରେ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୫୩କେଜି କାଟେଗୋରିରେ ଚାମ୍ପିୟନ ହୋଇଥିଲେ।

# ବକ୍ସର ଅମିର ଖାଁ ଦୁଇ ବର୍ଷ ବାସନ୍ଦ

ଲଣ୍ଡନ,୪।୪(ଏପି)



ଅବସରପ୍ରାପ୍ତ ବ୍ରିଟିଶ ବକ୍ସର ଅମିର ଖାଁଙ୍କୁ ସମସ୍ତ ପ୍ରକାର ଖେଳରୁ ଦୁଇବର୍ଷ ବାସନ୍ଦ କରାଯାଇଛି। ତାଙ୍କ କ୍ୟାରିୟରର ଶେଷ ଫାଇଟ୍ ସମୟରେ ତାଙ୍କର ହୋଇଥିବା ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଛନ୍ତି। ୨୦୨୨ ଫେବୃୟାରୀରେ ମାଞ୍ଚେଷ୍ଟରଠାରେ କେଲ୍ ବ୍ରୁକ୍‌ଙ୍କଠାରୁ ପରାଜୟ ପରେ ହୋଇଥିବା ଡୋପ୍ ଟେଷ୍ଟରେ ତାଙ୍କଠାରୁ ସଂଗୃହୀତ ନମୁନାରେ ନିଷିଦ୍ଧ ଆନାବୋଲିକ୍ ଏଜେଣ୍ଟ ଓଷ୍ଟ୍ରାଇନ୍‌ର ମାତ୍ରା ଦେଖିବାକୁ ମିଳିଥିଲା ବୋଲି ୟୁକେ ଆଣ୍ଟି ଡୋପିଙ୍ଗ ଏଜେନ୍ସି ମଙ୍ଗଳବାର ପ୍ରକାଶ କରିଛି। ଓଷ୍ଟ୍ରାଇନ୍ ହେଉଛି ଏକ ସିଲେକ୍ଟିଭ ଆଣ୍ଡ୍ରୋଜେନ୍। ଏହା ମାଂସପେଶୀ ସୁଦୃଢ କରିବାରେ ସହାୟକ ହୋଇଥାଏ। ଉକ୍ତ ଫାଇଟ୍‌ର ୩ ମାସ ପରେ ବକ୍ସିଂରୁ ଅବସର ନେଇଥିଲେ। ତାଙ୍କ ବାସନ୍ଦ ଦଣ୍ଡ ମିଆଦ ୨୦୨୪ ଏପ୍ରିଲ ୫ ପର୍ଯ୍ୟନ୍ତ ରହିଛି। ଅମିର ଖାଁ ତାଙ୍କ ସମୟରେ ବ୍ରିଟେନର ଅନ୍ୟତମ ଶ୍ରେଷ୍ଠ ବକ୍ସର ଭାବେ ପରିଗଣିତ ହେଉଥିଲେ। ତାଙ୍କ ବିଜୟ ପରାଜୟ ରେକର୍ଡ ୩୪-୬ ରହିଛି। ଇଣ୍ଡିପେଣ୍ଡେଣ୍ଟ ପ୍ୟାନେଲ ବ୍ରୁକ୍‌ଙ୍କ ବିପକ୍ଷ ତାଙ୍କ ଫାଇଟ୍‌ର ଫଳାଫଳକୁ ଅଯୋଗ୍ୟ କରି ଦେଇଛନ୍ତି।

# ଶ୍ରେୟସ ଆୟରଙ୍କ ବିଦେଶରେ ହେବ ଅସ୍ତ୍ରୋପଚାର



ନୂଆଦିଲ୍ଲୀ, ୪।୪ (ପି.ଟି.)

ଭାରତୀୟ ବ୍ୟାଟର ଶ୍ରେୟସ ଆୟର ସମ୍ପୂର୍ଣ୍ଣ ଆଇପିଏଲ୍ ବ୍ୟତୀତ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିପାରିବେ ନାହିଁ। ବିଦେଶରେ ତାଙ୍କ ପିଠିରେ ଅସ୍ତ୍ରୋପଚାର ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସୂତ୍ରରୁ ପ୍ରକାଶ। ଆଇପିଏଲ୍ ଦଳ କୋଲକାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ଆୟର ଅତି କମ୍‌ରେ ୫ ମାସ ଖେଳିପାରିବେ ନାହିଁ। ତେଣୁ ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁଥିବା ୫୦ ଓଭର ବିଶ୍ୱକପ୍‌ରେ ତାଙ୍କ ଖେଳିବା ନେଇ ମଧ୍ୟ ସନ୍ଦେହ ରହିଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍ ୭ରୁ ଲଣ୍ଡନରେ ଖେଳାଯିବ। ପିଠିର ନିମ୍ନ ଭାଗରେ ଆଘାତପ୍ରାପ୍ତ ଯୋଗୁ ଆୟର ଗତ ମାସରେ ବର୍ଡର-ଗାଭାସ୍କର ଟ୍ରଫିର ଫାଇନାଲ ଟେଷ୍ଟରେ ଖେଳିପାରି ନ ଥିଲେ। ପରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ମଧ୍ୟ ସେ ଖେଳିପାରି ନ ଥିଲେ। ଗତ ଡିସେମ୍ବରରେ ଭାରତର ବାଂଲାଦେଶ ଟୁର୍ ସମୟରେ ସେ ଆଘାତପ୍ରାପ୍ତ ହୋଇଥିଲେ। ଆୟରଙ୍କ ଅନୁପସ୍ଥିତିରେ ଆଇପିଏଲ୍ ସିଜନ ଆରମ୍ଭ ପୂର୍ବରୁ କେକେଆର ନୀତୀଶ ରାଣାଙ୍କୁ କାମଚଳା ଅଧିନାୟକ ଘୋଷଣା କରିଥିଲା।

# ବ୍ରାଜିଲ ଭଲିବଲର ସସ୍‌ପେଣ୍ଡ




ସାଓ ପାଉଲୋ, ୪।୪ (ଏପି)

ଅନ୍‌ଲାଇନ୍‌ରେ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କୁ ଦୁର୍ବ୍ୟବହାର ପାଇଁ ଅଲିମ୍ପିକ ଭଲିବଲ ସ୍ୱର୍ଣ୍ଣ ବିଜେତା ୱାଲେସ୍ ଡି'ସୋଜା ବ୍ରାଜିଲ ଅଲିମ୍ପିକ କମିଟି ଦ୍ୱାରା ଏକ ବର୍ଷ ସସ୍‌ପେଣ୍ଡ ହୋଇଛନ୍ତି। ସୋସିଆଲ ମିଡିଆରେ ହିଂସାକୁ ପ୍ରୋତ୍ସାହନ ଓ ଉତ୍ସାହିତ କରିବା ସାଙ୍ଗକୁ ନୈତିକ ବିରୋଧୀ କାର୍ଯ୍ୟ ଯୋଗୁ କମିଟି ଏଥିକ୍ସ କାଉନ୍‌ସିଲ ସୋମବାର ସର୍ବସମ୍ମତି କ୍ରମେ ଡି'ସୋଜାଙ୍କୁ ସସ୍‌ପେଣ୍ଡ କରିବା ଲାଗି ନିଷ୍ପତ୍ତି ନେଇଥିଲା। ପୂର୍ବରୁ ସେ ଜାନୁୟାରୀ ୩୧ରୁ କ୍ଲବ କାର୍ଯ୍ୟକଳାପରୁ ସସ୍‌ପେଣ୍ଡ ହୋଇ ସାରିଥିଲେ। ସେତେବେଳେ

**ଲୁଲାଙ୍କୁ ଅନ୍‌ଲାଇନରେ ଦୁର୍ବ୍ୟବହାର**

ଅଲିମ୍ପିକ କମିଟି ରୁଲିଂ ଯୋଗୁ ଡି'ସୋଜାଙ୍କୁ ୯୦ ଦିନ ଧରି ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗନେଇ ପାରି ନ ଥିଲେ। ଫଳରେ ସେ ବ୍ରାଜିଲର ଟପ୍ ଭଲିବଲ ଲିଗ୍‌ରେ ଖେଳିପାରି ନ ଥିଲେ। ଡି'ସୋଜା ବ୍ରାଜିଲିଆନ ସୁପରଲିଗ୍‌ର ଅନ୍ୟତମ ଟାଇଟଲ ଫେଭରାଇଟ୍ କ୍ରୁଜିରୋ ତରଫରୁ ଖେଳିଥାନ୍ତି। ଡି'ସୋଜାଙ୍କ ସହାୟତାରେ ବ୍ରାଜିଲ ୨୦୧୬ ରିଓ ଡି' ଜେନିରୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେ ଇତିମଧ୍ୟରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଅବସର ନେଇସାରିଛନ୍ତି।

# ପଟିଦାର ଆଇପିଏଲ୍‌ରୁ ବାହାର

ବେଙ୍ଗାଲୁରୁ, ୪।୪ (ପି.ଟି.)




ଗୋଇଠିରେ ଇଞ୍ଜୁରି ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଟପ୍ ଅର୍ଡର ବ୍ୟାଟର ରଜତ ପଟିଦାର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନରୁ ବାଦ୍ ପଡ଼ିଛନ୍ତି। ଫଳରେ ଦଳକୁ ଶକ୍ତ ଧକ୍କା ଲାଗିଛି। ଏହି ୨୯ ବର୍ଷୀୟ କ୍ରିକେଟର ଗତବର୍ଷ ଆରସିବିର ତୃତୀୟ ସର୍ବୋଚ୍ଚ ସ୍କୋରର ଥିଲେ। ସେ ୫୫.୫୦ ଆଭରେଜରେ ୮ଟି ମ୍ୟାଚ ଖେଳି ୩୩୩ ରନ ସଂଗ୍ରହ କରିଥିଲେ। ସେ ଦୁଇଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ଜଣେ ଭାରତୀୟ ଭାବେ ଆଇପିଏଲ୍ କ୍ୱାଲିଫାୟର-୧ରେ ସେ ଦ୍ରୁତତମ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମେ କୁହାଯାଉଥିଲା, ପଟିଦାର ଇଞ୍ଜୁରି ମୁକ୍ତ ହୋଇ ଆଇପିଏଲର ଦ୍ୱିତୀୟ ପର୍ଯ୍ୟାୟରେ ଉପଲବ୍ଧ ହେବେ। ମାତ୍ର ସେ ଆଇପିଏଲ୍‌ର ଏହି ସିଜନରେ ଆଦୌ ଖେଳିପାରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ ହୋଇଛି। ଆର୍‌ସିବିର ଅନ୍ୟତମ ଖେଳାଳି ଜୋସ୍ ହାଜେଲଉଡ୍ ମଧ୍ୟ ଆଘାତପ୍ରାପ୍ତ ହୋଇଛନ୍ତି। ଗତବର୍ଷ ସେ ଦଳର ସବୁଠାରୁ ସଫଳ ବୋଲର ଥିଲେ। ୧୨ଟି ମ୍ୟାଚରେ ସେ ୨୦ ଉଇକେଟ ଅକ୍ତିଆର କରିଥିଲେ। ତେବେ ସେ ଏପ୍ରିଲ ଚତୁର୍ଥ ସପ୍ତାହ ବେଳକୁ ଠିକ୍ ହୋଇଯାଇଥିବେ ବୋଲି କୁହାଯାଉଛି। ଆରସିବିର ଇଂଲଣ୍ଡ ପେସ୍ ବୋଲର ରିସି ଟପ୍‌ଲେ ମଧ୍ୟ ଆଘାତପ୍ରାପ୍ତ ହୋଇଛନ୍ତି। ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଦଳର ୮ଉଇକେଟ ବିଜୟ ମ୍ୟାଚରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଛି।

# କିରଗିଜସ୍ତାନକୁ ୫-୦ରେ ହରାଇଲା ଭାରତ

ବିଶ୍‌କେକ୍ (କିରଗିଜ ରିପବ୍ଲିକ), ୪।୪ (ପି.ଟି.)

ଏଏଫ୍‌ସି ମହିଳା ଅଲିମ୍ପିକ୍ କ୍ୱାଲିଫାଇଂ ରାଉଣ୍ଡ-୧ ଗ୍ରୁପ୍ 'ଜି'ରେ ଭାରତ ୫-୦ ଗୋଲ୍‌ରେ କିରଗିଜ୍ ରିପବ୍ଲିକକୁ ପରାସ୍ତ କରିଛି। ଫଳରେ ଦଳ ଏହାର ପରାଜୟ ଧାରାକୁ ରୋକି ପାରିଛି। କ୍ୟାଲେଣ୍ଡର ବର୍ଷର ପ୍ରଥମ ୩ ମାସରେ ଭାରତ ଖେଳିଥିବା ୫ ଅନ୍ତର୍ଜାତୀୟ ମ୍ୟାଚରେ ପରାଜୟ ବରଣ କରିଥିଲା। ଡଲନ ଓମୁରଜାକଭ ଷ୍ଟାଡିୟମରେ ଥୋମାସ ଡେନର୍ବିଙ୍କ ତତ୍ତ୍ୱାବଧାନରେ କୋଚିଂ ନେଉଥିବା ଦଳ ମ୍ୟାଚରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏହି ବିଜୟ ଦ୍ୱାରା ଭାରତର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ ସମ୍ଭାବନା ବୃଦ୍ଧି ପାଇଛି। ଦୁଇ ଦଳ ଦ୍ୱିତୀୟ ପାଦ ମୁକାବିଲାରେ ଶୁକ୍ରବାର ପୁଣି ପରସ୍ପରକୁ ଭେଟିବେ। ମଙ୍ଗଳବାର ମ୍ୟାଚର ପ୍ରଥାୟମାର୍ଦ୍ଧରେ ଅଞ୍ଜୁ ତମାଙ୍ଗ ୨ଟି ଗୋଲ୍ ଓ ସୌମ୍ୟା ଗୁଗୁଲୋଥ୍ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଶିକ୍‌ଲି ଦେବୀ ଓ ରେଣୁ ଆଉ ଦୁଇଟି ଗୋଲ ସ୍କୋର କରିଥିଲେ। ଦଳର ଚମତ୍କାର ବିଜୟ ପାଇଁ ଏହା ଯଥେଷ୍ଟ ଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ